# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 43 ◆ISSUE-282 ◆FRIDAY ◆10 APRIL 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୮୨ ◆ଶୁକ୍ରବାର ◆୧୦ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ଲୌରାଙ୍କ ରେକର୍ଡ:
୩ ଓଭର୍‌ରେ
୯ ୱିକେଟ୍

▶ପୃଷ୍ଠା ୧୨ ଦେଖନ୍ତୁ...

# ଟ୍ରମ୍ପଙ୍କ ବୋଲ ମାନୁନି ଇସ୍ରାଏଲ

## ଲେବାନନ୍ ଉପରେ ପ୍ରଚଣ୍ଡ ଆକ୍ରମଣ ଜାରି; ଇରାନର ପାଲଟା ଆକ୍ରମଣ ଧମକ

■ ବେରୁଟ, ୯।୪ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଅଶାନ୍ତ ବାତାବରଣକୁ ଯୁଦ୍ଧବିରତି କିଛି ମାତ୍ରାରେ ଶାନ୍ତ କରିଥିଲେ ମଧ୍ୟ ଲେବାନନ ଉପରେ ଇସ୍ରାଏଲର ଘନଘନ ଆକ୍ରମଣ ପୁଣି ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିବାକୁ ଯାଉଛି । ଆମେରିକାର ତାଗିଦ ସତ୍ତ୍ୱେ ଇସ୍ରାଏଲ ଆଜି ମଧ୍ୟ ଲେବାନନ ଉପରେ ଆକ୍ରମଣ ଜାରି ରଖିଥିବାରୁ ଇରାନ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି । ଗତକାଲି ଠାରୁ ପୁଣି ଥରେ ହରମୁଜକୁ ବନ୍ଦ ରଖିଥିବା ଇରାନ ଆଜି ଇସ୍ରାଏଲ ଉପରେ ପାଲଟା ଆକ୍ରମଣ କରିବାକୁ ଧମକ ଦେଇଛି । ତେଣୁ ଆସନ୍ତା ୧୧ ତାରିଖରେ ପାକିସ୍ତାନରେ ହେବାକୁ ଯାଉଥିବା ଶାନ୍ତି ଆଲୋଚନାକୁ ନେଇ ପ୍ରଶ୍ନ ଉଠିଲାଣି ।

**ହର୍ମୁଜ ପାଇଁ ନୂଆ ସର୍ତ୍ତ ରଖିଲା ତେହେରାନ**

**ଦିନକୁ ଛାଡ଼ିବ ମାତ୍ର ୧୫ଟି ତୈଳ ଜାହାଜ**

**ବ୍ୟାରେଲ୍ ପିଛା ଆଦାୟ କରିବ ୧ ଡଲାର୍**



ଆମେରିକା ଓ ଇରାନ ମଧ୍ୟରେ ଗତକାଲି ଠାରୁ ୧୫ ଦିନିଆ ଯୁଦ୍ଧବିରତି ଆରମ୍ଭ ହୋଇଥିଲେ ମଧ୍ୟ ଇସ୍ରାଏଲ ଏହାକୁ ମାନୁନି । ଯୁଦ୍ଧବିରତିରେ ଲେବାନନ ସାମିଲ ନଥିଲେ ମଧ୍ୟ ଏବେ ଆକ୍ରମଣ ବନ୍ଦ ରଖିବା ଲାଗି ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କ ଉପରେ ଚାପ ପକାଉଛନ୍ତି ଆମେରିକା ରାଷ୍ଟ୍ରପତି ଟ୍ରମ୍ପ । କିନ୍ତୁ ଇସ୍ରାଏଲ ଶୁଣିବାକୁ ପ୍ରସ୍ତୁତ ନୁହେଁ । ପ୍ରଥମେ ଇରାନ ଏବଂ ପରେ ଲେବାନନ ଉପରେ ଗତକାଲି ଆକ୍ରମଣ କରିଥିଲା ଇସ୍ରାଏଲ । ଆଜି ରାଜଧାନୀ ବେରୁଟ୍ ଉପରେ ପୁଣି ପ୍ରଚଣ୍ଡ ବୋମାମାଡ଼ କରିଛି । ଏଥିରେ ଇରାନ ସମର୍ଥିତ ହିଜବୁଲ୍ଲାର ମୁଖ୍ୟ ନଇମ କାସିମ୍‌ଙ୍କ ବ୍ୟକ୍ତିଗତ ସଚିବ ଅଲୀ ୟୁସୁଫ୍ ହର୍ଶିଙ୍କର ମୃତ୍ୟୁ ଘଟିଛି । ଏହି ଘଟଣା ସମଗ୍ର ଅଞ୍ଚଳରେ ଉତ୍ତେଜନାକୁ ଚରମ ସୀମାରେ ପହଞ୍ଚାଇ ଦେଇଛି । ଇସ୍ରାଏଲ ପ୍ରତିରକ୍ଷା ବାହିନୀ (ଆଇଡିଏଫ୍) ପକ୍ଷରୁ ଗୁରୁବାର ଜାରି କରାଯାଇଥିବା ଏକ ବିବୃତି ଅନୁଯାୟୀ, ବେରୁଟ୍‌ରେ କରାଯାଇଥିବା ସାମରିକ ଅଭିଯାନରେ ଅଲି ୟୁସୁଫ୍ ହର୍ଶିଙ୍କୁ ହତ୍ୟା କରାଯାଇଛି ।

ଅପରପକ୍ଷରେ ହିଜବୁଲ୍ଲା ପକ୍ଷରୁ ମଧ୍ୟ ପାଲଟା ଆକ୍ରମଣ କରାଯାଇଛି । ଆମେରିକା-ଇରାନ ମଧ୍ୟରେ ହୋଇଥିବା ଯୁଦ୍ଧବିରତି ଚୁକ୍ତିକୁ ଇସ୍ରାଏଲ ଉଲ୍ଲଂଘନ କରୁଥିବା ଅଭିଯୋଗ କରି ହିଜବୁଲ୍ଲା ଇସ୍ରାଏଲର ସୀମାବର୍ତ୍ତୀ ଅଞ୍ଚଳ 'ମାନର' ଉପରକୁ ରକେଟ ବର୍ଷା କରିଛି । ଆମର ପ୍ରତିରକ୍ଷା ଓ ପ୍ରତିଶୋଧ ନେବାର ସମ୍ପୂର୍ଣ୍ଣ ଅଧିକାର ରହିଛି ବୋଲି ସଂଗଠନ ▶ପୃଷ୍ଠା-୭

# ଆଜି ରାଜ୍ୟ କ୍ୟାବିନେଟ

■ ଭୁବନେଶ୍ୱର, ୯।୪ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆସନ୍ତାକାଲି ଅନୁଷ୍ଠିତ ହେବ। ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଦିନ ୧୧ଟା ବେଳେ ଏହି ବୈଠକରେ ପୂର୍ତ୍ତ, ପଞ୍ଚାୟତିରାଜ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଉଚ୍ଚଶିକ୍ଷା ତଥା ଅନ୍ୟ ବିଭାଗ ସମ୍ପର୍କିତ ୬ରୁ ୭ଟି ନିଷ୍ପତ୍ତି ଉପରେ ମୋହର ବାଜିବାର ସମ୍ଭାବନା ରହିଛି ।

# କେରଳ, ଆସାମ, ପୁଡୁଚେରୀରେ ରେକର୍ଡ ମତଦାନ

■ ଗୌହାଟି/ତିରୁଅନନ୍ତପୁରମ/ପୁଡୁଚେରୀ, ୯।୪ (ଏଜେନ୍ସି): ଆସାମ, କେରଳ ଓ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ଆଜି ରାଜ୍ୟ ବିଧାନସଭା ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି । ମୋଟ୍ ୨୯୬ଟି ଆସନ ପାଇଁ ହୋଇଥିବା ଏହି ନିର୍ବାଚନରେ ଭୋଟରମାନେ ବହୁ ସଂଖ୍ୟାରେ ସାମିଲ ହୋଇ ଗଣତନ୍ତ୍ରର ଏହି ପର୍ବକୁ ସଫଳ କରିଛନ୍ତି । କେରଳର ୧୪୦, ଆସାମର ୧୨୬ ଓ ପୁଡୁଚେରୀର ୩୦ଟି ଆସନ ପାଇଁ ଭୋଟରମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଛି । ଭାରତୀୟ ନିର୍ବାଚନ କମିସନ ତଥ୍ୟ ଅନୁଯାୟୀ, ଚଳିତ ନିର୍ବାଚନରେ ମତଦାନ ପ୍ରତିଶତ ବେଶ୍ ଉତ୍ସାହଜନକ ରହିଛି । ପୁଡୁଚେରୀରେ ସର୍ବାଧିକ ୮୯.୮୭ ପ୍ରତିଶତ ମତଦାନ ହୋଇ ନୂଆ ରେକର୍ଡ ସୃଷ୍ଟି ହୋଇଛି । ସେହିପରି ସନ୍ଧ୍ୟା ୬ଟା ସୁଦ୍ଧା ଆସାମରେ ମୋଟ୍ ୮୫.୬୪ ପ୍ରତିଶତ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି । ଅନ୍ୟପଟେ କେରଳରେ ୭୮.୨୪ ପ୍ରତିଶତ ମତଦାନ ରେକର୍ଡ କରାଯାଇଛି । ଏହାସହିତ ନିର୍ବାଚନ ମଇଦାନରେ ଅନେକ ▶ପୃଷ୍ଠା-୭

**ପୁଡୁଚେରୀରେ ରେକର୍ଡ ୮୯%, ଆସାମରେ ୮୫%, କେରଳରେ ୭୮% ଭୋଟିଂ**


SIKSHA 'O' ANUSANDHAN

SAAT-2026

Empowering students for a brighter future

NURSING PROGRAMMES
- B.Sc. (Nursing) (Basic)
- B.Sc. (Nursing) (Post Basic)
- M.Sc. (Nursing)

APPROVAL & RECOGNITIONS
- Approved by UGC, ONMRC and INC
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 15th Best in University Category
- 15th Best in Medical Category
- 09th Best in Dental Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in





# ଇସ୍ରାଏଲ ପାଇଁ ଅକଳରେ ଟ୍ରମ୍ପ





ୱାସିଂଟନ, ୯ ।୪ (ଏଜେନ୍ସି): ଯୁଦ୍ଧବିରତି ଘୋଷଣା ହେବାର କିଛି ଘଣ୍ଟା ମଧ୍ୟରେ ଲେବାନନ୍ ଉପରେ ଇସ୍ରାଏଲର ଭୟଙ୍କର ଆକ୍ରମଣ ଆମେରିକାକୁ ଅଡୁଆରେ ପକାଇଦେଇଛି । ଗତକାଲି ଠାରୁ ଇରାନ ଓ ଆମେରିକା ମଧ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧବିରତି ଅନୁଯାୟୀ ଲେବାନନ ଉପରେ ଆକ୍ରମଣ ବନ୍ଦ ରହିବ । କିନ୍ତୁ ଏହାକୁ ନମାନି ଇସ୍ରାଏଲ ଆକ୍ରମଣ ଚଳାଇଥିବାରୁ ଇରାନ କ୍ଷୁବ୍ଧ ହୋଇଛି ଏବଂ ଯୁଦ୍ଧବିରତିରୁ ଓହରିଯିବା ଲାଗି ଧମକ ଦେଇଛି । ଗତକାଲି ଇସ୍ରାଏଲ ଉପରେ କ୍ଷେପଣାସ୍ତ୍ର ମାଡ଼ କରିଥିବା ଇରାନ ଆଜି ପୁଣି ଆକ୍ରମଣ କରିବାକୁ ଧମକ ଦେଇଛି । ଫଳରେ ଇସଲାମାବାଦରେ ହେବାକୁ ଯାଉଥିବା ଶାନ୍ତି ଆଲୋଚନା ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି । ଏହି ସଙ୍କଟ ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିକଟରେ ୩ଟି ବିକଳ୍ପ ରହିଛି । ସେଗୁଡ଼ିକ ହେଲା ଯୁଦ୍ଧକୁ ଫେରିବା, କୂଟନୀତି ଉପରେ ଭରସା କରିବା କିମ୍ବା ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ ଉପରେ ଚାପ ପକାଇବା । ଯଦି ଏହି କାରଣରୁ ଯୁଦ୍ଧବିରତି ସମ୍ପୂର୍ଣ୍ଣ ବିଫଳ ହୁଏ, ତେବେ ଆମେରିକା ପୁଣିଥରେ ଯୁଦ୍ଧ ମଇଦାନକୁ ଓହ୍ଲାଇପାରେ । କିନ୍ତୁ ଏହା ବିଶ୍ୱ ଅର୍ଥନୀତି ଓ ଶକ୍ତି ସଙ୍କଟକୁ ଅଧିକ ଭୟଙ୍କର କରିଦେବ ।

ଆସନ୍ତା ୧ ତାରିଖରେ ଇସଲାମାବାଦରେ ଆମରିକା ଓ ଇରାନ ମଧ୍ୟରେ ଶାନ୍ତି ଆଲୋଚନା ହେବାକୁ ଯାଉଛି । ଏଥିରେ ଆମେରିକା ପ୍ରତିନିଧି ଦଳର ନେତୃତ୍ୱ ନେବେ ଉପରାଷ୍ଟ୍ରପତି ଜେଡି ଭାନ୍ସ । ଇରାନ କେବଳ ଭାନ୍ସଙ୍କ ସହିତ କଥା ହେବାକୁ ପସନ୍ଦ କରୁଛି । ଶାନ୍ତି ଆଲୋଚନା ପୂର୍ବରୁ ଇସ୍ରାଏଲ ଉପରେ କେବଳ ଭାନ୍ସ ଚାପ ପକାଇପାରିବେ ବୋଲି ଇରାନ ବିଶ୍ୱାସ କରୁଛି । ତେଣୁ ଇସଲାମାବାଦ ଆଲୋଚନାକୁ ଫଳପ୍ରଦ କରିବାକୁ ହେଲେ ଲେବାନନ ଉପରେ ଇସ୍ରାଲ ଆକ୍ରମଣ ବନ୍ଦ ହେବା ଜରୁରୀ । ନଚେତ ବୈଠକକୁ ଇରାନ ଯାଇନପାରେ । ଯୁଦ୍ଧବିରତିରେ ଲେବାନନ ନେଇ ସର୍ତ୍ତ ନଥିଲା ବୋଲି ରାଷ୍ଟ୍ରପତି ଟ୍ରମ୍ପ କହୁଥିବା ବେଳେ ଆକ୍ରମଣ ନକରିବା ଲାଗି ସେ ଇସ୍ରାଏଲ ଉପରେ ଚାପ ପକାଉଥିବାର ଖବର ମିଳିଛି । ଅନ୍ୟପକ୍ଷରେ ମଧ୍ୟସ୍ଥତା କରୁଥିବା ପାକିସ୍ତାନ କହୁଛି ଯେ ଯୁଦ୍ଧବିରତି ସର୍ତ୍ତରେଲେବାନନବିଷୟରେଉଲ୍ଲେଖଥିଲା ।ଇରାନମଧ୍ୟସମାନକଥାକହୁଛି ।ତେଣୁ ଇସଲାମାବାଦ କଥାବାର୍ତ୍ତା ଇସ୍ରାଏଲ ଉପରେ ନିର୍ଭର କରୁଛି ବୋଲି କୁହାଯାଉଛି ।

## ନାଟୋରୁ ଓହରିବ ଆମେରିକା!

ଇତିମଧ୍ୟରେ ବିଶ୍ୱର ଶକ୍ତିଶାଳୀ ସାମରିକ ମେଣ୍ଟ ନାଟୋର ଭବିଷ୍ୟତକୁ ନେଇ ଏବେ ସଂଶୟ ସୃଷ୍ଟି ହୋଇଛି । ଇରାନ ସହ ଚାଲିଥିବା ଯୁଦ୍ଧ ମଧ୍ୟରେ ଆମେରିକା ଏହି ମେଣ୍ଟରୁ ଓହରିଯିବା ପାଇଁ ବିଚାର କରୁଥିବା ନେଇ ହ୍ୱାଇଟ୍ ହାଉସ୍ ପକ୍ଷରୁ ସୂଚନା ମିଳିଛି । ଏହି ପରିପ୍ରେକ୍ଷୀରେ ବୁଧବାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ନାଟୋ ମୁଖ୍ୟ ମାର୍କ ରୁଟେଙ୍କ ମଧ୍ୟରେ ଏକ ଅତି ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ହ୍ୱାଇଟ୍ ହାଉସ୍‌ର ପ୍ରେସ୍ ସଚିବ କାରୋଲିନ୍ ଲିଭିଟ୍‌ଙ୍କ ଅନୁଯାୟୀ, ଇରାନ ବିରୋଧରେ ଆମେରିକାର ସାମରିକ ଅଭିଯାନ ସମୟରେ ନାଟୋର ସହଯୋଗୀ ରାଷ୍ଟ୍ରମାନେ ଆମେରିକାକୁ ଆବଶ୍ୟକୀୟ ସହାୟତା ପ୍ରଦାନ କରିନାହାନ୍ତି । ଲିଭିଟ୍ କହିଛନ୍ତି ଯେ, ନାଟୋ ସହଯୋଗୀଙ୍କ ପରୀକ୍ଷାର ସମୟ ଆସିଥିଲା, କିନ୍ତୁ ସେମାନେ ବିଫଳ ହେଲେ । ଗତ ଛଅ ସପ୍ତାହ ଧରି ଆମେରିକୀୟ ଜନତାଙ୍କ ଅର୍ଥରେ ସେମାନଙ୍କ ପ୍ରତିରକ୍ଷା ପାଣ୍ଠି ଚାଲିଥିବା ବେଳେ, ସେମାନେ ଆମେରିକାକୁ ପଛ କରିଦେବା ଅତ୍ୟନ୍ତ ଦୁଃଖଦାୟକ । ଟ୍ରମ୍ପ କହିଛନ୍ତି ଯେ ଆମର ଆବଶ୍ୟକତା ସମୟରେ ନାଟୋ ଆମର ସାଥିରେ ନଥିଲା ଏବଂ ଭବିଷ୍ୟତରେ ସେମାନେ ରହିବେ ନାହିଁ । ଟ୍ରମ୍ପଙ୍କ ସହ ଆଲୋଚନାକୁ ଦୁଇ ବନ୍ଧୁଙ୍କ ମଧ୍ୟରେ ମୁକ୍ତ ଆଲୋଚନା ବୋଲି ନାଟୋ ସେକ୍ରେଟାରୀ ଜେନେରାଲ ମାର୍କ ରୁଟେ କହିଛନ୍ତି । ରୁଟେ ମଧ୍ୟ ଏ ନେଇ ସଫେଇ ଦେଇଛନ୍ତି । ସେ ସ୍ୱୀକାର କରିଛନ୍ତି ଯେ, ଟ୍ରମ୍ପଙ୍କ ନିରାଶା ଯଥାର୍ଥ । କିନ୍ତୁ ସେ ଏହା ମଧ୍ୟ କହିଛନ୍ତି ଯେ, ଅନେକ ୟୁରୋପୀୟ ଦେଶ ଅନ୍ୟ ଉପାୟରେ ଆମେରିକାକୁ ସହାୟତା ପ୍ରଦାନ କରିଛନ୍ତି । ଇରାନର ଉଦ୍ଧତ କ୍ଷମତାକୁ ଶେଷ କରିବା ଦିଗରେ ୟୁରୋପ ଟ୍ରମ୍ପଙ୍କ ସହ ଅଛି ବୋଲି ସେ ଦର୍ଶାଇଛନ୍ତି । ନାଟୋରୁ ଓହରିବାକୁ ହେଲେ ୨୦୦୩ର ଏକ ନିୟମ ଅନୁଯାୟୀ, ଟ୍ରମ୍ପଙ୍କୁ ଆମେରିକା ସିନେଟ୍‌ର ଦୁଇ-ତୃତୀୟାଂଶ ସଦସ୍ୟଙ୍କ ସହମତି କିମ୍ବା କଂଗ୍ରେସର ଏକ ସ୍ୱତନ୍ତ୍ର ଆଇନ ଆବଶ୍ୟକ । ଯଦି ଆମେରିକା ନାଟୋରୁ ଓହରିଯାଏ, ତେବେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ବିଶ୍ୱ ସୁରକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେବ । ୟୁରୋପୀୟ ଦେଶଗୁଡ଼ିକର ସୁରକ୍ଷା ବିପନ୍ନ ହେବା ସହ ରୁଷ ଓ ଇରାନ ଭଳି ଶକ୍ତିମାନଙ୍କ ପ୍ରଭାବ ବୃଦ୍ଧି ପାଇବ ।



# ପୋପ୍‌ଙ୍କ ଶାନ୍ତି ଭାଷଣକୁ ନେଇ ଟ୍ରମ୍ପ କ୍ଷୁବ୍ଧ

ୱାସିଂଟନ/ଭାଟିକାନ ସିଟି, ୯ ।୪(ଏଜେନ୍ସି): ବିଶ୍ୱର ସର୍ବାଧିକ ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ଓ କ୍ୟାଥୋଲିକ ଚର୍ଚ୍ଚର ସର୍ବୋଚ୍ଚ କେନ୍ଦ୍ର ଭାଟିକାନ୍ ମଧ୍ୟରେ କୂଟନୈତିକ ବିବାଦ ଚରମସୀମାରେ ପହଞ୍ଚିଛି । ପ୍ରଥମ ଆମେରିକୀୟ ପୋପ୍ ଭାବେ ନିର୍ବାଚିତ ହୋଇଥିବା 'ପୋପ ଲିଓ ଏକ୍ସଆଇଭି ଅର୍ଥାତ ୧୪' ନିକଟରେ ଦେଇଥିବା ଯୁଦ୍ଧ ବିରୋଧୀ ଅଭିଭାଷଣକୁ ନେଇ ଟ୍ରମ୍ପ ପ୍ରଶାସନ ଅସନ୍ତୋଷ ପ୍ରକାଶ କରିଛି । ଆମେରିକା ପ୍ରତିରକ୍ଷା ବିଭାଗ ପେଣ୍ଟାଗନ ତରଫରୁ ପୋପଙ୍କ ଦୂତଙ୍କୁ ସମନ ଜାରି କରାଯାଇ ଆମେରିକାର ସ୍ୱାର୍ଥ ରକ୍ଷା ଦିଗରେ କାର୍ଯ୍ୟ କରିବାକୁ ଚେତାବନୀ ଦିଆଯାଇଥିବା ଅଭିଯୋଗ ହୋଇଛି । ଗତ ଜାନୁଆରୀ ୯ରେ ପୋପ୍ ଭାଟିକାନ କୂଟନୈତିକ ସଂଘକୁ ସମ୍ବୋଧିତ କରି ଗୁରୁତ୍ୱପୂର୍ଣ୍ଣ ଭାଷଣ ଦେଇଥିଲେ । ସେଥିରେ ସେ କହିଥିଲେ ଯେ, ବିଶ୍ୱରେ ସମ୍ମତି ଭିତ୍ତିକ କୂଟନୀତି ବଦଳରେ ବଳପୂର୍ବକ କୂଟନୀତି ବୃଦ୍ଧି ପାଉଛି । ପୁଣି ଦ୍ୱିତୀୟ ବିଶ୍ୱଯୁଦ୍ଧର ପରବର୍ତ୍ତୀ ନିୟମ, ଯାହା ଅନ୍ୟ ଦେଶର ସୀମା ଉଲ୍ଲଂଘନକୁ ନିଷେଧ କରେ, ତାହା ଏବେ ବିପଦରେ ରହିଛି । ଟ୍ରମ୍ପ ପ୍ରଶାସନର ବୈଦେଶିକ ନୀତି ଓ ପ୍ରବାସୀ ବିରୋଧୀ ଆଭିମୁଖ୍ୟକୁ ପୋପ୍ ପରୋକ୍ଷରେ ସମାଲୋଚନା କରିଥିବା ପେଣ୍ଟାଗନ ଅନୁଭବ କରିଥିଲା । କିନ୍ତୁ ଆମେରିକା ଅଧିକାରୀମାନେ ରୋକଠୋକ କହିଥିଲେ ଯେ, ଆମେରିକା ପାଖରେ ବିଶ୍ୱରେ ଯାହା ଚାହିଁବ ତାହା କରିବାର ସାମରିକ ଶକ୍ତି ଅଛି । କ୍ୟାଥୋଲିକ ଚର୍ଚ୍ଚ ଆମେରିକାର ପକ୍ଷ ନେବା ଉଚିତ । ଜଣେ ଆମେରିକୀୟ ଅଧିକାରୀ ୧୪ଶ ଶତାବ୍ଦୀରେ ଏକ ଘଟଣାକୁ ମନେ ପକାଇ ଦେଇଥିଲେ, ଯେତେବେଳେ ଫ୍ରାନ୍ସର ରାଜା ପୋପ୍‌ମାନଙ୍କୁ ରୋମ ଛାଡ଼ି ଫ୍ରାନ୍ସର ଆଭିଗନନ୍‌ରେ ରହିବାକୁ ବାଧ୍ୟ କରିଥିଲେ । ଏହାକୁ ଭାଟିକାନ ଅଧିକାରୀମାନେ ଏକ ପରୋକ୍ଷ ସାମରିକ ଧମକ ଭାବେ ଗ୍ରହଣ କରିଛନ୍ତି । ଏହି ଘଟଣା ପରେ ପୋପ୍ ଆମେରିକା ଗସ୍ତ ବାତିଲ କରିଛନ୍ତି ଓ ଆମେରିକାର ୨୫୦ତମ ସ୍ୱାଧୀନତା ଦିବସ ପାଳନରେ ଯୋଗ ଦେବା ପାଇଁ ଉପ-ରାଷ୍ଟ୍ରପତି ଜେଡି ଭାନ୍ସଙ୍କ ଦେଇଥିବା ନିମନ୍ତ୍ରଣକୁ ମଧ୍ୟ ପ୍ରତ୍ୟାଖ୍ୟାନ କରିଛନ୍ତି । ତେବେ ଭାନ୍ସ ଏହି ସମସ୍ତ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି । ସେ କହିଛନ୍ତି ଯେ ଏହି ଖବର ସମ୍ପୂର୍ଣ୍ଣ ଭାବେ ନିଶ୍ଚିତ ନୁହେଁ ଏବଂ ସେ ନିଜେ କଥା ହୋଇ ସତ୍ୟାସତ୍ୟ ଜାଣିବାକୁ ଚେଷ୍ଟା କରିବେ ।

# ସମ୍ରାଟ ଚୌଧୁରୀ ହୋଇପାରନ୍ତି ବିହାର ମୁଖ୍ୟମନ୍ତ୍ରୀ



ପାଟନା, ୯ ।୪(ଏଜେନ୍ସି): ବିହାର ରାଜନୀତିରେ ଦୁଇ ଦଶନ୍ଧି ଚାଲିଥିବା 'ନୀତୀଶ ଯୁଗ'ର ଅନ୍ତ ଘଟିବାକୁ ଯାଉଛି । ଜେଡିୟୁ ସୁପ୍ରିମୋ ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଜାତୀୟ ରାଜନୀତିରେ ପ୍ରବେଶ କରିବାକୁ ପ୍ରସ୍ତୁତ ହେଉଛନ୍ତି । ସୂତ୍ର ଅନୁଯାୟୀ, ଆସନ୍ତା ଏପ୍ରିଲ ୧୪ ତାରିଖରେ ସେ ନିଜର ଇସ୍ତଫା ପ୍ରଦାନ କରିପାରନ୍ତି ଏବଂ ବର୍ତ୍ତମାନର ଉପ-ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ବିହାରର ନୂତନ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବାର ସମ୍ଭାବନା ରହିଛି । ନୀତୀଶ ଗତ ମାର୍ଚ୍ଚ ୧୬ରେ ରାଜ୍ୟସଭାକୁ ନିର୍ବାଚିତ ହୋଥିଲେ । ଆଜି ସେ ଶପଥ ଗ୍ରହଣ କରିବାକୁ ନୂଆଦିଲ୍ଲୀ ଗସ୍ତ କରିଛନ୍ତି । ତାଙ୍କ ସହ ସଞ୍ଜୟ ଝା ଓ ବିଜୟ କୁମାର ଚୌଧୁରୀ ମଧ୍ୟ ରାଜ୍ୟସଭାରେ ଶପଥ ନେବେ । ନୀତୀଶଙ୍କ ଏହି ନିଷ୍ପତ୍ତି ତାଙ୍କର ସଂସଦର ଉଭୟ ସଦନ ଓ ବିଧାନସଭାର ଉଭୟ ସଦନର ସଦସ୍ୟ ହେବାର ଦୀର୍ଘଦିନର ଇଚ୍ଛାକୁ ପୂରଣ କରିବାକୁ ଯାଉଛି । ଏପ୍ରିଲ ୧୪ରେ ଏନ୍‌ଡିଏ ବିଧାୟକ ଦଳର ବୈଠକ ବସିବାକୁ ଯାଉଛି । ଏହି ବୈଠକରେ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଭାବେ ସମ୍ରାଟ ଚୌଧୁରୀଙ୍କ ନାମ ଉପରେ ମୋହର ବାଜିପାରେ । ସମ୍ରାଟ ଏବେ ବିଜେପିର କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ଆଲୋଚନା ପାଇଁ ଦିଲ୍ଲୀ ଗସ୍ତରେ ଅଛନ୍ତି । ବିଜେପି ଏହି ପରିବର୍ତ୍ତନ ମାଧ୍ୟମରେ ବିହାରରେ ନିଜର ସ୍ଥିତିକୁ ଆହୁରି ଦୃଢ଼ କରିବା ଲକ୍ଷ୍ୟରେ ରହିଛି । ଏହି ଘଟଣାକୁ ନେଇ ଆରଜେଡି ନେତା ତେଜସ୍ୱୀ ଯାଦବ କଡ଼ା ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି ଯେ ବିଜେପି ଚାପରେ ନୀତୀଶଙ୍କୁ ଜୋର ଜବରଦସ୍ତି ରାଜ୍ୟ ସଭାକୁ ପଠାଯାଉଛି । ବିଜେପି ଧିରେ ଧିରେ ଜେଡିୟୁକୁ ସମାପ୍ତ କରିବା ପାଇଁ ଏହି ଷଡ଼ଯନ୍ତ୍ର ରଚିଛି ବୋଲି ତେଜସ୍ୱୀ ଦାବି କରିଛନ୍ତି ।

### ୧୧ ଦିନରେ ଟଙ୍କା ଦୁଇଗୁଣା କରିବା ନିଶା

# ୧୨ କୋଟି ଟଙ୍କା ହରାଇଲେ ପୁଣେର ଜଣେ ଡାକ୍ତର

ପୁଣେ, ୯ ।୪(ଏଜେନ୍ସି): ମହାରାଷ୍ଟ୍ରର ପୁଣେ ସହରରେ ଅତ୍ୟଧିକ ଲୋଭ ଯୋଗୁଁ ବହୁ ଟଙ୍କା ହରାଇବାର ନେଇ ଏକ ଚକିତ କଲା ଭଳି ଘଟଣା ସାମ୍ନାକୁ ଆସିଛି । ସେୟାର ବଜାରରେ ନିବେଶ କରି ଅଳ୍ପ ଦିନରେ କୋଟିପତି ହେବାର ନିଶା ଜଣେ ଚିକିତ୍ସକଙ୍କୁ ମହଙ୍ଗା ପଡ଼ିଛି । ମାତ୍ର ୧୧ ଦିନ ମଧ୍ୟରେ ଜମା ରାଶିକୁ ଦ୍ୱିଗୁଣିତ କରିବାର ପ୍ରଲୋଭନ ଦେଖାଇ ସାଇବର ଠକମାନେ ପୁଣେର ଜଣେ ୭୫ ବର୍ଷୀୟ ଡାକ୍ତରଙ୍କଠାରୁ ୧୨.୩୧ କୋଟି ଟଙ୍କା ଲୁଟି ନେଇଛନ୍ତି । ଏହି ଘଟଣା ସାଇବର ସୁରକ୍ଷା ଏବଂ ଆର୍ଥିକ ସତର୍କତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ଘଟଣାର ସୂତ୍ରପାତ ଚଳିତ ବର୍ଷ ଜାନୁଆରୀ ମାସରେ ହୋଇଥିଲା । ପୀଡିତ ଡାକ୍ତରଙ୍କ ନିକଟକୁ ଏକ ଅଜଣା ନମ୍ବରରୁ ସେୟାର ବଜାରରେ ନିବେଶ କରି ଉଚ୍ଚ ରିଟର୍ଣ୍ଣ ପାଇବା ପାଇଁ ବାର୍ତ୍ତା ଆସିଥିଲା । ସେଥିରେ ଆଗ୍ରହ ପ୍ରକାଶ କରିବା ପରେ ତାଙ୍କୁ 'ଭିଆଇପି ଷ୍ଟକ୍ ୨୪' ନାମକ ହ୍ୱାଟ୍ସଆପ ଗ୍ରୁପ୍‌ରେ ସାମିଲ କରାଯାଇଥିଲା । ଠକମାନେ ଦାବି କରିଥିଲେ ଯେ, ସେମାନଙ୍କ ନିର୍ଦ୍ଦେଶ ଅନୁଯାୟୀ ନିବେଶ କରିବେ, ତେବେ ମାତ୍ର ୧୧ ଦିନ ମଧ୍ୟରେ ତାଙ୍କର ଟଙ୍କା ୫୪ କୋଟିରେ ପରିଣତ ହେବ । ତାଙ୍କୁ ଏକ ନକଲି ଟ୍ରେଡିଂ ଆପ ଡାଉନଲୋଡ଼ କରିବାକୁ କୁହାଯାଇଥିଲା, ଯାହାର ନାମ ଏକ ପ୍ରତିଷ୍ଠିତ ଅନ୍ତର୍ଜାତୀୟ ସଂସ୍ଥା ସହ ସମାନ ଥିଲା । ସେହି ଆପ୍‌ରେ ତାଙ୍କୁ ନକଲି ଲାଭର ଚିତ୍ର ମଧ୍ୟ ଦେଖାଯାଉଥିଲା, ଯାହାକୁ ସେ ସତ୍ୟ ବୋଲି ବିଶ୍ୱାସ କରିଥିଲେ । ମାର୍ଚ୍ଚ ୭ରୁ ୧୮ ତାରିଖ ମଧ୍ୟରେ ଡାକ୍ତର ଜଣକ ମୋଟ୍ ୮ଟି କାରବାର ବା ନେଣଦେଣ ମାଧ୍ୟମରେ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ୧୨, ୩୧, ୦୦, ୦୦୦ ଟଙ୍କା ପଠାଇଥିଲେ । ପୁଲିସ ସୂଚନା ଅନୁଯାୟୀ, ଯେତେବେଳେ ସେ ଅଧିକ ଟଙ୍କା ନିବେଶ କରିବାକୁ ମନା କରିଥିଲେ, ଠକମାନେ ତାଙ୍କ ସମ୍ପତ୍ତି ଜବତ କରିବାର ଭୟ ଦେଖାଇ ତାଙ୍କୁ ବାଧ୍ୟ କରିଥିଲେ । ଦୀର୍ଘ ୩ ମାସ ଅପେକ୍ଷା କରିବା ପରେ ମଧ୍ୟ ଯେତେବେଳେ ତାଙ୍କୁ କୌଣସି ଟଙ୍କା ମିଳିଲା ନାହିଁ ଓ ଠକମାନେ ଅଧିକ ଅର୍ଥ ଦାବି କରିଥିଲେ, ସେ ନିଜର ପ୍ରତାରିତ ହୋଇଥିଠବା ଅନୁଭବ କରିଥିଲେ । ଏହାପରେ ସେ ସାଇବର ପୁଲିସ ଷ୍ଟେସନରେ ଏକ ଏଫ୍‌ଆଇଆର ରୁଜୁ କରିଥିଲେ । ବର୍ତ୍ତମାନ ସାଇବର ପୁଲିସ ଏହି ଟଙ୍କା କେଉଁ ଆକାଉଣ୍ଟକୁ ଯାଇଛି ଓ ଏହି ଷଡ଼ଯନ୍ତ୍ର ପଛରେ କିଏ ଅଛନ୍ତି, ତାର ତଦନ୍ତ ଜାରି ରଖିଛି ।

# ଦୁବାଇରେ ଧରାପଡ଼ିଲା ଗ୍ୟାଙ୍ଗଷ୍ଟର ରାଓ ଇନ୍ଦରଜିତ୍



ନୂଆଦିଲ୍ଲୀ, ୯।୪(ଏଜେନ୍ସି): ଭାରତୀୟ ଗ୍ୟାଙ୍ଗଷ୍ଟର ରାଓ ଇନ୍ଦରଜିତ୍ ଯାଦବ ଦୁବାଇରେ ଗିରଫ ହୋଇଥିବା ହରିୟାଣା ପୋଲିସ ସୂତ୍ରରୁ ଜଣାପଡ଼ିଛି । ସୋସିଆଲ ମିଡିଆରେ ପ୍ରାୟ ୧୫ ଲକ୍ଷରୁ ଅଧିକ ଫଲୋଅର୍ସ ଏବଂ ଅତ୍ୟନ୍ତ ବିଳାସପୂର୍ଣ୍ଣ ଜୀବନଶୈଳୀ ପାଇଁ ଚର୍ଚ୍ଚିତ ଯାଦବଙ୍କୁ ଖୁବଶୀଘ୍ର ଭାରତ ପ୍ରତ୍ୟାର୍ପଣ କରାଯିବ ବୋଲି ଆଶା କରାଯାଉଛି । ଦୁବାଇ କର୍ତ୍ତୃପକ୍ଷ ଏହି ଅଭିଯୁକ୍ତଙ୍କ ସମ୍ପର୍କିତ ଆବଶ୍ୟକୀୟ କାଗଜପତ୍ର ମାଗିଥିବା ସୂଚନା ମିଳିଛି । ସୂଚନା ଅନୁଯାୟୀ, ଯାଦବ ବିରୋଧରେ ହରିୟାଣା ଏବଂ ଉତ୍ତର ପ୍ରଦେଶ ପୋଲିସ ପକ୍ଷରୁ ୧୫ରୁ ଅଧିକ ମାମଲା ଏବଂ ଚାର୍ଜସିଟ୍ ଦାଖଲ କରାଯାଇଛି । ତାଙ୍କ ନାମରେ ଚାନ୍ଦା ଆଦାୟ, ବେଆଇନ ଭାବେ ଋଣ ସମାଧାନ କରିବା, ସଶସ୍ତ୍ର ଭୟ ପ୍ରଦର୍ଶନ ଏବଂ ହତ୍ୟା ଭଳି ଗୁରୁତର ଅଭିଯୋଗ ରହିଛି । ୨୦୨୪ରେ ରୋହତକରେ ଜଣେ ବ୍ୟବସାୟୀଙ୍କ ହତ୍ୟା ପରେ ସେ ଭାରତ ଛାଡ଼ି ବିଦେଶକୁ ଫେରାର ହୋଇଯାଇଥିଲେ । ଏନଫୋର୍ସମେଣ୍ଟ ଡିରେକ୍ଟୋରେଟ (ଇଡି) ଗତବର୍ଷ ତାଙ୍କ ବିରୋଧରେ ମନି ଲଣ୍ଡରିଂ ତଦନ୍ତ ଆରମ୍ଭ କରିଥିଲା । ଦିଲ୍ଲୀ ଏବଂ ଗୁରୁଗ୍ରାମରେ ହୋଇଥିବା ଚଢଉ ସମୟରେ ତଦନ୍ତକାରୀ ସଂସ୍ଥା ୫ଟି ବିଳାସପୂର୍ଣ୍ଣ କାର୍, ୧୭ ଲକ୍ଷ ଟଙ୍କା ନଗଦ, ବ୍ୟାଙ୍କ ଲକର ଏବଂ ଅନେକ ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ୍ ତଥ୍ୟ ଜବତ କରିଥିଲା । ଯାଦବ କେବଳ ଅପରାଧିକ ଦୁନିଆରେ ନୁହେଁ ବରଂ ମନୋରଞ୍ଜନ ଜଗତରେ ମଧ୍ୟ ସକ୍ରିୟ ରହିଥିଲା । ସେ 'ଜେମ୍ସ ଟ୍ୟୁନ୍ସ' ନାମକ ଏକ ଓଟିଟି ପ୍ଲାଟଫର୍ମ ଏବଂ ସଙ୍ଗୀତ କମ୍ପାନୀ ମାଲିକା ଭାବେ କାର୍ଯ୍ୟ କରୁଥିଲା । ଇନଷ୍ଟାଗ୍ରାମରେ ବଲିଉଡ ସେଲିବ୍ରିଟିଙ୍କ ସହ ତାଙ୍କର ଫଟୋ ଏବଂ ବିଳାସପୂର୍ଣ୍ଣ ଜୀବନଶୈଳୀ ଯୋଗୁଁ

## ୧୫ ଲକ୍ଷ ଫଲୋଅର୍ସ ଓ ବିଳାସପୂର୍ଣ୍ଣ ଜୀବନ

ସେ ଯୁବପିଢ଼ିଙ୍କ ମଧ୍ୟରେ ବେଶ୍ ପରିଚିତ ଥିଲା । ଯାଦବ ନାମରେ ପୂର୍ବରୁ ଗାୟକ ରାହୁଲ ଫଜିଲପୁରିଆଙ୍କ ଘରେ ଗୁଳିକାଣ୍ଡ ଏବଂ ୟୁଟ୍ୟୁବର୍ ଏଲଭିଶ ଯାଦବଙ୍କ ବାସଭବନ ନିକଟରେ ହୋଇଥିବା ଗୁଳିଚାଳନା ଘଟଣାରେ ମଧ୍ୟ ଅଭିଯୋଗ ରହିଥିଲା । ତେବେ ଏହି ଗିରଫଦାରୀକୁ ନେଇ ଯାଦବଙ୍କ ଓକିଲ ଅସ୍ୱୀକାର କରିଛନ୍ତି । ଗିରଫ ହେବା ପୂର୍ବରୁ ଯାଦବ ନିଜକୁ 'ଗ୍ୟାଙ୍ଗଷ୍ଟର ନୁହେଁ ବରଂ ଏକ ଷଡ଼ଯନ୍ତ୍ରର ଶିକାର' ବୋଲି ଦାବି କରିଥିଲେ । ବର୍ତ୍ତମାନ ଭାରତୀୟ ଏଜେନ୍ସିଗୁଡ଼ିକ ତାଙ୍କୁ ଭାରତ ଆଣିବା ପାଇଁ ଆଇନଗତ ପ୍ରକ୍ରିୟା ଜାରି ରଖିଛନ୍ତି ।

# ୮୦ଟି ମାମଲା, ୫ କୋଟି, ୩ ବିଏଚ୍‌କେ ଫ୍ଲାଟ୍

ନୂଆଦିଲ୍ଲୀ, ୯ ।୪(ଏଜେନ୍ସି): ଦୀର୍ଘ ୧୦ ବର୍ଷ ଧରି ଚାଲିଥିବା ଏକ ଅତି ଜଟିଳ ଦାମ୍ପତ୍ୟ କଳହକୁ ସୁପ୍ରିମକୋର୍ଟ ଶେଷରେ ସମାଧାନ କରିଛନ୍ତି । ଏହି ମାମଲାକୁ ମହାଭାରତ ଭଳି ଏକ ଯୁଦ୍ଧ ସହ ତୁଳନା କରି ସୁପ୍ରିମକୋର୍ଟ ନିଜର ସ୍ୱତନ୍ତ୍ର କ୍ଷମତା ଅନୁଚ୍ଛେଦ ୧୪୨ ବ୍ୟବହାର କରି ବିବାହ ବିଚ୍ଛେଦ ମଞ୍ଜୁର କରିଛନ୍ତି । କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ସ୍ୱାମୀଙ୍କୁ ତାଙ୍କ ପତ୍ନୀଙ୍କୁ ଏକକାଳୀନ ୫ କୋଟି ଟଙ୍କାର ଭରଣପୋଷଣ ରାଶି ପ୍ରଦାନ କରିବାକୁ ପଡ଼ିବ । ଉକ୍ତ ଦମ୍ପତି ୨୦୧୦ରେ ବିବାହ କରିଥିଲେ ଏବଂ ସେମାନଙ୍କୁ ଦୁଇଟି ପୁତ୍ର ସନ୍ତାନ ଅଛନ୍ତି । ମାତ୍ର ୨୦୧୬ ବେଳକୁ ସେମାନଙ୍କ ସମ୍ପର୍କରେ ତିକ୍ତତା ଆସିଥିଲା ଏବଂ ସେମାନେ ପରସ୍ପରଠାରୁ ଅଲଗା ହୋଇଯାଇଥିଲେ । ଗତ ୧୦ ବର୍ଷ ମଧ୍ୟରେ ଉଭୟଙ୍କ ମଧ୍ୟରେ ପ୍ରାୟ ୮୦ରୁ ଅଧିକ ଆଇନଗତ ମାମଲା ଚାଲିଥିଲା । ସ୍ୱାମୀ ଜଣେ ଆଇନଜୀବୀ ହୋଇଥିବାରୁ ନିଜ ଜ୍ଞାନର ଅପବ୍ୟବହାର କରି ପତ୍ନୀ, ତାଙ୍କ ପରିବାର ଏବଂ ଏପରିକି ତାଙ୍କ ଓକିଲଙ୍କ ବିରୋଧରେ ମଧ୍ୟ ଅନେକ ମାମଲା ରୁଜୁ କରିଥିଲେ । ଜଷ୍ଟିସ ବିକ୍ରମ ନାଥ ଓ ଜଷ୍ଟିସ ସନ୍ଦୀପ ମେହେଟ୍ଟାଙ୍କ ବେଞ୍ଚ୍ ଏହି ମାମଲାରେ କହିଛନ୍ତି ଯେ, ଅନୁଚ୍ଛେଦ ୧୪୨ର ଅର୍ଥାତ ସମ୍ବିଧାନର ଏହି ସ୍ୱତନ୍ତ୍ର କ୍ଷମତା ପ୍ରୟୋଗ କରି କୋର୍ଟ ସମ୍ପୂର୍ଣ୍ଣ ନ୍ୟାୟ ପ୍ରଦାନ କରିଛନ୍ତି । କୋର୍ଟ କହିଛନ୍ତି ଯେ, ଏହି ବିବାହ ବାସ୍ତବ କ୍ଷେତ୍ରରେ ସମ୍ପୂର୍ଣ୍ଣ ରୂପେ ଶେଷ ହୋଇଯାଇଛି । ସ୍ୱାମୀଙ୍କୁ ଜଣେ ପ୍ରତିଶୋଧପରାୟଣ ବ୍ୟକ୍ତି ଭାବେ ଦର୍ଶାଇ କୋର୍ଟ କହିଛନ୍ତି ଯେ, ସେ ନିଜର ଆର୍ଥିକ ଦାୟିତ୍ୱରୁ ବଞ୍ଚିବା ପାଇଁ ବିଭିନ୍ନ କମ୍ପାନୀର ନିର୍ଦ୍ଦେଶକ ପଦରୁ ଇସ୍ତଫା ଦେଇଥିଲେ । ଏବେ ସ୍ୱାମୀଙ୍କୁ ଏକ ବର୍ଷ ମଧ୍ୟରେ ପତ୍ନୀଙ୍କୁ ୫ କୋଟି ଟଙ୍କା ଦେବାକୁ ପଡ଼ିବ । ସେହିପରି ପତ୍ନୀ ମୁମ୍ବାଇର ଲୋଖଣ୍ଡୱାଲାରେ ଥିବା ୩ ବିଏଚ୍‌କେ ଫ୍ଲାଟକୁ ଟଙ୍କା ପାଇବାର ଦୁଇ ସପ୍ତାହ ମଧ୍ୟରେ ଖାଲି କରିବେ । ସେମାନଙ୍କୁ ଦୁଇ ପୁଅଙ୍କ ଦାୟିତ୍ୱ ମା'ଙ୍କ ପାଖରେ ରହିବ, କିନ୍ତୁ ପିତାଙ୍କୁ ସେମାନଙ୍କୁ ଦେଖିବା ପାଇଁ ଅଧିକାର ଦିଆଯାଇଛି । ଏହି ରାୟ ପରେ ଉଭୟଙ୍କ ମଧ୍ୟରେ ଚାଲିଥିବା ସମସ୍ତ ସିଭିଲ ଓ କ୍ରିମିନାଲ ମାମଲା ବନ୍ଦ ହୋଇଯିବ । ସୁପ୍ରିମକୋର୍ଟ ସ୍ପଷ୍ଟ ଭାବେ କହିଛନ୍ତି ଯେ ଜଣେ ମହିଳା ଉଚ୍ଚଶିକ୍ଷିତ ବା କର୍ମଜୀବୀ ହେବା ଅର୍ଥ ନୁହେଁ ଯେ, ସ୍ୱାମୀ ନିଜର ପୈତୃକ, ନୈତିକ ଏବଂ ଆଇନଗତ ଦାୟିତ୍ୱରୁ ମୁକ୍ତ ହୋଇଯିବେ । ଏହି ରାୟ ଜରିଆରେ କୋର୍ଟ ଏକ ଦଶନ୍ଧିର ମାନସିକ ଯନ୍ତ୍ରଣାକୁ ସବୁଦିନ ପାଇଁ ସମାପ୍ତ କରିଦେଇଛନ୍ତି ।

## ୧୦ ବର୍ଷର ପୁରୁଣା ଛାଡ଼ପତ୍ର ମାମଲାର ସମାଧାନ କଲେ ସୁପ୍ରିମକୋର୍ଟ

# ଓହରିଲେ କଂଗ୍ରେସ ପ୍ରାର୍ଥୀ; ସୁନେତ୍ରାଙ୍କ ବିଜୟ ନିଶ୍ଚିତ

ବାରାମତୀ, ୯ ।୪(ଏଜେନ୍ସି): ମହାରାଷ୍ଟ୍ର ରାଜନୀତିର ହୃତପିଣ୍ଡ କୁହାଯାଉଥିବା ବାରାମତୀ ଆସନରେ ଏକ ବିରଳ ରାଜନୈତିକ ସୌଜନ୍ୟ ପ୍ରକାଶ ପାଇଛି । ଦୁର୍ଭାଗ୍ୟଜନକ ଭାବେ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କୁ ସମ୍ମାନ ଜଣାଇ କଂଗ୍ରେସ ନିଜର ପ୍ରାର୍ଥୀ ପ୍ରତ୍ୟାହାର କରିଛି । ଫଳରେ ଅଜିତଙ୍କ ପତ୍ନୀ ତଥା ବର୍ତ୍ତମାନର ଉପ-ମୁଖ୍ୟମନ୍ତ୍ରୀ ସୁନେତ୍ରା ପାୱାର ଏହି ଉପନିର୍ବାଚନରେ ବିନା ବିରୋଧ ତଥା ପ୍ରତିଦ୍ୱନ୍ଦ୍ୱୀତାରେ ନିର୍ବାଚିତ ହେବା ନିଶ୍ଚିତ ହୋଇଛି । ଗତ ଜାନୁଆରୀ ୨୮ରେ ଏକ ବିମାନ ଦୁର୍ଘଟଣାରେ ଅଜିତ ପାୱାରଙ୍କ ଅକାଳ ବିୟୋଗ ପରେ ବାରାମତୀ ଆସନ ଖାଲି ପଡ଼ିଥିଲା । ଏହି ଶୂନ୍ୟସ୍ଥାନ ପୂରଣ ପାଇଁ ଆସନ୍ତା ଏପ୍ରିଲ ୨୩ରେ ନିର୍ବାଚନ କରାଇବାକୁ ଦିନ ଧାର୍ଯ୍ୟ ହୋଇଥିଲା । କଂଗ୍ରେସ ପ୍ରଥମେ ଆକାଶ ମୋରେଙ୍କୁ ନିଜର ପ୍ରାର୍ଥୀ ଭାବେ ଘୋଷଣା କରିଥିଲେ ହେଁ, ଶେଷ ମୁହୂର୍ତ୍ତରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଓ ଶରଦ ପାୱାରଙ୍କ ଅନୁରୋଧ କ୍ରମେ ଦଳ ନିଜ ନିଷ୍ପତ୍ତି ବଦଳାଇଛି । କଂଗ୍ରେର ବରିଷ୍ଠ ନେତା ରମେଶ ଚେନଥାଲା ସ୍ପଷ୍ଟ କରିଛନ୍ତି ଯେ ଅଜିତଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ସ୍ୱରୂପ ଦଳ ଏହି ନିର୍ବାଚନରୁ ଓହରିଯାଇଛି । ମୁଖ୍ୟମନ୍ତ୍ରୀ ଫଡ଼ନାଭିସ୍ ବ୍ୟକ୍ତିଗତ ଭାବେ କଂଗ୍ରେସ ରାଜ୍ୟ ସଭାପତି ହର୍ଷବର୍ଦ୍ଧନ ସାପକାଲଙ୍କ ସହ ଆଲୋଚନା କରି ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଅନୁରୋଧ କରିଥିଲେ । ସେହିପରି ଏନ୍‌ସିପି ସୁପ୍ରିମୋ ଶରଦ ପାୱାର ମଧ୍ୟ କଂଗ୍ରେସକୁ ପରାମର୍ଶ ଦେଇ କହିଥିଲେ ଯେ, ଜଣେ ଦକ୍ଷ ନେତାଙ୍କ ବିୟୋଗରେ ନିର୍ବାଚନକୁ ନିର୍ବିରୋଧ କରିବା ଶୋଭନୀୟ । ନିଜେ ସୁନେତ୍ରା ମଧ୍ୟ କଂଗ୍ରେସର ନେତୃତ୍ୱଙ୍କୁ ନିଜ ସ୍ୱାମୀଙ୍କ ସହ ଦଳର ପୁରୁଣା ସମ୍ପର୍କ ବିଷୟରେ ସ୍ମରଣ କରାଇଥିଲେ ।



**କଳ୍ପକମ୍ ପରମାଣୁ ପ୍ଲାଣ୍ଟରେ ଭାରତର ଚମତ୍କାର**

# ଯାହା କରିପାରିଲେନି ଆମେରିକା, ଫ୍ରାନ୍ସ; ତାହା କରି ଦେଖାଇଲା ଭାରତ

ନୂଆଦିଲ୍ଲୀ/କଳ୍ପକମ୍, ୯ ।୪(ଏଜେନ୍ସି): ବିଶ୍ୱର ବଡ଼ବଡ଼ ପାରମାଣବିକ ଶକ୍ତି ସମ୍ପନ୍ନ ରାଷ୍ଟ୍ରଙ୍କୁ ପଛରେ ପକାଇ ଭାରତ ଏକ ଐତିହାସିକ ସଫଳତା ହାସଲ କରିଛି । ତାମିଲନାଡୁର କଳ୍ପକମ୍ ସ୍ଥିତ ୫୦୦ ମେଗାୱାଟ ବିଶିଷ୍ଟ 'ପ୍ରୋଟୋଟାଇପ ଫାଷ୍ଟ ବ୍ରିଡର ରିଆକ୍ଟର' ଗତ ଏପ୍ରିଲ ୬ରେ ତା'ର ପ୍ରଥମ କ୍ରିଟିକାଲିଟି ହାସଲ କରିଛି । ଏହାର ଅର୍ଥ ହେଉଛି, ଏହି ରିଆକ୍ଟର ମଧ୍ୟରେ ନିୟନ୍ତ୍ରିତ ଓ ଆତ୍ମ-ନିର୍ଭରଶୀଳ ପାରମାଣବିକ ଶୃଙ୍ଖଳା ସଫଳତାର ସହ ଆରମ୍ଭ ହୋଇଛି । ଭାରତ ଏବେ ଏହି ସାମର୍ଥ୍ୟ ହାସଲ କରିଛି, ଯାହା ଆମେରିକା, ଫ୍ରାନ୍ସ, ଜାପାନ ଭଳି ଦେଶମାନେ ବିପୁଳ ଅର୍ଥ ବିନିଯୋଗ କରି ମଧ୍ୟ କରିପାରି ନଥିଲେ । ବର୍ତ୍ତମାନ କେବଳ ରୁଷ୍ ପାଖରେ ବାଣିଜ୍ୟିକ ସ୍ତରରେ କାର୍ଯ୍ୟ କରୁଥିବା 'ଫାଷ୍ଟ ବ୍ରିଡର ରିଆକ୍ଟର' ରହିଛି । ଚୀନ୍ ଏ ଦିଗରେ ଏବେ ମାତ୍ର ପ୍ରାଥମିକ ପଦକ୍ଷେପ ନେଇଛି । ଏହି ସଫଳତା ସହ ଭାରତ ବିଶ୍ୱର ଦ୍ୱିତୀୟ ରାଷ୍ଟ୍ର ଭାବେ ବ୍ରିଡର ରିଆକ୍ଟର ପରିଚାଳନା କରିବାକୁ ଯାଉଛି । ଭାରତ ପାଖରେ ୟୁରାନିୟମର ସୀମିତ ଭଣ୍ଡାର ରହିଛି, କିନ୍ତୁ ବିଶ୍ୱର ସର୍ବାଧିକ ଥୋରିୟମ ଭଣ୍ଡାର ଭାରତରେ ଅଛି । ଓଡ଼ିଶା, କେରଳ ଓ ଆନ୍ଧ୍ରପ୍ରଦେଶର ସମୁଦ୍ରକୂଳରେ ଥିବା ବାଲିରେ ପ୍ରଚୁର ପରିମାଣରେ ଥୋରିୟମ ରହିଛି । ଫାଷ୍ଟ ବ୍ରିଡର ରିଆକ୍ଟରର ବିଶେଷତ୍ୱ ହେଉଛି ଏହା ଯେତିକି ଇନ୍ଧନ ବ୍ୟବହାର କରେ, ତା'ଠାରୁ ଅଧିକ ଇନ୍ଧନ ଉତ୍ପାଦନ କରେ । ଏହାଦ୍ୱାରା ଭାରତ ତା'ର 'ତିନି-ସ୍ତରୀୟ ପାରମାଣବିକ ଶକ୍ତି କାର୍ଯ୍ୟକ୍ରମ'ର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରବେଶ କରିଛି, ଯାହା ସ୍ୱପ୍ନ ଦେଖିଥିଲେ ଭାରତୀୟ ପାରମାଣବିକ ବିଜ୍ଞାନର ଜନକ ଡକ୍ଟର ହୋମି ଜାହାଙ୍ଗୀର ଭାବା । ପୂର୍ବରୁ ଆମେରିକା, ଫ୍ରାନ୍ସ ଓ ଜାପାନ ଏ ନେଇ ପ୍ରୟାସ କରିଥିଲେ ମଧ୍ୟ ବିଭିନ୍ନ କାରଣରୁ ବିଫଳ ହୋଇଥିଲେ । କଳ୍ପକମ୍‌ର ଏହି ରିଆକ୍ଟର ପ୍ରାୟ ୩୦ ଲକ୍ଷ ଘରକୁ ବିଦ୍ୟୁତ ଶକ୍ତି ଯୋଗାଇବାର କ୍ଷମତା ରଖେ । ଭାରତ ୨୦୪୭ ସୁଦ୍ଧା ୧୦୦ ଗିଗାୱାଟ୍ (ଜିଡବ୍ଲ୍ୟୁ) ପାରମାଣବିକ ଶକ୍ତି ଉତ୍ପାଦନ କରିବା ଲକ୍ଷ୍ୟରେ ରହିଛି । ଏହି ସଫଳତା ଭାରତକୁ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ସହ ବିଦେଶୀ ୟୁରାନିୟମ ଆମଦାନୀ ଉପରେ ନିର୍ଭରଶୀଳତା କମାଇବ । ଏହି ଐତିହାସିକ ଉପଲବ୍ଧି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି (ଆଇଇଏ) ପରମାଣୁ ବିଜ୍ଞାନୀ ଓ ଭାରତକୁ ଅଭିନନ୍ଦନ ଜଣାଇଛନ୍ତି । ଭାରତର ପରମାଣୁ ଯାତ୍ରାରେ ଏହା ଏକ ନିର୍ଣ୍ଣାୟକ ପଦକ୍ଷେପ ବୋଲି ମୋଦୀ ବର୍ଣ୍ଣନା କରିଛନ୍ତି ।

## ରେଳବାଇର ବିଚିତ୍ର ନୀତି

# ଆନ୍ଧ୍ର 'ଗେହ୍ଲା'; ଓଡ଼ିଶା 'ସାବତ'

ବାଲେଶ୍ୱର,୯।୪ (ଅସୀମ ମହାପାତ୍ର): ଓଡ଼ିଶା ପ୍ରତି ରେଳବାଇ ଅବହେଳାର ନଜିର ବହୁ ପୁରୁଣା। ରାଜସ୍ୱ ଦେବାରେ ଆଗୁଆ ଓଡ଼ିଶାରେ ରେଳବାଇ ଭିତିଭୂମି ବିକାଶ କଇଁଚଠାରୁ ବି ଧୀର ଗତିରେ ଚାଲିଛି। ରାଜ୍ୟ ଆଧାରରେ ଆନ୍ଧ୍ରପ୍ରଦେଶ ବିଶାଖାପାଟନମ୍‌ରେ ନୂତନ ଦକ୍ଷିଣ ତଟ ରେଳବାଇ ପ୍ରତିଷ୍ଠା ହେଲା; କିନ୍ତୁ ଓଡ଼ିଶାର ପୂର୍ବତଟ ରେଳବାଇର ପକ୍ଷ ଛେଦନ କରାଯାଇ ଇଛାପୁରମ୍-ପଲାସା ସେକ୍ସନକୁ କାଢ଼ି ନିଆଗଲା। ପ୍ରଶାସନିକ ପରିଚାଳନାରେ ପାରଦର୍ଶିତା ଆଣିବାର ଦ୍ୱାହି ଦେଇ ରେଳବାଇ ଏହି ପଦକ୍ଷେପ ନେଇଥିବା ଦାବି ହେଉଛି। ମାତ୍ର ଗେହ୍ଲା ଆନ୍ଧ୍ରର ସବୁ ଦାବିକୁ ଆଦର କରି ପୂରଣ କରୁଥିବା କେନ୍ଦ୍ର ସରକାର ଓ ରେଳବାଇ ଓଡ଼ିଶା ପ୍ରତି ସାବତ ମନୋଭାବ ପୋଷଣ ଓଡ଼ିଶାବାସୀଙ୍କୁ କ୍ଷୁବ୍ଧ କରିଛି । ଯେଉଁ ଆଧାରରେ ଓଡ଼ିଶାରେ ଥିବା ଆନ୍ଧ୍ର ଅଞ୍ଚଳକୁ ଦକ୍ଷିଣତଟ ରେଳବାଇରେ ସାମିଲ ପାଇଁଯୋଜନା ହୋଇଛି, ସେହି ଆଧାରରେ କାହିଁକି ପଶ୍ଚିମବଙ୍ଗ, ଝାରଖଣ୍ଡରେ ଥିବା ଓଡ଼ିଶା ଅଞ୍ଚଳକୁ ପୂର୍ବତଟ ରେଳବାଇରେ ସାମିଲ କରାଯିବ ନାହିଁ ବୋଲି ପ୍ରଶ୍ନ ଉଠିଛି।

କୋଲକାତା ଗାଡେନ୍ ରିଚ୍‌ରୁ ପରିଚାଳିତ ଦକ୍ଷିଣପୂର୍ବ ରେଳବାଇ ଅଧିକାଂଶ ସମୟରେ ଓଡ଼ିଶାର ସ୍ୱାର୍ଥକୁ ଉପେକ୍ଷା କରୁଥିବା ଅଭିଯୋଗ ହୋଇଛି। ଦକ୍ଷିଣପୂର୍ବ ରେଳବାଇ ହେଡକ୍ୱାର୍ଟର କୋଲକାତା ଗାଡେନ୍ ରିଚ୍ ଅଧୀନରେ ୫ଟି ଡିଭିଜନ ରହିଥିବା ବେଳେ ଇଷ୍ଟକୋଷ୍ଟ ରେଳବାଇ ଭୁବନେଶ୍ୱର ଅଧୀନରେ ରହିଛି ମାତ୍ର ୩ଟି ଡିଭିଜନ। ରେଳ ଡିଭିଜନ ସବୁର ବ୍ୟବସ୍ଥାଗତ ଢ଼ାଞ୍ଚାରେ ପରିବର୍ତ୍ତନ ଆଣିବାକୁ ଭୌଗୋଳିକ ସ୍ଥିତି ଓ ପରିଚାଳନାଗତ ଅବସ୍ଥିତିକୁ ଅଣଦେଖା କରାଯାଇପାରିବନି। ଦକ୍ଷିଣପୂର୍ବ ରେଳବାଇ କୋଲକାତାର ଗାର୍ଡେନ ରିଚ୍‌ରୁ ପରିଚାଳିତ ହେଉଥିବା ବେଳେ ପୂର୍ବ ରେଳବାଇର ହେଡ୍‌କ୍ୱାର୍ଟର ମଧ୍ୟ

### ବିକେନ୍ଦ୍ରୀକରଣ ନାଁରେ ଓଡ଼ିଶାର ପକ୍ଷ ଛେଦନ!

କୋଲକାତାରେ ରହିଛି। ପଶ୍ଚିମବଙ୍ଗର କୋଲକାତାରେ ଉଭୟ ପୂର୍ବ ରେଳବାଇ ଓ ଦକ୍ଷିଣ ପୂର୍ବ ରେଳବାଇର ମୁଖ୍ୟ କାର୍ଯ୍ୟାଳୟ ରହୁଥିବାରୁ କ୍ଷମତା କେନ୍ଦ୍ରୀଭୂତ ହୋଇରହୁଛି।

ବାଲେଶ୍ୱରରେ ଏକ ରେଳ ଡ଼ିଭିଜନ ସ୍ଥାପନ ପାଇଁ ବହୁ ଦିନରୁ ଦାବି ହୋଇ ଆସୁଛି। ଦକ୍ଷିଣ ପୂର୍ବ ରେଳବାଇ ଅଧୀନରେ ରହୁଥିବା ଖଡ଼ଗପୁର ଡିଭିଜନ ଅତ୍ୟନ୍ତ ବ୍ୟସ୍ତବହୁଳ। ଖଡ଼ଗପୁର ଡିଭିଜନ ଅଧୀନରେ ଉତ୍ତର ଓଡ଼ିଶାର ବାଲେଶ୍ୱର ସୀମାର ଲକ୍ଷ୍ମଣନାଥଠାରୁ ଭଦ୍ରକ ସୀମା ରାଣୀତାଲ ପର୍ଯ୍ୟନ୍ତ ମୁଖ୍ୟ ଲାଇନ୍ ଉପେକ୍ଷିତ ହେଉଛି। ଦକ୍ଷିଣପୂର୍ବ ରେଳବାଇ ଅଧୀନରେ ଥିବା ଏହି ରେଳପଥରେ ହେବାକୁ ଥିବା ଅନ୍ୟ ଭିତ୍ତିଭୂମି ବିକାଶ କାର୍ଯ୍ୟ ପଛୁଆ ହୋଇ ରହିଛି। ରୁପ୍ସା-ବାରିପଦା-ବାଙ୍ଗିରିପୋଷି ରେଳପଥ ଏହି ରେଳରୁଟ୍ ଖଡ଼ଗପୁର ଡିଭିଜନରୁ ବାହାର କରି ବାଲେଶ୍ୱରକୁ ନୂତନ ରେଳ ଡିଭିଜନ କାର୍ଯ୍ୟକ୍ଷମ କରିବାକୁ ବୁଦ୍ଧିଜୀବୀ ମହଲରେ ଦୀର୍ଘଦିନରୁ ଦାବି ହେଉଛି।

ସେହିପରି ଦକ୍ଷିଣ ପୂର୍ବ ରେଳବାଇ ଅଧୀନ ଚକ୍ରଧରପୁର ଡିଭିଜନରେ ମୟୂରଭଞ୍ଜ ଜିଲ୍ଲାର ଶହଶହ ବର୍ଷ ପୁରୁଣା ଟାଟା-ଗୋରୁମହିଷାଣୀ-ବାଦାମପାହାଡ଼ ରେଳପଥକୁ କେନ୍ଦୁଝର ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ ରାଷ୍ଟ୍ରପତି ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ତେବେ ଏହି ନୂତନ ରେଳପଥ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ତଥାପି ଏହି ସବୁ ରେଳପଥ ଗୋଟିଏ ଛାତ ତଳକୁ ଆସିପାରିଲେ ଏହାର ସଠିକ ପରିଚାଳନା ଓ ଭିତିଭୂମି ବିକାଶ ହୋଇପାରିବ। ଦ୍ୱିତୀୟତଃ ଦୀର୍ଘଦିନରୁ ଦକ୍ଷିଣ ପୂର୍ବ ରେଳବାଇ ଅଧୀନରେ ରହିଥିବା ଏହି ରେଳପଥ ଗୁଡ଼ିକୁ ପୂର୍ବତଟ ରେଳବାଇ ଅଧୀନକୁ ଆସିଲେ କାର୍ଯ୍ୟଭାର ବିକେନ୍ଦ୍ରୀକରଣ ହେବ। ବ୍ୟବସ୍ଥାଗତ ପରିବର୍ତ୍ତନ ହେଲେ ରେଳବାଇର ସୁସଂଗଠିତ ବିକାଶ ହୋଇପାରିବ। ଏହି ରେଳପଥ ଗୁଡିକୁ ଦକ୍ଷିଣପୂର୍ବ ରେଳବାଇ ଅଧୀନରୁ ବାହାର କରି ପୂର୍ବତଟ ରେଳବାଇରେ ମିଶିଲେ ବ୍ୟବସ୍ଥାଗତ ପରିଚାଳନାରେ ପରିବର୍ତ୍ତନ ଆସିବ ବୋଲି ବିଜେଡି ପକ୍ଷରୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଖୋର୍ଦ୍ଧା ରୋଡ୍ ଡିଜିଜନ ଅଧୀନରେ ଥିବା ଭଦ୍ରକ, କେନ୍ଦୁଝର ଓ ଯାଜପୁର ଜିଲ୍ଲାରୁ ମାଲ୍ ପରିବହନ ଅଧିକ ହେଉଥିବା ବେଳେ ଦକ୍ଷିଣ-ପୂର୍ବ ରେଳପଥ ଅଧୀନ ଝାଡ଼ଖଣ୍ଡର ଚକ୍ରଧରପୁର ଡିଭିଜନରେ ରହିଥିବା ଖଣିଜବହୁଳ ଓଡ଼ିଶାର ୫ଟି ପ୍ରମୁଖ ଖଣିଜ ସଂପଦ ପରିପୂର୍ଣ୍ଣ ତଥା ଶିଳ୍ପ ବହୁଳ ଜିଲ୍ଲା ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲା ରହିଛି। ଏହି ଡିଭିଜନରେ ଟାଟାନଗର ପ୍ରମୁଖ ଷ୍ଟେସନ ମଧ୍ୟରେ ଆସୁଥିବା ବେଳେ ରାଉରକେଲା, ଝାରସୁଗୁଡ଼ା ଓ ଚକ୍ରଧରପୁର ରେଳବାଇ ଆୟର ମୁଖ୍ୟ ଷ୍ଟେସନ ରହିଛି। ଏହି ରେଳପଥରୁ ଚକ୍ରଧରପୁର ଡିଭିଜନ ମାଲ୍ ପରିବହନ କରି ମାଲେମାଲ୍ ହେଉଥିବା ବେଳେ ଉତର ଓଡ଼ିଶାର ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ରେଳପଥ ଖଡ଼ଗପୁର ଡିଭିଜନ ଅଧୀନରେ ରହିଯାଉଛି। ବାଲେଶ୍ୱର ଜିଲ୍ଲାରେ ୧୦୭.୬କିମି ଓ ମୟୂରଭଂଜ ଜିଲ୍ଲାର ବାଙ୍ଗିରିପୋଷି-ବାରିପଦା-ରୁପ୍ସା ଲାଇନର ୧୧୨.୧କିମି ନେଇ ମୋଟ୍ ୨୧୯.୭କିମି ରେଳପଥ ରହିଛି। ଯାଜପୁର ଜିଲ୍ଲାରେ ୧୩୧.୬କିମି, କେନ୍ଦୁଝର ଜିଲ୍ଲାରେ ୧୬୪.୮କିମି, ଭଦ୍ରକ ଜିଲ୍ଲାରେ ୩୫.୮କିମି ରେଳପଥ ରହିଛି। ଦକ୍ଷିଣପୂର୍ବ ରେଳବାଇ ଅଧୀନରେ ଥିବା ଚକ୍ରଧରପୁର ଓ ଖଡ଼ଗପୁର ଡିଭିଜନ ମଧ୍ୟରେ ସଠିକ୍ ତାଳମେଳ ରହୁନଥିବାରୁ ସନ୍ତୁଳିତ ଆଂଚଳିକ ବିକାଶ ପ୍ରଭାବିତ ହେଉଛି।

# ୧୨ରୁ କଲବଲ କରିବ ତାତି

ଭୁବନେଶ୍ୱର,୯।୪(ସମିସ): ଦିନେ ଦୁଇଦିନ ପରେ କାଳବୈଶାଖୀର ପ୍ରଭାବ ହ୍ରାସ ସାଙ୍ଗକୁ ଓଡ଼ିଶାରେ ତାପମାତ୍ରା ବୃଦ୍ଧି ସହ ଗୁଳୁଗୁଳି କଲବଲ କରିବ। ଆସନ୍ତା ୧୧ ତାରିଖଠାରୁ ତାପମାତ୍ରାରେ ଦୃଷ୍ଟାନ୍ତମୂଳକ ୪-୬ ଡିଗ୍ରୀ ବୃଦ୍ଧି ସହ ଆଗାମୀ ଗୋଟିଏ ସପ୍ତାହ ମଧ୍ୟରେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ଦିନ ତାପମାତ୍ରା ୩୮ରୁ ୪୦ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ପହଞ୍ଚିବ। ଏହି ସମୟରେ ଆଭ୍ୟନ୍ତରୀଣ ଓଡ଼ିଶାର ବୌଦ୍ଧ, ଟିଟିଲାଗଡ଼ ଓ ବଲାଙ୍ଗିର ଆଦି ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିବା ସହ ଉପକୂଳ ଓଡ଼ିଶାରେ ଗୁଳୁଗୁଳି ଅସହ୍ୟ କରିବ। ଏପରିକି ୧୭ରୁ ୨୩ ତାରିଖ ମଧ୍ୟରେ ତାତି ଅନେକ ସ୍ଥାନରେ ୪୪ ଡିଗ୍ରୀ ପର୍ଯ୍ୟନ୍ତ ପହଞ୍ଚିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ବିସ୍ତାରିତ ପରିସର ଆକଳନରେ ସୂଚନା ଦିଆଯାଇଛି।

ବର୍ତ୍ତମାନର ସ୍ଥିତି ଅନୁଯାୟୀ ରାଜ୍ୟରେ ଲଗାତାର କାଳବୈଶାଖୀ ଜନିତ ସ୍ଥିତି ଯୋଗୁଁ ତାପମାତ୍ରା ତଳ ମୁହାଁ ହୋଇଛି। ଗତ ସପ୍ତାହକ ମଧ୍ୟରେ ରାଜ୍ୟରେ ୧୭୦ ମିମି ବର୍ଷା ହୋଇଥିବା ବେଳେ ଏହା ସ୍ୱାଭାବିକ ବର୍ଷା ୧୯.୩ ମିମି ତୁଳନାରେ ୯୧ ପ୍ରତିଶତରୁ ଅଧିକ ରହିଛି। ହେଲେ ଗୁରୁବାରଠାରୁ ପାଗରେ ପରିବର୍ତ୍ତନ ଆସିଛି। ତେଣୁ ଆଗକୁ ତାପମାତ୍ରା ଦୃଷ୍ଟାନ୍ତମୂଳକ ଭାବେ ବୃଦ୍ଧି ପାଇବା ନେଇ ଆଶଙ୍କା କରାଯାଇଛି। ମାର୍ଚ୍ଚ ମାସ ଶେଷ ଭାଗରେ କେତେକ ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ ଟପିଥିଲା। ଏପ୍ରିଲ୍ ମାସ ଦ୍ୱିତୀୟ ସପ୍ତାହରୁ ପୁଣି ଏହି ଧାରା୍ ଜାରି ରହିବ ବୋଲି ପୂର୍ବାନୁମାନ କୁହାଯାଇଛି।

ଏପ୍ରିଲ୍-ଜୁନ୍ ମାସ ମଧ୍ୟରେ ଓଡ଼ିଶା ସମେତ ପୂର୍ବ ଓ ଉପକୂଳୀୟ ରାଜ୍ୟଗୁଡ଼ିକରେ ସାଧାରଣତଃ ଅଧିକ ହିଟ୍‌ୱେଭ୍ ଦେଖାଯାଇଥାଏ। ଏହି ସମୟରେ ରାତିର ତାପମାତ୍ରା ମଧ୍ୟ ସ୍ୱାଭାବିକ

### ପହିଲି ବୈଶାଖରୁ ତାତି ଛୁଇଁବ ୪୪ ଡିଗ୍ରୀ

ତୁଳନାରେ ଅଧିକ ରହିଥାଏ, ଯାହା ଗରମ ପ୍ରଭାବକୁ ଆହୁରି ବଢ଼ାଇବାକୁ ସହାୟକ ହୋଇଥାଏ। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଏପ୍ରିଲ୍ ତୃତୀୟ ସପ୍ତାହ ଅର୍ଥାତ ୧୭ ତାରିଖ ବେଳକୁ ରାଜ୍ୟର ଅଧିକାଂଶ ଜିଲ୍ଲା ବିଶେଷ କରି ଉପକୂଳବର୍ତ୍ତୀ ଓ ଏହାର ସଂଲଗ୍ନ ଜିଲ୍ଲାରେ ରାତିର ତାପମାତ୍ରା ସ୍ୱାଭାବିକ ତୁଳନାରେ ଅଧିକ ରହିବାର ଆଶଙ୍କା କରାଯାଇଛି। ପାଣିପାଗ କେନ୍ଦ୍ରର ଆକଳନକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କ ପାଇଁ ସତର୍କ ସୂଚନା ଜାରି କରାଯାଇଛି।

# କନ୍ଧମାଳରେ ବିଜେଡିର ୧୦ ଜଣିଆ ଟିମ୍

## ଡବଲ ଇଞ୍ଜିନ ସରକାର ଉପରେ ବର୍ଷିଲେ ଗ୍ରାମବାସୀ

ରାୟଗଡ଼ା,୯।୪(ସମିସ): ଅଭିଯୁକ୍ତକୁ ଧରିବା ପାଇଁ ଯାଇ ଗ୍ରାମବାସୀଙ୍କ ସହ ପୁଲିସର ଖଣ୍ଡଯୁଦ୍ଧ ଯୋଗୁଁ ଅଶାନ୍ତ ହୋଇପଡିଥିବା କଣ୍ଢାମାଳ, ଶାଗବାରୀ ଅଞ୍ଚଳକୁ ଆଜି ଗସ୍ତ କରିଛି ବିଜେଡିର ତଥ୍ୟ ଅନୁସନ୍ଧାନୀକାରୀ ଦଳ। ଆଜି ସକାଳେ ରାୟଗଡ଼ା ଜିଲ୍ଲା ସଭାପତି ଜଗନ୍ନାଥ ସାରକା ଓ ପୂର୍ବତନ ସାଂସଦ



ଝିନ୍ନ ହିକକାଙ୍କ ନେତୃତ୍ୱରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, କୌଶଲ୍ୟା ହିକକା, ରାୟଗଡା ଜିଲ୍ଲା ମହିଳାବିଜେଡି ସଭାନେତ୍ରୀ ଅନୁସୂୟା ମାଝି, ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ ସରସ୍ୱତୀ ମାଝି, ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ପି.ଗୌରୀ ଶଙ୍କର ରାଓ, ଗୁଣପୁର ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ, ଧବଳେଶ୍ୱର ନାଇଡୁ, ବିଷ୍ଣୁପ୍ରସାଦ ପଣ୍ଡାଙ୍କ ସମେତ ଏକ ୧୦ଜଣିଆ ଟିମ୍ କଣ୍ଢାମାଳ ଓ ଶାଗବାରୀ ଗ୍ରାମକୁ ଯାଇ ପ୍ରଭାବିତ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ବିଧାୟକ ଶ୍ରୀ ସ୍ୱାଇଁ ନିରୀହ ଲୋକଙ୍କ ଉପରେ ପୋଲିସର ଏଭଳି ଆମାନବୀୟ ବର୍ବରତାକୁ ଦୃଢ ନିନ୍ଦା କରିବା ସହ ଲୋକଙ୍କ ମତାମତ ନେଇ ରାଜ୍ୟ ସରକାର ପୁର୍ନବାର ଉକ୍ତ ଅଂଚଳରେ ଗ୍ରାମସଭା କରିବାକୁ ଆହ୍ୱାନ କରିଛନ୍ତି। ଗ୍ରାମବାସୀଙ୍କ ସହ ଆଲୋଚନା କରିବା ପରେ ଉକ୍ତ ଟିମ୍ ଦୁଇଟି ପ୍ରଭାବିତ ଅଂଚଳ ଗସ୍ତ କରିବା ସହ ଏକ ସବିଶେଷ ବିସ୍ତୃତ ରିପୋର୍ଟ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିବେ ବୋଲି କହିଛନ୍ତି।

ଜିଲ୍ଲା ସଭାପତି ଶ୍ରୀ ସାରକା କହିଛନ୍ତି ଯେ, ସୁଙ୍ଗେର ଗ୍ରାମପଞ୍ଚାୟତ ଅଞ୍ଚଳରେ ଦେଖା ଦେଇଥିବା ଆଇନଶୃଙ୍ଖଳା ପରିସ୍ଥିତି ସଂକ୍ରାନ୍ତରେ ଅନୁଧ୍ୟାନ କରିବା ପାଇଁ ବିଜେଡିର ଏକ ଟିମ୍ ଗୁରୁବାର କାଶୀପୁର ବ୍ଲକ୍‌ର କଣ୍ଢାମାଳ ଗ୍ରାମରେ ସ୍ଥାନୀୟ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ପୁଲିସ ହିଂସା ଆଚରଣ କରି ଗାଁରେ ପ୍ରବେଶ କରି ଲୁହାବୁହା ବାଷ୍ପ ପ୍ରୟୋଗ କରି ତାଣ୍ଡବ ରଚିଥିଲା । ଯେଉଁଥିରେ ଗୋଟିଏ ଗାଈର ମୃତ୍ୟୁ ହୋଇଥିବା ବେଳେ ଅନେକ ଗ୍ରାମବାସୀ ପୁଲିସର ଲାଠି ମାଡ଼ରେ ଆହତ ହୋଇଥିବା କହିଥିଲେ। ପୁନଶ୍ଚ ଡବଲ ଇଞ୍ଜିନ ସରକାରରେ ଗ୍ରାମବାସୀ ଅତ୍ୟଧିକ ପ୍ରପୀଡିତ ହେଉଛନ୍ତି ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ପ୍ରଶାସନ ସେମାନଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଗ୍ରାମବାସୀ କହିଥିଲେ। ବିଜେଡି ଟିମ୍ ଗସ୍ତ ବେଳେ ସ୍ଥାନୀୟ ବିଜେଡି ସମର୍ଥିତ ପଞ୍ଚାୟତ ନିର୍ବାଚିତ ପ୍ରତିନିଧି, ବିଜେଡି କର୍ମୀ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ।

## ରଙ୍ଗ ବଦଳାରେ ୬୬୬ ଦିନ

# ଗେରୁଆ ହେଲା ଖାରବେଳ ଭବନ

ଭୁବନେଶ୍ୱର,୯।୪(ସମିସ): ରାଜ୍ୟରେ ସରକାରକୁ ପୁରିଛି ୬୬୬ ଦିନ । ଏହି ୬୬୬ ଦିନ ମଧ୍ୟରେ ସରକାରଙ୍କ ସବୁ ଉପଲବ୍ଧିଠୁ ବଳିପଡ଼ିଛି ରଙ୍ଗ ପରିବର୍ତ୍ତନ। ସ୍କୁଲ ବସ୍, ପିଲାଙ୍କ ୟୁନିଫର୍ମଠାରୁ ସରକାରୀ କୋଠା, ସ୍କୁଲ କଲେଜ, କ୍ଷୀର ପ୍ୟାକେଟର ରଙ୍ଗ ବି ବଦଳିଛି। ଏବେ ଧୋବ ଫରଫର ଖାରବେଳ ଭବନକୁ ଗେରୁଆ ରଙ୍ଗରେ ପରିବର୍ତ୍ତନ

- ଜାତୀୟ ଦିବସରେ ତିନି ରଙ୍ଗରେ ସଜେଇ ହେଉଥିଲା ଧୋବ ଫରଫର କୋଠା
- ପୂର୍ତ୍ତ ବିଭାଗ ନିର୍ଦ୍ଦେଶରେ ବଦଳିଲା ରଙ୍ଗ, ରାଜକୋଷରୁ ବ୍ୟୟ ହେବ ୫ କୋଟି ଟଙ୍କା

କରାଯାଇଛି। ଏହି ଭବନର ରଙ୍ଗ ପରିବର୍ତ୍ତନ ପାଇଁ ବ୍ୟୟ ହେବାକୁଥିବା ପ୍ରାୟ ଏକ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପୂର୍ତ୍ତ ବିଭାଗ ବହନ କରିବ। ୨୦୧୯ରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖାରବେଳ ଭବନକୁ ଉଦ୍‌ଘାଟନ କରିଥିଲେ।

ବିଜେପି କ୍ଷମତାକୁ ଆସିବା ପରେ ୨୦୨୪ ମସିହାରେ ରାଜ୍ୟରେ ସରକାରୀ ଭବନ ଏବଂ ସ୍କୁଲଗୁଡ଼ିକର ରଙ୍ଗ ପରିବର୍ତ୍ତନ ଅଭିଯାନ ଆରମ୍ଭ କରିଥିଲା। ମାର୍ଚ୍ଚ ୨୦୨୫ରେ ସରକାର ସମସ୍ତ ସରକାରୀ ସ୍କୁଲ୍ ଭବନକୁ ଗେରୁଆ ରଙ୍ଗ କରିବାର ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଅକ୍ଟୋବର ୨୦୨୪ ଏବଂ ଜୁଲାଇ ୨୦୨୫ରେ ପୂର୍ତ୍ତ ବିଭାଗ ପକ୍ଷରୁ ସମସ୍ତ ସରକାରୀ କାର୍ଯ୍ୟାଳୟ ଏବଂ ସାଧାରଣ ଉଦ୍ୟୋଗ ଗୁଡ଼ିକୁ ଗେରୁଆ ରଙ୍ଗ କରିବା ପାଇଁ ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା। ନୂଆ ବିଲ୍ଡିଂ ପାଇଁ ତୁରନ୍ତ ଏବଂ ପୂର୍ବରୁ ଥିବା ବିଲ୍ଡିଂଗୁଡ଼ିକର ମରାମତି ସମୟରେ ରଙ୍ଗ ପରିବର୍ତ୍ତନ ପାଇଁ କୁହାଯାଇଥିଲା। ହେଲେ ଖାରବେଳ ଭବନ ସମ୍ପୂର୍ଣ୍ଣ ନୂଆ ଥିବା ବେଳେ କାହିଁକି ଏହାର ରଙ୍ଗ ପରିବର୍ତ୍ତନର ଆବଶ୍ୟକତା ପଡ଼ିଲା ତାକୁ ନେଇ ପ୍ରଶ୍ନ ଉଠିଛି। ଖାରବେଳ ଭବନ ରାଜ୍ୟର ପ୍ରଶାସନିକ କାର୍ଯ୍ୟକ୍ରମର ଏକ ପ୍ରମୁଖ କେନ୍ଦ୍ର। ଏହି ଭବନରେ ବର୍ତ୍ତମାନ




ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ୧୧ଟି ବିଭାଗର କାର୍ଯ୍ୟାଳୟ ରହିଛି। ପୂର୍ବରୁ ଏହାର ବାହ୍ୟ ରଙ୍ଗ ଧଳା ଏବଂ ଅନ୍ୟାନ୍ୟ ପାରମ୍ପରିକ ଚିତ୍ରଣ ରହିଥିଲା। ହେଲେ ବର୍ତ୍ତମାନ ସରକାରୀ ନିର୍ଦ୍ଦେଶ ଅନୁଯାୟୀ ଏହା ସମ୍ପୂର୍ଣ୍ଣ ଗେରୁଆ ରଙ୍ଗରେ ପରିବର୍ତ୍ତିତ ହୋଇଛି ଓ ଏହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପୂର୍ବ ବିଜେଡି ସରକାର ସମୟରେ ସରକାରୀ ଭବନଗୁଡ଼ିର ରଙ୍ଗ ଏକପ୍ରକାର ନ ଥିଲା। ସ୍କୁଲ୍ ଘରଗୁଡ଼ିକ ସାଧାରଣତଃ ସବୁଜ ଏବଂ ଧଳା ରଙ୍ଗରେ ରହିଥିବା ବେଳେ ଅନ୍ୟାନ୍ୟ ବିଲ୍ଡିଂଗୁଡ଼ିକ ସ୍ଥାନୀୟ ପରିବେଶକୁ ଦୃଷ୍ଟିରେ ରଖି ରଙ୍ଗ ଦିଆଯାଉଥିଲା। ଖାରବେଳ ଭବନ ମଧ୍ୟ ବିଜେଡି ଶାସନ କାଳରେ ନିର୍ମିତ ହୋଇଥିଲା ଓ ଏହାର ରଙ୍ଗ ପାରମ୍ପରିକ ଭାବେ ଧଳା ରଙ୍ଗ ରହିଥିଲା। ବିଭିନ୍ନ ସମୟରେ ଏହାକୁ ରଙ୍ଗୀନ ଆଲୋକରେ ସଜ୍ଜୀକରଣ କରାଯାଉଥିଲା। ଅନ୍ୟପକ୍ଷରେ କୃଷି ଭବନ, ରାଜ୍ୟ ଅତିଥି ଭବନ ଓ ରାଜ୍ୟ ବିଧାନସଭା ସମେତ ଲୋକସେବା ଭବନ ଭଳି ଗୁରୁତ୍ୱପୂର୍ଣ୍ଣ ବିଲ୍ଡିଂର ରଙ୍ଗ ଭିନ୍ନ ଭିନ୍ନ ରହିଛି। ବିଜେପି ସରକାର ରାଜନୈତିକ ଦୃଷ୍ଟିକୋଣରୁ ସବୁ ପ୍ରମୁଖ ବିଲ୍ଡିଂର ରଙ୍ଗ ଗେରୁଆ କରୁଥିବାରୁ ଉପରୋକ୍ତ ବିଲ୍ଡିଂଗୁଡ଼ିକର ମଧ୍ୟ ରଙ୍ଗ ପରିବର୍ତ୍ତନ କରି ପାରନ୍ତି ବୋଲି ଆଶଙ୍କା ପ୍ରକାଶ ପାଇଛି।

ପୂର୍ବରୁ ବିରୋଧୀ ଦଳ ସରକାରଙ୍କ ରଙ୍ଗ ବଦଳା ନୀତିକୁ କଠୋର ସମାଲୋଚନା କରାଯାଇଛି। ସରକାର ଉନ୍ନୟନ ଏବଂ ଲୋକକଲ୍ୟାଣ ବଦଳରେ ରଙ୍ଗ ପରିବର୍ତ୍ତନ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ଅଭିଯୋଗ କରାଯାଉଛି। ଯେତେବେଳେ ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ ସମସ୍ୟା ରହିଛି, ସେତେବେଳେ ସରକାରୀ ବିଲ୍ଡିଂଗୁଡ଼ିକର ରଙ୍ଗ ପରିବର୍ତ୍ତନ କେତେ ଗୁରୁତ୍ୱପୂର୍ଣ୍ଣ ତାକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟପଟେ ଏଭଳି ଅନାବଶ୍ୟକ ରଙ୍ଗ ପରିବର୍ତ୍ତନ ପରେ ଏଥିପାଇଁ ହେଉଥିବା ଖର୍ଚ୍ଚକୁ ନେଇ ମଧ୍ୟ ସୋସିଆଲ ମିଡିଆରେ ସରକାରଙ୍କୁ ତୀବ୍ର ସମାଲୋଚନା କରାଯାଉଛି।

## ଇସ୍ତଫାପତ୍ର ଗ୍ରହଣ କଲେ ନବୀନ

# ସଂସଦୀୟ ଦଳ ନେତା ପଦରୁ ସସ୍ମିତଙ୍କୁ ଅବ୍ୟାହତି

ଭୁବନେଶ୍ୱର,୯।୪(ସମିସ): ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳ ନେତା ପଦରୁ ସସ୍ମିତ ପାତ୍ରଙ୍କ ଇସ୍ତଫା ପତ୍ରକୁ ଗ୍ରହଣ କରିଛନ୍ତି ଦଳର ସଭାପତି ନବୀନ ପଟ୍ଟନାୟକ। ଏ ସଂକ୍ରାନ୍ତରେ ଗୁରୁବାର ନବୀନଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ୨୦୨୨ ମସିହା ଜୁଲାଇ ମାସରେ ସସ୍ମିତଙ୍କୁ ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳର ନେତା ରୂପେ ନବୀନ ନିଯୁକ୍ତି ଦେଇଥିଲେ। ମାତ୍ର ବ୍ୟକ୍ତିଗତ କାରଣ ଦର୍ଶାଇ ଦିନକ ତଳେ ସସ୍ମିତ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ ଓ ତାହାକୁ ନବୀନ ଗ୍ରହଣ କରିଛନ୍ତି। ଖୁବଶୀଘ୍ର ଦଳ ପକ୍ଷରୁ ରାଜ୍ୟସଭାରେ ନୂଆ ନେତା ନିଯୁକ୍ତ କରାଯିବ ବୋଲି ସୂଚନା ମିଳିଛି ।

# ପୋଖରୀରେ ବୁଡ଼ି ୩ ଶିଶୁ କନ୍ୟା ମୃତ

ଉମରକୋଟ,୯।୪(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଞ୍ଚଳରେ ଆଜି ଏକ ଦୁଃଖଦ ଘଟଣା ଘଟିଛି। ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡ଼ି ୩



ଶିଶୁଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ଉମରକୋଟ ବ୍ଲକ୍ ଅନ୍ତର୍ଗତ କୁର୍ସି ପଞ୍ଚାୟତ ଉପରପାରାର ରାଜମନ ଗଣ୍ଡଙ୍କ ଦୁଇଝିଅ ସଂଧ୍ୟା ଗଣ୍ଡ (୬) ଓ ସବିତା ଗଣ୍ଡ (୪) ଏବଂ ବାଲସାଇ ଗଣ୍ଡଙ୍କ ଝିଅ ଭୂମିକା ଗଣ୍ଡ(୫)। ସୂଚନାନୁସାରେ, ତିନିଜଣ ଯାକ ଆଜି ଦିନ ପ୍ରାୟ ୧୧ଟା ବେଳେ ଘରଠାରୁ ଅଳ୍ପ ଦୂରରେ ଥିବା ଏକ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। କିନ୍ତୁ ଅସାବଧାନତା ଯୋଗୁଁ ସେମାନେ ଗଭୀର ଜଳରାଶିରେ ବୁଡ଼ି ଯାଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ପରିବାରଲୋକ ସେମାନଙ୍କୁ ଉଦ୍ଧାର କରିବା ବେଳକୁ ସମସ୍ତଙ୍କର ମୃତ୍ୟୁ ହୋଇସାରିଥିଲା। ଏନେଇ ଉମରକୋଟ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଶବଗୁଡ଼ିକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅପରପକ୍ଷେ ଏହି ଘଟଣାକୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ନିଗମ-ବୋର୍ଡ ଥଇଥାନ

# ସରିଲା ଚିଠା; ଘୋଷଣା ବାକି

ଭୁବନେଶ୍ୱର,୯।୪(ସମିସ): ଦୀର୍ଘ ପ୍ରତୀକ୍ଷା ପରେ ନିକଟରେ ରାଜ୍ୟ ସରକାର ଜିଲ୍ଲା ଯୋଜନା କମିଟି(ଡିପିସି) ଏବଂ ସ୍ୱତନ୍ତ୍ର ଉନ୍ନୟନ ପରିଷଦ(ଏସ୍‌ଡିସି)ରେ ଦଳୀୟ ବିଧାୟକ ତଥା ନେତାଙ୍କୁ ଥଇଥାନ କରିଛନ୍ତି। ରାଜ୍ୟରେ ସରକାର ଗଠନକୁ ୨୨ ମାସ ପୂରିବାକୁ ଯାଉଥିବା ବେଳେ ବିଭିନ୍ନ ନିଗମ ଓ ବୋର୍ଡରେ ଦଳୀୟ ନେତାଙ୍କୁ ଥଇଥାନ କରାଯାଇ ପାରିନାହିଁ। ନିଗମ ଆଶାରେ ଆଶାୟୀଙ୍କର ଏକ ପ୍ରକାର ଧୈର୍ଯ୍ୟଚ୍ୟୁତି ଘଟିସାରିଥିବା ବେଳେ ଖୁବଶୀଘ୍ର ଅପେକ୍ଷାର ଅନ୍ତ ଘଟିବ ବୋଲି କୁହାଯାଇଛି। ଏ ସଂକ୍ରାନ୍ତରେ ଚିଠାକୁ ଦଳର ଶୀର୍ଷ ନେତୃତ୍ୱଙ୍କ ଅନୁମୋଦନ ମିଳିଛି; ଖୁବ୍ ଶୀଘ୍ର ବିଭିନ୍ନ ନିଗମ ଓ ବୋର୍ଡରେ ଦଳୀୟ ନେତାଙ୍କୁ ଥଇଥାନ କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ନିଗମ ଲଡୁ ବଣ୍ଟନ ପରେ ରାଜ୍ୟ ସରକାର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିବାକୁ ଏକ ପ୍ରକାର ମନ ସ୍ଥିର କରିସାରିଛନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ବୋର୍ଡ ଓ ନିଗମରେ ନିଯୁକ୍ତି ପାଇଁ ମାଳମାଳ ଆଶାୟୀ ନିଜ ନିଜ ସ୍ତରରେ ଲବି ଜାରି ରଖିଛନ୍ତି। ଲବି ରାଜନୀତି କାରଣରୁ ୨୨ ମାସ ହେଲାଣି ଏହି ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟାକୁ ସରକାର ଓ ସଂଗଠନ ଶେଷ ସ୍ୱର୍ଶ ଦେଇପାରୁ ନାହାନ୍ତି। କିଏ ନିଜର କେତେ ସଂଖ୍ୟକ ଅନୁଗତଙ୍କୁ ନିଗମ ଆସନ ଦେଇପାରିବ, ସେ ନେଇ ଛାମୁଆ ନେତାଙ୍କ ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ଜାରି ରହିଥିବା ବେଳେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସଭାପତି ସବୁ ଗୋଷ୍ଠୀଙ୍କୁ ଆପାତତଃ ବୁଝାଇବାରେ ସଫଳ ହୋଇପାରିଛନ୍ତି ବୋଲି ଜଣାପଡ଼ିଛି।

- 'ମନ-ମୋହନ'ଙ୍କ ଦୃଢ଼ ସମର୍ଥକଙ୍କୁ ପ୍ରାଥମିକତା
- ଥଇଥାନ ହେବେ ଅଧଡଜନେ ଆମଦାନୀ ନେତା
- ଯୋଜନା ବୋର୍ଡ ଉପାଧ୍ୟକ୍ଷ ନାମକୁ ନେଇ କେଁ
- ଚର୍ଚ୍ଚାରେ ସମୀର, ଗୋଲକ, ଶାରଦା, ବସନ୍ତ

ନିଗମ ଏବଂ ବୋର୍ଡ ତାଲିକାରେ ମଧ୍ୟ ବହୁ ଏକାଧିକ ନାମ ରେସରେ ରହିଛି। ଭବୁନେଶ୍ୱରରୁ ଜଗନ୍ନାଥ ପ୍ରଧାନ ଓ ପ୍ରିୟଦର୍ଶୀ ମିଶ୍ର, ପୁରୀରୁ ଜୟନ୍ତ ଷଡ଼ଙ୍ଗୀ ଓ ସୁରଥ ବିଶ୍ୱାଳ, କଟକରୁ ନୟନ ମହାନ୍ତି ଓ ଅରିନ୍ଦମ ରାୟ, ଶ୍ରୀତମ ଦାସଙ୍କ ପ୍ରମୁଖଙ୍କ ନାମ ବେଶ୍ ଚର୍ଚ୍ଚା ହେଉଛି। ସେହିପରି ଯାଜପୁରରୁ ବବିତା ମଲ୍ଲିକ, ଗୌତମ ରାୟ, ଗଞ୍ଜାମରୁ କାହ୍ନୁଚରଣ ପତି, ବିପିନ ପ୍ରଧାନ ଓ ପିଙ୍କି ପ୍ରଧାନଙ୍କୁ ମଧ୍ୟ ନିଗମ ମୁଆଁ ମିଳିବାର ସମ୍ଭାବନା ଅଛି। ନୂଆପଡ଼ାରୁ ଦଳ ଅଭିନନ୍ଦନ ପଣ୍ଡାଙ୍କୁ ନିଗମ ଲଡୁ ଖୁଆଇବ। ଦେବଗଡରୁ ସୁବାଷ ପାଣିଗ୍ରାହୀ, ନୟାଗଡରୁ ଡ. ଯତୀନ ମହାନ୍ତି, ଗଜପତିରୁ ନାରାୟଣ ରାଓ, ଅନୁଗୋଳରୁ ସଞ୍ଜୀବ ସାହୁ, ଦିଲେଶ୍ୱର ପ୍ରଧାନ ଓ କୋଦଣ୍ଡ ସାହୁ, ଭଦ୍ରକରୁ ବାଣୀକଲ୍ୟାଣ ମହାନ୍ତି ଏହି ସୂଚୀରେ ସ୍ଥାନ ପାଇଥିବା କୁହାଯାଉଛି। ଅନ୍ୟପକ୍ଷରେ ନିଗମ ଓ ବୋଡର୍‌ରେ ୩ ଜଣ ମହିଳା ନେତ୍ରୀଙ୍କୁ ଥଇଥାନ କରାଯିବ ବୋଲି ଏହି ସୂତ୍ରରୁ ଜଣାପଡ଼ିଛି। ସୁନ୍ଦରଗଡ଼ରୁ କୁସୁମ ଟେଟେ ଓ ପୂର୍ଣ୍ଣିମା କେର୍କେଟା ଦୁହିଁଙ୍କୁ ନିଗମ ମିଳିପାରେ ବା ଏମାନଙ୍କ ମଧ୍ୟରୁ ଜଣେ ନିଗମରେ ନିଯୁକ୍ତି ପାଇ ପାରନ୍ତି। ସେହିପରି ପୂର୍ବତନ ରାଜ୍ୟ ବିଜେପି ମହିଳା ମୋର୍ଚ୍ଚା ସଭାପତି ସ୍ମୃତି ପଟ୍ଟନାୟକଙ୍କ ନାମ ମଧ୍ୟ ବିଚାରାଧୀନ ରହିଛି। ଅନ୍ୟପକ୍ଷରେ ମନ-ମୋହନ ଯୋଡ଼ି ଦଳ ପାଇଁ ସମର୍ପିତ ଭାବରେ କାମ କରୁଥିବା ଓ ସେମାନଙ୍କର ଦୃଢ଼ ସମର୍ଥକ ଥିବା କିଛି ବ୍ୟକ୍ତିବିଶେଷଙ୍କୁ ନିଗମ ଲଡୁ ପ୍ରଦାନ କରିପାରନ୍ତି ବୋଲି ଏହି ସୂତ୍ରରୁ ସୂଚନା ମିଳିଛି । ସେହିପରି ଦୀର୍ଘଦିନ ହେଲା ଦଳ ସହ ଜଡ଼ିତ ପୂର୍ବତନ ଆଇଏଏସ୍ ସୁଦର୍ଶନ ନାଏକ, ବର୍ତ୍ତମାନର ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀଙ୍କୁ ମଧ୍ୟ ଥଇଥାନ ପାଇଁ ଯୋଜନା କରାଯାଇଛି।

ତେବେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କ ନାମ କୁଆଡ଼େ ଚୂଡ଼ାନ୍ତ ହୋଇପାରି ନାହିଁ । ଦଳର ଦୁଇ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ବସନ୍ତ ପଣ୍ଡା, ପୂର୍ବତନ ଉପସଭାପତି ଗୋଲୋକ ମହାପାତ୍ର ଓ ବର୍ତ୍ତମାନର ସାଧାରଣ ସମ୍ପାଦକ ସାରଦା ପ୍ରସନ୍ନ ଶତପଥୀଙ୍କ ନାମ ଏଥିପାଇଁ ଚର୍ଚ୍ଚାରେ ରହିଥିବା କୁହାଯାଉଛି । ଯୋଜନା ବୋର୍ଡ ଉପାଧ୍ୟକ୍ଷ ପଦଟି କ୍ୟାବିନେଟ ପାହ୍ୟା ସହ ସମାନ ହୋଇଥିବାରୁ ଏଥିପାଇଁ ସମସ୍ତଙ୍କର ଆଗ୍ରହ ରହିଛି । ତେଣୁ କାହାକୁ ଏହି ପଦରେ 'ମନ-ମୋହନ' ବସାଇବେ ତାହା ଉପରେ ସମସ୍ତଙ୍କ ନଜର ରହିଛି । ତେବେ ଅନ୍ୟ ୩ ଜଣଙ୍କୁ ମଧ୍ୟ ନିରାଶ କରାଯିବ ନାହିଁ ଓ ସେମାନଙ୍କୁ ମନ୍ତ୍ରୀ ପାହ୍ୟା ସମତୁଲ ପଦରେ ଥଇଥାନ କରାଯିବ ବୋଲି ମଧ୍ୟ ନକ୍ସା ପ୍ରସ୍ତୁତ ହୋଇଛି ।








## ଆଜାଦ୍ ନଗର ବୋମା ବିସ୍ଫୋରଣ ଘଟଣା

# ଦୁର୍ବୃତ୍ତଙ୍କ 'ବୋମା' ଟାର୍ଗେଟ୍‌ରେ ଥିଲା ଜଟଣୀ!

ଭୁବନେଶ୍ୱର, ୯।୪(ସମିସ): ଭୁବନେଶ୍ୱର ଏୟାରଫିଲ୍ଡ ଥାନା ସୁନ୍ଦରପଦା ଆଜାଦନଗର ବୋମା ବିସ୍ଫୋରଣ ଘଟଣାରେ ଜାତୀୟ ତଦନ୍ତ ସଂସ୍ଥା (ଏନ୍‌ଆଇଏ) ଅଧିକ ଖୋଳତାଡ଼ ଜାରି ରହିଛି। ମୁଖ୍ୟ ଅଭିଯୁକ୍ତ ତଥା ମୃତ ସେହେନୱାଜ୍ ମଲ୍ଲିକ ଓରଫ ମଫିର ଦୁଇ ସହଯୋଗୀଙ୍କୁ ଏନ୍‌ଆଇଏ ପଚରାଉଚରା କରୁଥିବା ଜଣାପଡ଼ିଛି। ପୂର୍ବରୁ ପୁଲିସ ଏମାନଙ୍କୁ

**■ ଥାନାରୁ ତଥ୍ୟ ସଂଗ୍ରହ କଲା ଏନ୍‌ଆଇଏ ଟିମ୍**



ପଚରାଉଚରା କରିଥିଲା ବେଳେ ଏବେ ଏନ୍‌ଆଇଏ ମଧ୍ୟ ପଚରାଉଚରା କରୁଛି। ମଫିର ସହଯୋଗୀ ଅମୀୟ ମଲ୍ଲିକ ଏହି ସମୟରେ ଚାଞ୍ଚଲ୍ୟକର ତଥ୍ୟ ଦେଇଥିବା ଜଣାପଡ଼ିଛି। ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ଏକ ସଭାକୁ ଏମାନେ ଟାର୍ଗେଟ କରିଥିଲେ। ଏହି ସଭାସ୍ଥଳ କିମ୍ବା ଏହାର ନିକଟବର୍ତ୍ତୀ ଅଞ୍ଚଳକୁ ବୋମା ଫିଙ୍ଗା ଯାଇଥା'ନ୍ତା ବୋଲି ସେ କହିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଜଟଣୀ ଅଞ୍ଚଳର ଏକ ସଭାକୁ ଟାର୍ଗେଟ କରାଯାଇଥା'ନ୍ତା ବୋଲି ସୋସିଆଲ ମିଡିଆରେ ଚର୍ଚ୍ଚା କରାଯାଉଛି। ତେବେ କେଉଁ ସଭା, କେତେ ତାରିଖରେ ଏହା ଆୟୋଜିତ ହୋଇଥାନ୍ତା, ତାହା ସ୍ପଷ୍ଟ ହୋଇନାହିଁ। ଅନ୍ୟପକ୍ଷରେ ୩ ଜଣିଆ ଏନଆଇଏ ଟିମ୍ ଗୁରୁବାର ଏୟାରଫିଲ୍ଡ ଥାନାକୁ ଯାଇଥିଲା। ଥାନା ଅଧିକାରିଣୀ ଦୀପିକା ଦେବୀ ରାୟଙ୍କ ସହ ଏନ୍‌ଆଇଏ ଟିମ୍ ଆଲୋଚନା କରିବା ସହ ମାମଲା ସମ୍ବନ୍ଧିତ ତଥ୍ୟ ନେଇଛନ୍ତି।

ଜବତ ରାସାୟନିକ ପଦାର୍ଥକୁ ବିଶେଷ କରି ଆତଙ୍କବାଦୀମାନେ ବ୍ୟବହାର କରନ୍ତି। ବୋମା ବିସ୍ଫୋରଣରେ ପ୍ରାଣ ହରାଇଥିବା ଅପରାଧୀ ସେହେନୱାଜ ଏହି ରାସାୟନିକ ପଦାର୍ଥ କେଉଁଠୁ ଆଣିଥିଲା, ସେନେଇ ଜାଣିବାକୁ ଏନ୍‌ଆଇଏ ଗମ୍ଭୀରତାର ସହ ତଦନ୍ତ କରୁଛି। ଏନେଇ ଲ୍ୟାବ୍ ରିପୋର୍ଟ ଆସିବା ପରେ ଭୁବନେଶ୍ୱରସ୍ଥିତ ଏନ୍‌ଆଇଏ ଶାଖା ପକ୍ଷରୁ କିଛିଦିନ ତଳେ ମାମଲା (ନଂ.୧/୨୦୨୬) ପଞ୍ଜିକୃତ କରାଯାଇଛି। ବୋମା କେଉଁଠି ବ୍ୟବହାର ହୋଇଥା'ନ୍ତା, ଏଥିରେ ଆନ୍ତଃରାଜ୍ୟ ଲିଙ୍କ୍ ଏବଂ ଆତଙ୍କୀ ଲିଙ୍କ୍ ଅଛି କି ନାହିଁ, ଏ ସମସ୍ତ ଦିଗକୁ ନେଇ ଏନ୍‌ଆଇଏ ଅନୁସନ୍ଧାନ ଚଳାଇଛି। ଏୟାରଫିଲ୍ଡ ଥାନାରେ ପୂର୍ବରୁ ଏନେଇ ମାମଲା ରୁଜୁ ହୋଇଥିବାବେଳେ ଏନ୍‌ଆଇଏ ପୂର୍ଣ୍ଣ ତଦନ୍ତଭାର ନେଇଛି। ପ୍ରକାଶ ଥାଉକି, ଗତ ଜାନୁଆରୀ ୨୭ ତାରିଖରେ ମଫି ଆଜାଦନଗରସ୍ଥିତ କୋଠାର ଭଡ଼ାଘର ଛାତ ଉପରେ ବୋମା ଭିଡୁଥିବା ବେଳେ ବିସ୍ଫୋରଣ ହୋଇଥିଲା। ଏଥିରେ ମଫି ସମେତ ୪ ଜଣ ଆହତ ହୋଇଥିଲେ। ବିସ୍ଫୋରଣ ଏତେ ବଡ଼ ଭୟଙ୍କର ଥିଲା ଯେ, ଛାତ ଉପର ଧୂଆଁମୟ ହୋଇଯିବା ସହ ସ୍ଥାନୀୟ ଅଞ୍ଚଳ ମଧ୍ୟ ଥରି ଉଠିଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଥିଲା। ବିସ୍ଫୋରଣରେ ମଫିର ପାପୁଲି ଛିଣ୍ଡିଯିବା ସହ ଗୋଡ଼ରୁ ମାଂସ ମଧ୍ୟ ବାହାରିଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଫି ଓ ତା' ମା'ଙ୍କର ମୃତ୍ୟୁ ହୋଇଥିଲା।



# 'ଆମ ବସ୍' ଭାଙ୍ଗିଲେ ଉତ୍ତ୍ୟକ୍ତ ଲୋକେ



ଭୁବନେଶ୍ୱର, ୯।୪(ସମିସ): ପ୍ରତି ମାସରେ ହେଉ ଅବା ସପ୍ତାହରେ ଆମ ବସକୁ କିଛି ନା କିଛି ଅଘଟଣ, ଦୁର୍ଘଟଣା ଘଟି ଚାଲିଛି। କେତେବେଳେ ଦୁର୍ଘଟଣା ତ ଆଉ କେତେବେଳେ ବସ ଭଙ୍ଗାରୁଜା ଦେଖିବାକୁ ମିଳିଛି। ଏକ ସାଇକେଲ ଆରୋହୀକୁ 'ଆମ ବସ୍' ଧକ୍କା ଦେଇଥିଲା ଏହି ଘଟଣାକୁ ଏକ ସପ୍ତାହ ବିତି ନ ଥିବା ବେଳେ ପୁଣି ଏକ ଘଟଣା ଦେଖିବାକୁ ମିଳିଛି।

ସୂଚନା ଅନୁସାରେ ଗୁରୁବାର ରାତି ପ୍ରାୟ ୯ଟା ସମୟରେ ୨୬ ନମ୍ବର ରୁଟରେ ଏକ ଆମ ବସ ମାଷ୍ଟର କ୍ୟାଣ୍ଟିନରୁ ଯଦୁପୁର ଯାଉଥିଲା। ଏଜି ଛକରୁ ଦୁଇ ଜଣ ବରିଷ୍ଠ ନାଗରିକ ଯଦୁପୁର ଯିବା ପାଇଁ ବସରେ ଚଢ଼ିଥିଲେ। ଉକ୍ତ ବସରେ ଜଣେ ମହିଳା କଣ୍ଡକ୍ଟର କାର୍ଯ୍ୟରତ ଥିଲେ। ବରିଷ୍ଠ ନାଗରିକମାନଙ୍କ ପାଇଁ ଆମ ବସରେ ରିହାତି ବ୍ୟବସ୍ଥା ଥିବାରୁ ଟିକେଟ କାଟିବା ସମୟରେ ଦୁଇ ବରିଷ୍ଠ ନାଗରିକ କଣ୍ଡକ୍ଟରଙ୍କୁ ରିହାତି ମାଗିଥିଲେ। କିନ୍ତୁ ମହିଳା କଣ୍ଡକ୍ଟର ଜଣଙ୍କ ଦୁଇ ବରିଷ୍ଠ ନାଗରିକଙ୍କୁ ତାଙ୍କ ଆଧାର କାର୍ଡ ମାଗିଥିଲେ। ଏହି କଥାକୁ ନେଇ ଦୁଇ ପକ୍ଷ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଦୁଇ ବରିଷ୍ଠ ନାଗରିକ ଗାଁ ମୁଣ୍ଡରେ ଆଧାର କାର୍ଡ ମଗାଇ ଦେଖାଇବା ପାଇଁ କହିଥିଲେ। କିନ୍ତୁ ମହିଳା କଣ୍ଡକ୍ଟର ଜଣଙ୍କ ସେମାନଙ୍କୁ ଦୁର୍ବ୍ୟବହାର କରିବା ସହ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ ବୋଲି ଅଭିଯୋଗ ହୋଇଛି। ଗାଁ ମୁଣ୍ଡରେ ବସଟି ପହଞ୍ଚିବା ପରେ ବରିଷ୍ଠ ନାଗରିକ ଦୁଇ ଜଣ ଗାଁ ଲୋକଙ୍କୁ କହିଥିଲେ। ଏହି ଘଟଣାକୁ ନେଇ ତୁମୁଳକାଣ୍ଡ ଘଟିଥିଲା। ଖବର ପାଇ ବହୁ ସଂଖ୍ୟକ ସ୍ଥାନୀୟ ଲୋକମାନେ ବସକୁ ଘେରି ହୋହାଲ୍ଲା କରିବା ସହ ଭଙ୍ଗାରୁଜା କରିଥିଲେ ଏବଂ ମହିଳା କଣ୍ଡକ୍ଟରଙ୍କୁ ଅଟକ ରଖିଥିଲେ। ଫଳରେ ଉତ୍ତେଜନା ବଢ଼ି ଯାଇଥିଲା। ପ୍ରାୟ ୪୫ ମିନିଟ ରାସ୍ତା ଯାମ ହୋଇଯାଇଥିଲା। ଖବର ପାଇ ଖଣ୍ଡଗିରି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ଉତ୍ତେଜନା କମିଥିଲା। ଏବେ ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବା ଜଣାପଡ଼ିଛି। ଏନେଇ ଖଣ୍ଡଗିରି ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି। ପୁଲିସ ଆମ ବସ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

ଏନେଇ ନିୟମ ଅନୁଯାୟୀ ଆମ ବସ୍ ଟିକେଟ ମୂଲ୍ୟରେ ରିହାତି ପାଇଁ ବରିଷ୍ଠ ନାଗରିକ ଯାତ୍ରୀଙ୍କୁ ବୈଧ ପ୍ରମାଣ ପତ୍ର ଦେଖାଇବା ବାଧ୍ୟତାମୂଳକ। ଯାତ୍ରା ସମୟରେ ବୈଧ ବୟସ ପ୍ରମାଣ ପତ୍ର ବିନା କୌଣସି ରିହାତି ପ୍ରଦାନ କରାଯିବ ନାହିଁ। ସେଭଳି କର୍ମଚାରୀମାନଙ୍କୁ ସେମାନଙ୍କ କାର୍ଯ୍ୟରେ ସହଯୋଗ କରି ଯାତ୍ରା ସମୟରେ ବସ୍ ମଧ୍ୟରେ ସମସ୍ତଙ୍କ ପାଇଁ ଏକ ସୁରକ୍ଷିତ ଓ ସମ୍ମାନଜନକ ପରିବେଶ ରକ୍ଷା କରିବାରେ ସହଭାଗୀ ହେବାକୁ ସାଧାରଣ ଲୋକଙ୍କୁ ଅନୁରୋଧ କରାଯାଉଛି ବୋଲି କ୍ରୁଟ ପକ୍ଷରୁ କୁହାଯାଇଛି।

# ବଜ୍ରପାତରୁ ଲାଗିଲା ନିଆଁ; ଜଳିଗଲା ବାଇକ୍



ଭୁବନେଶ୍ୱର, ୯।୪(ସମିସ): ଚିନ୍ତାମଣିଶ୍ୱର ଅଞ୍ଚଳରେ ଗୁରୁବାର ସନ୍ଧ୍ୟାରେ ଏକ ଘରୋଇ ଗ୍ୟାରେଜ୍‌ରେ ଅଗ୍ନିକାଣ୍ଡ ଘଟିଛି। ବଜ୍ରପାତ ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟିଥିଲା। ଗ୍ୟାରେଜରେ ପାର୍କିଂ କରାଯାଇଥିବା ଏକ ୨ ଚକିଆ ଗାଡ଼ିରେ ଅଚାନକ ନିଆଁ ଲାଗି ଯାଇଥିଲା। ନିଆଁ ଦ୍ରୁତଗତିରେ ନିକଟବର୍ତ୍ତୀ ଆଉ ଏକ ଗାଡ଼ିକୁ ବ୍ୟାପିଥିଲା। ଅଗ୍ନିଶମ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଆଁ ନିୟନ୍ତ୍ରଣ କରିଥିଲା। ପୁଲିସ୍ ଏବଂ ଅଗ୍ନିଶମ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅଗ୍ନିକାଣ୍ଡରେ ବଡ଼ଧରଣର କୌଣସି କ୍ଷୟକ୍ଷତି ହୋଇ ନଥିଲା।

# ଅଟୋରେ ବ୍ରାଉନ୍‌ସୁଗର ବିକି ୨ ଗିରଫ



ଭୁବନେଶ୍ୱର, ୯।୪ (ସମିସ): ଅଟୋରେ ବୁଲି ବ୍ରାଉନ୍‌ସୁଗର ବିକ୍ରି କରୁଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଭରତପୁର ହରପାର୍ବତୀ ସାହିର ଦୀପକ ନାୟକ ଓରଫ୍ ବାପି (୨୬) ଓ ରାକେଶ ନାୟକ ଓରଫ୍ ସାନୁ (୨୪)।

ପୁଲିସ ସୂଚନାନୁସାରେ, ତମାଣ୍ଡୋ ମେଳନ ପଡ଼ିଆ ନିକଟରେ ବ୍ରାଉନସୁଗର ବିକ୍ରି ହେଉଥିବା ନେଇ ପୁଲିସକୁ ଖବର ମିଳିଥିଲା। ତମାଣ୍ଡୋ ଥାନାର ଏକ ସ୍ୱତନ୍ତ୍ର ଟିମ୍ ମେଳନ ପଡ଼ିଆ ନିକଟରେ ଚଢ଼ଉ କରି ଅଟୋ ସହ ଦୁଇ ଜଣଙ୍କୁ ଅଟକ ରଖିଥିଲେ। ଦୀପକ ହେପାଜତରୁ ୧୧ ଗ୍ରାମ ଓ ଅଭିଯୁକ୍ତ ରାକେଶ ପାଖରୁ ୧୦ ଗ୍ରାମକୁ ମିଶାଇ ମୋଟ ୨୧ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଥିଲା। ଏଥିସହିତ ରାକେଶର ଅଟୋଟୁ ଜବତ କରିଥିଲା। ସେମାନେ ଗତ ଦୁଇବର୍ଷ ହେବ ନିୟମିତ ଭାବେ ବ୍ରାଉନସୁଗର ବିକ୍ରି କରି ଆସୁଥିବା ପୁଲିସ ଆଗରେ ସ୍ୱୀକାର କରିଥିଲେ। ଏନେଇ ତମାଣ୍ଡୋ ଥାନା ପୁଲିସ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ଦୁହିଁଙ୍କୁ କୋର୍ଟ ଚାଲାଣ କରିଛି।


॥ ପ୍ରଥମ ଶ୍ରାଦ୍ଧବାର୍ଷିକୀ ॥



**ଁ ଲକ୍ଷ୍ମୀକାନ୍ତ ବାରିକ୍**

ଚୁଲିଆପୋଷି, ଉଦଳା, ମୟୂରଭଞ୍ଜ

ଆବିର୍ଭାବ : ୧୮.୦୪.୧୯୪୧, ତିରୋଧାନ : ୦୯.୦୪.୨୦୨୫

ତୁମେ ଆମ ପାଇଁ ଦୁନିଆର ସର୍ବଶ୍ରେଷ୍ଠ ସର୍ବଶକ୍ତିମାନ ଏକ ଅବ୍ୟକ୍ତ ଅନୁଭବ।
ନିର୍ଭୟର ସୁରକ୍ଷା ପ୍ରାଚୀର ଟିଏ, ପ୍ରେରଣା ଓ ପ୍ରତିଷ୍ଠାର ଶାନ୍ତି ମନ୍ଦିର ଟିଏ,
ତ୍ୟାଗ ଓ ତିତିକ୍ଷାର ଠାକୁର ଟିଏ, ଆମ ସବୁ ସମ୍ଭବର ପ୍ରଚ୍ଛଦପଟ୍ଟ ନାୟକ ତୁମେ।
ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ତୁମ ଅମରାତ୍ମା ସଦଗତି ଲାଗି
ମହାପ୍ରଭୁଙ୍କ ଠାରେ ପ୍ରାର୍ଥନା।
ହତଭାଗ୍ୟ ପୁତ୍ରଗଣ: ଦିଲ୍ଲୀପ, ପ୍ରଦୀପ, ସଞ୍ଜୀବ
ତଥା ବନ୍ଧୁ ଓ ପରିବାରବର୍ଗ


## ତରିକା ବଦଳାଇଛନ୍ତି ଅପରାଧୀ

# ଚୋରା ଗାଡ଼ିରେ ନୁହେଁ; ଭଡ଼ାଗାଡ଼ିରେ ଅପରାଧ

ଭୁବନେଶ୍ୱର, ୯।୪(ସମିସ): ରାଜଧାନୀରେ ଅପରାଧର ତରିକା ବଦଳାଇଛନ୍ତି ଅପରାଧୀ। ପୂର୍ବରୁ ଏମାନେ ଅପରାଧ ଘଟାଇବାକୁ ଚୋରା ଗାଡ଼ିର ବ୍ୟବହାର କରୁଥିଲେ। ଏଥିରେ ଧରାପଡ଼ି ଯିବାର ଭୟ ବି ରହୁଥିଲା। ଧରାପଡ଼ିବା ପରେ ଗାଡ଼ିଟି ସିଜ୍ ହୋଇ ଥାନା କ୍ୟାମ୍ପସ ଭିତରେ ପଡ଼ି ପଡ଼ି ଖତ ହୋଇଯାଉଥିଲା। ଅନ୍ୟପକ୍ଷେ ଚୋରା ଗାଡ଼ି ଯୋଗାଡ଼ କରିବା ମଧ୍ୟ କଷ୍ଟ ହେଉଛି। କବାଡ଼ିଆଙ୍କ ଦେଉନାହାନ୍ତି। ଏସବୁ ଦୃଷ୍ଟିରେ ରଖି ଅପରାଧୀମାନେ ଚୋରା ଗାଡ଼ି ବଦଳରେ ଭଡ଼ା ଗାଡ଼ିର ବ୍ୟବହାର କରୁଛନ୍ତି। ଅଧିକାଂଶ ଅପରାଧ ଏବେ ଭଡା ଗାଡ଼ିରେ ସଂଗଠିତ ହେଉଛି। ଅତ୍ୟନ୍ତ ସହଜରେ ଉପଲବ୍ଧ, ଧରାପଡୁଥିବା ଗାଡ଼ିକୁ ମୁକାଳିବା ମଧ୍ୟ ସହଜସାଧ ହେଉଛି।

ରାଜଧାନୀରେ ଛତୁ ଫୁଟିଲା ଭଳି ଖୋଲିଛି ସେଲ୍ଫ୍ ଡ୍ରାଇଭିଂ ସେଣ୍ଟର। ଏଠାରେ ବାଇକ୍ ଠାରୁ ଆରମ୍ଭ କରି କାର ପର୍ଯ୍ୟନ୍ତ ଅତି ସହଜରେ ମିଳିଯାଉଛି। ଏପରିକି ଦାମୀଗାଡ଼ିକୁ ଭଡାରେ ନେବାକୁ ସେଭଳି କୌଣସି କଷ୍ଟ କରିବାକୁ ବି ପଡୁନାହିଁ। ଗାଡ଼ି ନେଲା ବେଳେ ଏମାନେ ଏକ ସେଲ୍ଫଡ୍ରାଇଭିଂ ସେଣ୍ଟରଗୁଡ଼ିକ ସହ ଚୁକ୍ତି କରୁଛନ୍ତି। ଗାଡ଼ିରେ କୌଣସି ଅପରାଧୀକ କାର୍ଯ୍ୟ କରିବେ ନାହିଁ। ଏଥିପାଇଁ ନିଜର ଆଧାରକାର୍ଡ ଏବଂ ଡ୍ରାଇଭିଂ ଲାଇସେନ୍ସ ମଧ୍ୟ ପ୍ରଦାନ କରୁଛନ୍ତି। ସାଧାରଣ ଲୋକ ସିନା ସଠିକ୍ ପରିଚୟ ପ୍ରଦାନ କରୁଛନ୍ତି, ହେଲେ ଅପରାଧୀ ନକଲି ପରିଚୟ ଦେଇ ସେଲ୍ଫ ଡ୍ରାଇଭିଂରୁ ଗାଡ଼ି ଭଡାରେ ନେଇ ଯାଉଛନ୍ତି।

**କବାଡ଼ିଆଙ୍କ ବଦଳରେ ସେଲ୍ଫ୍ ଡ୍ରାଇଭିଂ ସେଣ୍ଟର ଯୋଗାଉଛନ୍ତି ଅପରାଧୀଙ୍କୁ ଗାଡ଼ି**

ଅନ୍ୟପକ୍ଷରେ ସେଲ୍ଫ ଡ୍ରାଇଭିଂ ସେଣ୍ଟର ପରିଚାଳନା କରୁଥିବା ମାଲିକମାନଙ୍କ ସହ ଅପରାଧୀଙ୍କ ଭିତିରିଆ ସମ୍ପର୍କ ରହୁଛି। ଅପରାଧୀଙ୍କୁ ଅପରାଧ ଘଟାଇବା ପାଇଁ ଗାଡ଼ି ଦେଇ ମୋଟା ଅଙ୍କର ଟଙ୍କା କମାଉଛନ୍ତି। ଧରାପଡ଼ିଲେ ଭଡା ଗାଡ଼ି ବୋଲି କହି ଗାଡ଼ିକୁ ବେଲ୍ କରାଇବା ସୁବିଧା ହେଉଛି।

ରାଜଧାନୀରେ ଗତମାସ ୨୮ ତାରିଖରେ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ମନୋରଞ୍ଜନ ରାଉଳ ନାମକ ଜଣେ ବ୍ୟକ୍ତିକୁ ଅବକାରୀ ବିଭାଗ ଗିରଫ କରିଥିଲା। ବହୁବାର ଅବକାରୀ ବିଭାଗକୁ ଚକମା ଦେଇ ଖସିବା ପରେ ଅବକାରୀ ବିଭାଗ ତାକୁ ଟଙ୍କପାଣି ରୋଡ୍‌ରୁ ମାଡ଼ି ବସିଥିଲା। ତଦନ୍ତ ବେଳେ ଏକ ସାଙ୍ଘାତିକ କଥା ସାମ୍ନାକୁ ଆସିଥିଲା। ସେ ସେଲ୍ଫ ଡ୍ରାଇଭିଂ କାର୍‌ରେ ବହୁ ବର୍ଷ ହେବ ଗଞ୍ଜେଇ ଚୋରା ଚାଲାଣ କରୁଥିଲା। ଗିରଫଦାରୀ ଦିନ ତା ପାଖରୁ ଏକ ସେଲ୍ଫ୍ ଡ୍ରାଇଭିଂ କାର୍ ମଧ୍ୟ ଜବତ ହୋଇଥିଲା।

ସେହିପରି ଗତ ମଙ୍ଗଳବାର ଚନ୍ଦ୍ରଶେଖରପୁର ଥାନା ପୁଲିସ ବଣ୍ଟି-ବବଲି ଲୁଟେରା ଗ୍ୟାଙ୍ଗ୍‌କୁ ଗିରଫ କରିଥିଲା। ଏହି ଗ୍ୟାଙ୍ଗ୍‌ର ମାଷ୍ଟରମାଇଣ୍ଡ ସୂର୍ଯ୍ୟକାନ୍ତ ପୃଷ୍ଟି ବରମୁଣ୍ଡାସ୍ଥିତ ସାଇ ବାଇକ୍ ରେଣ୍ଟାଲ ଅଫିସ୍‌ରୁ ଏକ ୟାମାହା ଏମ୍‌ଟି-୧୫ ବାଇକ୍‌କୁ ଭଡାରେ ଆଣି ପ୍ରାପ୍ତବୟସ୍କା ମହିଳାଙ୍କ ଠାରୁ ସୁନା ଲୁଟ୍ କରୁଥିଲା। ଅଭିଯୁକ୍ତ ନାମରେ ଭୁବନେଶ୍ୱର ପୁଲିସ ରେକର୍ଡରେ ଏକାଧିକ ମାମଲା ରହିଥିଲେ ମଧ୍ୟ ଭଡା ସଂସ୍ଥା ସେମାନଙ୍କୁ ବାଇକ୍ ଯୋଗାଇ ଥିଲା। ଅଭିଯୁକ୍ତ ଠାରୁ ମାତ୍ର ୮ଟି ସୁନା ଚେନ୍ ଜବତ ହୋଇଥିଲା ବେଳେ ଅଭିଯୋଗକାରୀଙ୍କ ସଂଖ୍ୟା ବହୁ ଅଧିକ ବୋଲି ଜଣାପଡ଼ିଛି।

ସେଲ୍ଫ ଡ୍ରାଇଭିଂ ପରିଚାଳନା ନେଇ ଏପର୍ଯ୍ୟନ୍ତ କୌଣସି ସରକାରୀ ନିୟମ ନାହିଁ। ଏପରିକି ରାଜଧାନୀରେ କେତୋଟି ଏଭଳି ସଂସ୍ଥା ରହିଛି ପରିବହନ ବିଭାଗ କିମ୍ବା ପୁଲିସର ପାଖରେ ଖବର ନାହିଁ। ସଂସ୍ଥା ଗୁଡ଼ିକ ମନ ଇଚ୍ଛା ଅପରେଟ୍ କରୁଛନ୍ତି। ନିଜେ ନିଜ ପାଇଁ ନିୟମ ବନାଉଛନ୍ତି। କାହାକୁ ଆଉ କେମିତି ଗାଡି ପ୍ରଦାନ କରୁଛି ତାହା କେବଳ ସେମାନଙ୍କୁ ଜଣା। ଅପରାଧ ଘଟାଇବା ପୂର୍ବରୁ ଅପରାଧୀମାନେ ଗାଡ଼ି ପାଇଁ କବାଡ଼ିଆମାନଙ୍କ ପାଖକୁ ଯାଉଥିଲେ। ହେଲେ ଏବେ ସେମାନେ ଗାଡ଼ି ପାଇଁ ଭଡାରେ ଗାଡ଼ି ଯୋଗାଉଥିବା ଦୋକାନୀଙ୍କ ପାଖକୁ ଯାଉଛନ୍ତି। ଏସମ୍ପର୍କରେ ଆଇନ୍‌ଜୀବୀ ରୋହିତ ସାମଲ କହିଛନ୍ତି ଏହି ସଂସ୍ଥା ଗୁଡ଼ିକର ପରିଚାଳନା ପାଇଁ ସରକାର ନିୟମ ବନାଇବା ଆବଶ୍ୟକ।

## ନାରୀ ସୁରକ୍ଷାର ନଗ୍ନ ଚିତ୍ର

# ରାଜଧାନୀରେ ମହିଳା ବିରୋଧୀ ହିଂସା ଉପରମୁହାଁ



**■ ତିନିବର୍ଷରେ ୪୪୫ ଦୁଷ୍କର୍ମ ଅଭିଯୋଗ**
**■ ବର୍ଷକରେ ୪୫୦ ମହିଳା ଅପହରଣ**

ଭୁବନେଶ୍ୱର, ୯।୪ (ସମିସ): ନିକଟରେ ପଶ୍ଚିମବଙ୍ଗର ଜଣେ ମହିଳା ତାଙ୍କ ସ୍ୱାମୀଙ୍କୁ ଭେଟିବାକୁ ମଳିପଡ଼ା ଅଞ୍ଚଳକୁ ଆସିଥିଲେ। ପତିପତ୍ନୀ ଝଗଡ଼ା ହେବାପରେ ମହିଳା ଜଣକ ଚାଲି ଚାଲି ଷ୍ଟେସନକୁ ଯାଉଥିଲେ। ରାସ୍ତାରେ ଯାଉଥିବା ବେଳେ ନାରାୟଣ ସ୍ୱାଇଁ ତାଙ୍କୁ ଷ୍ଟେସନରେ ଛାଡ଼ି ଦେବାକୁ କହି ରଣସିଂହପୁର ସ୍ଥିତ ଭଡ଼ା ଘରକୁ ନେଇ ଯାଇଥିଲା। ସେଠାରେ ସେ ଓ ତାର ସାଙ୍ଗ ବିଚିତ୍ର ମିଶି ମହିଳାଙ୍କୁ ଦୁଷ୍କର୍ମ କରିଥିଲେ। ରାତିତମାମ ଦୁଷ୍କର୍ମ କରିବା ପରେ ଭୋରରୁ ଖଣ୍ଡଗିରି ଛକରେ ଛାଡ଼ି ଫେରାର ହୋଇ ଯାଇଥିଲେ। ମହିଳା ଜଣକ ତମାଣ୍ଡୋ ଥାନାରେ ଏତଲା ଦେବାପରେ ଦୁଇ ଜଣଙ୍କୁ ଗିରଫ କରିଥିଲା ପୁଲିସ। ତେବେ ଇଏ କେବଳ ଗୋଟିଏ ଘଟଣା ନୁହଁ, ରାଜଧାନୀରେ ମହିଳା ବିରୋଧୀ ହିଂସା ଏବେ କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଭୁବନେଶ୍ୱରରେ ବେଳକୁ ବେଳ ମହିଳାଙ୍କୁ ଅପହରଣ ଠାରୁ ଆରମ୍ଭ କରି ଦୁଷ୍କର୍ମ କରିବା ଯାଏଁ, ସବୁକିଛି ବଢ଼ିବାରେ ଲାଗିଛି। ଏମିତିକି ଯୌତୁକ ଜନିତ ନିର୍ଯାତନା ମଧ୍ୟ ପଛରେ ପଡ଼ିନାହିଁ। ମୋଟାମୋଟି କହିବାକୁ ଗଲେ, ରାଜ୍ୟର ରାଜଧାନୀ ଏବେ ମହିଳାମାନଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିଛି। କମିସନରେଟ ପୁଲିସର ୩ ବର୍ଷର ରିପୋର୍ଟକୁ ଦେଖିଲେ, ଏପରି କଥା ସାମ୍ନାକୁ ଆସିଛି। ମହିଳା ବିରୋଧୀ ହିଂସା ବୃଦ୍ଧି ପାଇବା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ପାଲଟିଥିବା ବେଳେ ନାରୀଙ୍କ ସୁରକ୍ଷା କ୍ଷେତ୍ରରେ କମିସନରେଟ ପୁଲିସ କେତେ ପାରିବାର, ତାହା ସ୍ପଷ୍ଟ କରିଛି।

ମିଳିଥିବା ତଥ୍ୟ ଅନୁସାରେ, ୨୦୨୩ ମସିହାରେ ରାଜଧାନୀର ବିଭିନ୍ନ ଥାନାରେ ୧୩୫ଟି ଦୁଷ୍କର୍ମ ମାମଲା ରୁଜୁ ହୋଇଥିବା ବେଳେ ୨୦୨୪ରେ ଏହି ସଂଖ୍ୟା ୧୪୯ ଛୁଇଁଛି। ୨୦୨୫ ବର୍ଷରେ ଦୁଷ୍କର୍ମ ମାମଲା ସଂଖ୍ୟା ଦେଢ଼ଶହ ପାର୍ କରି ୧୬୧ରେ ପହଞ୍ଚିଛି। ଗତ ୩ ବର୍ଷର ମାମଲାକୁ ତୁଳନା କରିଲେ, ପ୍ରତିବର୍ଷ ଦୁଷ୍କର୍ମ ମାମଲା ବଢ଼ିଥିବା ବେଳେ ୨୦୨୪ ଅପେକ୍ଷା ଗତବର୍ଷ ଦୁଷ୍କର୍ମ ୮ ପ୍ରତିଶତ ବୃଦ୍ଧି ପାଇଛି।

ମହିଳାଙ୍କୁ ଅପହରଣ ମାମଲା ମଧ୍ୟ ଢେର୍ ବଢ଼ିଛି। ୨୦୨୩ ମସିହାରେ ୧୬୦ ଜଣ ମହିଳାଙ୍କୁ ଅପହରଣ କରାଯାଇଥିବା ବେଳେ ୨୦୨୪ରେ ୨୧୦ ଜଣଙ୍କୁ ଅପହରଣ କରାଯାଇଥିଲା। ସେହିପରି ୨୦୨୫ ମସିହାରେ ମହିଳା ଅପହରଣ ମାମଲା ୪୫୦ ଅତିକ୍ରମ କରିଛି। ୩ ବର୍ଷର ତଥ୍ୟକୁ ବିଶ୍ଳେଷଣ କରିଲେ, ମହିଳା ଅପହରଣ ମାମଲା ୨୦୨୩ ଅପେକ୍ଷା ୨୦୨୪ରେ ୨୫.୬୨ ପ୍ରତିଶତ ବଢ଼ିଛି। ସେହିପରି ୨୦୨୪ ତୁଳନାରେ ୨୦୨୫ ମସିହାରେ ଏହି ମାମଲା ପ୍ରାୟ ୧୨୫ ପ୍ରତିଶତ ବୃଦ୍ଧି ପାଇଛି।

ଏହାରି ଭିତରେ ଯୌତୁକ ପରି କୁପ୍ରଥା ମଧ୍ୟ ମହିଳା ବିରୋଧୀ ହିଂସା ବଢ଼ାଇଛି। ବୋହୂମାନେ ଯୌତୁକ ପାଇଁ ସ୍ୱାମୀ ଓ ଶାଶୁଘର ଲୋକଙ୍କ ଅତ୍ୟାଚାରର ଶିକାର ହୋଇଛନ୍ତି। ରାଜଧାନୀରେ ଯୌତୁକ ନିର୍ଯାତନା ମାମଲା ୨୦୨୩ ଓ ୨୦୨୪ ମସିହାରେ ଯଥାକ୍ରମେ ୨୭ ଓ ୩୬ ରହିଥିଲା। ହେଲେ ଏହାର ପରବର୍ଷ ଏହି ସଂଖ୍ୟା ଶହେ ଅତିକ୍ରମ କରିଥିଲା। ୨୦୨୫ ମସିହାରେ ୧୧୩ଟି ଯୌତୁକ ନିର୍ଯାତନା ମାମଲା ରୁଜୁ ହୋଇଛି। ମୋଟାମୋଟି କହିବାକୁ ଗଲେ, ୨୦୨୪ ଅପେକ୍ଷା ୨୦୨୫ ମସିହାରେ ଯୌତୁକ ନିର୍ଯାତନା ମାମଲା ୨୧୩ ପ୍ରତିଶତ ବୃଦ୍ଧି ପାଇଛି। ଏସବୁ ବାଦ୍ ଯୌନ ଉତ୍ପୀଡ଼ନ, ଅସଦାଚରଣ, ମହିଳାଙ୍କୁ ପିଛା କରିବା ମାମଲା ହାର ମଧ୍ୟ ଢେର୍ ବଢ଼ିଛି। ରାଜଧାନୀରେ ମହିଳା ବିରୋଧୀ ହିଂସା କ୍ରମାଗତ ଭାବେ ବୃଦ୍ଧି ପାଇବା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ପାଲଟିଥିବା ବେଳେ କମିସନରେଟ ପୁଲିସ ଲାଗା ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

# ସୋମବାର ହାଇକୋର୍ଟ ଛୁଟି

କଟକ, ୯।୪(ସମିସ): ଆସନ୍ତା ଏପ୍ରିଲ ୧୩ ତାରିଖରେ ହାଇକୋର୍ଟ ଛୁଟି ରହିବ। ଏହା ବଦଳରେ କାର୍ଯ୍ୟ ଦିବସ ପରବର୍ତ୍ତୀ ସମୟରେ ଘୋଷଣା କରାଯିବ ବୋଲି ଆଜି ହାଇକୋର୍ଟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ପଣା ସଂକ୍ରାନ୍ତି ପାଇଁ ପୂର୍ବରୁ ୧୪ ତାରିଖ ଛୁଟି ରହିଛି। ଏଣୁ ଆସନ୍ତା ଶନିବାରଠାରୁ ମଙ୍ଗଳବାର ଯାଏଁ ୪ଦିନ ଅଦାଲତ ବନ୍ଦ ରହି ବୁଧବାର ଖୋଲିବ ବୋଲି ଜଣାପଡ଼ିଛି।

# ୪ ଗଞ୍ଜେଇ ବେପାରୀ ଗିରଫ

କଟକ, ୯।୪(ସମିସ): ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ ୪ ଜଣ ନିଶା ମାଫିଆଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ନୟାଗଡ଼ ଫତେଗଡ଼ ଅଞ୍ଚଳର ପ୍ରସନ୍ନ ପଣ୍ଡା, ବାଙ୍କାନିଧି ଦାଶ, ଶିବପ୍ରସାଦ ଜେନାଓ ବୌଦ୍ଧ ଜିଲ୍ଲାର ତାରିଣୀ ବାଘ। ଏମାନଙ୍କ ପାଖରୁ ୩୪ କିଲୋ ଓଜନର ଗଞ୍ଜେଇ ଜବତ ହୋଇଛି। ଗୁରୁବାର ପୂର୍ବାହ୍ନରେ ଅବକାରୀ ବିଭାଗ ଖବର ପାଇ ଗିରଫ କରିଛି।




# ଅଡୁଆରେ ଆଇଏଏସ୍ ଆରାଧନା

କଟକ, ୯।୪ (ସମିସ): ରାଜ୍ୟ ଗୃହ ବିଭାଗର ଅତିରିକ୍ତ ସଚିବ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିବା ଜଣେ ମହିଳା ଆଇଏଏସ୍ ଅଫିସରଙ୍କ କାରନାମା ଏବେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। କଟକ ସିଡିଏ ଅଞ୍ଚଳରେ ଜମି ଦେବାର ପ୍ରତିଶ୍ରୁତି ଦେଇ ୯୫ ଲକ୍ଷ ଟଙ୍କା ଠକେଇ କରିବା ଏବଂ ଅଭିଯୋଗକାରୀଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ଓ ମରଣାନ୍ତକ ଆକ୍ରମଣର ଧମକ ଦେବା ଅଭିଯୋଗରେ ଛନ୍ଦି ହୋଇଥିବା ଆଇଏଏସ୍ ଆରାଧନା ଦାସଙ୍କ ବିରୋଧରେ କମିଶନରେଟ ପୁଲିସ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ତାଙ୍କ ବିରୋଧରେ ବଳିଷ୍ଠ ତଥ୍ୟ ପ୍ରମାଣ ଥିବାରୁ ପୁଲିସ୍ ଏବେ ଗୃହ ବିଭାଗ ଓ ସାଧାରଣ ପ୍ରଶାସନ ବିଭାଗକୁ ଚିଠି ଲେଖି କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଛି। ଫଳରେ ତାଙ୍କର ଗିରଫ ହେବାର ଆଶଙ୍କା ଦେଖାଦେଇଛି।

- ୯୫ ଲକ୍ଷ ଠକେଇ ମାମଲାରେ ହୋଇପାରନ୍ତି ଗିରଫ!
- ଗୃହ ବିଭାଗକୁ ଚିଠି ଲେଖିଲା କଟକ କମିଶନରେଟ ପୁଲିସ
- ଜମି ଦେବା ନାଁରେ ପ୍ରତାରଣା ଓ ମରଣାନ୍ତକ ଧମକ ଅଭିଯୋଗ
- ବ୍ୟାଙ୍କ ଷ୍ଟେଟମେଣ୍ଟରୁ ମିଳିଲା ଟଙ୍କା କାରବାରର ପ୍ରମାଣ

ମିଳିଥିବା ସୂଚନା ଅନୁଯାୟୀ, କଟକ ସିଡିଏ ସେକ୍ଟର୍-୧୦ରେ ଥିବା ଆରାଧନାଙ୍କ ଏକ ପ୍ଲଟ୍ କିଣିବା ପାଇଁ ବୀଣା ଭାବସିଙ୍କା ୨୦୨୨ ନଭେମ୍ବରରେ ୯୫ଲକ୍ଷ ଟଙ୍କାର ଏକ ଚୁକ୍ତିନାମା କରିଥିଲେ। ଚୁକ୍ତି ମୁତାବକ, ବ୍ୟାଙ୍କ ଆରଟିଜିଏସ୍ ଜରିଆରେ ୮୫ଲକ୍ଷ ଓ ନଗଦ ୧୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ମାତ୍ର ଟଙ୍କା ନେବା ପରେ ଶ୍ରୀମତୀ ଦାସ ଜମି ହସ୍ତାନ୍ତର ନ କରି ଟଙ୍କା ଖର୍ଚ୍ଚ କରିଦେଇଥିବା କହିବା ସହ ଭିନ୍ନକ୍ଷମ ଅଭିଯୋଗକାରୀଙ୍କୁ ଅତ୍ୟନ୍ତ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ମିଛ ମାମଲାରେ ଫସାଇ ଦେବାକୁ ଧମକ ଦେଇଥିବା ଏତଲାରେ ଉଲ୍ଲେଖ ରହିଛି।

ସିଡିଏ ଫେଜ୍-୨ ଥାନା ଅଧିକାରିଣୀ ଅନୁରାଧା ମାର୍ଥା କଟକ ଡିସିପିଙ୍କୁ ଦେଇଥିବା ଦୁଇପୃଷ୍ଠାର ତଦନ୍ତ ରିପୋର୍ଟରେ ଦର୍ଶାଇଛନ୍ତି ଯେ, ଆରାଧନା ଦାସ ଜଣେ ଦାୟିତ୍ୱସମ୍ପନ୍ନ ସରକାରୀ ଅଧିକାରୀ ହୋଇ ମଧ୍ୟ ତଦନ୍ତରେ ପୁଲିସକୁ ସାମାନ୍ୟତମ ସହଯୋଗ କରିନାହାନ୍ତି। ଡାକ ଯୋଗେ ଯାଇଥିବା ନୋଟିସ୍‌କୁ ସେ ଗ୍ରହଣ କରିବାକୁ ମନା କରିଛନ୍ତି ଏବଂ ପୁଲିସକୁ ନାଲି ଆଖି ଦେଖାଉଥିବା ତଦନ୍ତକାରୀ ଅଧିକାରୀ ସୂଚନା ଦେଇଛନ୍ତି। ପୁଲିସ ପାଖରେ ବ୍ୟାଙ୍କ ଷ୍ଟେଟମେଣ୍ଟ ଓ ଚୁକ୍ତିନାମା ଦଲିଲ ଭଳି ବଳିଷ୍ଠ ପ୍ରମାଣ ରହିଥିବାରୁ ୨୦୨୬ ଫେବୃଆରୀ ୫ ତାରିଖରେ ତାଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ବିଏନଏସ)ର ଧାରା ୩୧୮(୪), ୩୧୬(୨), ୨୯୬(ଖ) ଓ ୩୫୧(୨) ଭଳି ସଙ୍ଗୀନ ଦଫାରେ ମାମଲା ରୁଜୁ ହୋଇଛି।

ପୁଲିସ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଏପ୍ରିଲ ୬ ତାରିଖରେ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କୁ ଏହି ମାମଲା ସମ୍ପର୍କରେ ଲିଖିତ ଭାବେ ଅବଗତ କରାଯାଇଛି। ସର୍ବଭାରତୀୟ ସେବା ରୁଲ୍ସ-୧୯୬୮ର ସିଧାସଳଖ ଉଲ୍ଲଂଘନ ହୋଇଥିବାରୁ ପୁଲିସ ଏବେ ତାଙ୍କୁ ଗିରଫ ପାଇଁ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି।

## ରାଣୀଡୁଡୁମାରେ ବୁଡ଼ି ପର୍ଯ୍ୟଟକ ମୃତ



ନନ୍ଦପୁର, ୯।୪(ସମିସ): ରାଣୀଡୁଡୁମା ଜଳପ୍ରପାତ ପର୍ଯ୍ୟଟନସ୍ଥଳକୁ ଆସିଥିବା ଜଣେ ପର୍ଯ୍ୟଟକଙ୍କ ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ମୃତକ ହେଲେ, ଭବାନୀ ଶଙ୍କର ମହାନ୍ତି (୩୨)। ତାଙ୍କ ଘର ଜଗତସିଂହପୁର ଜିଲ୍ଲାରେ। ସେ କୋରାପୁଟର ପ୍ରତିଭା ନର୍ସିଂ କଲେଜରେ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟରତ। କିଛି ସହଯୋଗୀଙ୍କ ସହ ଆଜି ସେ ରାଣୀଡୁଡୁମା ବୁଲିବାକୁ ଯାଇଥିଲେ। ସହକର୍ମୀ ମିଖିଲ୍ ଖେମୁଣ୍ଡୁ, ଛାତ୍ର ନିତ୍ୟସୁନ୍ଦର ସାହୁ, ରିତେଶ କୁମାର ନାଗ ଓ ଡ୍ରାଇଁ ରଜତକାନ୍ତ ସେଠ୍‌ଙ୍କ ସହ ରାଣୀଡୁଡୁମା ଜଳପ୍ରପାତ ନିକଟରେ ଭୋଜି କରୁଥିଲେ। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ହେତୁ ସେମାନେ ନିକଟସ୍ଥ ରାଣୀଡୁଡୁମା ନଦୀରେ ଗାଧୋଇବାକୁ ଓହ୍ଲାଇଥିଲେ। ଗାଧୋଇବା ବେଳେ ଭବାନୀ ଗଭୀର ପାଣି ମଧ୍ୟରେ ବୁଡ଼ିଯାଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିବା ବେଳକୁ ଭବାନୀର ପ୍ରାଣବାୟୁ ଚାଲିଯାଇଥିଲା। ଶୁକ୍ରବାର ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ତାଙ୍କ ଶବ ହସ୍ତାନ୍ତର କରାଯିବ ବୋଲି ଆଇଆଇସି ତ୍ରିନାଥ ତୋଟାପାଡ଼ିଆ କହିଛନ୍ତି।

## ଅନୈତିକ ସମ୍ପର୍କରୁ ଶିଶୁ ଅପହରଣ ନାଟକ

ଜଟଣୀ/ନିରାକାରପୁର, ୯।୪(ସମିସ ): ଶାଳୀ ସହ ଅନୈତିକ ସମ୍ପର୍କ ଲୁଚାଇବାକୁ ୪ ମାସର ନିଷ୍ପାପ ଶିଶୁକୁ ନେଇ କରିଥିଲା ଅପହରଣ ନାଟକ। ରଣପୁରରୁ ତାମିଲନାଡୁ ଯାଏଁ ଚାଲିଥିଲା ଶାଳୀ ଭିଣେଇ ଲୁଚାଛପା ପ୍ରେମ । ନିରାକାରପୁର ଷ୍ଟେସନ ରେ ରାତି ଅଧରେ ନିଜେ ପିଲା ଚୋରି କରି ପୁଲିସକୁ ନିଜେ ଏତଲା ଦେଇଥିଲା । ଆଜି ଜଟଣୀ ସ୍ଥିତ ଖୋର୍ଦ୍ଧା ରୋଡ଼ ଜିଆରପି ପୁଲିସ ପୁରା ଘଟଣାର ପର୍ଦ୍ଦାଫାସ କରି ପ୍ରେସ ମିଟ୍‌ରେ ସୂଚନା ଦେଇଛି। ଘଟଣା ଅନୁଯାୟୀ, ନୟାଗଡ ଜିଲ୍ଲା ରଣପୁର କଳାମାଟିଆ ଗ୍ରାମର ପ୍ରଶାନ୍ତ କୁମାର ପ୍ରଧାନ (୨୫) ନିଜ ଶାଳୀ ଚିନୁଲତା ପରିଡାକୁ ଦୀର୍ଘ ଦିନ ହେଲାଣି ପ୍ରେମ କରୁଥିଲେ । ଉଭୟ ଶାଳୀ ଭିଣୋଇ ତାମିଲନାଡୁର ଏକ କମ୍ପାନୀରେ କାମ କରିବା ସହ ଅନୈତିକ ସମ୍ପର୍କ ରଖିଥିଲେ। ଚାରି ମାସ ପୂର୍ବରୁ ତାମିଲନାଡୁରେ ଏକ ଶିଶୁ ପୁତ୍ର ଜନ୍ମ ହୋଇଥିଲା। ତେବେ ବିବାହ ନ କରି ପିଲା ଜନ୍ମ କରିବା ପରେ ଶାଳୀ ବିବାହ କରିବାକୁ ଜିଦ ଧରିଥିଲା। ଅଭିଯୁକ୍ତ ପ୍ରଶାନ୍ତ ଚିନୁଲତାକୁ ନେଇ ଟ୍ରେନ ଯୋଗେ ପ୍ରଥମେ ବ୍ରହ୍ମପୁର, କାଲୁପଡା ଏବଂ ପରେ ୭ତାରିଖ ଦିନ ନିରାକାରପୁର ଷ୍ଟେସନରେ ଓହ୍ଲାଇଥିଲେ । ସେଠାରେ ପ୍ଲାଟଫର୍ମ ନମ୍ବର ୩ରେ ଶୋଇଥିବା ବେଳେ ପୂର୍ବ ଯୋଜନା ମୁତାବକ ରାତି ପ୍ରାୟ ୧୨ ଟା ବେଳେ ଅଭିଯୁକ୍ତ ପ୍ରଶାନ୍ତ ତା'ର ପ୍ରଥମ ସ୍ତ୍ରୀ ମିନୁଲତା ପ୍ରଧାନକୁ ଡକାଇ ଶିଶୁ ପୁତ୍ରଟିକୁ ଦେଇଥିଲେ। ସେ ଶିଶୁ ଟିକୁ ନେଇ ନିଜ ଗାଁ କଳାମାଟିଆ ପଳାଇ ଯାଇଥିଲେ। ବିଳମ୍ବିତ ରାତିରେ ପ୍ରଶାନ୍ତ ନିରାକାରପୁର ଜିଆରପିକୁ ଶିଶୁ ପୁତ୍ର ଅପହରଣ ନେଇ ଲିଖିତ ଅଭିଯୋଗ ଦେଇଥିଲେ। ପୁଲିସ ଘଟଣାର ତଦନ୍ତ କରି ପ୍ରଶାନ୍ତ ଉପରେ ସନ୍ଦେହ ହେବାରୁ ତାକୁ ଅଟକ ରଖି ଅଧିକ ତଦନ୍ତ ଚଳାଇଥିଲେ। ପରେ ଅଭିଯୁକ୍ତ ନିଜର ଦୋଷ ସ୍ୱୀକାର କରିବା ସହ ସବୁ ସତ ମାନି ଯାଇଥିଲା । ତେବେ ଜିଆରପି ପୁଲିସର ଏକ ଟିମ କଳାମାଟିଆ ଗ୍ରାମକୁ ଯାଇ ଶିଶୁଟିକୁ ଉଦ୍ଧାର କରିଥିଲେ । ଜିଆରପି କେଶ ନମ୍ବର ୩୧ ରେ ମାମଲା ରୁଜୁ କରାଯାଇ ଅପହରଣ ନାଟକ କରିଥିବା ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରେସ ମିଟରେ ଉପ ଆରକ୍ଷୀ ଅଧିକ୍ଷକ ଜଗନ୍ନାଥ ମଲ୍ଲିକ, ଇନିସ୍ପେକ୍ଟର ସନ୍ତୋଷ କୁମାର ବାହିନୀପତି, ସବ ଇନିସ୍ପେକ୍ଟର ଶଙ୍କର ରାଓ ଏବଂ ତଦନ୍ତକାରୀ ଅଧିକାରୀ ଦିଲୀପ ସାହୁ ଉପସ୍ଥିତ ଥିଲେ । ଅନ୍ୟପଟେ ଚିନୁଲତା ଓ ଶିଶୁ ପୁତ୍ରଟିକୁ ଖୋର୍ଦ୍ଧା ସୁଧାର ଗୃହରେ ରଖା ଯାଇଥିବା ସୂଚନା ମିଳିଛି।

## ଜନ୍ମଦିନରେ କିସ୍ ଛାତ୍ରଛାତ୍ରୀଙ୍କୁ ଅନନ୍ତ ଆମ୍ବାନୀଙ୍କ ଉପହାର

ଭୁବନେଶ୍ୱର, ୯।୪(ସମିସ): ନିଜ ଜନ୍ମଦିନରେ କିସ୍ ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ରବୃତ୍ତି, ଚାକିରି ଓ ଏକ୍ସପୋଜର୍ ସୁଯୋଗ ଭଳି ଅନେକ ଘୋଷଣା କରିଛନ୍ତି ଅନନ୍ତ ଅମ୍ବାନୀ। ଆଜି ନିଜ ଜନ୍ମଦିନ ପାଳନ ଅବସରରେ ଅନନ୍ତ କିସ୍ ଛାତ୍ରଛାତ୍ରୀଙ୍କ ପାଇଁ ରିଲାଏନ୍ସ ଗ୍ରୁପ୍‌ରେ ଚାକିରି ସୁଯୋଗ ସହ ଚଳିତ ଶିକ୍ଷାବର୍ଷରେ କିସ୍ ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ରବୃତ୍ତି, କେଜିରୁ ପିଜିସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଟପ୍ପର୍‌ମାନଙ୍କୁ ଅନନ୍ତଙ୍କ ଦ୍ୱାରା ପ୍ରତିଷ୍ଠିତ ବିଶାଳ ବନ୍ୟପ୍ରାଣୀ କେନ୍ଦ୍ର ବନତାରା ପରିଦର୍ଶନ କରିବାର ସୁଯୋଗ ଆଦି ଘୋଷଣା କରିଛନ୍ତି।

**ମିଳିବ ଛାତ୍ରବୃତ୍ତି, ଚାକିରି ଓ ଏକ୍ସପୋଜର୍ ସୁଯୋଗ**




ଅନନ୍ତଙ୍କ ଘୋଷଣା ଅନୁସାରେ, ପ୍ରତିବର୍ଷ କିସ୍‌ର ୩୦ଜଣ ସ୍ନାତକଙ୍କୁ ରିଲାଏନ୍ସ ଗ୍ରୁପ୍‌ର ବିଭିନ୍ନ କମ୍ପାନୀରେ ଚାକିରି ପ୍ରଦାନ କରାଯିବ। ଏହା ଜନଜାତି ଯୁବକ ଯୁବତୀଙ୍କ ପାଇଁ ସ୍ଥାୟୀ କ୍ୟାରିୟର ପଥ ଖୋଲିବ। ଏହି ଘୋଷଣା ଦ୍ୱାରା ହଜାରହଜାର ଜନଜାତି ଛାତ୍ରଛାତ୍ରୀ ଉପକୃତ ହେବେ। ସେହିପରି ଶିକ୍ଷାଗତ ଜ୍ଞାନକୁ ଆହୁରି ବୃଦ୍ଧି କରିବା ନିମନ୍ତେ କିସ୍‌ର ସମସ୍ତ ଛାତ୍ରଛାତ୍ରୀଙ୍କୁ ଅନନ୍ତ ଅତିରିକ୍ତ ଅଧ୍ୟୟନ ସାମଗ୍ରୀ ପ୍ରଦାନ କରିଛନ୍ତି। ଅନନ୍ତଙ୍କ ଜନ୍ମଦିନ ଉପଲକ୍ଷେ କିସ୍ ଛାତ୍ରଛାତ୍ରୀମାନେ ଏକ ବିଶାଳ କେକ୍ କାଟି ବା ସହ ଅନନ୍ତଙ୍କ ଉତ୍ତମ ସ୍ୱାସ୍ଥ୍ୟ, ଖୁସି ଓ ଦୀର୍ଘ ଜୀବନ କାମନା କରି ଶ୍ରୀବାଣୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ଦୀପ ଜାଳି ପ୍ରାର୍ଥନା କରିଥିଲେ। ଏହାସହ ଶ୍ରୀବାଣୀକ୍ଷେତ୍ର ବେଦପାଠଶାଳା ଛାତ୍ରଛାତ୍ରୀମାନେ ବେଦପାଠ ଜରିଆରେ ଅନନ୍ତଙ୍କୁ ଶୁଭକାମନା ଜଣାଇଥିଲେ।

କାର୍ଯ୍ୟକ୍ରମରେ କିସ ଭୁବନେଶ୍ୱର କ୍ୟାମ୍ପସ ସମେତ ବଲାଙ୍ଗୀର, କଳାହାଣ୍ଡି, ବାରିପଦା ଓ ବାଲେଶ୍ୱର ଆଦି କ୍ୟାମ୍ପସରେ ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ। ଛାତ୍ରଛାତ୍ରୀମାନେ ବନତାରା ଲୋଗୋ ଦ୍ୱାରା ଅନୁପ୍ରାଣିତ ମାନବ ଅକ୍ଷର ଗଠନ କରିଥିଲେ। ପରେ ସନ୍ଧ୍ୟାରେ କିସ୍‌ର ୪୦ ହଜାର ଛାତ୍ରଛାତ୍ରୀଙ୍କ ପାଇଁ ଅନନ୍ତଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ରାତ୍ରଭୋଜନର ଆୟୋଜନ କରାଯାଇଥିଲା। ଏହି ଅବସରରେ ସମଗ୍ର କ୍ୟାମ୍ପସରେ ଉତ୍ସବମୁଖର ଓ ଆନନ୍ଦମୟ ପରିବେଶ ସୃଷ୍ଟି ହୋଇଥିଲା। ଛାତ୍ରଛାତ୍ରୀମାନେ ଅନନ୍ତଙ୍କୁ ସେମାନଙ୍କର ଶୁଭକାମନା ଜଣାଇବା ସହ କୃତଜ୍ଞତା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ ଅନନ୍ତଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହ କିସ୍ ପିଲାଙ୍କ ପାଇଁ ଅନନ୍ତ ଯେଉଁ ସବୁ ଘୋଷଣା କରିଛନ୍ତି, ତାହା ଦ୍ୱାରା ଛାତ୍ରଛାତ୍ରୀଙ୍କ ଆତ୍ମବିଶ୍ୱାସ ଓ ଭବିଷ୍ୟତ ସମ୍ଭାବନାକୁ ବହୁ ପରିମାଣରେ ମଜଭୁତ କରିବ।

## କେନ୍ଦ୍ରରୁ ଫେରିଲେ ଆଇପିଏସ୍ ଆଶିଷ କୁମାର ସିଂ

ଭୁବନେଶ୍ୱର, ୭।୪(ସମିସ): ଓଡ଼ିଶା କ୍ୟାଡରର ଆଇପିଏସ ଆଶିଷ କୁମାର ସିଂଙ୍କୁ କେନ୍ଦ୍ର ସରକାର ଗୁରୁବାର ନିଜ କ୍ୟାଡରକୁ ଫେରାଇ ଦେଇଛନ୍ତି। କେନ୍ଦ୍ରୀୟ ଗୁଇନ୍ଦା ବିଭାଗ(ଆଇବି)ରେ ଡେପୁଟୀ ଡାଇରେକ୍ଟର ଭାବେ କାର୍ଯ୍ୟରତ ଥିବା ଶ୍ରୀ ସିଂଙ୍କୁ ତତ୍କାଳ ଅବ୍ୟାହତି ଦେଇ କେନ୍ଦ୍ର ସରକାର ଗୁରୁବାର ଅପରାହ୍ଣରୁ ଓଡ଼ିଶା କ୍ୟାଡରକୁ ଫେରିଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ଏହି ରିପାଟ୍ରିଏସନ ବା ପ୍ରତ୍ୟାବର୍ତ୍ତନ ସମ୍ପର୍କିତ ବିଧିବଦ୍ଧ ନିର୍ଦ୍ଦେଶନାମା ଜାରି ହୋଇଥିବା ସୂଚନା ମିଳିଛି। ଆଇପିଏସ ଶ୍ରୀ ସିଂଙ୍କୁ ନିଜ ଗୃହ କ୍ୟାଡର ଫେରାଇ ଦେବା ପାଇଁ କେନ୍ଦ୍ର ସରକାର ଆଇପିଏସ ଟେନ୍ୟୁର ପଲିସିର ବିଶେଷ ନିୟମ 'ପାରା ୬.୫'ର ପ୍ରାବଧାନକୁ ଉପଯୋଗ କରିଛନ୍ତି।

## ଜେଲ୍ ଗଲେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ

ଭୁବନେଶ୍ୱର ୯।୪ (ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଜଳସେଚନ ବିଭାଗ କେନ୍ଦ୍ରୀୟ ସର୍କଲର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ରାଜେଶ ଚନ୍ଦ୍ର ମହାନ୍ତିଙ୍କୁ ଗିରଫ କରିଛି ଭିଜିଲାନ୍ସ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଶ୍ରୀ ମହାନ୍ତିଙ୍କ ଠାରୁ ଗତକାଲି ୧ କୋଟି ୭୦ ଲକ୍ଷ ଟଙ୍କାର ବ୍ୟାଙ୍କ୍ ଜମା ଠାବ ହୋଇଥିବା ବେଳେ ଆଜି ଏହାର ପରିମାଣ ୧ କୋଟି ୮୧ ଲକ୍ଷରେ ପହଞ୍ଚିଛି। ସେହିପରି ଆସବାବପତ୍ର ମୂଲ୍ୟ ୨୦ ଲକ୍ଷରୁ ୩୬ ଲକ୍ଷ ଛୁଇଁଛି। ସେ ଆୟଠାରୁ ୨୪୧ ପ୍ରତିଶତ ଅଧିକ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ସୂତ୍ରରୁ ଜଣାପଡ଼ିଛି। ସୂଚନା ଅନୁସାରେ, ଗତକାଲି ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍ ରାଜେଶଙ୍କ ୬ଟି ଠିକଣାରେ ଚଢ଼ଉ କରିଥିଲା। ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀରେ ୩ ହଜାର ବର୍ଗଫୁଟ ବିଶିଷ୍ଟ ୩ ମହଲା କୋଠା ଓ ଢେଙ୍କାନାଳ ଭାପୁର ନିକଟସ୍ଥ ବିମ୍ବଳରେ ଦୁଇ ଏକର ପରିମିତ ଜମିର ଫାର୍ମ ହାଉସ୍ ଓ ଦୁଇ ମହଲା ବିଶିଷ୍ଟ କୋଠା ଠାବ କରିଥିଲା। ଭୁବନେଶ୍ୱର, ଯାଜପୁର ଓ ଢେଙ୍କାନାଳରେ ୮ଟି ବହୁମୂଲ୍ୟ ପ୍ଲଟ୍, ନଗଦ ୬ ଲକ୍ଷ ୨୩ ହଜାର ଟଙ୍କା, ୩୫୦ ଗ୍ରାମ ଓଜନର ସୁନାଗହଣା, କୋଟିଏ ୮୧ ଲକ୍ଷ ଟଙ୍କାର ବ୍ୟାଙ୍କ୍ ଜମା, ୧୩ ଲକ୍ଷ ୪୭ ହଜାର ଟଙ୍କାର ବିମାନ ଟିକେଟ, ୨ଟି କାର୍, ୩ଟି ଦୁଇ ଚକିଆ ଯାନ ଓ ୩୫ ଲକ୍ଷ ୫୭ ହଜାର ଟଙ୍କାର ଘରୋଇ ଆସବାବପତ୍ରକୁ ଭିଜିଲାନ୍ସ ଜବତ କରିଛି।

**ଆୟଠାରୁ ୨୪୧ ପ୍ରତିଶତ ଅଧିକ ସମ୍ପତ୍ତି ଠାବ**



ବାଲେଶ୍ୱର ଜିଲ୍ଲା ଭୋଗରାଇସ୍ଥିତ ଚନ୍ଦନେଶ୍ୱର ମହାଦେବଙ୍କ ପ୍ରସିଦ୍ଧ ଚଢ଼କ ପର୍ବରେ ଜନସମୁଦ୍ର

## ହତ୍ୟାକାରୀ ପୁଅକୁ ଆଜୀବନ

ଉଦଳା/କପ୍ତିପଦା, ୯।୪(ସମିସ): ୨୦୨୧ ମସିହାରେ ସଂଘଟିତ ଏକ ପିତୃହତ୍ୟା ମାମଲାର ଶୁଣାଣି କରି ଉଦଳା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପ୍ରଦୀପ କୁମାର ବେହେରା ଗୁରୁବାର ଅଭିଯୁକ୍ତ ପୁଅକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଆଜୀବନ ସଶ୍ରମ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୧ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଦୋଷୀ ସାବ୍ୟସ୍ତ ଯୁବକଜଣଙ୍କ ହେଲେ, କପ୍ତିପଦା ଥାନା ଚକ୍ରଧରପୁର ମାହାଲି ସାହିର ଭୁଣ୍ଡା ମାହାଲି (୪୦)। ସ୍ତ୍ରୀ ପାର୍ବତୀ ମାହାଲି ସହ ମିଶି ଭୁଣ୍ଡା ନିଜ ବାପା ନରେନ୍ଦ୍ର ମାହାଲି(୫୬) ହତ୍ୟା କରିଥିଲା।

ସୂଚନା ମୁତାବକ, ୨୦୨୧ ଅଗଷ୍ଟ ୧୮ରେ ଏହି ହତ୍ୟାକାଣ୍ଡ ଘଟିଥିଲା। ଘରୋଇ କଳହକୁ କେନ୍ଦ୍ର କରି ଭୁଣ୍ଡା ନିଜ ବାପା ନରେନ୍ଦ୍ର ଓ ଭାଇ ଭରତକୁ ହାଣି ଗୁରୁତର କରିଥିଲା। ଏଥିରେ ଭୁଣ୍ଡାକୁ ସ୍ତ୍ରୀ ପାର୍ବତୀ ସହଯୋଗ କରିଥିଲା। ଦୁହିଁଙ୍କୁ ପ୍ରଥମେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ବାରିପଦା ସ୍ଥାନାନ୍ତର କରାଯାଇଥିଲା। ୪ ଦିନ ପରେ ଅର୍ଥାତ୍ ଅଗଷ୍ଟ ୨୨ ତାରିଖରେ ନରେନ୍ଦ୍ରଙ୍କ ମୃତ୍ୟୁ ହୋଇଯାଇଥିଲା। ଏ ସଂପର୍କରେ ଭରତ କପ୍ତିପଦା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଭୁଣ୍ଡା ଓ ତା' ସ୍ତ୍ରୀ ପାର୍ବତୀକୁ ଗିରଫ କରିଥିଲା। ଆବଶ୍ୟକ ପ୍ରମାଣ ଅଭାବରୁ ପାର୍ବତୀ ଖଲାସ ହୋଇଥିବା ବେଳେ ଭୁଣ୍ଡାକୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ଲିଳେଶ କୁମାର ଜେନା ମାମଲା ପରିଚାଳନା କରୁଥିଲେ।

**ବଲାଙ୍ଗିର ଭୀମଭୋଇ ମେଡିକାଲର ଇଏ କି ଚିତ୍ର**

## ହ୍ୱିଲ୍‌ଚେୟାର୍ ପାଇଁ ବନ୍ଧାପଡୁଛି ମୋବାଇଲ୍

ବଲାଙ୍ଗିର, ୯।୪(ସମିସ): ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲା ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରୁ ବିଭିନ୍ନ ସମୟରେ ଅଭାବନୀୟ ଦୃଶ୍ୟ ସାମ୍ନାକୁ ଆସିଥାଏ। କିଛି ଦିନ ପୂର୍ବରୁ ରୋଗୀଙ୍କୁ ନେବାଆଣିବା କରିବା ପାଇଁ ଷ୍ଟ୍ରେଚର ମିଳୁ ନଥିବା ଅଭିଯୋଗ ହୋଇଥିଲା। ଏପରିକି, ଏହାକୁ ନେଇ ସ୍ଥାନୀୟ ବିଧାୟକ ସମୀକ୍ଷା ବୈଠକ କରିବା ପରେ ଏହି ପ୍ରସଙ୍ଗରୁ ଖସିଯିବା ପାଇଁ ଡାକ୍ତରଖାନା କର୍ତ୍ତୃପକ୍ଷ ବିଭିନ୍ନ ଆଳ ଦେଖାଇଥିଲେ। ଏବେ ପୁଣି ଏକ ଘଟଣା ସାମ୍ନାକୁ ଆସିଛି। ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କୁ ନେବାଆଣିବା କରିବା ପାଇଁ ସଂପର୍କୀୟଙ୍କୁ ମୋବାଇଲ ଜିମା ଦେଇ ହ୍ୱିଲଚେୟାର୍ ଆଣିବାକୁ ପଡ଼ିଥିଲା। ଆଶ୍ଚର୍ଯ୍ୟର ବିଷୟ ହେଉଛି, ଏଭଳି ବ୍ୟବସ୍ଥା କରିବା ପାଇଁ ନିଜେ ଡିନ୍ ନିର୍ଦ୍ଦେଶ ଦେଇଛନ୍ତି।

କଳାହାଣ୍ଡି ଅଞ୍ଚଳର ଜଣେ ବ୍ୟକ୍ତି ବଲାଙ୍ଗିର ଜିଲ୍ଲାରେ ଦିନକ ତଳେ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କୁ ତାଙ୍କ ପରିଚିତ ଲୋକମାନେ ଡାକ୍ତରଖାନାରେ ଭର୍ତ୍ତି କରି ତାଙ୍କ ଭାଇ ଦୀପକ ଚୌଧୁରୀଙ୍କୁ ଖବର ଦେଇଥିଲେ। ପ୍ରଥମେ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଓ ପରେ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ଦୁର୍ଘଟଣାଗ୍ରସ୍ତ ଯୁବକଙ୍କୁ ଡାକ୍ତରଖାନାକୁ ଆଣି ଜରୁରୀକାଳୀନ ବିଭାଗରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ଦେଖିବା ପରେ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ କହିଥିଲେ। ଯେହେତୁ ଯୁବକଜଣଙ୍କ ଦୁର୍ଘଟଣାରେ ଗୁରୁତର ହୋଇଥିଲେ, ତାଙ୍କୁ ନେବା ଆଣିବା କରିବା ପାଇଁ ହ୍ୱିଲ ଚେୟାର୍‌ର ଆବଶ୍ୟକତା ଥିଲା। ତେବେ ସେଠାରେ କାର୍ଯ୍ୟରତ ହ୍ୱିଲ୍ ଚେୟାର ଦେଇଥିଲେ ସତ; କିନ୍ତୁ ତାଙ୍କୁ ତାଙ୍କ ମୋବାଇଲ ଜିମା ଦେବାକୁ ପଡ଼ିବ ବୋଲି ସେମାନେ କହିଥିଲେ। କିନ୍ତୁ, କାହିଁକି ବୋଲି ସେ ପ୍ରଶ୍ନ କରିବା ପରେ ମଧ୍ୟ କର୍ମଚାରୀମାନେ ଅଧିକାରୀଙ୍କ ନିର୍ଦ୍ଦେଶ ରହିଥିବା କହିଥିଲେ। ଫଳରେ ବ୍ୟକ୍ତି ଜଣକ ମୋଇବାଲ ସହ ନିଜ ପର୍ସ ମଧ୍ୟ କର୍ମଚାରୀଙ୍କ ଟେବୁଲରେ ଜିମା ଦେଇ ହ୍ୱିଲ ଚେୟାର ନେଇଥିଲେ।

**ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଦୁର୍ଭାଗ୍ୟଜନକ ସ୍ଥିତି**

ଏନେଇ ମେଡିକାଲ କଲେଜ ଡିନ୍ ସ୍ୱର୍ଣ୍ଣପ୍ରଭା ସାହୁଙ୍କୁ ପଚାରିବାରୁ ସେ ଏହାକୁ ସ୍ୱୀକାର କରିଥିଲେ। ରୋଗୀ ବାହାନାରେ ହ୍ୱିଲ ଚେୟାର ନେଇ ଚାଲିଯିବାର ସମ୍ଭାବନା ରହିଥିବାରୁ ଏହିଭଳି ବ୍ୟବସ୍ଥା କରାଯାଇଥିବା କହିଥିଲେ।

## ଜଙ୍ଗଲରୁ ୨୨୧୯ କିଲୋ ଗଞ୍ଜେଇ ଜବତ

ନନ୍ଦପୁର, ୯।୪(ସମିସ): ଆନ୍ଧ୍ର-ଓଡ଼ିଶା ସୀମାନ୍ତ ପାଡୁଆ ଥାନା ଅଧୀନ ଜଲବନ୍ଦୀ ପରଜା ବଡ଼ପଡ଼ା ପଞ୍ଚାୟତ ପଡାଲପୁଟରୁ ଗତ ମାସରେ ତରଳ ଗଞ୍ଜେଇ କାରବାର ଗ୍ୟାଙ୍ଗ୍‌କୁ ପୁଲିସ କାବୁ କରିବା ସହ ବିପୁଳ ପରିମାଣର ତରଳ ଗଞ୍ଜେଇ ଜବତ କରିଥିଲା। ପାଡୁଆ ପୁଲିସକୁ ପୁଣି ଏକ ସଫଳତା ମିଳିଛି। ପୁଲିସ ଦେବତୀଗୁଡ଼ା ଜଙ୍ଗଲରେ ଚଢ଼ଉ କରି ୨୨୧୯ କେଜି ଗଞ୍ଜେଇ ଜବତ କରାଯାଇଛି। ପାଡୁଆ ଥାନା ଅନ୍ତର୍ଗତ ହାତିବାରୀ ପଞ୍ଚାୟତର ଦେବତୀଗୁଡା ଗ୍ରାମ ପାର୍ଶ୍ୱ ଜଙ୍ଗଲରେ ଚଢ଼ଉ ବେଳେ ୧୮୦ଟି ବସ୍ତାରେ ଏହି ଗଞ୍ଜେଇ ଚାଲାଣ ପାଇଁ ଗଚ୍ଛିତ ରହିଥିଲା। ଚଢ଼ଉ ବେଳେ ପୁଲିସକୁ ଚକ୍‌ମା ଦେଇ ଚାଲାଣକାରୀ ଖସି ପଳାଇବାରେ ସକ୍ଷମ ହୋଇଛନ୍ତି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧କୋଟି ୧୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଆଜି ପାଡୁଆ ଥାନା ପରିସରରେ ନନ୍ଦପୁର ଏସ୍‌ଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକ ସୂଚନା ଦେଇ କହିଛନ୍ତି ଯେ ଥାନାଧିକାରୀ ଅଶୋକ କୁମାର ବିଶୋଇ ଓ ଏସ୍ ଆଇ ସୁରେନ୍ଦ୍ର ସେଠୀଙ୍କ ନେତୃତ୍ୱରେ ପାଡୁଆ ପୁଲିସ ଟିମ୍ ବୁଧବାର ରାତ୍ରି ଦେବତୀଗୁଡା ଜଙ୍ଗଲରେ ଚଢ଼ଉ କରିଥିଲେ।



**କନ୍ଧମାଳରେ ପୁଲିସର ଦମନଲୀଳା**

## ସପ୍ତଗିରିଙ୍କ ଅଧ୍ୟକ୍ଷତାରେ କଂଗ୍ରେସର ଅନୁସନ୍ଧାନକାରୀ ଟିମ୍

ଭୁବନେଶ୍ୱର, ୯।୪(ସମିସ): ସିଜିମାଳି ଆନ୍ଦୋଳନ ପରିପ୍ରେକ୍ଷୀରେ ହିଂସାକାଣ୍ଡକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି କଂଗ୍ରେସ। ପିସିସି ପକ୍ଷରୁ ଏକ ପ୍ରେସ୍ ବିବୃତ୍ତିରେ ରାଜ୍ୟ ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି, ଏହି ଆନ୍ଦୋଳନରେ ପୁଲିସର ଦମନଲୀଳାକୁ ଦଳ ନିନ୍ଦା କରୁଛୁ। ହିଂସା ଦ୍ୱାରା କୌଣସି ଆନ୍ଦୋଳନ ସଫଳ ହୁଏ ନାହିଁ। ବିସ୍ଥାପିତଙ୍କ ପାଇଁ ନ୍ୟାୟ ଆଣିବାକୁ ହେଲେ ଧୈର୍ଯ୍ୟର ସହ ଶାନ୍ତିପୂର୍ଣ୍ଣ ଲଢ଼େଇ କରି ଜିତିବାକୁ ହେବ। ଏହି ପ୍ରକଳ୍ପରେ ପ୍ରଭାବିତ ହେଉଥିବା ଲୋକଙ୍କ ସ୍ୱାର୍ଥ ହିଁ କଂଗ୍ରେସର ସବୁଠୁ ବଡ଼ ଲକ୍ଷ୍ୟ। ତେବେ ଏହାକୁ ହିଂସାତ୍ମକ ଉପାୟରେ ହାସଲ କରିହେବ ନାହିଁ। ଆଗକୁ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ହେବ। ପୁଲିସ ଦମନଲୀଳା କରିବାକୁ ସୁଯୋଗ ପାଇବ ନାହିଁ। ଦୀର୍ଘ ହେଉ ପଛେ, ୫ବର୍ଷର ଶାନ୍ତିପୂର୍ଣ୍ଣ ଲଢ଼େଇ ଦ୍ୱାରା କିପରି ନ୍ୟାଯ୍ୟ ଦାବି ହାସଲ କରାଯାଇପାରେ, ନିୟମଗିରି ତା'ର ଏକ ଉଦାହରଣ ବୋଲି ଦଳ ପକ୍ଷରୁ କୁହାଯାଇଛି। ଅବୈଧ ଖଣିଜ ଉତ୍ତୋଳନରେ ଖୋଦ ସରକାର ସଂପୃକ୍ତ ରହୁଥିବାରୁ ରାଜ୍ୟରେ କୌଣସି ପ୍ରକଳ୍ପରେ ପେସା ଆଇନ କାର୍ଯ୍ୟକାରୀ ହେଉନାହିଁ। ପ୍ରତିଥର ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଲୋକେ ହିଁ କ୍ଷତିଗ୍ରସ୍ତ ହୋଇଥିବା ଦେଖାଯାଉଛି ଏବଂ ପ୍ରତିଥର କଂଗ୍ରେସ ଦଳ ହିଁ ପ୍ରଭାବିତମାନଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରି ସଫଳ ହୋଇଛି।

ରାୟଗଡ଼ା ଜିଲ୍ଲା କନ୍ଧମାଳରେ ଘଟିଥିବା ହିଂସାକାଣ୍ଡକୁ କଂଗ୍ରେସ ଦୃଢ଼ ନିନ୍ଦା କରିବା ସହ ଏହି ଘଟଣା ଅନୁଧ୍ୟାନ କରିବା ପାଇଁ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ପିସିସି ପକ୍ଷରୁ ବରିଷ୍ଠ ନେତୃବୃନ୍ଦଙ୍କୁ ନେଇ ଏକ ପ୍ରତିନିଧି ଦଳ ଗଠନ କରାଯାଇଛି। କୋରାପୁଟ ସାଂସଦ ସପ୍ତଗିରି ଉଲାକାଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟଙ୍କ ସହ-ଅଧ୍ୟକ୍ଷ ରହିଥିବା ବେଳେ ଏହି ଦଳରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି, ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁଟା, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ୍ଲ, ପିସିସି ଜନଜାତି ବିଭାଗର ଅଧ୍ୟକ୍ଷ ତଥା ପୂର୍ବତନ ସାଂସଦ ଯଶବନ୍ତ ସିଂହ ଲାଗୁରୀ, ପୂର୍ବତନ ବିଧାୟକ ଭୁଜବଳ ମାଝୀ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷି ବାହିନୀପତି, ବରିଷ୍ଠ କଂଗ୍ରେସ ନେତ୍ରୀ ରତ୍ନମଣି ଉଲାକା ଓ ଅମିତା ବିଶ୍ୱାଳ ପ୍ରମୁଖ ସଦସ୍ୟ ଅଛନ୍ତି।

ଏହି ଦଳ ଆସନ୍ତା ୧୦ତାରିଖ ଶୁକ୍ରବାର ଘଟଣାସ୍ଥଳରେ ପହଞ୍ଚିବ। ଏହି ଦଳ ସହ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଘଟଣାସ୍ଥଳକୁ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏହାସହ ଅବିଭକ୍ତ କୋରାପୁଟ ଜିଲ୍ଲାର ସମସ୍ତ ଡିସିସି ସଭାପତି, କଳାହାଣ୍ଡି ଡସିସି ସଭାପତି, ସମସ୍ତ ସଂପୃକ୍ତ ବ୍ଲକ୍‌ର କଂଗ୍ରେସ ସଭାପତି ତଥା ଦଳର ବରିଷ୍ଠ ନେତୃବୃନ୍ଦ ଓ ଡିସିସି କର୍ମକର୍ତ୍ତାମାନେ ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ହେଉଥିବା ପ୍ରଭାବିତ ଲୋକଙ୍କ ସହ ସେମାନଙ୍କର ଏ ଦୁର୍ଦ୍ଦିନରେ ରହିବାକୁ ଶ୍ରୀ ଦାସ ଆହ୍ୱାନ ଦେଇଛନ୍ତି।

ସକାଳ
THE SAKALA

# ଯୁଦ୍ଧବିରତିର ଖଳନାୟକ

ଫେବୃଆରୀ ୨୮ ତାରିଖରେ ଇରାନ ଉପରେ ଆମେରିକା ଓ ଇସ୍ରାଏଲର ଅଚାନକ ମିଳିତ ଆକ୍ରମଣରୁ ଆରମ୍ଭ ହୋଇଥିବା ମଧ୍ୟପ୍ରାଚ୍ୟ ମହାଯୁଦ୍ଧରେ ଏପ୍ରିଲ ୮ ତାରିଖରୁ ଅସ୍ଥାୟୀ ବିରାମ ଲାଗିଛି। ଏହା ଶାନ୍ତି ଓ ସ୍ଥିରତା ଦୃଷ୍ଟିରୁ ଶୁଭ ସଙ୍କେତ ବୋଲି କୁହାଯାଇପାରେ। କିନ୍ତୁ, ଏହା କେତେଦିନ ତିଷ୍ଠିବ, ତାହା ପାକିସ୍ତାନ ରାଜଧାନୀ ଇସଲାମାବାଦରେ ହେବାକୁ ଯାଉଥିବା ଇରାନ-ଆମେରିକା ଦ୍ୱିପାକ୍ଷିକ କଥାବାର୍ତ୍ତାରୁ ଜଣାପଡ଼ିବ। ଏହି କଥାବାର୍ତ୍ତା ବେଳେ ଉଭୟ ଆମେରିକା ଏବଂ ଇରାନ ନିଜ ନିଜ ସର୍ତ୍ତ ଅନୁଯାୟୀ ଯୁଦ୍ଧ ବନ୍ଦ କରିବାକୁ ପକ୍ଷ ରଖିବେ। କାରଣ ରଣକ୍ଷେତ୍ରରେ ଉଭୟ ପକ୍ଷ ନିଜର ପୂର୍ଣ୍ଣ ସାମର୍ଥ୍ୟ ଅନୁଯାୟୀ ଲଢ଼େଇ କରିଛନ୍ତି। ଏଥିରେ ବର୍ତ୍ତମାନ ସୁଦ୍ଧା କାହାରି ବିଜୟ କି ପରାଜୟ ହୋଇନାହିଁ। କିଛି ଦିନ ମଧ୍ୟରେ ଯୁଦ୍ଧ ଶେଷ ହୋଇଯିବ ବୋଲି ପରାକ୍ରମୀ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆକଳନ କରିଥିଲେ। କିନ୍ତୁ ଇରାନ ପକ୍ଷରୁ ଯେଉଁଭଳି ପାଲଟା ଆକ୍ରମଣ ହେଲା, ତାହା କେବଳ ଆମେରିକା ନୁହେଁ, ସମଗ୍ର ବିଶ୍ୱକୁ ଆଚମ୍ବିତ କରିଛି। ଇରାନ ପକ୍ଷରୁ ଇସ୍ରାଏଲର ରାଜଧାନୀ ସମେତ ବିଭିନ୍ନ ସହର ଉପରେ ବିଧ୍ୱଂସୀ ଆକ୍ରମଣ ହେଲା। ଏହାସହ ପଡ଼ୋଶୀ ଉପସାଗରୀୟ ଦେଶମାନଙ୍କରେ ଥିବା ଆମେରିକାର ସାମରିକ ପ୍ରତିଷ୍ଠାନ ଉପରେ ମଧ୍ୟ ଇରାନ ଆକ୍ରମଣ କରି ଆମେରିକାର ଅହଂକାରକୁ ଚୂରମାର କରିଦେଲା। ଇରାନ ଉପରେ ଆମେରିକା-ଇସ୍ରାଏଲ ଯେତେ ଆକ୍ରମଣ କରୁଥିଲେ, ଇରାନ ସେହି ହିସାବରେ ସେମାନଙ୍କୁ ଜବାବ ଦେଉଥିଲା। ପରିସ୍ଥିତି ଏପରି ହେଲା ଯେ ତୈଳ ପରିବହନ ଏବଂ ବିଶ୍ୱ ବାଣିଜ୍ୟର ପ୍ରାଣକେନ୍ଦ୍ର କୁହାଯାଉଥିବା ହର୍ମୁଜ ପ୍ରଣାଳୀକୁ ଇରାନ ବନ୍ଦ କରିଦେଇଥିଲା। ଫଳରେ ବିଶ୍ୱବ୍ୟାପୀ ଅର୍ଥନୈତିକ ସଙ୍କଟ ସୃଷ୍ଟି ହୋଇଥିଲା। ସମଗ୍ର ଘଟଣା ଆମେରିକାକୁ ଅଡୁଆରେ ପକାଇ ଦେଇଥିଲା। ଆମେରିକା ଏହା ପୂର୍ବରୁ କେବେହେଲେ ଏଭଳି ଅପମାନଜନକ ସ୍ଥିତିର ସମ୍ମୁଖୀନ ହୋଇନଥିଲା। ଅଡୁଆରୁ ମୁକୁଳିବା ଲାଗି ଟ୍ରମ୍ପ ଆମେରିକାର ସହଯୋଗୀ ୟୁରୋପୀୟ ରାଷ୍ଟ୍ରଙ୍କ ସହାୟତା ଲୋଡ଼ିଲେ। କିନ୍ତୁ, ସେମାନେ ରୋକଠୋକ୍ ମନା କରିଦେବାରୁ ଅସହାୟ ହୋଇପଡ଼ିଥିଲେ ଟ୍ରମ୍ପ। ଶେଷରେ ପାକିସ୍ତାନ ଓ ଚୀନ୍ ସହାୟତାରେ ଯୁଦ୍ଧବିରତି ଘୋଷଣା କରିଛନ୍ତି ଟ୍ରମ୍ପ। କିନ୍ତୁ ତାଙ୍କର ଏହି ଉଦ୍ୟମରେ ପ୍ରତିବନ୍ଧକ ସାଜିଛି ଇସ୍ରାଏଲ। ଇସ୍ରାଏଲ୍‌କୁ ବାଦ୍ ଦେଇ ଟ୍ରମ୍ପ ଏକପାଖିଆ ଭାବେ ଯୁଦ୍ଧବିରତି ଘୋଷଣା କରିଥିବାରୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତନ୍ୟାହୁ ଏହାକୁ ହଜମ କରିପାରୁନାହାନ୍ତି। ଯୁଦ୍ଧବିରତି ଘୋଷଣାର ମାତ୍ର କେଇ ଘଣ୍ଟା ଭିତରେ ଇସ୍ରାଏଲ ଲେବାନନ୍‌ର 'ହିଜବୁଲ୍ଲା' ସଂଗଠନ ଉପରେ ପ୍ରଚଣ୍ଡ ଆକ୍ରମଣ କରିଛି। ମାତ୍ର ୧୦ ମିନିଟ୍ ଭିତରେ ୧୦୦ ଠିକଣା ଉପରେ ଆକ୍ରମଣ କରି ୨୫୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ହତ୍ୟା କରିଛି। ଏପରିକି, ହିଜବୁଲ୍ଲା ମୁଖ୍ୟଙ୍କ ଅତ୍ୟନ୍ତ ଘନିଷ୍ଠକୁ ହତ୍ୟା କରିଛି ବୋଲି ଦାବି କରିଛି। ଯୁଦ୍ଧବିରତିରେ ମଧ୍ୟସ୍ଥତାର ଭୂମିକା ନେଇଥିବା ପାକିସ୍ତାନର କହିବା ଅନୁଯାୟୀ, ଲେବାନନ୍‌ରେ ଥିବା ଇରାନ୍‌ର ସହଯୋଗୀ ହିଜବୁଲ୍ଲାକୁ ଆକ୍ରମଣ ନ କରିବା ଯୁଦ୍ଧବିରତିର ଅଂଶ ଥିବା ବେଳେ ଇସ୍ରାଏଲ୍ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଛି। ଜବାବୀ କାର୍ଯ୍ୟାନୁଷ୍ଠାନ ସ୍ୱରୂପ, ଇରାନ୍ ହର୍ମୁଜ୍ ପ୍ରଣାଳୀକୁ ପୁଣିଥରେ ବନ୍ଦ କରିଦେଇଛି। ସମୁଦ୍ର ଭିତରେ ବି ବିସ୍ଫୋରକ (ମାଇନ୍ସ) ଖଞ୍ଜିବାକୁ ଯୋଜନା କରୁଛି। ଏପରି ବିଷମ ସ୍ଥିତିରେ ଲେବାନନ୍ ଉପରେ ଇସ୍ରାଏଲ୍‌ର ଆକ୍ରମଣକୁ ଆମେରିକା ନ ଅଟକାଇଲେ ଯୁଦ୍ଧବିରତି କେବଳ ଏକ ପ୍ରହସନ ପାଲଟିବ ବୋଲି ଆକଳନ କରାଯାଉଛି।

ଯେଉଁ ଲକ୍ଷ୍ୟ ନେଇ ଇସ୍ରାଏଲ୍ ଯୁଦ୍ଧ କରିଥିଲା ଏବଂ ଏଥିରେ ଆମେରିକାକୁ ସାମିଲ କରିବାରେ ସକ୍ଷମ ହୋଇଥିଲା, ସେଥିରୁ ଗୋଟିଏ ବି ପୂରା ନ ହେବା ନେତନ୍ୟାହୁ ପ୍ରଶାସନ ପାଇଁ ଏକ ବଡ଼ ସମସ୍ୟା ସୃଷ୍ଟି କରିଛି। ଗତ ମାର୍ଚ୍ଚ ମାସରେ ନେତନ୍ୟାହୁ ସରକାର ଇରାନ୍ ସହ ଯୁଦ୍ଧକୁ ଅବଶ୍ୟମ୍ଭାବୀ ଓ ଯଥାର୍ଥ ଦର୍ଶାଇବା ପାଇଁ ନିଜ ଦେଶରେ ଏକ ଅଭିଯାନ ଚଳାଇଥିଲେ। ଏଥିରେ ୩ଟି ବିନ୍ଦୁ ଉପରେ ପ୍ରାଧାନ୍ୟ ଦିଆଯାଇଥିଲା ଏବଂ ଇସ୍ରାଏଲର ଏକ ବଡ଼ ସମୂହ ଏହାର ସମର୍ଥନରେ ମଧ୍ୟ ଥିଲେ। ସେଗୁଡ଼ିକ ହେଲା, ଇରାନ୍‌କୁ ପରମାଣୁ ଶକ୍ତି ହେବାରୁ ବଞ୍ଚିତ କରିବା, ଅଧିକ ବାଲାଷ୍ଟିକ୍ କ୍ଷେପଣାସ୍ତ୍ର ବିକଶିତ କରିବାରୁ ନିବୃତ୍ତ ରଖିବା ଏବଂ ପାଖାପାଖି ୫ ଦଶନ୍ଧି ଧରି ଚାଲି ଆସୁଥିବା ଖାମେନେଇ ଶାସନରୁ ଇରାନ୍‌କୁ ମୁକ୍ତି ଦେବା ପାଇଁ ଇରାନ୍‌ବାସୀଙ୍କୁ ସୁଯୋଗ ଦେବା। କିନ୍ତୁ, ଏହି ୩ଟି ମଧ୍ୟରୁ ଗୋଟିଏ ବି ଲକ୍ଷ୍ୟ ହାସଲ କରିବାରେ ଇସ୍ରାଏଲ୍ ସକ୍ଷମ ହୋଇପାରିନାହିଁ। ଯଦିଓ ଇରାନ୍ ଖଣ୍ଡନ କରୁଛି, କିନ୍ତୁ ଇରାନ୍ ପାଖରେ ଏବେ ବି ସମୃଦ୍ଧ ୟୁରାନିୟମ୍ ଗଚ୍ଛିତ ରହିଛି। ଭୀଷଣ ଯୁଦ୍ଧ ସତ୍ତ୍ୱେ ଇରାନ୍ ପାଖରେ ଏବେ ବି ଅତ୍ୟାଧୁନିକ କ୍ଷେପଣାସ୍ତ୍ରର ଏକ ବଡ଼ ଭଣ୍ଡାର ଅକ୍ଷୁଣ୍ଣ ରହିଛି। ସେହିପରି, ଇସ୍ରାଏଲ୍‌ର ବିରୋଧୀ ଦଳ ନେତା ୟାଇର୍ ଲାପିଡ୍‌ଙ୍କ କହିବା ମୁତାବକ, ଇରାନ୍ ଏବେ ୮୬ ବର୍ଷୀୟ ଖାମନେଇଙ୍କ ବଦଳରେ ୫୬ ବର୍ଷୀୟ ଖାମନେଇଙ୍କ ଦ୍ୱାରା ଶାସିତ ହେଉଛି। ତେଣୁ କୌଣସି ଗୋଟିଏ ଲକ୍ଷ୍ୟ ହାସଲ ହୋଇନଥିବା ସେ କହିଛନ୍ତି।

ପୁଣି ଆଗାମୀ ଦିନରେ ପାକିସ୍ତାନରେ ପ୍ରସ୍ତାବିତ ଶାନ୍ତି ଆଲୋଚନାରେ ନେତନ୍ୟାହୁଙ୍କ କୌଣସି ଭୂମିକା ରହିବ ନାହିଁ। ଯୁଦ୍ଧ ଯୋଗୁଁ ଇସ୍ରାଏଲ୍‌ରେ ଶତାଧିକ ମୃତାହତ ହେବା ଏବଂ ହଜାରହଜାର ଲୋକ ବାସଚ୍ୟୁତ ହେବା ଘଟଣାକୁ ନେଇ ନେତନ୍ୟାହୁଙ୍କ ବିରୋଧରେ ଅନ୍ତଃବିଦ୍ରୋହ ମଧ୍ୟ ଆହୁରି ପ୍ରଖର ଓ ତୀବ୍ର ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ। ତେଣୁ ନିଜର ଅସ୍ତିତ୍ୱ ବଜାୟ ରଖିବା ଲାଗି ସେ ଯୁଦ୍ଧବିରତିକୁ ଖାତିର ନକରି ଲେବାନନ ଉପରେ ଆକ୍ରମଣ ଜାରି ରଖିବାକୁ ଧମକ ଦେଇଛନ୍ତି। ଏହା ମଧ୍ୟପ୍ରାଚ୍ୟକୁ ଅଶାନ୍ତ ରଖିବ, ଏଥିରେ କୌଣସି ଦ୍ୱିମତ ନାହିଁ। ଏହି ଅଞ୍ଚଳରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବାକୁ ହେଲେ ଇସ୍ରାଏଲକୁ ନିବୃତ୍ତ ରଖିବା ଲାଗି ଟ୍ରମ୍ପ ପଦକ୍ଷେପ ନେବା ଏକାନ୍ତ ଆବଶ୍ୟକ ହୋଇପଡ଼ିଛି।



## ସମ୍ପାଦକୀୟ



ବିଶ୍ୱକୁ ଭାରତର ସବୁଠାରୁ ବଡ଼ ଆଶୀର୍ବାଦ ହେଲା, ଏହାର ଗ୍ରାମାଞ୍ଚଳ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଉପଲବ୍ଧ ଅଭିଜ୍ଞତା ଓ ଜ୍ଞାନର ସମୃଦ୍ଧ ଭଣ୍ଡାର।

- ଏମ୍ ଏସ୍ ସ୍ୱାମୀନାଥନ୍

# ଭଙ୍ଗୁର ପ୍ରାଥମିକ ଶିକ୍ଷା ଉପରେ ନଭଶ୍ଚୁମ୍ବୀ ଉଚ୍ଚଶିକ୍ଷା

ଡ. ଅନ୍ତର୍ଜିତା ନାୟକ

ଭାରତୀୟ ଶିକ୍ଷା ପରିଦୃଶ୍ୟରେ ଆଜି ଏକ ବୈପରୀତ୍ୟପୂର୍ଣ୍ଣ ଢାଞ୍ଚା ଦେଖା ଦେଉଛି, ଯେଉଁଠି ପ୍ରାଥମିକ ଶିକ୍ଷାର ଭଙ୍ଗୁର ମୂଳଦୁଆ ଉପରେ ଉଚ୍ଚଶିକ୍ଷାର ଏକ ଚିତ୍ତାକର୍ଷକ ସୌଧ ଗଢ଼ାଚାଲିଛି। ଆଜି ଗୋଟିଏ ପାଖରେ ଆମେ ଯେତେବେଳେ ବିଶ୍ୱବିଦ୍ୟାଳୟ, ବୈଷୟିକ ଅନୁଷ୍ଠାନ ଏବଂ ବୈଶ୍ୱିକ ମାନ୍ୟତାର ସମ୍ପ୍ରସାରଣକୁ ପାଳନ କରୁଛେ, ଅନ୍ୟ ପାଖରେ ଏକ ଅସ୍ଥିର ବାସ୍ତବତା ଲୁଚି ରହୁଛି, ଯାହା ପ୍ରାଥମିକ ଶିକ୍ଷାର ଗୁଣବତ୍ତା ଏବଂ ଉପଲବ୍ଧତାର ଦୁର୍ବଳତା, ଅସମାନତା ଓ ଅବହେଳିତ ଛବିକୁ ବଖାଣୁଛି। ଏହି ଅସନ୍ତୁଳନ କେବଳ ଶିକ୍ଷଣ ବ୍ୟବସ୍ଥାର ବିକାଶ ପଥକୁ ବିକୃତ କରୁନାହିଁ; ବରଂ ସାମାଜିକ ଅସମାନତା, ଦକ୍ଷତା ଅବକ୍ଷୟ ଏବଂ ବୌଦ୍ଧିକ ଦୁର୍ବଳତା ମଧ୍ୟ ସୃଷ୍ଟି କରିଛି। ଏହି ସଙ୍କଟର କେନ୍ଦ୍ରବିନ୍ଦୁରେ ଏକ ଢାଞ୍ଚାଗତ ବିରୋଧାଭାସ ରହିଛି, ଯେଉଁଠାରେ ଶିକ୍ଷାନୀତି, ଆର୍ଥିକ ଆବଣ୍ଟନ ଏବଂ ସାମାଜିକ ପ୍ରତିଷ୍ଠା, ପ୍ରବଳମାତ୍ରାରେ ଉଚ୍ଚଶିକ୍ଷା ସପକ୍ଷବାଦୀ। କିନ୍ତୁ, ପ୍ରାଥମିକ ଶିକ୍ଷା, ଯାହା ଜ୍ଞାନାତ୍ମକ, ଭାବପ୍ରବଣ ଏବଂ ନୈତିକ ବିକାଶର ଜୀବନବ୍ୟାପୀ ଗତିପଥ ନିର୍ଦ୍ଧାରଣ କରେ;, ତାହା ଅବହେଳିତ, ଅଣଦେଖା ଓ ସମ୍ବଳହୀନ।

ଶିକ୍ଷା ପାଇଁ ଏକୀକୃତ ଜିଲ୍ଲା ସୂଚନା ପ୍ରଣାଳୀ (U-DISE)୨୦୨୩-୨୪ ଅନୁଯାୟୀ, ଭାରତରେ ୧୪.୯ ଲକ୍ଷରୁ ଅଧିକ ବିଦ୍ୟାଳୟ ଅଛି, ଯେଉଁଥିରେ ୨୬ କୋଟିରୁ ଅଧିକ ଛାତ୍ରଛାତ୍ରୀ ପ୍ରାଥମିକ ଏବଂ ଉଚ୍ଚପ୍ରାଥମିକ ସ୍ତରରେ ନାମ ଲେଖାଇଛନ୍ତି। ତଥାପି, ବାର୍ଷିକ ଶିକ୍ଷା ସ୍ଥିତି ବିବରଣୀ-୨୦୨୩ ଅନୁଯାୟୀ, ପଞ୍ଚମ ଶ୍ରେଣୀର ୫୦%ରୁ ଅଧିକ ଛାତ୍ରଛାତ୍ରୀ ଦ୍ୱିତୀୟ ଶ୍ରେଣୀର ପାଠ୍ୟପୁସ୍ତକ ପଢ଼ିବାରେ ଅକ୍ଷମ ଏବଂ ୬୦%ରୁ ଅଧିକ ମୌଳିକ ଗାଣିତିକ ପ୍ରଦର୍ଶନ କରିବାରେ ଅକ୍ଷମ। ଅପରପକ୍ଷରେ ସେହି ତୁଳନାରେ, ଆମେ ଗର୍ବରେ ପ୍ରଦର୍ଶନ କରୁଛେ, ଉଚ୍ଚଶିକ୍ଷାରେ ୧,୧୧୩ ରୁ ଅଧିକ ବିଶ୍ୱବିଦ୍ୟାଳୟ, ୪୩ ନିୟୁତ ଛାତ୍ରଛାତ୍ରୀ, ଅଗଣିତ ବୈଶ୍ୱିକ ମାନ୍ୟତା, ଯାହାପାଇଁ ରହିଛି ଉଚ୍ଚାଭିଳାଷୀ ନୀତି ଓ ପାଣ୍ଠି। ଏଠି ପ୍ରଶ୍ନ ଉଠେ — ଅସମାନ ଦୁଇଟି ଗୋଡ଼ରେ ଭଲ ଭାବେ କିଏ ଦୌଡ଼ିପାରିବ କି? ପ୍ରାରମ୍ଭିକ ବିଦ୍ୟାଳୟ ସ୍ତରରେ ଯଦି ପର୍ଯ୍ୟାପ୍ତ ମୌଳିକ ପଠନ, ଲେଖନ ଓ ସଂଖ୍ୟାଗତ ସାକ୍ଷରତା ବିକାଶ ପାଉନାହିଁ; ତେବେ ତାହାର ସିଧାସଳଖ ପ୍ରଭାବ ଉଚ୍ଚଶିକ୍ଷାରେ ଦେଖାଯାଏ। ଏପରି ପ୍ରଣାଳୀରୁ ଜନ୍ମ ନେଇଥିବା ଛାତ୍ରଛାତ୍ରୀମାନେ ଯଦିଓ ଔପଚାରିକ ଭାବେ ଉଚ୍ଚଶିକ୍ଷାରେ ପହଞ୍ଚିଯା'ନ୍ତି, ସେମାନେ ପରବର୍ତ୍ତୀ ସମୟରେ ବୋଧଗମ୍ୟତା ଓ ବିଶ୍ଳେଷଣାତ୍ମକ ସାମର୍ଥ୍ୟରେ ଗଭୀର ସଂଘର୍ଷ କରନ୍ତି। ଏହା ଉନ୍ନତ ଶିକ୍ଷଣର ମୂଳସାରକୁ କ୍ଷୀଣ କରିଦିଏ ଏବଂ ଜ୍ଞାନକୁ କେବଳ ଡିଗ୍ରୀର ସୀମାରେ ବାନ୍ଧିଦିଏ, ଯେଉଁଥିରେ ଶିକ୍ଷାର ପ୍ରତ୍ୟେକଟି ସୋପାନରେ 'ଦାସେ ଆଇଲେ ମୂଳରୁ ଗା' କରିବାକୁ ପଡୁଛି। ଏହି ଦୁର୍ବଳ ଭିତ୍ତି, ପରବର୍ତ୍ତୀ ସମୟରେ ନିମ୍ନ ଉତ୍ପାଦକତା, ସୀମିତ ନିଯୁକ୍ତି ସୁଯୋଗ ଓ ନେତୃତ୍ୱ ନେବାର କ୍ଷମତା ହ୍ରାସ ରୂପେ ପ୍ରତିଫଳିତ ହେଉଛି।

ଏହି ଅସଙ୍ଗତିର କାରଣଗୁଡ଼ିକ ବହୁସ୍ତରୀୟ, ବ୍ୟବସ୍ଥିତ ଏବଂ ଗଭୀରଭାବେ ନୀତିଗତ ଧାରଣାରେ ପ୍ରତିଷ୍ଠିତ। ଯଦି ହିସାବ କରାଯାଏ ତେବେ, ବିଶ୍ୱବିଦ୍ୟାଳୟ ସ୍ତରରେ ପ୍ରତି ଛାତ୍ରଛାତ୍ରୀ ଉପରେ ହେଉଥିବା ଖର୍ଚ୍ଚ, ପ୍ରାଥମିକ ଶିକ୍ଷାର ପ୍ରତି ଛାତ୍ରଛାତ୍ରୀ ଉପରେ ହେଉଥିବା ଖର୍ଚ୍ଚଠାରୁ ପାଞ୍ଚରୁ ସାତ ଗୁଣ ପର୍ଯ୍ୟନ୍ତ ଅଧିକ। ପ୍ରାଥମିକ ଶିକ୍ଷାଦାନକୁ ସାଧାରଣତଃ କମ୍ ମୂଲ୍ୟ ଦିଆଯାଏ, ଶିକ୍ଷକମାନଙ୍କୁ ତୁଳନାତ୍ମକ ଭାବେ କମ୍ ଦରମା ଏବଂ କମ୍ ସମ୍ମାନ ମଧ୍ୟ ମିଳେ। ଭାରତୀୟ ଶିକ୍ଷା ବ୍ୟବସ୍ଥା ଦୀର୍ଘଦିନ ଧରି ସେହି ଶ୍ରମଶକ୍ତିକୁ ଅବମାନିତ କରିଆସୁଛି, ଯାହା ଉପରେ ତାହାର ସମଗ୍ର ବୌଦ୍ଧିକ ଭବନ ସ୍ଥାପିତ। ସରକାରୀ ବିଶ୍ୱବିଦ୍ୟାଳୟରେ ଜଣେ ସହକାରୀ ପ୍ରଫେସର ଯେଉଁଠି ହାରାହାରି ୭୦,୦୦୦ ଟଙ୍କାରୁ ୧,୦୦,୦୦୦ ଟଙ୍କା ପର୍ଯ୍ୟନ୍ତ ମାସିକ ଦରମା ପାଉଛନ୍ତି, ସେଇଠି ଜଣେ ସରକାରୀ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକଙ୍କ ଆୟ ପ୍ରାୟ ୩୫,୦୦୦ ଟଙ୍କାରୁ ୪୫,୦୦୦ ଟଙ୍କା ମଧ୍ୟରେ ସୀମିତ; ଏବଂ ଚୁକ୍ତିଭିତ୍ତିକ ଶିକ୍ଷକମାନେ ପ୍ରାୟତଃ ୧୫,୦୦୦ ଟଙ୍କାରୁ କମ୍ ଦରମାରେ କାର୍ଯ୍ୟ କରୁଛନ୍ତି। ଏହା ସ୍ପଷ୍ଟ କରେ ଯେ, ଶିକ୍ଷାର ମୂଳଦୁଆ ନିର୍ମାଣ କରୁଥିବା ଲୋକମାନଙ୍କୁ, ସେହି ମୂଳଦୁଆ ଉପରେ ଅଟ୍ଟାଳିକା ନିର୍ମାଣ କରୁଥିବା ଲୋକମାନଙ୍କ ତୁଳନାରେ କମ୍ ମୂଲ୍ୟ ଦିଆଯାଏ। ଏହି ପ୍ରଣାଳୀଗତ ଅବହେଳାର ସ୍ୱାଭାବିକ ପରିଣାମ ହେଉଛି—ବୃତ୍ତିଗତ ନିଷ୍କ୍ରିୟତା ଏବଂ ଶିକ୍ଷାଦାନକୁ ଏକ ନିମ୍ନ ପ୍ରେରଣାପ୍ରଦ ପେଶାରେ ପରିଣତ କରିଦେବା। ଏପରି ସ୍ଥିତିରେ ଗୁଣମାନ ସମ୍ପନ୍ନ ଶିକ୍ଷା ଆଶା କରିବା, ଭଙ୍ଗୁର ଭିତ୍ତି ଉପରେ ଦୃଢ଼ ଭବନ ତିଆରି କରିବା ସଙ୍ଗେ ସମାନ। ଫଳସ୍ୱରୂପ, ସର୍ବୋତ୍ତମ ମାନବସମ୍ପଦ ଓ ପ୍ରତିଭା, ଶିକ୍ଷାର ଭିତ୍ତିସ୍ତରକୁ ଛାଡ଼ି, ଶିଖର ଦିଗକୁ ପ୍ରବାହିତ ହେଉଛନ୍ତି। ଏହି ଅସମତୁଳନର ପରିଣାମ ସମଗ୍ର ବ୍ୟବସ୍ଥାରେ ପ୍ରସାରିତ, ଯେପରି ଦୁର୍ବଳ ଶିକ୍ଷଣ ଭିତ୍ତି, ନିମ୍ନ ଶୈକ୍ଷଣିକ ପ୍ରଦର୍ଶନ, ଉଚ୍ଚ ଡ୍ରପ୍‌ଆଉଟ୍ ହାର, କୌଶଳହୀନ ସ୍ନାତକ, ଶିକ୍ଷିତ ବେରୋଜଗାର ଏବଂ ଶେଷରେ ଏକ ଗଭୀର ସାମାଜିକ–ଅର୍ଥନୈତିକ ବିଭାଜନ। ଏହି ପ୍ରକ୍ରିୟାରେ ଶିକ୍ଷା, ସମତାର ମାଧ୍ୟମ ହେବା ପରିବର୍ତ୍ତେ, ଅସମତାର ପୁନରୁତ୍ପାଦକ ହୋଇ ଉଠେ। ବିଶ୍ୱବ୍ୟାଙ୍କର-୨୦୨୩ ରିପୋର୍ଟ ଏହି ଅସମତାକୁ ନେଇ ଗଭୀର ଚେତାବନୀ ଦେଇ ପ୍ରକାଶ କରିଛି, ଯଦି ମୌଳିକ ଶିକ୍ଷାର ଦୁର୍ବଳତାକୁ ତୁରନ୍ତ ଏବଂ ସଂଗଠିତ ଭାବେ ସମାଧାନ ନ କରାଯାଏ, ତେବେ ଭାରତର ଆଶାଜନକ ଜନସାଂଖ୍ୟିକୀୟ ଲାଭାଂଶ ଧୀରେଧୀରେ ଏକ ଜନସାଂଖ୍ୟିକୀୟ ବୋଝରେ ପରିଣତ ହେବାର ଗଭୀର ଆଶଙ୍କା ରହିଛି।

ଭାରତର ଉଚ୍ଚଶିକ୍ଷାର ପରିଦୃଶ୍ୟ ବିଶାଳ ଏବଂ ଉଚ୍ଚାଭିଳାଷୀ। ପ୍ରାୟ ୪.୩ କୋଟି ଛାତ୍ରଛାତ୍ରୀଙ୍କୁ ଆବର୍ତ୍ତିତ କରି, ଏହା ଚୀନ୍ ଓ ଆମେରିକା ପରେ ବିଶ୍ୱର ତୃତୀୟ ସର୍ବବୃହତ ଉଚ୍ଚଶିକ୍ଷା ବ୍ୟବସ୍ଥା ଭାବେ ପରିଚିତ। ଆଇ.ଆଇ.ଟି, ଏନ.ଆଇ.ଟି, ଆଇ.ଆଇ.ଏମ୍ ଓ ଏ.ଆଇ.ଆଇ.ଏମ୍.ଏସ୍. ପରି ସଂସ୍ଥାଗୁଡ଼ିକ ଭାରତର ବୌଦ୍ଧିକ ଉତ୍କର୍ଷର ବୈଶ୍ୱିକ ପ୍ରତୀକ ଓ ଶିକ୍ଷାଗତ ବ୍ରାଣ୍ଡ। କିନ୍ତୁ ଚିନ୍ତା ଏହା ଯେ, ସ୍ନାତକମାନଙ୍କ ଏକ ବଡ଼ ଅଂଶ ନିଯୁକ୍ତିଯୋଗ୍ୟ ମୌଳିକ ଦକ୍ଷତାର ଅଭାବରେ ପୀଡ଼ିତ। ଭାରତର ଉଚ୍ଚଶିକ୍ଷା ପ୍ରାୟତଃ ଏକ ମରାମତି କର୍ମଶାଳା ଭାବେ କାର୍ଯ୍ୟ କରୁଛି, ଯେଉଁଠି ପ୍ରାଥମିକ ଶିକ୍ଷା ଯାହା ନିର୍ମାଣ କରିପାରି ନ ଥିଲା, ତାହାକୁ ସଂଶୋଧନ କରିବାର ଚେଷ୍ଟା କରୁଛି। ଏହି ପ୍ରକ୍ରିୟାରେ ଉଚ୍ଚଶିକ୍ଷା କ୍ଷେତ୍ରଗୁଡ଼ିକ, ଗବେଷଣା ଓ ନବସୃଜନରେ ନିବେଶ କରିବା ପରିବର୍ତ୍ତେ ପ୍ରତିକାରମୂଳକ ଓ ପୁନଃଶିକ୍ଷା କାର୍ଯ୍ୟକ୍ରମରେ ସମ୍ବଳ ବ୍ୟୟ କରିବାକୁ ବାଧ୍ୟ ହେଉଛନ୍ତି। ଏହି ଅଭାବର ଭାର ନିଯୁକ୍ତିଦାତାମାନେ ପୁନଃପ୍ରଶିକ୍ଷଣ ମାଧ୍ୟମରେ ମଧ୍ୟ ବହନ କରନ୍ତି।

ଏହି ପରିପ୍ରେକ୍ଷୀରେ, ପ୍ରାଥମିକ ଓ ଉଚ୍ଚଶିକ୍ଷା ମଧ୍ୟରେ ଥିବା ସହାବସ୍ଥାନମୂଳକ ସମ୍ପର୍କକୁ ଅଣଦେଖା କରିହେବ ନାହିଁ। ଶିକ୍ଷାର ପ୍ରତ୍ୟେକ କ୍ଷେତ୍ରର ମୂଳରେ ରହିଛି ପ୍ରାରମ୍ଭିକ ବିଦ୍ୟାଳୟ ଜୀବନର ପୋଷିତ ଜିଜ୍ଞାସା, ଅନୁସନ୍ଧାନ ଓ ବୋଧଗମ୍ୟତାର ମୌଳିକ ଅଭ୍ୟାସ। ଜ୍ଞାନାତ୍ମକ ବିଜ୍ଞାନ ଏହି ଧାରାବାହିକତାକୁ ଶକ୍ତ ଭାବେ ସମର୍ଥନ କରେ, ଯେଉଁଠି ମାନବ ମସ୍ତିଷ୍କର ପ୍ରାୟ ୯୦% ବିକାଶ ୧୦ ବର୍ଷ ବୟସ ପୂର୍ବରୁ ସଂପନ୍ନ ହୋଇଥାଏ, ଯେଉଁ ପର୍ଯ୍ୟାୟରେ ପ୍ରାଥମିକ ଶିକ୍ଷା ସବୁଠାରୁ ଗଭୀର ଓ ଦୀର୍ଘସ୍ଥାୟୀ ପ୍ରଭାବ ପକାଇଥାଏ। ଏହି ସତ୍ୟକୁ ଗୁରୁତ୍ୱ ଦେଇ ଜାତୀୟ ଶିକ୍ଷା ନୀତି-୨୦୨୦, ଭବିଷ୍ୟତର ସମସ୍ତ ଶିକ୍ଷାଗତ ସଫଳତା ପାଇଁ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନକୁ ଏକ ଅନିବାର୍ଯ୍ୟ ପୂର୍ବସର୍ତ୍ତ ଭାବେ ରେଖାଙ୍କିତ କରିଛି। ନିପୁଣ ଭାରତ ମିଶନ ମାଧ୍ୟମରେ ସରକାର ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ସାର୍ବଜନୀନ ସାକ୍ଷରତା ଓ ସଂଖ୍ୟାଗତ ଦକ୍ଷତା ହାସଲ କରିବାକୁ ଲକ୍ଷ୍ୟ ନିର୍ଦ୍ଧାରଣ କରିଛନ୍ତି। ଯଦି ଏହି ପଦକ୍ଷେପଗୁଡ଼ିକୁ ସଂଗଠିତ, ସମାନମୂଳକ ଓ ପ୍ରଭାବୀ ଢଙ୍ଗରେ କାର୍ଯ୍ୟକାରୀ କରାଯାଏ, ତେବେ ଏହା ଭାରତର ଉଚ୍ଚଶିକ୍ଷାର ଗୁଣବତ୍ତାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ।

ପ୍ରାଥମିକ ଶିକ୍ଷା ମୂଳ ଗଢ଼େ; ଉଚ୍ଚଶିକ୍ଷା ସେହି ମୂଳରୁ ଶାଖା ବିସ୍ତାର କରେ। ଜଣଙ୍କର ସ୍ୱାସ୍ଥ୍ୟ ଅନ୍ୟଟିର ଜୀବନ୍ତତା ନିର୍ଦ୍ଧାରଣ କରେ। ଯେଉଁ ରାଷ୍ଟ୍ରଗୁଡ଼ିକ ବୌଦ୍ଧିକ ସମୃଦ୍ଧିକୁ ନିଜ ଲକ୍ଷ୍ୟ ଭାବେ ଧାରଣ କରନ୍ତି, ସେମାନେ ସବୁଠାରୁ ପ୍ରଥମେ ନିଜ କନିଷ୍ଠ ଶିକ୍ଷାର୍ଥୀମାନଙ୍କ ପୋଷଣରୁ ଯାତ୍ରା ଆରମ୍ଭ କରନ୍ତି, କାରଣ ଶିଖର ପର୍ଯ୍ୟନ୍ତ ଯାତ୍ରା ସଦା ମାଟିରୁ ଆରମ୍ଭ ହୁଏ। ଭାରତର ଶିକ୍ଷା କାହାଣୀ, ଏହା କେତେ ସଂଖ୍ୟକ ବିଶ୍ୱବିଦ୍ୟାଳୟ ଗଢୁଛି, ତାହା ଦ୍ୱାରା ନୁହେଁ; ବରଂ ଦୂରସ୍ଥ ଗ୍ରାମାଞ୍ଚଳ ଶ୍ରେଣୀଗୃହରେ ପଢୁଥିବା ପିଲାମାନଙ୍କ ସାମର୍ଥ୍ୟ, ଆତ୍ମବିଶ୍ୱାସ ଓ କଳ୍ପନାଶକ୍ତି ଦ୍ୱାରା ଲେଖାଯିବା ଉଚିତ। ଉଚ୍ଚଶିକ୍ଷା, ଇଞ୍ଜିନିୟର, ବୈଜ୍ଞାନିକ ଓ ନୀତିନିର୍ଦ୍ଧାରକ ସୃଷ୍ଟି କରିପାରେ; କିନ୍ତୁ ପ୍ରାଥମିକ ଶିକ୍ଷା ଚିନ୍ତନଶୀଳ ମନ, ସୃଜନଶୀଳ ପାଠକ ଓ ସ୍ୱପ୍ନଦ୍ରଷ୍ଟା ସୃଷ୍ଟି କରେ। ଯଦି ଉଚ୍ଚଶିକ୍ଷାକୁ ଜାତୀୟ ପରିବର୍ତ୍ତନର ଏକ ସଜୀବ ଶକ୍ତିରେ ପରିଣତ କରିବାକୁ ହୁଏ, ତେବେ ପ୍ରଥମେ ପ୍ରାଥମିକ ଶିକ୍ଷାକୁ ଶିକ୍ଷା, ଜିଜ୍ଞାସା ଓ ସମାନତାର ଏକ ସଜୀବ ପରିବେଶରେ ପରିଣତ କରିବା ଆବଶ୍ୟକ, ଯେଉଁଠାରେ ଜ୍ଞାନର ଭବିଷ୍ୟତ ନୀରବତାରେ ନିଜ ପ୍ରଥମ ନିଶ୍ୱାସ ନେଇଥାଏ। ମନୁଷ୍ୟକୁ ସ୍ତରୀକୃତ କରିବା ପରିବର୍ତ୍ତେ, ରବୀନ୍ଦ୍ରନାଥ ଟାଗୋରଙ୍କ ମତରେ ଶିକ୍ଷା ହେଉଛି ସେହି ଶକ୍ତି "ଯାହା ମୁକ୍ତ କରେ" ଓ ବୌଦ୍ଧିକ ଭାବରେ ସଜୀବ, ବିଶ୍ୱସ୍ତରରେ ପ୍ରତିସ୍ପର୍ଧୀ ଭାରତର ସ୍ୱପ୍ନ, ଶିକ୍ଷାକୁ ଭିନ୍ନ-ଭିନ୍ନ ପର୍ଯ୍ୟାୟର ଖଣ୍ଡିତ ବ୍ୟବସ୍ଥା ଭାବରେ ଦେଖିବାରେ ନୁହେଁ; ବରଂ ଏହାକୁ ଏକ ଅଖଣ୍ଡ, ନିରନ୍ତର ଓ ଜୀବନ୍ତ ପ୍ରକ୍ରିୟା ଭାବେ ବୁଝିବାରେ ନିର୍ଭର କରେ, ଯେଉଁଠାରେ ମୂଳର ସ୍ୱାସ୍ଥ୍ୟ ନଭଶ୍ଚୁମ୍ବୀ ଶାଖାମାନଙ୍କର ସମ୍ଭାବନାକୁ ନିର୍ଦ୍ଧାରଣ କରେ।

ମୋ: ୬୩୭୦୯୦୫୯୪୭

# ଦୁଇଟି ଅଣୁ ଗଳ୍ପ

ପ୍ରଣବ କଳ୍ପ ପଟ୍ଟନାୟକ

### ବିବର୍ତ୍ତନ-୧ ( ଇକୋ ସିଷ୍ଟମ୍ )

ଆଜିକାଲି ଖରାଦିନ ଗୋଟେ ଅଭିଶାପ ଭଳି ମନେ ହୁଏ। ବିଶେଷ କରି ଖରା ଦିନ ଶେଷ ଜୁନ୍ ମାସ ବେଳକୁ ଅବସ୍ଥା ଖରାପ ହେଇ ଯାଏ। ଜୁନ୍ ମାସର ପ୍ରବଳ ଗରମ ଓ ଗୁଳୁଗୁଳିକୁ ମୁଁ ଆଙ୍ଗୁଠି ଟିପରେ ଉଡ଼େଇ ଦେଲି। ମାନେ, ମୋର ସେଇ ଆଙ୍ଗୁଠି ଟିପଟା ଏସି ରିମୋଟ ଉପରେ ଥିଲା। ୨୨ ଡିଗ୍ରୀରେ ଏସି ଚଲେଇଲି। ଜେଜେମା'ଙ୍କୁ ଡାକିଆଣି ସେ ଘରେ ଥଣ୍ଡାରେ ବସେଇଲି। ଜେଜେମା'ଙ୍କୁ ଗୋଟେ ଗପ କହିବାକୁ ଅନୁରୋଧ କଲି। କିଛି ଗୋଟେ ମନେ ପକେଇବା ଭଙ୍ଗିରେ ଜେଜେମା ଟିକେ ଉପରକୁ ଦେଖିଲେ ଓ ତା ପରେ ମୋ ମୁହଁକୁ ଅନେଇ କଥା ଆରମ୍ଭ କଲେ। ଜଙ୍ଗଲରେ ବିରାଟ ପୋଖରୀଟେ ଥିଲା। କାଚ କେନ୍ଦୁ ପାଣି। ପାଣିରେ ମାଛ, କୁମ୍ଭୀର, କଇଁଛ, ପାଣିକୁଆ ଓ ବେଙ୍ଗ ଇତ୍ୟାଦିଙ୍କ ବସବାସ ଥିଲା। ଆଖ ପାଖରେ ବଡ଼ ବଡ଼ ଗଛ। ଗଛ ସାରା ହରରଙ୍ଗି ଚଢ଼େଇ, ସାପ, ମାଙ୍କଡ଼ ସହ ମାଙ୍କଡ଼ସା ବି ରହୁଥିଲେ। ପୋଖରୀର ଅତଳ ତଳେ କି ଗୋଟେ ଦେବତା ରହୁଥିଲେ ଯେ ସେ ସମସ୍ତଙ୍କୁ ଅଭୟ ଦେଇଥିଲେ। ତେଣୁ ବାଘ ଓ ହରିଣ ଏକା ସାଥିରେ ପୋଖରୀରୁ ପାଣି ପିଉଥିଲେ। ଦିନେ ରାଜକୁମାର ଶିକାରକୁ ଆସି ବାଟ ହୁଡ଼ିଗଲା। ଶୋଷରେ ତହଳବିକଳ ହୋଇ ଖୋଜି ଖୋଜି ପୋଖରୀ ପାଖରେ ପହଞ୍ଚିଲା.... ।

ଆମ ସମୟରେ( ଆମେ ଯେବେ ପିଲା ଥିଲୁ) ଏ ଭଳି ଗପର ଗୋଟେ ବିଶେଷ ଚାହିଦା ଥିଲା। ବଡ଼ହେଲା ପରେ ଜୀବ ବିଜ୍ଞାନ ପଢ଼ି ଜାଣିଲି ଯେ ଜେଜେମା' କହୁଥିବା ପୋଖରୀକୁ ଆମେ ଗୋଟେ ଇକୋସିଷ୍ଟମ୍ କହୁ, ଯେଉଁଠି ବିଭିନ୍ନ ବର୍ଗର ପ୍ରାଣୀ ଏକାଠି ବସବାସ କରନ୍ତି।

ଜେଜେମା'ଙ୍କ ଗପ ସରିଲା ବେଳକୁ ଏସି ରୁମ୍ ରେ ଭିଡ଼ ବଢ଼ି ସାରିଥିଲା। ରୁମ୍ ର ଗୋଟେ କୋଣରେ ମା' ଓ ଖୁଡ଼ି ମିଶି କାକରା ଗଢୁଥିଲେ। ବାବା ଆରାମ ଚେୟାରେ ବସି ମୋବାଇଲ ଫୋନ୍‌ରେ କ'ଣ ଗୋଟେ ଅଫିସ୍ କାମ କରୁଥିଲେ। ବାବାଙ୍କୁ ଆମେ ସବୁ ଭାଇ ଭଉଣୀ ପ୍ରବଳ ଭୟ କରୁ। କେଉଁ ଗୋଟେ ଦେବତା (ଜେଜେମା') ର ଅଭୟ ପ୍ରାପ୍ତ ହେଲା ଭଳି ସେଇ ରୁମ୍ ରେ ବାବାଙ୍କ ସାମ୍ନାରେ ଆମ ଘରର ଛୋଟ ଭାଇଭଉଣୀ ସବୁ ହୋ ହା ହେଇ ଲୁଡୁ ଖେଳୁଥିଲେ। ମୁଁ ଚାରିଆଡ଼େ ମୁହଁ ବୁଲେଇ ଦେଖିଲି, ଜେଜେମା'ଙ୍କ ଗପର ପୋଖରୀ ଓ ଆମ ଏସି ରୁମ୍ ର ପରିସ୍ଥିତି ମୋତେ ସମତୁଲ୍ୟ ମନେ ହେଲେ।

### ବିବର୍ତ୍ତନ-୨ ( ଆଦର୍ଶ ସମାଜ )

ଜେଜେମା'ଙ୍କୁ ଆଉ ଗୋଟେ କାହାଣୀ ଶୁଣେଇବାକୁ ଅନୁରୋଧ କଲି। ସେପଟେ ପିଲାମାନଙ୍କର ଲୁଡୁ ଖେଳ ସରି ସାପ-ସିଡ଼ି ଖେଳ ଆରମ୍ଭ ହେଇ ସାରିଥିଲା। ଜେଜେମା' ଆରମ୍ଭ କଲେ ରାମାୟଣର କଥା। ମୋ ପ୍ରିୟ କାହାଣୀମାନଙ୍କ ମଧ୍ୟରୁ ଗୋଟେ। ରାମରାଜ୍ୟର ବର୍ଣ୍ଣନା କରିବାରେ ମୋ ଜେଜେମା' ଅଦ୍ୱିତୀୟ। ଜେଜେମା' ଆରମ୍ଭ କଲେ: ରାମରାଜ୍ୟରେ ପ୍ରଜାମାନଙ୍କର ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଥିଲା। ସେଠି ଜାତି, ଧର୍ମ, ଛୁଆଁଅଛୁଆଁ, ଧନୀ ଓ ଗରିବ ସମସ୍ତେ ସମାନ। ପୃଥିବୀରେ ସ୍ୱର୍ଗର ଭ୍ରମ ସୃଷ୍ଟି କରୁଥିଲା ରାମରାଜ୍ୟ। ରାମ ପିତୃ ସତ୍ୟ ପାଳନ ନିମନ୍ତେ ବନ ଗମନ କଲେ...... । ଜେଜେମା'ଙ୍କ ଗପ ସରିଲା।

ମୁଁ କହିଲି, ଜେଜେମା' ମୁଁ ବି ଗୋଟେ ଗପ କହିବି, ଶୁଣିବ ? ସେ ଅଳ୍ପ ହସି କହିଲେ, ହଉ କହରେ ନାତିଆ। ମୁଁ ଆରମ୍ଭ କଲି,

ରାମରାଜ୍ୟ ଭଳି ଗୋଟେ ଜାଗା ଅଛି ଜେଜେମା'। ସେଠି ନା ବର୍ଷା ଅଛି ନା ଅଛି ଶୀତ। ସେଠି ଚିର ବସନ୍ତ। ସେଠି ସମସ୍ତେ ମିଳିମିଶି ରୁହନ୍ତି। ସେଠି ଜାତି, ଧର୍ମ, ଛୁଆଁଅଛୁଆଁ, ଧନୀ ଓ ଗରିବ ସମସ୍ତେ ସମାନ। ସେଠି ସମସ୍ତେ ଭଲ ଓ ସବୁ ଚେହେରାରେ ହସ ହିଁ ଥାଏ। ଜେଜେମା' ଆଶ୍ଚର୍ଯ୍ୟ ହୋଇ କହିଲେ, ତା'ହେଲେ ତ କଳିଯୁଗ ସରି ସରି ଆସିଲାଣିରେ ନାତିଆ। ମୋତେ ଟିକେ ସେ ରାଇଜ ଆଡ଼େ ବୁଲେଇ ନେ ରେ ନାତିଆ। ମୁଁ ହଁ କହିଲି ଓ ଜେଜେମା'ଙ୍କ ନାଁ ରେ ଗୋଟେ ସୋସିଆଲ ମିଡିଆ ଏକାଉଣ୍ଟ ଖୋଲି ଦେଲି।

କଳ୍ପ କୁଟୀର, ଗୁଣୁପୁର, ରାୟଗଡ଼ା
ମୋ-୭୨୦୫୧୭୭୭୩୨

# ଗଛ, ଗଛ, ଗଛ, ଆଉ ସବୁ ପଛ

ସତ୍ୟନାରାୟଣ ଦେହୁରୀ

ପ୍ରକୃତି- ପରିବେଶ

ବର୍ତ୍ତମାନ ସମୟର ଇଏ ସବୁଠାରୁ ବଡ଼ ଆହ୍ୱାନ। ଆମେ ସବୁ କାମକୁ ପଛରେ ପକାଇ ଆଗ ଗଛ ଲଗାଇବା ଉପରେ ପ୍ରାଧାନ୍ୟ ଦେବା ଗଛ ଲଗାଇବା, ତା'ର ଯତ୍ନ ନେବା ଓ ତା'ର ସୁରକ୍ଷା କରିବା। କାରଣ ପରିବେଶ ପ୍ରଦୂଷଣଜନିତ ଯେଉଁସବୁ ଅସୁବିଧାର ସମ୍ମୁଖୀନ ହେଉଛେ, ସେଥିରୁ ମୁକୁଳିବାକୁ ହେଲେ ବହୁ ପରିମାଣରେ ଗଛ ଲଗାଇବା ଆବଶ୍ୟକ। ବିନା ବିଚାରରେ ଆମେ ଗଛଲତାଗୁଡିକୁ କାଟିଚାଲିଛେ। ଜଙ୍ଗଲରେ ନିଆଁ ଲଗାଇ ଗଛଲତାଗୁଡିକୁ ପୋଡ଼ି ମାରି ଦେଉଛେ। ଜନସଂଖ୍ୟା ବୃଦ୍ଧି, ଯାନବାହନ ବୃଦ୍ଧି, କଳକାରଖାନା ବୃଦ୍ଧି ଇତ୍ୟାଦି କାରଣରୁ ପରିବେଶ ଉପରେ ଯେଉଁ ଚାପ ପଡୁଛି, ତାକୁ ଲାଘବ କରିବା ପାଇଁ ଗଛ ବ୍ୟତିତ ଅନ୍ୟ ବିକଳ୍ପ ନାହିଁ। ଗଛ ହିଁ ପରିବେଶର ଦୂଷିତ ଉପାଦାନକୁ ନେଇ ପରିବେଶକୁ ପ୍ରଦୂଷଣ ମୁକ୍ତ କରିଥାଏ। ଏହି ଧାରଣା ସବୁ ଲୋକଙ୍କ ମନରେ ବଦ୍ଧମୂଳ ହେବା ଆବଶ୍ୟକ।

ଗଛର ଉପକାରିତା ବିଷୟରେ ଯଦି ଆଲୋଚନା କରିବା, ତେବେ ମଣିଷ ବଞ୍ଚି ରହିବା ପାଇଁ ଆବଶ୍ୟକ ହେଉଥିବା ମୌଳିକ ଉପାଦାନଗୁଡ଼ିକ ଏହି ବୃକ୍ଷରାଜୀ ହିଁ ପ୍ରଦାନ କରନ୍ତି। ମଣିଷର ଖାଦ୍ୟ, ବସ୍ତ୍ର, ବାସଗୃହ ସହିତ ଜଳ ଓ ବାୟୁ ସବୁ ପ୍ରାଣୀଜଗତର ବଂଚିବା ପାଇଁ ଆବଶ୍ୟକ। ଏହିସବୁ ଆବଶ୍ୟକତାକୁ ଗଛଲତାମାନେ ଯୋଗାଇଥା'ନ୍ତି। ଶ୍ୱାସକ୍ରିୟା ପାଇଁ ଆବଶ୍ୟକ ଅମ୍ଳଜାନ ଗଛଠାରୁ ମିଳିଥାଏ। ଯେଉଁ ସ୍ଥାନମାନଙ୍କରେ ଗଛ ନାହିଁ, ସେଠାରେ ବିଶୁଦ୍ଧ ଅମ୍ଳଜାନ ପାଇବା କଷ୍ଟକର। ପରିବେଶକୁ ଭାରାକ୍ରାନ୍ତ କରୁଥିବା ଅଙ୍ଗାରକାମ୍ଳକୁ ଗ୍ରହଣ କରିନେଇ ପରିବେଶକୁ ପ୍ରଦୂଷଣମୁକ୍ତ କରିବାରେ ଗଛର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଜଳ ମଧ୍ୟ ଏହି ଗଛମାନଙ୍କ ଦ୍ୱାରା ସୃଷ୍ଟି ହୋଇଥାଏ। ଗଛଲତା ବର୍ଷା ହେବାରେ ମୁଖ୍ୟଭୂମିକା ନିଭାଇଥାଆନ୍ତି। ଗଛଲତା ନ ଥିବା ଅଂଚଳରେ ବର୍ଷାର ପରିମାଣ କମ୍ ହୋଇଥାଏ। ବାୟୁମଣ୍ଡଳକୁ ଥଣ୍ଡା କରିବାରେ ଗଛଲତା ମାନଙ୍କର ଆବଶ୍ୟକତା ରହିଥାଏ। ଏହାବ୍ୟତିତ ଘର ତିଆରି, ଗୃହ ଉପକରଣ ତିଆରି ତଥା ଜାଳେଣୀ ପାଇଁ ମଧ୍ୟ ଆମେ ଗଛଲତା ଉପରେ ନିର୍ଭରଶୀଳ। ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ, ଯଥା – ମହୁ, ଲାଖ, ଝୁଣା, ମହୁଲ ଇତ୍ୟାଦି ପାଇଁ ସବୁବେଳେ ଆମେ ଜଙ୍ଗଲ ଉପରେ ନିର୍ଭର କରିଥାଉ। ଅନେକ ଲୋକ ଏହି ଜଙ୍ଗଲଜାତ ଦ୍ରବ୍ୟକୁ ନେଇ ସେମାନଙ୍କର ଜୀବିକା ନିର୍ବାହ କରନ୍ତି। ମୁଖ୍ୟତଃ ପାହାଡ଼ ଜଙ୍ଗଲରେ ରହୁଥିବା ଆଦିବାସୀ ସଂପ୍ରଦାୟର ଲୋକମାନେ ଏଗୁଡିକ ଉପରେ ବେଶୀ ନିର୍ଭରଶୀଳ।

ଏତେସବୁ ଉପକାରୀତା ଥିବା ସତ୍ୱେ ଗଛଲତା ଉପରେ ମଣିଷର ଅତ୍ୟାଚାର ବଢ଼ିବଢ଼ି ଚାଲିଛି। ବର୍ତ୍ତମାନ ସମୟର ସବୁଠାରୁ ବଡ଼ ସମସ୍ୟା ହେଲା ଜଙ୍ଗଲ ନିଆଁ। ବିଭିନ୍ନ କାରଣରୁ ଜଙ୍ଗଲରେ ନିଆଁ ଲାଗିଥାଏ। ମହୁଲ ସଂଗ୍ରହ ପାଇଁ ମହୁଲ ମୂଳକୁ ନିଆଁ ଲଗାଇ ସଫା କରାଯାଏ। ସେହି ନିଆଁ ଜଙ୍ଗଲକୁ ବ୍ୟାପିଯାଏ। ପୋଡୁ ଚାଷ ପାଇଁ ମଧ୍ୟ ଜଙ୍ଗଲର ବିଭିନ୍ନ ଜାଗାକୁ ନିଆଁ ଲଗାଇ ସଫା କରିଦିଅନ୍ତି। ଏହାଫଳରେ ଅନେକ ଛୋଟବଡ଼ ଗଛ ଜଳିପୋଡି ନଷ୍ଟ ହୋଇଯାଏ। କାଠ ମାଫିଆମାନେ ମୂଲ୍ୟବାନ କାଠ ସଂଗ୍ରହ ପାଇଁ ଜଙ୍ଗଲରେ ନିଆଁ ଲଗାଇ ସଫା କରିଦିଅନ୍ତି। ଏଗୁଡିକ ବ୍ୟତିତ ଆଜିକାଲି ବହୁପରିମାଣରେ ଗଞ୍ଜେଇ ଚାଷ ଜଙ୍ଗଲ ମଧ୍ୟରେ କରାଯାଉଛି। ବନୀକରଣ ପାଇଁ ଜଙ୍ଗଲରେ ଯେଉଁ ଗଛ ଲଗାଯାଇଥାଏ, ତାହା ସଫଳ ହୋଇ ନ ଥାଏ। ସେହି ବିଫଳତାକୁ ଲୁଚାଇବା ପାଇଁ, ପ୍ରମାଣ ନଷ୍ଟ ପାଇଁ ଜଙ୍ଗଲରେ ନିଆଁ ଲଗାଇ ଦିଆଯାଉଛି। ଏହିପରି ବିଭିନ୍ନ କାରଣରୁ ଗଛଲତା ଗୁଡିକୁ ନଷ୍ଟ କରିଦେବା ଫଳରେ ,ସେମାନଙ୍କ ଠାରୁ ପାଉଥିବା ବିଭିନ୍ନ ଉପକାର ପାଇବାରେ ସମସ୍ୟା ଦେଖାଦେଉଛି।

ବୃକ୍ଷରୋପଣ ପାଇଁ ସରକାର ପ୍ରତିବର୍ଷ ଅନେକ ଟଙ୍କା ଖର୍ଚ୍ଚ କରୁଛନ୍ତି। ସାମାଜିକ ବନପ୍ରକଳ୍ପ, ଗ୍ରାମ୍ୟ ଜଙ୍ଗଲ, ବନୀକରଣ ଇତ୍ୟାଦି ମାଧ୍ୟମରେ ଜଙ୍ଗଲ ସୃଷ୍ଟି କରାଯାଉଛି। ଗାଆଁ କିମ୍ବା ସହର ନିକଟରେ ଥିବା ଅଦରକାରୀ ସ୍ଥାନମାନଙ୍କରେ ଗଛ ଲଗାଇ ଜଙ୍ଗଲ ସୃଷ୍ଟି କରାଯାଉଛି। ବିଭିନ୍ନ ଅନୁଷ୍ଠାନରେ ଥିବା ଖାଲି ସ୍ଥାନରେ ଗଛ ଲଗାଯାଉଛି। କଳକାରଖାନା ଥିବା ଅଂଚଳରେ ବହୁପରିମାଣରେ ଗଛ ଲଗାଯାଉଛି। ଜଙ୍ଗଲ ପଦା ହୋଇଯାଇଥିବା ସ୍ଥାନମାନଙ୍କରେ ଗଛ ଲଗାଇ ବନୀକରଣ କରାଯାଉଛି। ଅଧିକରୁ ଅଧିକ ଗଛ ଲଗାଇ ପରିବେଶକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ମାଗଣାରେ ଚାରାବଣ୍ଟନ କରାଯାଉଛି। ପ୍ରତିବର୍ଷ ବନ ମହୋତ୍ସବ ପାଳନ କରି ବୃକ୍ଷରୋପଣକୁ ପ୍ରାଧାନ୍ୟ ଦିଆଯାଉଛି। ସବୁ ପଦକ୍ଷେପ ନିଆଯାଉଥିବାବେଳେ ଆଶାନୁରୂପ ସଫଳତା ମିଳିପାରୁ ନାହିଁ। ଦିନକୁ ଦିନ ଜନସଂଖ୍ୟ ଯେଉଁ ହାରରେ ବଢୁଛି, ଯାନବାହନ ସଂଖ୍ୟା ବଢୁଛି, କଳକାରଖାନା ସଂଖ୍ୟ ମଧ୍ୟ ବଢ଼ିବଢ଼ି ଚାଲିଛି ,ସେହି ଅନୁପାତରେ ଗଛଲତା ବଢ଼ିପାରୁ ନାହିଁ। ଏହାର କାରଣ ଖୋଜିବା ଆବଶ୍ୟକ।

ଗଛଟିଏ ଲଗାଇବା ଯେତିକି ଆବଶ୍ୟକ, ତା'ଠାରୁ ବେଶୀ ଆବଶ୍ୟକ ଗଛଟିଏ ବଞ୍ଚାଇବା। ସବୁବର୍ଷ ଯେତିକି ଗଛ ଲଗାଯାଉଛି, ଯଦି ସେଥିରୁ ୧୦ ଭାଗ ବଞ୍ଚିରହନ୍ତା, ତାହାହେଲେ ଅନେକ ସଫଳତା ମିଳିପାରନ୍ତା। ସବୁଠାରୁ ଦୁଃଖର କଥା ହେଉଛି, ଏବର୍ଷ ଯେଉଁଠାରେ ୧୦୦ ଗଛ ଲାଗିଛି, ଆର ବର୍ଷକୁ ପୁଣି ସେହି ସ୍ଥାନରେ ୧୦୦ ଗଛ ଲାଗୁଛି। ତେବେ କିଛି ବି ସଫଳତା ଆମେ ପାଇପାରୁ ନାହିଁ। ଖାଲି ସରକାରୀ ଅର୍ଥର ବିନିଯୋଗ ହେଉଛି। ନିଜ ଘରେ ଗଛଟିଏ ଲଗାଇଲେ ଯେପରି ତା'ର ଯତ୍ନ ନେଉଛୁ, ସରକାର ମଧ୍ୟ ଯେତେ ଗଛ ଲଗାଉଛନ୍ତି, ସେଗୁଡିକର ଉପଯୁକ୍ତ ଯତ୍ନ ନେଲେ, ବନୀକରଣ ସଫଳ ହେବା ସହିତ, ପରିବେଶ ପ୍ରଦୂଷଣକୁ ବହୁ ପରିମାଣରେ ରୋକାଯାଇ ପାରନ୍ତା। ଆମେ ସମସ୍ତେ ଖାଲି ଗଛପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛେ। ପାଟିରେ ଖାଲି ମିଠା ମିଠା କଥା କହୁଛେ। ଗଛକୁ ନେଇ ଅନେକ କାହଣୀ ତିଆରି କରି ପାରୁଛେ; କିନ୍ତୁ ବାସ୍ତବ ଚିତ୍ର ଅଲଗା। ସମସ୍ତେ ଏକ ମନ ଏକ ପ୍ରାଣ ହୋଇ ପରିବେଶ କଥା ଚିନ୍ତା କରିବା କଥା। ପରିବେଶକୁ ନେଇ ବୈଜ୍ଞାନିକମାନେ ଆକଳନ କଲେଣି, ଯେ ଆଗାମୀ କିଛି ବର୍ଷ ମଧ୍ୟରେ ପୃଥିବୀର ତାପମାତ୍ରା ୫୦ ଡିଗ୍ରୀ ପାର୍ ହୋଇ ଶୀର୍ଷକୁ ଛୁଇଁବ। ତାପମାତ୍ର ବୃଦ୍ଧି ଯୋଗୁଁ ଗ୍ଲେସିଅର ତରଳି ସମୂଦ୍ରର ଜଳପତ୍ତନ ବୃଦ୍ଧିହେବ। ସମୁଦ୍ରକୂଳରେ ବସବାସ କରୁଥିବା ଲୋକମାନେ ବାସହରା ହେବେ। ଅନେକ ସମୁଦ୍ରକୂଳିଆ ସହର ଜଳମଗ୍ନ ହେବ। ଜଳ ସଂକଟ ଦେଖାଦେବ। ଭୂ-ଗର୍ଭର ଜଳସ୍ତର ନିମ୍ନଗାମୀ ହେବ। ଜନଜୀବନ ଅସ୍ତବ୍ୟସ୍ତ ହେବ।

ସବୁ କାମକୁ ପଛରେ ପକାଇ, ଗଛ ଲଗାଇବା ଓ ତା'ର ଉପଯୁକ୍ତ ଯତ୍ନ ନେବାକୁ ପ୍ରାଧାନ୍ୟ ଦେବା ସମସ୍ତଙ୍କର ଏକମାତ୍ର ଲକ୍ଷ୍ୟହେବା ଆବଶ୍ୟକ। ବୃକ୍ଷରୋପଣରେ ନିଷ୍ଠାବାନ ହେବା ଜରୁରୀ। ଖାଲି ଗଛ ଲଗାଇ କାମ ସାରି ନ ଦେଇ ଗଛ ବଞ୍ଚାଇବା ଉଚିତ। ସହରମାନଙ୍କରେ ସ୍ଥାନାଭାବ ହେଲେ ମଧ୍ୟ ଛାତ ଉପରେ ଆଜିକାଲି ବିଭିନ୍ନ ଗଛ ଲଗାଯାଇ ପାରୁଛି। ଅନେକ ଲୋକ ଛାତ ଉପରେ ପନିପରିବା, ଫଳମୂଳ ଚାଷ କରୁଛନ୍ତି। ଏହାସହିତ କିଛି ପରିବେଶ ଉପକାରୀ ଗଛ ଲଗାଇବାକୁ ଆଗ୍ରହୀ ହେବା ଦରକାର। ବହୁ ପରିମାଣରେ ଗଛ ଲଗାଇଲେ ସରକାରଙ୍କ ତରଫରୁ ମଧ୍ୟ ପୁରସ୍କାର ବ୍ୟବସ୍ଥା କରାଯାଇଛି। ପ୍ରତିବର୍ଷ ସରକାରଙ୍କ ତରଫରୁ ରାଜ୍ୟର ସବୁ ଜିଲ୍ଲାରେ 'ପ୍ରକୃତି ମିତ୍ର', 'ପ୍ରକୃତି ବନ୍ଧୁ' ଇତ୍ୟାଦି ପୁରସ୍କାର ଦିଆଯାଉଛି। ଏହାଫଳରେ ଲୋକଙ୍କ ମଧ୍ୟରେ ବୃକ୍ଷରୋପଣ ପାଇଁ ଉତ୍ସାହ ବଢ଼େ। ଏହି ପୁରସ୍କାର ବିଭିନ୍ନ ଅନୁଷ୍ଠାନକୁ ମଧ୍ୟ ଦିଆଯାଇଥାଏ। ଏହା ସରକାରଙ୍କ ଏକ ଭଲ ପଦକ୍ଷେପ।

ରାଧାନଗର , ବୌଦ୍ଧ ,
ମୋ-୯୯୩୮୭୫୮୩୫୩



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ଅଧ୍ୟାପିକାଙ୍କୁ ମାନସିକ ନିର୍ଯାତନା**

# ଝାରବନ୍ଧ ଜୁନିୟର କଲେଜ ଅଧ୍ୟକ୍ଷ ଗିରଫ

ବରଗଡ଼, ୯ ।୪ (ସମିସ): ଦୁଇ ଅଧ୍ୟାପିକାଙ୍କୁ ଜାତିଗତ ଅପମାନ ଓ ମାନସିକ ଉତ୍ପୀଡ଼ନ ଅଭିଯୋଗ ଆଧାରରେ ବରଗଡ଼ ଜିଲ୍ଲା ଝାରବନ୍ଧ ଜୁନିୟର୍ କଲେଜ ଅଧ୍ୟକ୍ଷ ପ୍ରମୋଦ କୁମାର ସାହୁଙ୍କୁ ଝାରବନ୍ଧ ପୁଲିସ ଗରିଫ କରିଛି। ଏହି ଘଟଣାର ଅନ୍ୟତମ ଅଭିଯୁକ୍ତ କଲେଜ ଲାଇବ୍ରେରିଆନ୍ ଚିନ୍ତାମଣି ମିଶ୍ର ଗିରଫଦାରୀ ଭୟରେ ଫେରାର୍



## ଲାଇବ୍ରେରିଆନ୍ ଫେରାର୍

ହୋଇଯାଇଥିବା ଜଣାଯାଇଛି। ଅଭିଯୋଗ ଅନୁଯାୟୀ, ଅଧ୍ୟକ୍ଷ ଶ୍ରୀ ସାହୁ ଓ ଲାଇବ୍ରେରିଆନ୍ ଶ୍ରୀ ମିଶ୍ର ଦୀର୍ଘ ଦିନ ଧରି ସମ୍ପୃକ୍ତ ଅଧ୍ୟାପିକାଦ୍ୱୟଙ୍କୁ ମାନସିକ ଉତ୍ପୀଡ଼ନ କରିବା ସହ ଜାତିଆଣ ଅକ୍ଷେପ କରି ଅପମାନଜନକ କଥା କହୁଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା।

ଅଭିଯୋଗକୁ ଆଧାର କରି ଝାରବନ୍ଧ ପୁଲିସ ନମ୍ବର ୪୦/୨୬ ଓ ୪୧/୨୬ ରେ ବିଭିନ୍ନ ଧାରାରେ ମାମଲା ରୁଜୁ କରିଥିଲା। ପଦ୍ମପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପାଣ୍ଡବ ଶବରଙ୍କ ତତ୍ତ୍ୱାବଧାନରେ ପଦ୍ମପୁର ପୁଲିସ ଟିମ୍ ଏବଂ ଝାରବନ୍ଧ ପୁଲିସ ଟିମ୍ ଅଭିଯୁକ୍ତ ପ୍ରମୋଦ କୁମାର ସାହୁଙ୍କୁ ନୂଆପଡ଼ାରୁ ଗିରଫ କରି ଝାରବନ୍ଧ ଥାନାକୁ ଆଣିଥିଲେ। ଆଜି ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଯାଇଥିବା ସୂଚନା ମିଳିଛି।

ପୂର୍ବରୁ ମଧ୍ୟ କଲେଜରେ ଦୁର୍ନୀତି ସମ୍ପର୍କିତ ଅଭିଯୋଗ ଉଠିଥିଲା ଓ ଗ୍ରାମବାସୀମାନେ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିଲେ। କିନ୍ତୁ, ସେହି ତଦନ୍ତ ପ୍ରକ୍ରିୟା ଆଗକୁ ବଢ଼ିନଥିବା ଅଭିଯୋଗ ହୋଇଛି। ତେଣୁ ଅଧ୍ୟାପିକାଙ୍କ ରିପୋର୍ଟ ଆଧାରରେ ବାଦ ଦିଆଯାଇଥିବା ଅଭିଯୁକ୍ତଙ୍କ ନାମରେ ମାମଲା ରୁଜୁ କରିବା ସହ ଫେରାର୍ ଥିବା ଲାଇବ୍ରେରୀଆନ ଚିନ୍ତାମଣି ମିଶ୍ର ଓ ଅନ୍ୟ ଅଧ୍ୟାପକଙ୍କୁ ଗିରଫ କରି କଲେଜରେ ହୋଇଥିବା ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଖଟିଖିଆ ସଂଗଠନର ସଭାପତି ଭୋଜରାଜ ବାଗ ଦାବି କରିଛନ୍ତି।

■ ମଣ୍ଡି ବଦଳରେ ଚାଷୀଙ୍କୁ ମିଲରେ ଧାନ ଦେବା ପାଇଁ ବାଧ୍ୟ କରାଯିବା ପ୍ରସଙ୍ଗ

# ସତ୍ୟପାଠ ଦାଖଲ ପାଇଁ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୯ ।୪ (ସମିସ): ଖରିଫ ଧାନ ବିକ୍ରି ପାଇଁ ଏଥର ଖୋଲିଥିବା ମଣ୍ଡିରେ ଚାଷୀଙ୍କଠାରୁ ଧାନ ସଂଗ୍ରହ କରା ନଯାଇ ମିଲ୍‌କୁ ଧାନ ନେଇ ଦେବା ପାଇଁ ବାଧ୍ୟ କରାଯିବା ଅଭିଯୋଗକୁ ନେଇ ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଛନ୍ତି। ଏନେଇ ଉଦ୍‌ବେଗ ପ୍ରକାଶ କରିବା ସହ ସପ୍ତାହେ ଭିତରେ ଏହି ପ୍ରସଙ୍ଗରେ ସତ୍ୟପାଠ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଏଥିସହ ମାମଲାରେ ଓଡ଼ିଶା ରାଜ୍ୟ ଯୋଗାଣ ନିଗମକୁ ହାଇକୋର୍ଟ ନୋଟିସ୍ ଜାରି କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଭାରତୀୟ ବିକାଶ ପରିଷଦ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ତରଫରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ମାମଲାର ପରବର୍ତ୍ତୀ ଶୁଣାଣି ସମୟରେ ଆବେଦନକାରୀଙ୍କୁ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମଣ୍ଡି ବଦଳରେ ମିଲ୍‌ରେ ଧାନ ଦେବାକୁ କୁହାଯାଇଥିବା ବେଳେ ପରିବହନ ବାବଦ ଖର୍ଚ୍ଚ ବି ଚାଷୀଙ୍କୁ ବହନ କରିବାକୁ ପଡୁଥିବା ନେଇ ଆବେଦନକାରୀ ଅଭିଯୋଗ କରିଛନ୍ତି। ଗଞ୍ଜାମ, ଗଜପତି, ରାୟଗଡ଼ା ସମେତ କେତେକ ଜିଲ୍ଲାରେ ଏଭଳି ଅନିୟମିତତା ହୋଇଥିବା ଆବେଦନକାରୀ ଦର୍ଶାଇଛନ୍ତି। ପରିବହନ ଓ ବସ୍ତା ବାବଦ କରିଥିବା ଖର୍ଚ୍ଚ ଚାଷୀ କେମିତି ଫେରିପାଇବେ, ସେଥିପାଇଁ ପଦକ୍ଷେପ ନିଆଯାଉ ବୋଲି ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଏପ୍ରିଲ ୨୯କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଗୋପାଳ ପ୍ରସାଦ ଜେନା ମାମଲା ପରିଚାଳନା କରୁଛନ୍ତି।

# 'ଅସୁର ହାଡ଼'କୁ ରାଜ୍ୟ ଜିଓ-ହେରିଟେଜ୍ ସାଇଟ୍ ଘୋଷଣା ଦାବି

ବାରିପଦା, ୯ ।୪ (ସମିସ): ବାରିପଦା ନିକଟସ୍ଥ ବୁଢ଼ାବଳଙ୍ଗ ନଦୀ କୂଳରେ ଥିବା ଐତିହାସିକ ଅସୁର ହାଡ଼ ସ୍ଥାନରେ ଏକ ସାମୁଦ୍ରିକ ଜୀବାଶ୍ମ (ଅନୁପମ ଫସିଲ୍) ପାର୍କ ସ୍ଥାପନ କରିବାକୁ ଇନ୍‌ଟାକ୍ ମୟୂରଭଞ୍ଜ ଚାପ୍ଟର୍ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଦେଇଛି। ଇନ୍‌ଟାକ୍ ମୟୂରଭଞ୍ଜ ଚାପ୍ଟର୍ କନ୍‌ଭେନର୍ ମହାରାଣୀ ରାଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଏହି ପ୍ରସ୍ତାବକୁ ଆଗେଇ ନେଇଛନ୍ତି। ସମ୍ପ୍ରତି ମହାରାଣୀ ରାଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଇନଟାକ୍‌ର ରାଜ୍ୟ ସହକାରୀ ଆବାହକଙ୍କ ସହ ଅସୁର ହାଡ଼ ସ୍ଥାନ ପରିଦର୍ଶନ କରିଥିଲେ।

ସାତପଉଟିଆ, ଉସୁରୁଡିହି, ଇଟାମୁଣ୍ଡିଆ ଓ ମୁକୁରମାଟିଆ ଗ୍ରାମ ମଧ୍ୟରେ ବ୍ୟାପିଥିବା ଏହି ଅଞ୍ଚଳକୁ ସ୍ଥାନୀୟ ଲୋକେ 'ଅସୁର ହାଡ଼' ନାମରେ ଜାଣନ୍ତି। ଏଠାରେ ପ୍ରାୟ ୧୨ରୁ ୧୫ ନିୟୁତ ବର୍ଷ ପୂର୍ବର ସାମୁଦ୍ରିକ ପରିବେଶର ଜୀବାଶ୍ମ ସଂରକ୍ଷିତ ଅଛି। ବିଭିନ୍ନ ପ୍ରକାର ମାଛ, କୁମ୍ଭୀର, କଇଁଛଙ୍କ ଜୀବାଶ୍ମଙ୍କ ସମେତ



ବିଶାଳକାୟ ସାର୍କ ମାଛ ଦାନ୍ତ, ବ୍ୟାଟୋଇଡ୍ (ରେ' ମାଛ), ମୋଲସ୍କା (ଶାମୁକା ପ୍ରଜାତିର) ସମେତ ସମୁଦ୍ରରେ ବସବାସ କରୁଥିବା ଅତ୍ୟନ୍ତ ସୂକ୍ଷ୍ମ ଜୀବଜନ୍ତୁଙ୍କ ଜୀବାଶ୍ମ ମିଳିଛି। ଏହା ପୂର୍ବ ଭାରତର ପ୍ରାଚୀନ ସାମୁଦ୍ରିକ ପରିବେଶ ଓ ଜଳବାୟୁ ପରିବର୍ତ୍ତନର ଏକ ଅମୂଲ୍ୟ ପ୍ରମାଣ।

ଇନ୍‌ଟାକ୍ ମୟୂରଭଞ୍ଜ ଚାପ୍ଟର୍ ପକ୍ଷରୁ ମହାରାଣୀ ରାଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ସରକାରଙ୍କୁ ଚିଠି ଲେଖି ଏହି ସ୍ଥାନକୁ 'ଷ୍ଟେଟ୍ ଜିଓ-ହେରିଟେଜ୍ ସାଇଟ୍' ଘୋଷଣା କରିବାକୁ ଦାବି କରିଛନ୍ତି। ଏହାସହ ଏକ ଆଧୁନିକ ଜୀବାଶ୍ମ ପାର୍କ, ବ୍ୟାଖ୍ୟାନ କେନ୍ଦ୍ର ଓ ଏକ ସୁସଜ୍ଜିତ ମ୍ୟୁଜିୟମ୍ ନିର୍ମାଣ କରିବାକୁ ମଧ୍ୟ ପ୍ରସ୍ତାବ ଦିଆଯାଇଛି। ସମଗ୍ର ଅଞ୍ଚଳକୁ ଫେନ୍ସିଂ କରି ବାଲି ଖନନ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଦାବି କରାଯାଇଛି। ଏହି ପ୍ରସ୍ତାବ କେବଳ ବୈଜ୍ଞାନିକ ଗବେଷଣା ପାଇଁ ନୁହେଁ, ଓଡ଼ିଶାକୁ ଏକ ବିଶ୍ୱସ୍ତରୀୟ ଜିଓ-ଟୁରିଜମ୍ ଗନ୍ତବ୍ୟସ୍ଥଳ କରିବା ପାଇଁ ମଧ୍ୟ ଏକ

## ଜୀବାଶ୍ମ ପାର୍କ, ବ୍ୟାଖ୍ୟାନ କେନ୍ଦ୍ର ଓ ମ୍ୟୁଜିୟମ୍ ନିର୍ମାଣ ପାଇଁ ଇନ୍‌ଟାକ୍‌ର ପ୍ରସ୍ତାବ

ଦୂରଦର୍ଶୀ ପଦକ୍ଷେପ ବୋଲି କୁହାଯାଉଛି। ଏହା ହେଲେ ସ୍ଥାନୀୟ ଲୋକଙ୍କୁ ରୋଜଗାର ମିଳିବା ସହ ଛାତ୍ରଛାତ୍ରୀ ପ୍ରାଗ୍-ଐତିହାସିକ ଜୀବନ ବିଷୟରେ ଜାଣିପାରିବେ। ଇନ୍‌ଟାକ୍ ମୟୂରଭଞ୍ଜ ଚାପ୍ଟର୍ ଏହି ପ୍ରସ୍ତାବକୁ ସରକାରୀସ୍ତରରେ ଶୀଘ୍ର କାର୍ଯ୍ୟକାରୀ କରିବାକୁ ଆହ୍ୱାନ କରିଛି। ଏହା ଓଡ଼ିଶାର ପ୍ରାକୃତିକ ଐତିହ୍ୟକୁ ସୁରକ୍ଷିତ ରଖିବା ସହ ବାରିପଦାକୁ ଏକ ନୂତନ ପର୍ଯ୍ୟଟନ କେନ୍ଦ୍ର କରିପାରିବ ବୋଲି ଆଶା କରାଯାଉଛି।

# ମାଓ ପ୍ରଭାବିତ ଜିଲ୍ଲାରେ 'ଗ୍ରାମୋଦୟ'କୁ ଗୁରୁତ୍ୱ

■ ୧୦ ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ରାଜସ୍ୱ ସଚିବ
■ ସମୟସୀମା ମଧ୍ୟରେ ସରକାରୀ ସେବା ଯୋଗାଅ

ଭୁବନେଶ୍ୱର, ୯।୪(ସମିସ): ରାଜ୍ୟର ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ୧୦ଟି ଜିଲ୍ଲା ଯଥା ବରଗଡ଼, ବୌଦ୍ଧ, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଓ ରାୟଗଡ଼ାର 'ଗ୍ରାମୋଦୟ' କାର୍ଯ୍ୟକ୍ରମକୁ ତ୍ୱରିତ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଜାରି ହୋଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏହି ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ଏହି ନିର୍ଦ୍ଦେଶ ଦିଆଯାଇଛି। ଗତ ୧୯ ମାର୍ଚ୍ଚରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା।

ଉକ୍ତ ବୈଠକର ଆଲୋଚନା ଅନୁଯାୟୀ, ମାଓବାଦୀ ପ୍ରଭାବିତ ଗ୍ରାମଗୁଡ଼ିକରେ ସରକାରୀ ଯୋଜନା ଏବଂ ମୌଳିକ ସୁବିଧା ସୁଯୋଗ ସୁଚାରୁରୂପେ ପହଞ୍ଚାଇବା ସହ ଜନସାଧାରଣ ଓ ପ୍ରଶାସନ ମଧ୍ୟରେ ଦୂରତା ହ୍ରାସ କରି ବିଶ୍ୱାସ ବୃଦ୍ଧି କରିବା 'ଗ୍ରାମୋଦୟ' ଯୋଜନାର ଲକ୍ଷ୍ୟ ରହିଛି। ଏଥିନିମନ୍ତେ ସମ୍ପୃକ୍ତ ଜିଲ୍ଲାମାନଙ୍କୁ ସମୟସୀମା ମଧ୍ୟରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ ତ୍ୱରିତ ପଦକ୍ଷେପ ନେବାକୁ କୁହାଯାଇଛି।

ଏହି ପଦକ୍ଷେପଗୁଡ଼ିକ ମଧ୍ୟରେ ୩୯ଟି ବ୍ଲକ୍‌ର ୪୮୪ଟି ଗ୍ରାମରେ ରହୁଥିବା ବାସହୀନ ପରିବାରଙ୍କୁ ୧୫ ମେ' ମଧ୍ୟରେ ସର୍ଭେକ୍ଷଣ ମାଧ୍ୟମରେ ଚିହ୍ନଟ କରି 'ବସୁନ୍ଧରା ଯୋଜନା' ଅନ୍ତର୍ଗତ ଭୂମି ପ୍ରଦାନ ଓ ଜମିପଟ୍ଟା ଜାରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଏହି ସବୁ ଅଞ୍ଚଳରେ ଇ-ଡିଷ୍ଟ୍ରିକ୍ଟ ପୋର୍ଟାଲ୍ ମାଧ୍ୟମରେ ଆବେଦନ କରିଥିବା ଯୋଗ୍ୟ ହିତାଧିକାରୀଙ୍କୁ ବାସସ୍ଥାନ ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ଉତ୍ତରାଧିକାରୀ ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର ଆଦିକୁ ସମୟସୀମା ଭିତରେ ପ୍ରାଥମିକତା ଆଧାରରେ ପ୍ରଦାନ କରିବାକୁ ଏହି ଚିଠିରେ ନିର୍ଦ୍ଦେଶ ରହିଛି। 'ଗ୍ରାମୋଦୟ' ଯୋଜନାର ଅଗ୍ରଗତି ସମ୍ପର୍କିତ ସମସ୍ତ ଡାଟା ସଂରକ୍ଷଣ ଏବଂ ଜିଲ୍ଲାପାଳମାନଙ୍କ ଦ୍ୱାରା ସମୟୋପଯୋଗୀ ସମୀକ୍ଷା ମାଧ୍ୟମରେ ନିୟମିତ ନିରୀକ୍ଷଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ମାଓବାଦୀ ପ୍ରଭାବିତ ଅଞ୍ଚଳରେ ରାଜସ୍ୱ ବିଭାଗର ଖାଲି ପଦଗୁଡ଼ିକୁ ପ୍ରାଥମିକତା ଭିତ୍ତିରେ ପୂରଣ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

**ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣା**

# ଦୁଇ ଶିକ୍ଷକଙ୍କ ଗିରଫଦାରୀ ଉପରେ ହାଇକୋର୍ଟଙ୍କ ଅନ୍ତରୀଣ ଅଙ୍କୁଶ

କଟକ, ୯ ।୪(ସମିସ): ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ରୁଜୁ କ୍ରାଇମବ୍ରାଞ୍ଚ ମାମଲାରେ ଆବେଦନକାରୀ ଦୁଇଜଣ ଶିକ୍ଷକଙ୍କ ଗିରଫଦାରୀ ଉପରେ ହାଇକୋର୍ଟ ଅନ୍ତରୀଣ ଅଙ୍କୁଶ ଜାରି କରିଛନ୍ତି। ବିବେକାନନ୍ଦ ନନ୍ଦ ଓ ଅକ୍ଷୟ କୁମାର ରଥଙ୍କ ଅଗୁଆ ଜାମିନ ଆବେଦନର ଏକତ୍ର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରଶ୍ନପତ୍ର ଲିକ୍ ଘଟଣାରେ ଦୁଇ ଆବେଦନକାରୀଙ୍କ କ'ଣ ଭୂମିକା ରହିଛି, ସେନେଇ ଆଗୁଆ ଜାମିନ ଆବେଦନର ପରବର୍ତ୍ତୀ ଶୁଣାଣି ସମୟରେ ଅବଗତ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ କହିଛନ୍ତି।

ହାଇକୋର୍ଟରୁ ଅନ୍ତରୀଣ ସୁରକ୍ଷା ମିଳିବା ପରେ ପ୍ରଶ୍ନପତ୍ର ଲିକ୍ ସଂପର୍କିତ ମାମଲାରେ ଦୁଇ ଆବେଦନକାରୀଙ୍କୁ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଗିରଫ କରାଯିବ ନାହିଁ ବୋଲି ସ୍ପଷ୍ଟ ହୋଇଛି। ଆସନ୍ତା ଏପ୍ରିଲ ୧୩କୁ ଦୁଇ ଆଗୁଆ ଜାମିନ ଆବେଦନର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

ପ୍ରକାଶ ଥାଉକି, ପ୍ରଶ୍ନପତ୍ର ଲିକ୍ ସଂପର୍କିତ ମୂଳ ଏତଲାରେ ଆବେଦନକାରୀଙ୍କ ନାମ ଉଲ୍ଲେଖ ନଥିଲା ବେଳେ ସାକ୍ଷୀଙ୍କ ବୟାନ ବୟାନରେ କେତେକ ଶିକ୍ଷକଙ୍କ ଭୂମିକା ସଂକ୍ରାନ୍ତରେ ଉଲ୍ଲେଖ କରାଯାଇଥିବା କୁହାଯାଉଛି। ଏହାପରେ ସମ୍ଭାବ୍ୟ ଗିରଫଦାରୀ ଏଡ଼ାଇବା ପାଇଁ ଦୁଇ ଶିକ୍ଷକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଓଏସ୍‌ଏସ୍‌ଟିଇଟି ଫଳ ପ୍ରକାଶିତ

କଟକ, ୯ ।୪ (ସମିସ): ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ 'ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ଯୋଗ୍ୟତା ପରୀକ୍ଷା' (ଓଏସ୍‌ଏସ୍‌ଟିଇଟି)-୨୦୨୫ର ଫଳ ଆଜି ପ୍ରକାଶ ପାଇଛି। ଚଳିତବର୍ଷ ପରୀକ୍ଷା ଫଳ ଉତ୍ସାହଜନକ ରହିଛି। ମୋଟ ପାସ୍ ହାର ୭୨.୩୮% ରହିଥିବା ବୋର୍ଡ ତରଫରୁ ସୂଚନା ଦିଆଯାଇଛି। ପେପର୍-୧ ଏବଂ ପେପର୍-୨ ପାଇଁ ମୋଟ

■ ୭୨.୩୮ ପ୍ରତିଶତ ପରୀକ୍ଷାର୍ଥୀ କୃତକାର୍ଯ୍ୟ
■ ଓଟିଇଟି ଆବେଦନ ମେ ୯ ପର୍ଯ୍ୟନ୍ତ ବୃଦ୍ଧି

୫୬,୪୫୬ ଜଣ ପରୀକ୍ଷାର୍ଥୀ ପଞ୍ଜୀକରଣ କରିଥିଲେ। ଗତ ଜାନୁଆରୀ ୨୧ରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପରୀକ୍ଷାର୍ଥୀମାନଙ୍କ ଫଳ ଆଜି ବୋର୍ଡର ୱେବସାଇଟ୍‌ରେ ଉପଲବ୍ଧ କରାଯାଇଛି। କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀମାନେ ବୋର୍ଡ ୱେବସାଇଟ୍‌ରୁ ସେମାନଙ୍କର ଡିଜିଟାଇଜ ପ୍ରମାଣପତ୍ରକୁ ନିର୍ଦ୍ଧାରିତ ଫି' ପଇଠ କରି ଡାଉନଲୋଡ୍ କରିପାରିବେ। ସେହିଭଳି ଯେଉଁମାନେ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଛନ୍ତି, ସେମାନେ ସେମାନଙ୍କ ଓଏମ୍ଆର୍ ଉତ୍ତରଖାତାକୁ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଡାଉନଲୋଡ୍ କରିପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ଓଟିଇଟି-୨୦୨୬ ପରୀକ୍ଷା ପାଇଁ ଅନଲାଇନ୍ ଆବେଦନ ଶେଷ ତାରିଖକୁ ଆସନ୍ତା ମେ' ୯ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ପରୀକ୍ଷା ତାରିଖ ଖୁବଶୀଘ୍ର ଘୋଷଣା କରାଯିବ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।

# ସାଂଘାଇ ନିକଟରେ ୪୦ ଦିନ ପାଇଁ ଆକାଶପଥ ବନ୍ଦ କଲା ଚୀନ୍

ବେଜିଂ/ସାଂଘାଇ, ୯ ।୪(ଏଜେନ୍ସି): ଚୀନ୍ ସରକାର ସାଂଘାଇ ଉପକୂଳବର୍ତ୍ତୀ ଅଞ୍ଚଳରେ ଏକ ବିଶାଳ ଆକାଶପଥକୁ ଆସନ୍ତା ୪୦ ଦିନ ପାଇଁ ସାଧାରଣ ବିମାନ ଚଳାଚଳ ନିମନ୍ତେ ନିଷିଦ୍ଧ କରିଛନ୍ତି। ଆମେରିକାର ଫେଡେରାଲ ଏଭିଏସନ ଆଡମିନିଷ୍ଟ୍ରେସନ (ଏଫ୍‌ଏଏ) ତରଫରୁ ପ୍ରକାଶିତ ଏକ ନୋଟିସ ଅନୁଯାୟୀ, ଏହି କଟକଣା ମେ ୬ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ତେବେ ଏତେ ବଡ଼ ନିଷ୍ପତ୍ତି ପଛରେ ଚୀନ୍ କୌଣସି ସ୍ପଷ୍ଟ କାରଣ ଦର୍ଶାଇ ନାହିଁ। ନିଷିଦ୍ଧ କରାଯାଇଥିବା ଆକାଶପଥ ପ୍ରାୟ ୭୩, ୦୦୦ ବର୍ଗ କିମି ଅଞ୍ଚଳରେ ବ୍ୟାପିଛି, ଯାହା ତାଇୱାନ ଆକାଶଠାରୁ ପ୍ରାୟ ଦୁଇଗୁଣା। ଏହି ଅଞ୍ଚଳ ହଳଦିଆ ସାଗର ଓ ପୂର୍ବ ଚୀନ୍ ସାଗର ମଧ୍ୟରେ ଅବସ୍ଥିତ, ଯାହା ଚୀନ୍, ଜାପାନ, ଦକ୍ଷିଣ କୋରିଆ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଜଳଭାଗ। ସାଧାରଣତଃ ସାମରିକ ଅଭ୍ୟାସ ପାଇଁ କିଛି ଦିନ ପୂର୍ବରୁ ସୂଚନା ଦିଆଯାଏ, ମାତ୍ର ଏହି କଟକଣା ହଠାତ୍ ଏବ ଦୀର୍ଘ ସମୟ ପାଇଁ ଲାଗୁ କରାଯାଇଛି। ପ୍ରତିରକ୍ଷା ବିଶେଷଜ୍ଞଙ୍କ ମତରେ, ଏଭଳି କଟକଣା କେବଳ ସାମରିକ ଉଦ୍ଦେଶ୍ୟରେ ହିଁ କରାଯାଇଥାଏ। ଚୀନ ଏହି ଅଞ୍ଚଳରେ କ୍ଷେପଣାସ୍ତ୍ର ପରୀକ୍ଷା କିମ୍ବା ବଡ଼ ଧରଣର ବିମାନ ବାହିନୀ ଅଭ୍ୟାସ କରିବାର ସମ୍ଭାବନା ରହିଛି। ଅନ୍ୟପଟେ ଆମେରିକା ମଧ୍ୟପ୍ରାଚ୍ୟ ଯୁଦ୍ଧରେ ବ୍ୟସ୍ତ ଥିବାରୁ ଚୀନ୍ ଏହି ଅଞ୍ଚଳରେ ନିଜର ସାମରିକ ପ୍ରଭାବ ବିସ୍ତାର କରିବାକୁ ଚେଷ୍ଟା କରୁଛି ବୋଲି ତାଇୱାନର ସୁରକ୍ଷା ଅଧିକାରୀମାନେ କହିଛନ୍ତି। ଚୀନ ଏହି ପଦକ୍ଷେପ ଜାପାନ ଓ ଦକ୍ଷିଣ କୋରିଆ ଭଳି ଦେଶମାନଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଟ୍ରମ୍ପଙ୍କ ବୋଲ ମାନୁନି...

ପକ୍ଷରୁ କୁହାଯାଇଛି। ଲେବାନନ ସ୍ଥିତି ବର୍ତ୍ତମାନ ଅତ୍ୟନ୍ତ ଶୋଚନୀୟ। ଗୋଟିଏ ଦିନର ଆକ୍ରମଣରେ ୨୫୪ରୁ ଅଧିକ ଜୀବନ ଚାଲିଯାଇଥିବା ବେଳେ ୧,୧୬୫ରୁ ଅଧିକ ବ୍ୟକ୍ତି ଆହତ ହୋଇଛନ୍ତି।

ଏବେ ଏହି ଯୁଦ୍ଧବିରତିକୁ ନେଇ ମତଭେଦ ଦେଖାଦେଇଛି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ସ୍ପଷ୍ଟ କରିଛନ୍ତି ଯେ, ଲେବାନନ ଏହି ଯୁଦ୍ଧ ବିରତିର ଅଂଶବିଶେଷ ନୁହେଁ। ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସ ମଧ୍ୟ ଏହାକୁ ସମର୍ଥନ କରି କହିଛନ୍ତି ଯେ, ଏଭଳି କୌଣସି ପ୍ରତିଶ୍ରୁତି ଦିଆଯାଇନାହିଁ। ମଧ୍ୟସ୍ଥତା କରୁଥିବା ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ କହିଛନ୍ତି ଯେ ଚୁକ୍ତି ଅନୁଯାୟୀ ଲୋବନନ୍‌ରେ ଶାନ୍ତି ବଜାୟ ରହିବା ଉଚିତ୍। ଇରାନର ବୈଦେଶିକ ମନ୍ତ୍ରୀ ଆବ୍ବାସ ଆରଗଚି ଚେତାବନୀ ଦେଇଛନ୍ତି ଯେ ୱାସିଂଟନକୁ ଶାନ୍ତି କିମ୍ବା ଇସ୍ରାଏଲର ଅସମାପ୍ତ ଯୁଦ୍ଧ ମଧ୍ୟରୁ ଗୋଟିଏକୁ ବାଛିବାକୁ ପଡ଼ିବ। ଏବେ ଏହି ସାମ୍ପ୍ରତିକ ପରିସ୍ଥିତି ଏକ ବଡ଼ ଧରଣର ଆଞ୍ଚଳିକ ମହାସମରକୁ ସଙ୍କେତ ଦେଉଛି।

ଇସ୍ରାଏଲର ଲେବାନନ ଆକ୍ରମଣ ନେଇ ବିରକ୍ତି ପ୍ରକାଶ କରିଛି ଇରାନ। ଏହାର ସେନା ପକ୍ଷରୁ କୁହାଯାଇଛି ଯେ ଇସ୍ରାଏଲକୁ କଡ଼ା ଜବାବ ଦେବାଲାଗି ସେନା ପ୍ରସ୍ତୁତ ହୋଇରହିଛି। ଯୁଦ୍ଧବିରତି ବୁଝାମଣା ଅନୁଯାୟୀ ଇସ୍ରାଏଲ ଆକ୍ରମଣ ବନ୍ଦ ନକଲେ ଇରାନ ତା ଉପରେ କ୍ଷେପଣାସ୍ତ୍ର ବର୍ଷା କରିବାକୁ ପଛାଇବ ନାହିଁ। କିନ୍ତୁ ଇସ୍ରାଏଲ କିଛି ମାନିବାକୁ ପ୍ରସ୍ତୁତ ନୁହେଁ। ଇସ୍ରାଏଲରଏଭଳି ଆଚରଣ ନେଇ ସମାଲୋଚନା କରିଛନ୍ତି ଜାତିସଂଘ ମହାସଚିବ ଏବଂ ଫ୍ରାନ୍ସ ରାଷ୍ଟ୍ରପତି।

ତେବେ ଲେବାନନ ସହିତ ଶାନ୍ତି ଆଲୋଚନା କରିବାକୁ ରାଜି ହୋଇଛନ୍ତି ଇସ୍ରାଏଲ ପ୍ରଧାନମନ୍ତ୍ରୀ। ଆସନ୍ତା ସପ୍ତାହ ଏହି ଆଲୋଚନା ହୋଇପାରେ। ତେବେ ଆକ୍ରମଣ ବନ୍ଦ ରଖିବା ଲାଗି ସେ କୌଣସି ପ୍ରତିଶ୍ରୁତି ଦେଇ ନାହାନ୍ତି।

ଇତିମଧ୍ୟରେ ଇରାନ ପକ୍ଷରୁ କୁହାଯାଇଛି ଯେ ହର୍ମୁଜରେ ଦିନକୁ ମାତ୍ର ୧୫ଟି ତୈଳ ଜାହାଜକୁ ଯିବାଲାଗି ସୁଯୋଗ ଦିଆଯିବ। ତେବେ ଏଥିପାଇଁ ସେମାନଙ୍କୁ ଇରାନୀ ସେନାର ଅନୁମତି ନେବାକୁ ପଡ଼ିବ। ଆବଶ୍ୟକ ସର୍ତ୍ତ ପୂରଣ କରିବା ପରେ ଇରାନୀ ନୌସେନା ସେମାନଙ୍କୁ ସୁରକ୍ଷିତ ଭାବେ ହର୍ମୁଜ ପାର କରାଇବ। ବିନା ଅନୁମତିରେ କୌଣସି ଜାହାଜ ଯିବାକୁ ଉଦ୍ୟମ କଲେ ଏହାକୁ ଆକ୍ରମଣ କରି ଧ୍ୱଂସ କରାଯିବ। ବାରେଲ ପିଛା ଏକ ଡଲାର ଆଦାୟ କରିବ ଇରାନ ବୋଲି ଜଣାପଡ଼ିଛି। ଗତକାଲି କୁହାଯାଇଥିଲା ଯେ ଜାହାଜ ପିଛା ୨୦ ଲକ୍ଷ ଡଲାର ଆଦାୟ କରାଯିବ।

### କେରଳ, ଆସାମ...

ହେଭିୱେଟ୍ ନେତାଙ୍କ ଭାଗ୍ୟ ଇଲେକଟ୍ରୋନିକ ଭୋଟିଂ ମେସିନ (ଇଭିଏମ୍)ରେ ବନ୍ଦ ରହିଛି। ପୁଡୁଚେରୀରେ ମୁଖ୍ୟମନ୍ତ୍ରୀ ଏନ୍ ରଙ୍ଗାସ୍ୱାମୀ ମୋଟରସାଇକଲରେ ବସି ପୋଲିଂ ବୁଥ୍‌କୁ ଆସି ଭୋଟ୍ ଦେଇ ଚର୍ଚ୍ଚାରେ ରହିଥିଲେ। ସେହିପରି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ମତଦାନ ପୂର୍ବରୁ ଗୌହାଟୀର ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। କେରଳ ମୁଖ୍ୟମନ୍ତ୍ରୀ ନିନାରାୟି ବିଜୟନ ସକାଳୁ ମତଦାନ କରିଥିବା ବେଳେ ବରିଷ୍ଠ କଂଗ୍ରେସ ନେତା ଏକେ ଆଣ୍ଟୋନି ତିରୁଅନନ୍ତପୁରମରେ ଭୋଟ ଦେଇଥିଲେ। କେତୋଟି କାଁଭାଁ ଘଟଣାକୁ ବାଦ୍ ଦେଲେ ମୋଟ୍ ଉପରେ ମତଦାନ ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଥିଲା। କେରଳରେ ବିଜୟନ ତୃତୀୟ, ଆସାମରେ ହିମନ୍ତ ଦ୍ୱିତୀୟଥର ପାଇଁ କ୍ଷମତାକୁ ଫେରିବା ଲକ୍ଷ୍ୟରେ ରହିଛନ୍ତି। ସେହିପରି ପୁଡୁଚେରୀରେ ବିଜେପି ମେଣ୍ଟ ପୁଣି କ୍ଷମତା ହାସଲ କରିବା ଲକ୍ଷ୍ୟରେ ରହିଛି। ଆସନ୍ତା ମଇ ୪ ତାରିଖରେ ଫଳାଫଳ ଘୋଷଣା ହେବ।

**AFFIDAVIT**

I, **Mousumi Ghosh**, W/o.- Maniklal Ghosh. Permanent Resident of At-Matha Sahi, Near Shiva Temple, PO-Tulasipur, Dist-Cuttack-753008, Odisha, India declare by this affidavit No.2477, Dt.07.04.2026. That now onwards I shall be known as **Mousumi Dutta** for all future purposes.

**AFFIDAVIT**

I Priyanka, D/o- Nabakishore Mahanta, Resident at- Baruna, Po- Kalinga , Ps-Baria , Pin- 758044 declare that affidavit No- CFN. 46 on dated 08.04.2026 that now onwards I shall be known as **Priyanka Mahanta** for all future purposes.

**AFFIDAVIT**

I, Smt. Susmita Singh, W/o.: Jayanta Kumar Mohapatra, of Vill: Belgodia, W. No. 1, P.S.: Bhanjpur, Dist.: Mayurbhanj, Odisha. My actual name is Susmita Singh as per my aadhaar card and Other Educational Certificate, But in my daughter's school at OAV Ranibhol, MBJ, Admission register my name is recorded as Susmita Mohapatra instead of Susmita Singh, This is the same and one person belongs to myself and it is Required in my daughter's admission in class vi.

**Sd/- Susmita Singh**

**AFFIDAVIT**

By virtue of an affidavit sworn before the Executive Magistrate Rasgabinda pur on Dated 7th April 2026, I, Mrs Laxmi Murmu, Address At-Mahulia, Po-Patagadia, Ps-Rasgabinda pur, Dist-Mayurbhanj, State-Odisha, Pin-757016, Odisha, have changed my name from "Kapura Murmu" to "Laxmi Murmu". Henceforth, I shall be known as **"Laxmi Murmu"** for all purposes.

**Sd/- Laxmi Murmu**

**AFFIDAVIT**

By virtue of an affidavit no.636 before the Executive Magistrate, Umerkote, dtd.23.03.2026, I, Rakesh Kumar Agrawal, S/o Mahendra Prasad Agrawal, At-Kusumguda, Umerkote, Nabarangpur-764073, odisha declare that my father's correct name is Mahendra Prasad Agrawal, but wrongly written as Mohendra Prasad Agrawall in my Passport & HSC Certificate. That **Mahendra Prasad Agrawal & Mohendra Prasad Agrawall** refer to one and the same person, i.e., my father.

**Sd/- Rakesh Kumar Agrawal**

**AFFIDAVIT**

I, Aparajita Samantroy, D/o- Aruna Samantroy, W/o- Late Sankar Kumar Pani, Resident At- Goilundi Shanti Nagar, Po- Medical College, Ps- Brahmapur Sadar, Dist- Ganjam, PIN-760004, Odisha, declare by this affidavit No.104/AA on dated 09.04.2026. that now onwards I shall be known as **APARAJITA PANI, D/o. ARUN KUMAR SAMANTARAY** for all future purposes.

**AFFIDAVIT**

ଶିଖା ଶ୍ୱେରୁପ ନାୟକ ବୟସ (୪୫) ସ୍ୱା/ ଗଦାଧର ନାୟକ, ଗ୍ରାମ- ଆର.ଆର. ୦୬୦୦, ସ୍ୱାମୀପାଟଣା, ଜିଲ୍ଲା- ଭଦ୍ରକ, ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଘୋଷଣା କରୁଅଛିକି ମୋର ନାମ ସାର୍ଟିଫିକେଟ ରେ ଯମୁନା ବାଳା ନାୟକଉଲ୍ଲେଖ ଅଛି ମୋର ନାମ ଶିଖା ଶ୍ୱେରୁପ ନାୟକ ପରିବର୍ତ୍ତେ ଯମୁନା ବାଳା ନାୟକ ବୋଲି ଉଲ୍ଲେଖ ଅଛି, ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଆଫିଡେଫିଟ ନଂ- ୧୨୮୯, ତା-୬/୩/୨୦୨୬, ବଳରେ ମୁଁ ଏବେ ମୋର ସମସ୍ତ ଦରକାରୀ କାଗଜପତ୍ର ଶିଖା ଶ୍ୱେରୁପ ନାୟକ ନାମରେ ପରିଚିତ କଲି, ଯାହା ଆବଶ୍ୟକ ସ୍ଥଳେ କାର୍ଯ୍ୟରେ ଆସିବ। (ଶିଖା ଶ୍ୱେରୁପ ନାୟକ ଏବଂ ଯମୁନା ବାଳା ନାୟକ ଜଣେଅଟନ୍ତି)

ସ୍ୱା/-ଶିଖା ଶ୍ୱେରୁପ ନାୟକ

**AFFIDAVIT**

ମଦନ ମୋହନ ପୃଷ୍ଟି ବୟସ(୩୪), ପି: ଭରତ ଚନ୍ଦ୍ର ପୃଷ୍ଟି, ଗ୍ରାମ- ଉତେଇପୁର, ପୋ- ଦେହୁଡି ଆନନ୍ଦପୁର, ଥାନା- ଧାମନଗର, ଜିଲ୍ଲା- ଭଦ୍ରକ, ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଘୋଷଣା କରୁଅଛିକି ମୋର ନାମ ଘରବାଡ଼ି ପଟାରେ ମଦନ ପୃଷ୍ଟି ଉଲ୍ଲେଖ ଅଛି ମୋର ନାମ ମଦନ ମୋହନ ପୃଷ୍ଟି ପରିବର୍ତ୍ତେ ମଦନ ପୃଷ୍ଟି ବୋଲି ଉଲ୍ଲେଖ ଅଛି, ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଆଫିଡେଫିଟ ନଂ- ୧୨୮୨, ତା-୬/୩/୨୦୨୬, ବଳରେ ମୁଁ ଏବେ ମୋର ସମସ୍ତ ଦରକାରୀ କାଗଜପତ୍ର ମଦନ ମୋହନ ପୃଷ୍ଟି ପରିଚିତ କଲି, ଯାହା ଆବଶ୍ୟକ ସ୍ଥଳେ କାର୍ଯ୍ୟରେ ଆସିବ। (ମଦନ ମୋହନ ପୃଷ୍ଟି ଏବଂ ମଦନ ପୃଷ୍ଟି ଜଣେଅଟନ୍ତି)

ସ୍ୱା/-ମଦନ ମୋହନ ପୃଷ୍ଟି

**AFFIDAVIT**

By virtue of an affidavit sworn before The Executive Magistrate, Dist- Kalahandi on dtd- 09/04/2026. I, **Aswin Singh,** aged about 36 years, S/o Kailash Singh, resident of At- Patiguda, Po- Ranibahal, Ps- Jayapatna, Dist- Kalahandi, Odisha declare that I have changed my minor son's name from **Sidhanth Sing** (old name) to **Sidharth Singh** (new name). Henceforth, he shall be known as **Sidharth Singh** (new name) for all purposes.

**Aswin Singh**

**AFFIDAVIT**

By virtue of an affidavit No.732 sworn before the Executive Magistrate, Balikuda on dtd- 08/04/2026, I **Sanatana Rout,** S/o- Jhari Rout, permanent resident of At- Olash, Po- Borikina, Ps- Balikuda, Dist- Jagatsinghpur, Pin- 754110, Odisha, declare that I have changed my name from **Bablu Roy** (old name) to **Sanatana Rout** (new name), Henceforth, I shall be known as **Sanatana Rout** for all future purposes

**Sanatana Rout**

**AFFIDAVIT**

I, **Santilata Swain,** W/o- Late Banga Bihari Swain, resident of C/3, Sector- 14, Rourkela-9, Dist- Sundargarh, Odisha, Pin- 769009, declare that my correct name is Santilata Swain which is mentioned in my Aadhaar & PAN Card but in other some documents my name has been reflected as **Santilata Jena** & **Santilata Badajena.** So I declare that **Santilata Swain** & **Santilata Jena** & **Santilata Badajena** is one and same person, that now onwards I shall be known as **SANTILATA SWAIN** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Dist- Kalahandi on dtd- 09/04/2026. I, **Aswin Singh,** aged about 36 years, S/o Kailash Singh, resident of At- Patiguda, Po- Ranibahal, Ps- Jayapatna, Dist- Kalahandi, Odisha declare that I have changed my minor daughter's name from **Siddheswari Singh** (old name) to **Sidheswari Singh** (new name). Henceforth, she shall be known as **Sidheswari Singh** (new name) for all purposes.

**Aswin Singh**

**OFFICE OF THE ROURKELA MUNICIPAL CORPORATION: ROURKELA**
**INVITATION FOR BID**

No.: 4515, Date: 06.04.2026 — 13001/118/2627

**Bid Identification No.: MC/RMC/23/2026**

The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in single cover on online Mode. Bid Identification No. MC/RMC/23/2026 for 05 nos. Electrical work with value of **Rs. 8.55 lakh to 19.10 lakh.**

1) Bid documents will be available in website **www.tendersorissa.gov.in** from **07.04.2026.**
2) Bids must be submitted on **"online" on or before 22.04.2026 by 17.00 hours.**
3) Bids shall be opened at **11.00 hours on 23.04.2026** in the office of the undersigned in the presence of the bidders or their authorized agents.
4) Other details will be available in the website tendersorissa.gov.in.

Sd/-Municipal Commissioner
Rourkela Municipal Corporation

OIPR-13001/13131/1/26-27/0008

**ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବିବିନା, ସଇଁତଳା, ବଲାଙ୍ଗିର**

27001/11/2627

ଜ୍ଞାପକ ସଂଖ୍ୟା - ୦୦୧ — ତାରିଖ: ୦୯/୦୪/୨୦୨୬

**ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବିବିନା, ସଇଁତଳାର ଛାତ୍ରାବାସ ନିମନ୍ତେ ଚୁକ୍ତିଭିତ୍ତିକ ନିଯୁକ୍ତି ବିଜ୍ଞପ୍ତି**

ଓଡ଼ିଶା ସରକାରଙ୍କ ଅଧିନରେ ପରିଚାଳିତ ବଲାଙ୍ଗିର ଜିଲ୍ଲାର ସଇଁତଳା ବ୍ଲକ୍ ଅନ୍ତର୍ଗତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବିବିନା ଛାତ୍ରାବାସ (Non-KGV) ନିମନ୍ତେ Warden, Head cook, Assisitant cook, Chowkidar-cum-Sweeper ଚୁକ୍ତିଭିତ୍ତିକ ନିଯୋଜନ ନିମନ୍ତେ ଯୋଗ୍ୟ ପ୍ରାର୍ଥଙ୍କ ଠାରୁ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଛାତ୍ରାବସ ପାଇଁ ଆବେଦନ କରୁଥିବା ପ୍ରାର୍ଥୀମାନେ ପୁରୁଷ ହେବା ଆବଶ୍ୟକ। ସମସ୍ତ ପଦବୀ ସଂପୂର୍ଣ୍ଣ ଭାବରେ ଅସ୍ଥାୟୀ ଓ ଚୁକ୍ତିଭିତ୍ତିକ ଅଟେ। ଆବେଦନ ଫର୍ମରେ ଆବଶ୍ୟକ ପ୍ରମାଣପତ୍ର ସଂଲଗ୍ନ କରି ତା.11.04.2026 ରୁ 25.04.2026 ରିଖ ସୁଦ୍ଧା ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବିବିନା, ସଇଁତଳା ଠିକଣାରେ ରେଜିଷ୍ଟ୍ରି / ସ୍ପିଡ ପୋଷ୍ଟ କରି ଏବଂ ବିଦ୍ୟାଳୟରେ କେବଳ କାର୍ଯ୍ୟଦିବସରେ ସମସ୍ତ ସକାଳ ଘ.06.30 ମି ରୁ ଘ.10.30ମି ମଧ୍ୟରେ ଆବେଦନ କରିବା ଆବଶ୍ୟକ। ବିଜ୍ଞାପନର ସଂପୂର୍ଣ୍ଣ ବିବରଣୀ ଏବଂ ଆବେଦନ ଫର୍ମ https://balangir.odisha.gov.in ଏବଂ https://oav.edu.in/OAVBIB ରେ ଉପଲବ୍ଧ ଅଟେ।

ସା/- ଅଧ୍ୟକ୍ଷ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବିବିନା, ସଇଁତଳା, ବଲାଙ୍ଗିର

OIPR-27001/27218/1/26-27/0001



# ଭୁବନେଶ୍ୱର ସିଟି

# ଗଡୁଛି 'କଳାମଣ୍ଡଳ' କଷ୍ଟ; ପୁଣି ଏପ୍ରିଲ୍‌କୁ ଅପେକ୍ଷା?

## କେବେ ପୂରଣ ହେବ ମଞ୍ଚ ଅଭାବ ଓ ବଡ଼ ସମ୍ମିଳନୀ କକ୍ଷର ଆବଶ୍ୟକତା

ଭୁବନେଶ୍ୱର, ୯।୪(ସମିସ): ଚଳିତ ଏପ୍ରିଲ ମାସରୁ କାର୍ଯ୍ୟକ୍ଷମ ହେବ ରାଜ୍ୟର ସୁବଠାରୁ ବଡ଼ ସମ୍ମିଳନୀ କକ୍ଷ 'କଳାମଣ୍ଡଳ'। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ କଳାମଣ୍ଡଳ କଳା, ସଂସ୍କୃତି, ପର୍ଯ୍ୟଟନ, ଐତିହ୍ୟ ଭରା ଓଡ଼ିଶାର ମିନିଏଚରକୁ ଗୋଟିଏ ଛାତ ତଳେ ଦେଖିବେ ପର୍ଯ୍ୟଟକ। ନୂଆଦିଲ୍ଲୀର ଭାରତ ମଣ୍ଡପ ଭଳି ଓଡ଼ିଶାର ବିଭିନ୍ନ ବଡ଼ବଡ଼ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଏହି ସମ୍ମିଳନୀ କକ୍ଷ ଉଦ୍ଦିଷ୍ଟ ରହିବ। ଦୀର୍ଘବର୍ଷ ଧରି ଏହାର ଉଦ୍‌ଘାଟନ ଅନିଶ୍ଚିତତା ମଧ୍ୟରେ ରହିଥିବା ବେଳେ ଚଳିତ ୨୦୨୬ ମସିହା ଏପ୍ରିଲ ମାସ ୨୮ ତାରିଖ ମଧୁବାବୁଙ୍କ ଜନ୍ମଦିନରେ ଉଦ୍‌ଘାଟନ କରାଯିବାକୁ ଲକ୍ଷ୍ୟ ରହିଥିବା ସଂସ୍କୃତି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ସୂଚନା ଅନୁସାରେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାୟ୧୦୦ କୋଟି ଟଙ୍କା ବିନିଯୋଗରେ ଏହି ପ୍ରକଳ୍ପ ଆରମ୍ଭ କରିଥିଲେ। ଇଡ୍‌କୋ ଦ୍ୱାରା ସମ୍ପାଦିତ ଏହି ପ୍ରକଳ୍ପ ମଧ୍ୟରେ ଅନେକ ସୁବିଧା ରହିଛି। କଳାମଣ୍ଡଳ ପ୍ରେକ୍ଷାଳୟରେ ଅଢ଼େଇ ହଜାର ଦର୍ଶକ ଏକାସାଙ୍ଗରେ ବସି ବିଭିନ୍ନ କାର୍ଯ୍ୟକ୍ରମ ଦେଖିବାର ସୁଯୋଗ ସାଙ୍ଗକୁ କଳାମଣ୍ଡଳ ପରିସରରେ କଳାଗ୍ରାମ, ସଂଗ୍ରହାଳୟ, ମୁକ୍ତାକାଶ ମଞ୍ଚ ଓ ଅତିଥି ଭବନ, ୫୦୦ ଆସନ ବିଶିଷ୍ଟ ଆମ୍ଫିଥିଏଟର, ଐତିହ୍ୟ ପାର୍କ, କାଫେଟ୍ ଏରିଆର ମଧ୍ୟ ସୁବିଧା ରହିବ। ସେହିପରି ପ୍ରତିଷ୍ଠିତ ଶିଳ୍ପୀଙ୍କ କଳାକୃତି ସ୍ଥାପନ ଓ ପ୍ରଦର୍ଶନୀ ପାଇଁ ଲଳିତ କଳା ମଣ୍ଡଳ, କଳାମଣ୍ଡଳ ବାହାରେ ଭିତ୍ତିଭୂମି ନିର୍ମାଣ ସହ ଭିତରେ ଲାଇଟ୍, ସାଉଣ୍ଡ ଓ ଅନ୍ୟାନ୍ୟ ଆର୍କିଟେକ୍‌ଚର ଡିଜାଇନ୍ ସାଙ୍ଗକୁ ଏହାକୁ ଅଧିକ ଆକର୍ଷିତ କରିବାକୁ ବାହାରେ ଏବଂ ଭିତରେ ଅନେକ ସୂକ୍ଷ୍ମ କାରୁକାର୍ଯ୍ୟ ଓ ବୈଷୟିକ କାମ ଆକର୍ଷଣ ପାଲଟିବ। ରାଜଧାନୀରେ ରହିଥିବା ରବୀନ୍ଦ୍ର ମଣ୍ଡପ, ଉତ୍କଳ ମଣ୍ଡପ, ଜୟଦେବ ଭବନ, ଗୀତଗୋବିନ୍ଦ ସଦନ, ଇଡକଲ୍ ଅଡିଟୋରିୟମ୍, ଭଞ୍ଜ କଳାମଣ୍ଡପ, ଉତ୍କଳ ରଙ୍ଗମଞ୍ଚରେ ପ୍ରତିଦିନ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି, ଯେଉଁଠି ୨୫୦ରୁ ୫୫୦ ଦର୍ଶକ ବସିବାର ସୁବିଧା ରହିଛି। ତେବେ ଏହି ଅଡିଟୋରିୟମ୍ ବଡ଼ ସହରରେ ବଡ଼ କାର୍ଯ୍ୟକ୍ରମ ପାଇଁ ଉଦ୍ଦିଷ୍ଟ ହେବ। ଦୀର୍ଘଦିନ ହେବ ଏହାର ଉଦ୍‌ଘାଟନୀକୁ ନେଇ ଦ୍ୱନ୍ଦ ରହିଥିବା ବେଳେ ଚଳିତ ମାସ ୨୮ ତାରିଖ ମଧୁବାବୁଙ୍କ ଜନ୍ମଦିନରେ ଏହାର ଉଦଘାଟନୀ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା। ଏନେଇ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ଶାସନସଚିବ ଦେବପ୍ରସାଦ ମତ ଦେଇଥିଲେ ଯେ, ଚଳିତ ଏପ୍ରିଲ ୧ ତାରିଖ ଉତ୍କଳ ଦିବସରେ କଳାକମଣ୍ଡଳ ଉଦ୍‌ଘାଟନ କରାଯିବାର ଲକ୍ଷ୍ୟ ରହିଥିବା ବେଳେ ଉକ୍ତ ସମୟ ମଧ୍ୟରେ କାର୍ଯ୍ୟ ଶେଷ ହୋଇପାରିବନି ବୋଲି କାର୍ଯ୍ୟ କରୁଥିବା ସଂସ୍ଥା ପକ୍ଷରୁ ସୂଚନା ମିଳିବା ପରେ ଏହାକୁ ମଧୁବାବୁଙ୍କ ଜନ୍ମଦିନରେ ଉଦ୍‌ଘାଟନ କରାଯିବାକୁ ଲକ୍ଷ୍ୟ ରହିଛି। ଏଥିପାଇଁ ନିକଟରେ ୮୮.୮୯ଲକ୍ଷ ଟଙ୍କା ଇଡ୍‌କୋକୁ ପ୍ରଦାନ କରାଯାଇଛି। ତେବେ ପୂର୍ବରୁ ମଧ୍ୟ ପ୍ରାୟ ୮୦କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ରହିଛି। ୧୦ବର୍ଷ ଧରି ଅଟକି ରହିଥିବା ଏହି ପ୍ରକଳ୍ପକୁ ଦିଆଯାଇଥିବା ସମୟ ମଧ୍ୟରେ ସାରିବାକୁ ଇଡ୍‌କୋକୁ ନିର୍ଦ୍ଦେଶ ଦିଆଯାଇଛି। କାରଣ କଳାମଣ୍ଡଳ କାର୍ଯ୍ୟକ୍ଷମ ହେଲେ ରବୀନ୍ଦ୍ର ମଣ୍ଡପ, ଭଞ୍ଜକଳା ମଣ୍ଡପର ପୁନରୁଦ୍ଧାର କାର୍ଯ୍ୟ କରାଯିବ। କଳାମଣ୍ଡଳ ଆରମ୍ଭ ହୋଇପାରୁ ନଥିବାରୁ ଏହି ମଣ୍ଡପ ଗୁଡ଼ିକ କାମ ହୋଇପାରୁ ନାହିଁ। ତେବେ କଳାମଣ୍ଡଳର ଷ୍ଟେଜ୍ କିଭଳି କଳାକାର, ନୃତ୍ୟଶିଳ୍ପୀଙ୍କ ପାଇଁ ସୁହାଇବ ସେଥିପାଇଁ ଗୁରୁତ୍ୱ ଦିଆଯିବା ସହ ସେମାନଙ୍କ ଆବଶ୍ୟକତା ମୁତାବକ ଯଦି କିଛି କରାଯିବା ଉଚିତ୍ ସେ ଦିଗରେ ପଦକ୍ଷେପ ନିଆଯିବ। ଏଠାରେ ରହିଥିବା ଦର୍ଶକଙ୍କ ଅନୁସାରେ ପାର୍କିଂ ସୁବିଧା କରାଯାଇନଥିବାରୁ ଏକ ମଲଟିଲେୟାର ପାର୍କିଂ ବ୍ୟବସ୍ଥା କରାଯିବ। ଯେଉଁଠାରେ ପ୍ରାୟ ୫ଶହ ଗାଡ଼ି ରଖାଯାଇପାରିବ। ସେହିପରି ଏହା ପରିସରରେ 'ଅସ୍ମିତା ଭବନ' ନିର୍ମାଣ କରାଯିବ ବୋଲି ଶ୍ରୀ ଦାସ କହିଥିଲେ। ତେବେ ୨୮ ତାରିଖ ପାଖେଇ ଆସୁଥିବା ବେଳେ ଏହି ତାରିଖରେ 'କଳା ମଣ୍ଡଳ' ବାସ୍ତବରେ କାର୍ଯ୍ୟକ୍ଷମ ହେଉଛି କି ନାହିଁ ତାହା ଏବେ ପ୍ରଶ୍ନବାଚୀ।

## ପୁସ୍ତକ ଉନ୍ମୋଚନ ଓ ମ୍ୟୁଜିକ୍ ଭିଡିଓ ଲୋକାର୍ପଣ



ଭୁବନେଶ୍ୱର, ୯।୪(ସମିସ): ସାରାଂଶ ସାହିତ୍ୟିକ ଅନୁଷ୍ଠାନ ପକ୍ଷରୁ ଅନିଲ କୁମାର ପାଢ଼ୀଙ୍କ ଜନ୍ମଦିନ ଅବସରରେ ପୁସ୍ତକ ଉନ୍ମୋଚନ ଓ ମ୍ୟୁଜିକ୍ ଭିଡିଓ ଲୋକାର୍ପଣ ଉତ୍ସବ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥିଭାବେ ଉଦ୍ୟୋଗପତି ମିତ୍ରଦତ୍ତ ମହାପାତ୍ର, କଣ୍ଠଶିଳ୍ପୀ ସୁସ୍ମିତା ଦାସ, ଓମ୍‌ପ୍ରକାଶ ମହାନ୍ତି. ଡ. ଦୀପା ମିଶ୍ର. ସାହିତ୍ୟ ସାରାଂଶ ଅନୁଷ୍ଠାନ ସଂସ୍ଥାପକ ଅନିଲ କୁମାର ପାଢ଼ୀ, ଅନୁଷ୍ଠାନର ନିର୍ଦ୍ଦେଶିକା ଡ. ମମତାମୟୀ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୁସ୍ତକ ନିଦ ବୁଦ୍ଧ ଯାହା ଚାହିଁ ନ ଥିଲେ, ନଖ ଗଛ, ଚିନ୍ତା ଓ ଚିନ୍ତନର ରାଜକିଶୋର, ମୁଁ ଯୁଦ୍ଧ ଚାହେଁ, ସିନ୍ଧୁକ ଆଦି ପୁସ୍ତକ ସହ ମ୍ୟୁଜିକ୍ ଭିଡିଓକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଏହି ଅବସରରେ ସାହିତ୍ୟ ଓ ପ୍ରକାଶନ କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନୀତ କରାଯବା ସହ ଗୁରୁ ନିମାକାନ୍ତ ରାଉତରାୟ, ମହେନ୍ଦ୍ର ଆଚାର୍ଯ୍ୟ, ସୁସ୍ମିତା ଦାସ, ଓମପ୍ରକାଶ ମହାନ୍ତି, ଯଜ୍ଞ ଦାଶ, ଗୁରୁ ବିଜୟ ଜେନା ପ୍ରମୁଖଙ୍କୁ ଉତ୍କୃଷ୍ଟ ସଙ୍ଗୀତ ସୃଷ୍ଟି ପାଇଁ ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଡ. ମୃତ୍ୟୁଞ୍ଜୟ ରଥ।

## 'ଜଗନ୍ନାଥାୟନ ପରି ସାହିତ୍ୟ ପାଇଁ ସାହିତ୍ୟାୟନ କରାଯାଉ'



ଭୁବନେଶ୍ୱର, ୯।୪(ସମିସ): ପୁରୁଣା ବସଷ୍ଟାଣ୍ଡ ନିକଟସ୍ଥ ଲେଖକ ସମବାୟ ସମିତି ସଭାଗୃହରେ ଲେଖକ ସାମ୍ମୁଖ୍ୟର ସଭାପତି ଡକ୍ଟର ଅଲେଖ ଚନ୍ଦ୍ର ପଢ଼ିଆରୀଙ୍କ ସଭାପତିତ୍ୱରେ ଉତ୍କଳ ଦିବସର ଅନୁଚିନ୍ତା ଶୀର୍ଷକ ଆଲୋଚନାଚକ୍ର ଏବଂ ବିଶିଷ୍ଟ ସାହିତ୍ୟିକ ମାନଙ୍କର ଦେଶାତ୍ମବୋଧ କବିତା ଆବୃତ୍ତି କରାଯାଇଥିଲା। ପ୍ରାରମ୍ଭରେ ସାମ୍ମୁଖ୍ୟର ସମ୍ପାଦିକା ବିମଳା ସିଂହ ସଭାର ଉଦ୍ଦେଶ୍ୟରେ ସୂଚନା ଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବରେ ପ୍ରଫେସର ପୂର୍ଣ୍ଣ ଚନ୍ଦ୍ର ମଲ୍ଲିକ ଆଲୋଚନା, ପ୍ରଫେସର୍ ଶରତ ଚନ୍ଦ୍ର ରଥ, ପ୍ରଶାସକ ମହେନ୍ଦ୍ର କୁମାର ମଲ୍ଲିକ, ବିଶିଷ୍ଟ କବି ମନୋରଞ୍ଜନ ଷଡ଼ଙ୍ଗୀ, ନାଟ୍ୟକାର ବିଜୟ କୁମାର ମହାନ୍ତି, ଝରଣାର ସମ୍ପାଦକ ମନୋଜ କୁମାର ଜେନା, ଡକ୍ଟର ସିଦ୍ଧାର୍ଥ କାନୁନଗୋ ରମାକାନ୍ତ ମିଶ୍ର, ସୁବାସ ଚନ୍ଦ୍ର ସାହୁ ଆଲୋଚନା କରିଥିଲେ। ଆଲୋଚନାରେ ଭାଗ ନେଇ ପ୍ରଫେସର ଶରତ ଚନ୍ଦ୍ର ରଥ କହିଲେ ଯେ ଓଡ଼ିଶା ସରକାର ଯେପରି ପ୍ରତି ମାସରେ 'ଜଗନ୍ନାଥାୟନ' କାର୍ଯ୍ୟକ୍ରମ କରୁଛନ୍ତି, ସେହିପରି ମଧ୍ୟ ଯୁଗୀୟ ସାହିତ୍ୟ ଉପରେ ପ୍ରତି ମାସରେ 'ସାହିତ୍ୟାୟନ' ଆଲୋଚନାଚକ୍ର ଏବଂ କବିତା ଆବୃତ୍ତି କରାଯିବାର ବ୍ୟବସ୍ଥା କରାଯାଉ। ଶେଷରେ ପରିଚାଳନା କମିଟି ସଭ୍ୟ ମନୋଜ କୁମାର ଜେନା ଧନ୍ୟବାଦ ଦେଇଥିଲେ।

## ସୋହମ ସନଲିଟ୍ ଓଡ଼ିଶା ଅଟିଜିମ୍ ହିଲିଂ ମିଶନର ଶୁଭାରମ୍ଭ

ଭୁବନେଶ୍ୱର, ୯।୪(ସମିସ): ନ୍ୟୁରୋଡାଇଭର୍ଜେଣ୍ଟ ବ୍ୟକ୍ତିବିଶେଷଙ୍କ ପାଇଁ ଏକ ଅନ୍ତର୍ଭୁକ୍ତ ଏବଂ ସହାୟକ ଇକୋସିଷ୍ଟମ୍ ଗଠନ ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ସୋହମ (ସନଲିଟ୍ ଓଡ଼ିଶା ଅଟିଜମ୍ ହିଲିଂ ମିଶନ) ଆଶା ସେଣ୍ଟର ଅଫ୍ ୱେଲନେସ୍, ବରମୁଣ୍ଡା ହାଉସିଂବୋର୍ଡ କଲୋନିରେ ଉଦ୍ଘାଟିତ ହୋଇଛି। ରୋଟାରି ଜିଲ୍ଲା ପ୍ରାନ୍ତପାଳ ରୋଟାରୀଆନ ମନୋଜ କୁମାର ତ୍ରିପାଠି, ଇନର୍-ହ୍ୱିଲ୍ ଅଧ୍ୟକ୍ଷା ମଧୁସ୍ମିତା ତ୍ରିପାଠିଙ୍କ ଦ୍ୱାରା ପ୍ରତିଷ୍ଠିତ ବିଶିଷ୍ଟ ବ୍ୟକ୍ତି, ସମାଜସେବୀ, ଅଭିଭାବକ, ବିଭିନ୍ନ କ୍ଲବ୍‌ର ରୋଟାରି ନେତା, ପୂର୍ବତନ ଜିଲ୍ଲା ଗଭର୍ଣ୍ଣର୍



ଏବଂ ସମ୍ପ୍ରଦାୟର ସଦସ୍ୟଙ୍କ ଉପସ୍ଥିତିରେ ଏହି କେନ୍ଦ୍ରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଛି। 'ସୋହମ'କୁ ଅଟିଜିମ୍ ସ୍କ୍ରିନିଂ ଏବଂ ସ୍କିଲିଂ ପାଇଁ ଏକ ଉତ୍କର୍ଷ କେନ୍ଦ୍ର ଭାବେ କଳ୍ପନା କରାଯାଇଛି ଏବଂ ଏହା ବେଟର ମ୍ୟାଟର ଫାଉଣ୍ଡେସନ୍ ସହିତ ମିଳିତ ଭାବେ ଭୁବନେଶ୍ୱର ରୋଟାରି କ୍ଲବ୍‌ର ଏକ ପ୍ରମୁଖ ପଦକ୍ଷେପ ଭାବେ ଠିଆ ହୋଇଛି। ଏହି ପ୍ରୟାସର ଏକ ପ୍ରମୁଖ ଆକର୍ଷଣ ହେଉଛି ଯେ ସ୍କ୍ରିନିଂ ଏବଂ ଦକ୍ଷତା କାର୍ଯ୍ୟକ୍ରମ ଉଭୟ ଅଭିଭାବକମାନଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ପ୍ରଦାନ କରାଯିବ।

## ରକ୍ତଦାନ ଶିବିରରେ ୩୦ ୟୁନିଟ୍ ରକ୍ତ ସଂଗ୍ରହ



ଭୁବନେଶ୍ୱର, ୯।୪(ସମିସ): ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଓଡ଼ିଆ ପକ୍ଷ ଅବସରରେ ବିଜୁ ପଟ୍ଟନାୟକ ସ୍ନାତକ ବିଜ୍ଞାନ ଓ ଶିକ୍ଷ୍ୟା ମହାବିଦ୍ୟାଳୟ, ଜୟଦେବ ବିହାର ଏବଂ ମିଶନ ରକ୍ତଦାନ ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରଦୀପ୍ତ କୁମାର ଗାହାଣ ଉଦ୍‌ଘାଟନ କରିଥିଲେ। ଜାତୀୟ ସେବା ଯୋଜନା ଏବଂ ଯୁବ ରେଡକ୍ରସ ସହଯୋଗରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଜ୍ୟୋତି ଶଙ୍କର ଘୋଷ, ଲିପିକା ରଥ ଏବଂ ଲଗ୍ନା ମହାନ୍ତି ଏବଂ ମୋହିତ କୁମାର ରାୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ୩୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଏବଂ ଛାତ୍ରଛାତ୍ରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ପଣ୍ଟନ ଟ୍ରଷ୍ଟ ପକ୍ଷରୁ 'ରକ୍ତ ସେତୁ' ଅଭିଯାନ




ଭୁବନେଶ୍ୱର, ୯।୪(ସମିସ): ସମାଜିକ ଅନୁଷ୍ଠାନ ପଣ୍ଟନ ଟ୍ରଷ୍ଟର ୧୦ବର୍ଷ ପୂର୍ତ୍ତି ଅବସରରେ 'ରକ୍ତ ସେତୁ' ଅଭିଯାନ ମାଧ୍ୟମରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରେଡ୍‌କ୍ରସ୍ ଭବନରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ସେବାନିବୃତ୍ତ ମୁଖ୍ୟ ବ୍ୟବସ୍ଥାପକ ଯୁଗଳ କିଶୋର ଶତପଥୀ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଚିତ୍ତରଞ୍ଜନ ମଣାସିଂହ, ମୁଖ୍ୟ ଅଗ୍ନିଶମ ଧିକାରୀ ବ୍ରଜେନ୍ଦୁ ଭୂଷଣ ଦାସ, ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ବିଶେଷଜ୍ଞ ଡ. ଚିତ୍ତରଞ୍ଜନ ଶହାଣୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ଅଧ୍ୟକ୍ଷ ମିର୍ଜା ଅବ୍ଦୁଲ୍ ଜାହିର ବେଗ୍, ସମ୍ପାଦିକା ଫାଲଗୁନି ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଏକାମ୍ର ନୃତ୍ୟ ମହୋତ୍ସବ ଉଦ୍‌ଘାଟିତ




ଭୁବନେଶ୍ୱର, ୯।୪(ସମିସ): ସୁରଭି, ଭୁବନେଶ୍ୱର ଦ୍ୱାରା ଆୟୋଜିତ ଜାତୀୟ ସ୍ତରୀୟ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ ଉତ୍ସବ ୨୪ତମ ଏକାମ୍ର ନୃତ୍ୟ ମହୋତ୍ସବ ଗୁରୁବାର ଗୁରୁ କେଳୁଚରଣ ମହାପାତ୍ର ଗବେଷଣା କେନ୍ଦ୍ରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ପୂର୍ବତନ ସଚିବ, ପ୍ରବୋଧ ରଥ, ମର୍ଦ୍ଦଳ ବାଦକ, ଗୁରୁ ନିରଞ୍ଜନ ପଟ୍ଟନାୟକ, ତବଲା ବାଦକ, ଗୁରୁ କୁଳମଣି ଜେନା, ଓଡିଶୀ ନୃତ୍ୟ ଗୁର, ଗଜେନ୍ଦ୍ର ପଣ୍ଡା, ଓଡିଶୀ ନୃତ୍ୟାଙ୍ଗନ, ପ୍ରଣତି ମହାନ୍ତି ଉପସ୍ଥିତ ରହିଥିଲେ। ଅତିଥିମାନେ ଏହି ପର୍ବର ମାଧ୍ୟମରେ ଭାରତୀୟ ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାରର ଗୁରୁତ୍ୱକୁ ଉଲ୍ଲେଖ କରିଥିଲେ। ପ୍ରଥମ ଦିନର କାର୍ଯ୍ୟକ୍ରମରେ କୋଲକାତାର ଦୀପାୟନ ଦାସଙ୍କ ତବଲା ରିସାଇଟାଲ୍ ଦର୍ଶକମାନଙ୍କୁ ମନୋମୁଗ୍ଧ କରିଥିଲା। ପରେ ପରେ ଓଡ଼ିଶୀ ନୃତ୍ୟରେ କୋଲକାତାର ଶୟୋମିତା ଦାସଗୁପ୍ତା ଏବଂ ଭୁବନେଶ୍ୱରର ରୋସାଲିନୀ ମହାପାତ୍ରଙ୍କ ଅଭିନୟ ଓ ନୃତ୍ୟରେ ସମସ୍ତେ ମୋହିତ ହୋଇଥିଲେ। ଏହି ଉତ୍ସବ ଆସନ୍ତା ରବିବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

## ପାଞ୍ଚ ହଜାର ମିଶନ ଶକ୍ତି ମହିଳାଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ

ଭୁବନେଶ୍ୱର, ୯।୪(ସମିସ):ରାଜ୍ୟର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ର ସଦସ୍ୟାମାନଙ୍କୁ ସୁରକ୍ଷିତ ଓ ସଶକ୍ତ କରିବା ଲକ୍ଷ୍ୟରେ ସ୍ଥାନୀୟ ମିଶନ ଶକ୍ତି ଭବନରେ ରାଜ୍ୟର ଏସଏଚ୍‌ଜି ସଦସ୍ୟାମାନଙ୍କୁ ସ୍ୱତନ୍ତ୍ର ଆତ୍ମରକ୍ଷା ପ୍ରଶିକ୍ଷଣ ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମକୁ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୁଭାରମ୍ଭ କରିଥିବା ବେଳେ ଜାତୀୟ ମହିଳା କମିସନର ଅଧ୍ୟକ୍ଷା ବିଜୟା କିଶୋର ରାହତକର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜାତୀୟ ମହିଳା କମିଶନ ଏବଂ ମିଶନ ଶକ୍ତି ବିଭାଗର ମିଳିତ ସହଯୋଗରେ ପ୍ରଥମ ଥର ପାଇଁ ଆରମ୍ଭ ହୋଇଥିବା ଏହି ଅଭିଯାନର ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୫ଟି ଜିଲ୍ଲାର ୫,୦୦୦ ଏସଏଚଜି ସଦସ୍ୟାଙ୍କୁ ପ୍ରଶିକ୍ଷଣ ଦିଆଯିବ। କାର୍ଯ୍ୟକ୍ରମରେ ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଶୋଭନା ମହାନ୍ତି, ମିଶନ ଶକ୍ତି ବିଭାଗର କମିସନର ତଥା ଶାସନ ସଚିବ ମାନସୀ ନିମ୍ଭାଲ, ଅତିରିକ୍ତ ଶାସନ ସଚିବ ଶୈଳେନ୍ଦ୍ର କୁମାର ଜେନା ଉପସ୍ଥିତ ଥିଲେ।




## ରିମାଣ୍ଡରେ ବେଙ୍ଗାଲୁରୁ ଗଲା ଦୁର୍ଦ୍ଧାନ୍ତ ରାଜା

କଟକ/ଭୁବନେଶ୍ୱର, ୯।୪(ସମିସ): ଚୌଦ୍ୱାର ଜେଲରେ ଥିବା ବିହାରର ଦୁର୍ଦ୍ଧାନ୍ତ ଅପରାଧୀ ଶୁଭମ୍ ଓରଫ ରାଜା ସାହାଣୀକୁ କର୍ଣ୍ଣାଟକ ପୁଲିସ ଜେରା କରିବା ପରେ ତାକୁ ଆଜି ୭ଦିନିଆ ରିମାଣ୍ଡରେ ନେଇଛି। ଦୁର୍ଦ୍ଧାନ୍ତ ରାଜାକୁ ବାଙ୍ଗାଲୁର୍ ନିଆଯାଇଥିବା ବେଳେ ସେଠାରେ ସ୍ପେସାଲ୍ ସ୍କ୍ୱାଡ୍ ଜେରା କରିବ। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଜେରା କରାଯିବ। ଏହାପରେ କର୍ଣ୍ଣାଟକ ପୁଲିସ ରାଜାକୁ ଆଣି ଚୌଦ୍ୱାର ଜେଲ୍‌ରେ ଛାଡିବ। ଏହାପରେ ବିହାର, ଆନ୍ଧ୍ର ଓ ଝାଡ଼ଖଣ୍ଡ ପୁଲିସ ଜେରା କରିବ ବୋଲି ଜଣାପଡ଼ିଛି। ଶେଷରେ ପୁଣି ଥରେ କମିସନରେଟ୍ ପୁଲିସ ରାଜାକୁ ୭ଦିନିଆ ରିମାଣ୍ଡରେ ନେବ।

ଏଠାରେ ସୂଚନାଯୋଗ୍ୟ, ଦୁର୍ଦ୍ଧାନ୍ତ ଅପରାଧି ରାଜା କର୍ଣ୍ଣାଟକ ମହୀଶୁର ଜିଲ୍ଲାର ହୁନସୁର୍ ଟାଉନ୍‌ରେ ୨୦୨୫ ଡିସେମ୍ବର ୨୮ରେ ଏକ ଗହଣା ଦୋକାନରୁ ଡକାୟତି କରିଥିଲା। ହୁନସୁର୍ ବସଷ୍ଟାଣ୍ଡ ନିକଟରେ ସ୍କାଏ ଗୋଲ୍ଡ ଏବଂ ଡାଇମଣ୍ଡ ଗହଣା ଦୋକାନରୁ ରାଜା ନେତୃତ୍ୱରେ ୫ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଫାଙ୍କା ଗୁଳିଚାଳନା କରି ମାତ୍ର ୬ ମିନିଟ୍‌ରେ ୮ କେଜି ସୁନା ଓ ହୀରା ଅଳଙ୍କାର ଲୁଟି ନେଇ ଯାଇଥିଲେ। ଏହି ମାମଲାରେ ୨୦୨୬ ଜାନୁଆରୀରେ ଦିଲ୍ଲୀର ଜେଠପୁରରେ ରହୁଥିବା ବିହାର ଦରଭଙ୍ଗାର ଋଷିକେଶ କୁମାର ସିଂହ ଓରଫ୍ ଛୋଟୁ ଓ ବିହାର ଭାଗଲପୁରର ପଙ୍କଜ କୁମାରକୁ ଗିରଫ କରାଯାଇଥିଲା। ଗତ ମାର୍ଚ୍ଚ ମାସରେ ହର୍‌ମନ ଓ ସୋନୁ ସିଂଙ୍କୁ ଗିରଫ କରାଯାଇଥିଲା। କିନ୍ତୁ କର୍ଣ୍ଣାଟକ ପୁଲିସ ରାଜାକୁ ଗିରଫ କରିବାରେ ବିଫଳ ହୋଇଥିଲା।

## ମୁଣ୍ଡମୁହାଣ ରାମଲୀଳା ଯାତ୍ରା

# ଅନ୍ତିମ ସନ୍ଧ୍ୟାରେ ଶ୍ରୀରଘୁନାଥ ଜୀଉଙ୍କ ରାଜ୍ୟାଭିଷେକ

ଯାଁଳା, ୯।୪(ସମିସ): ଭୁବନେଶ୍ୱର ଉପକଣ୍ଠ ମୁଣ୍ଡମୁହାଣ ଗ୍ରାମର ୮୧ତମ ଐତିହାସିକ ରାମ ନାଟକ ରାମ ଅଭିଷେକ ଯାତ୍ରାର ଅନ୍ତିମ ଦିବସ ବେଶ୍ ମନମୁଗ୍ଧକର ହୋଇଥିଲା। ପ୍ରଭୁ ଶ୍ରୀରାମଚନ୍ଦ୍ର ଲଙ୍କାପତି ରାବଣଙ୍କୁ ନିଧନ କରିସାରିବା ପରେ ସୀତା ମାତାଙ୍କୁ ପୁଷ୍ପକ ବିମାନରେ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରନ୍ତି। ବାଟରେ ବିଭିନ୍ନ ସ୍ଥାନ ସୀତାମାତାଙ୍କୁ ଦେଖାଇଥାନ୍ତି ଏବଂ ଶେଷରେ ଋଷି ଭରଦ୍ୱାଜଙ୍କ ଆଶ୍ରମରେ ଆସି ବିଶ୍ରାମ କରନ୍ତି, ଭରଦ୍ୱାଜଙ୍କ ଆଶ୍ରମରୁ ଶ୍ରୀ ହନୁମାନ ବାର୍ତ୍ତା ଦେଇ ଅଯୋଧ୍ୟା ପ୍ରେରଣ କରିବା ସମୟରେ ବାଟରେ ଗୁହ୍ୟକ ଶବର ସହ ଦେଖା ହୁଅନ୍ତି। ଅନ୍ୟପଟେ ଭରତ ମହାରାଜା ଶ୍ରୀରାମଙ୍କ ଆଗମନକୁ ପ୍ରତୀକ୍ଷା କରି ସମସ୍ତ ଅଯୋଧ୍ୟାପୁରୀ ସାଜ ସଜ୍ଜା କରି ଦେଇଥାନ୍ତି। ପରେ ବିଭୀଷଣଙ୍କ ସିଂହାସନ ରୋହଣ, ସୀତାଙ୍କ ଅଗ୍ନି ପରୀକ୍ଷା ହୁଏ। ଶେଷରେ ବିଭୀଷଣଙ୍କ ଅନୁରୋଧ କ୍ରମେ ଶ୍ରୀରାମ, ଲକ୍ଷଣ, ସୀତା, ବାନର ସେନା ପୁଷ୍ପକ ଯାନରେ ବସି ଅଯୋଧ୍ୟା ଗମନ କରନ୍ତି। ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ରାଜ୍ୟାଭିସେକ ଦୃଶ୍ୟ ଅତ୍ୟନ୍ତ ସୁନ୍ଦର ଥିଲା, ବିଭିନ୍ନ ଭୂମିକାରେ, ଭରତ ବାରିକ (ରାମ), ସୁନୀଲ ମଙ୍ଗରାଜ



(ଲକ୍ଷ୍ମଣ), ଅନିଲ୍ ପରି ଡା (ଭରତ), ବେଣୁଧର ପ୍ରଧାନ (ଶତ୍ରୁଘ୍ନ), ମୂରଲୀ ପ୍ରଧାନ (ସୀତା), ଶଙ୍କର୍ଷଣ ମଙ୍ଗରାଜ (ହନୁମାନ), ରବି ନାରାୟଣ ମହାପାତ୍ର (ଭରଦ୍ୱାଜ), ରବୀନ୍ଦ୍ର ବାରିକ (କୌଶଲ୍ୟା), ଦାଶରଥି ସ୍ୱାଇଁ ବିଭୀଷଣ, ପ୍ରମୁଖ କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିବାସହ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଦର୍ଶକଙ୍କ ସମାବେଶ ପ୍ରଭୁ ଶ୍ରୀରାମଙ୍କ ପ୍ରତି ଭକ୍ତି ଓ ପ୍ରଭୁ ଶ୍ରୀରାମଙ୍କ ପ୍ରତ୍ୟାବର୍ତ୍ତନ ସମୟରେ ଗ୍ରାମ ପରିକ୍ରମା ସହ ଗ୍ରାମର ବାଟସାରା ବନ୍ଦାପନା ଏବଂ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା।

### ୧୮ ସ୍ଥାନରେ ହେଉଛି ପ୍ରଭାକରଙ୍କ ରାମଲୀଳା

ମୁଣ୍ଡମୁହାଣରେ ପରିବେଷଣ ହେଉଥିବା ରାମଲୀଳା ପାଣ୍ଡୁଲିପି ରାଜ୍ୟର ବିଭିନ୍ନ ସ୍ଥାନରେ ପରିବେଷଣ କରାଯାଉଛି। ତେବେ ପଣ୍ଡିତ ମହାପାତ୍ର ୧୯୪୨ ମସିହାରେ ରାମଲୀଳା ପାଣ୍ଡୁଲିପି ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ୧୯୪୫ ମସିହାରେ ସ୍ଥାନୀୟ ମୁଣ୍ଡମୁହାଣ ଗ୍ରାମର ଯୁବକମାନଙ୍କୁ ନେଇ ଏକ ସଂଗଠନ ଗଢି ଏହି ଗୀତି ନାଟକ ଆରମ୍ଭ କରିଥିଲେ। ପଣ୍ଡିତ ପ୍ରଭାକର ମହାପାତ୍ରଙ୍କ ଏହି ଗୀତିନାଟକ ୧୮ଟି ସ୍ଥାନରେ ପରିବେଷଣ କରାଯାଇଛି। ସେଥି ମଧ୍ୟରୁ ସର୍ବ ପ୍ରଥମେ ଗଢିଉଠିଥିବା ମୁଣ୍ଡ ମୁହାଣର ଐତିହାସିକ ରାମ ନାଟକ ଅନନ୍ୟ।



# ଫାଷ୍ଟଫୁଡ୍ ପାଇଁ କମୁଛି ମୁଢ଼ିର ଚାହିଦା

ଭୁବନେଶ୍ୱର, ୯।୪(ସମିସ): ଏକଦା ଚାହିଦା ବୃଦ୍ଧି ସହ ରାଜଧାନୀରେ ମଧ ବିଭିନ୍ନ ସ୍ଥାନରେ ମୁଡି ଭାଟି ଦେଖିବାକୁ ମିଳୁଥିଲା। ହେଲେ ସମୟକ୍ରମେ ଏବେ ଫାଷ୍ଟଫୁଡ୍‌ର ଚାହିଦା ବୃଦ୍ଧି ଯୋଗୁଁ ଯୁବଗୋଷ୍ଠୀ ମୁଢ଼ିରୁ ମୁହଁ ଫେରାଉଛନ୍ତି। ଫଳରେ ରାଜଧାନୀରେ ମୁଡିଭାଟିର ସଂଖ୍ୟା କମିବାକୁ ଲାଗିଲା। ଅପରପକ୍ଷେ ମୁଢ଼ି ଭାଟି କାରିଗର ମିଳୁ ନ ଥିବାରୁ ରାଜଧାନୀର ଅନେକ ମୁଢ଼ି ଭାଟିରେ ଏବେ ତାଲା ଝୁଲୁଛି।

ପୋଖରୀପୁଟ, ତପୋବନ ବସ୍ତି, ଘାଟିକିଆ, ଆଇଗିଣିଆ, ରସୁଲଗଡ଼, ମଞ୍ଚେଶ୍ୱର ଆଦି ସ୍ଥାନରେ ହିଁ ଏବେ କାଁ ଭାଁ ମୁଡି ଭାଟି ଥିବା କିଛି ବ୍ୟବସାୟୀଙ୍କଠୁ ଜାଣିବାକୁ ମିଳିଛି। ଏ ନେଇ ଖଣ୍ଡଗିରିର ମୁଡି ବ୍ୟବସାୟୀ ସୁରେନ୍ଦ୍ର ନାଥ ସାହୁ କୁହନ୍ତି ଏବେ ଫାଷ୍ଟଫୁଡ୍‌ର ଯୁଗ। ଗଳିଗଳିରେ ଫାଷ୍ଟଫୁଡ୍ ଦୋକାନଠାରୁ ଆରମ୍ଭ କରି ଖାଓ ଗଳିମାନ ଖୋଲିଛି। ଯେଉଁଠାରେ ସକାଳେ ସଞ୍ଜରେ ଲୋକଙ୍କ ଭିଡ଼ ଜମୁଛି। ଏମିତି କି ଆଜିର ଯୁବଗୋଷ୍ଠୀ ମଧ୍ୟାହ୍ନ ଭୋଜନରେ ମଧ ଫାଷ୍ଟ ଫୁଡ୍ ଖାଇବାକୁ ପସନ୍ଦ କରୁଛନ୍ତି। ଏପରିସ୍ଥଳେ ଜଳଖିଆ କଥା ଛାଡ଼ନ୍ତୁ ଲୋକେ ଭାତ ଖାଇବାକୁ ମଧ ପସନ୍ଦ କରୁ ନାହାନ୍ତି। ଫଳରେ ରାଜଧାନୀରେ ଆଉ ଆଗ ଭଳି ମୁଡିର ଚାହିଦା ଦେଖିବାକୁ ମିଳୁନି। ପୂର୍ବରୁ ଯେଉଁଭଳି ଘରେ ଘରେ ମୁଡି ଭଜା ଯାଉଥିଲା ତାର ସ୍ୱାଦ ବି ସେଇ ଭଳିଆ ଥିଲା। ହେଲେ ସମୟ ସହ ଲୋକ ଏସବୁ କରିବା ଭୁଲିଗଲେଣି। ପରିଶ୍ରମ ବଦଳରେ ଦୋକାନରୁ ପ୍ୟାକେଟଟେ କିଣି ଆଣି ଖାଇବାକୁ ପସନ୍ଦ କରୁଛନ୍ତି। ତାଙ୍କ ନିଜର ମୁଡି ଭାଟି ରହିଛି। ହେଲେ ଆଗଭଳି ସେଥିରେ କାମ କରିବାକୁ ଆଉ ମିସ୍ତ୍ରୀ ମଧ ମିଳୁନାହାନ୍ତି। କାରଣ ସେଥିରେ ଅଧିକ ପରିଶ୍ରମ କରିବାକୁ ପଡ଼ିଥାଏ। କିନ୍ତୁ ଏହି କାମ ପାଇଁ ମିସ୍ତ୍ରୀ ଖୋଜିବା କଷ୍ଟକର ହୋଇପଡୁଛି। ସେ ଆହୁରି ମଧ କୁହନ୍ତି ୧୧ ବର୍ଷ ହୋଇଯିବ ସେ ଏହି ମୁଡି ବ୍ୟବସାୟ କରି ଆସୁଛନ୍ତି। ଯେଉଁଠି ଆଗରୁ ଦିନକୁ ୧୫୦ ରୁ ୨୦୦ ଟି ଟିଣ ବିକ୍ରି ହେଉଥିଲା ତାହା ଆଜିର ଦିନରେ କମି ୭୦ ରୁ ୮୦ ହୋଇଗଲାଣି। ଏବେର ସମୟରେ ଲାଭ ଆଗ ଅପେକ୍ଷା ଖୁବ କମି ଗଲାଣି। ଭଲ ବ୍ୟବସାୟ ପାଇଁ ଶୀତ ଦିନକୁ ଅପେକ୍ଷା କରିବାକୁ ପଡ଼ିଥାଏ। କାରଣ ସେହି ଦିନରେ ହିଁ ଲୋକ ଅଧିକା ମୁଡି ଖାଇବାକୁ ପସନ୍ଦ କରିଥାନ୍ତି। ବାକି ଦିନରେ ସେତେ ଭଲ ବ୍ୟବସାୟ ହୋଇପାରେନି। ଭାଟିରେ ମୁଡି ଭଜା ହେଲା ପରେ ସେଠାରୁ ରାଜଧାନୀର ବିଭିନ୍ନ ସ୍ଥାନର ବେପାରୀ ଓ ଖାଉଟିଙ୍କ ପାଖକୁ ପହଁଚିଥାଏ। ଗୋଟିଏ ଟିଣ ଓ ପ୍ୟାକେଟ ହିସାବରେ। ଟିଣ ପିଛା ବ୍ୟବସାୟୀ ଖାଉଟିଙ୍କଠୁ ୯୦ଟଙ୍କା ନେଉଥିବା ବେଳେ ବେପାରୀଙ୍କଠୁ ୮୦ ଟଙ୍କା ନେଇଥାନ୍ତି। ସେହିପରି ପ୍ୟାକେଟ ପିଛା ୩୦ ଟଙ୍କାରେ ବିକ୍ରି ହୋଇଥାଏ। ଯେଉଁ ବେପାରୀ ଭାଟିରୁ ମୁଡି ଆଣି ରାଜଧାନୀରେ ବୁଲି ବିକ୍ରି କରୁଛନ୍ତି ସେମାନେ ଅଧିକାଂଶ ମଳିପଡ଼ା ଓ କାଇମାଟିଆର ବୋଲି ବ୍ୟବସାୟୀ କହିଛନ୍ତି।

## ମିଳୁନାହାନ୍ତି ମିସ୍ତ୍ରି; ବନ୍ଦ ପଡ଼ିଛି ଭାଟି





# କର୍ତ୍ତବ୍ୟନିଷ୍ଠ ସୁଦକ୍ଷ କର୍ମୀ ଅନୁଷ୍ଠାନର ସମ୍ପଦ ଡଃ ତିରୁପତି ପାଣିଗ୍ରାହୀ




ଭୁବନେଶ୍ୱର, ୯।୪(ସମିସ): ଓଡ଼ିଶାରେ ସ୍ୱାସ୍ଥ୍ୟଶିକ୍ଷା ଚିକିତ୍ସା ଓ ସେବା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ହାଇଟେକ୍ ମେଡିକାଲ କଲେଜ ଏବଂ ହସ୍ପିଟାଲର ସୁଦକ୍ଷ ଚିକିତ୍ସାବିତ୍, ପାରାମେଡିକାଲ ଷ୍ଟାଫ, ନର୍ସିଙ୍ଗ ଷ୍ଟାଫ, ଫାର୍ମାସିଷ୍ଟ ସମସ୍ତେ ଅନୁଷ୍ଠାନକୁ ସମୁଜ୍ଜ୍ୱଳ କରିବାରେ ଲାଗିଛନ୍ତି। ହାଇଟେକ ମେଡିକାଲ କଲେଜ ଓ ହସ୍ପିଟାଲର ହୃଦବକ୍ଷଶଲ୍ୟ ଚିକିତ୍ସା ବିଭାଗର ସୁଦକ୍ଷ ଚିକିତ୍ସାବିତ ପ୍ରଫେସର ଡାକ୍ତର ରିତେଶ କୁମାର ଆଚାର୍ଯ୍ୟ, ସହଯୋଗୀ ପ୍ରଫେସର ଡାକ୍ତର ସ୍ମୃତି ପ୍ରକାଶ ସାହୁ ବିଶେଷ ସ୍ୱାସ୍ଥ୍ୟ ସେବା ଯୋଗାଇଦେଇ ସମାଜର ପ୍ରତିଟି ବର୍ଗର ଲୋକଙ୍କ ପାଖରେ ଆଦରର ପାତ୍ର ହେବାରେ ଲାଗିଛନ୍ତି। ଏଥିପାଇଁ ହାଇଟେକ ଗ୍ରୁପର ଅଧକ୍ଷ ଡ. ତିରୁପତି ପାଣିଗ୍ରାହୀ ସମ୍ବର୍ଦ୍ଧିତ କରିବା ସହିତ କହିଥିଲେ ଯେ, ପ୍ରତ୍ୟେକ ଅନୁଷ୍ଠାନର ସୁଦକ୍ଷ ଏବଂ କର୍ମଯୋଗୀ କର୍ମଚାରୀ ମାନଙ୍କ ପାଇଁ ଅନୁଷ୍ଠାନ ସ୍ୱର୍ଣ୍ଣମୟ ହୋଇଥାଏ। ସେମାନେ ହିଁ ଅନୁଷ୍ଠାନର ସମ୍ପଦ ଓ ମୂଳପୁଞ୍ଜି ଅଟନ୍ତି। ଏହି ଅବସରରେ ହାଇଟେକ ମେଡିକାଲ କଲେଜ ଏବଂ ହସ୍ପିଟାଲର ଟ୍ରଷ୍ଟି ତଥା ନିର୍ଦ୍ଦେଶିକା ମଧୁସ୍ମିତା ତ୍ରିପାଠୀ ଯୋଗଦେଇ ସମସ୍ତ ଡାକ୍ତର ଏବଂ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ ମେଡିକାଲ ସୁପରିନଟେଣ୍ଡେଣ୍ଟ ଡ. ରବିନ୍ଦ୍ରନାଥ ବେହେରା ଡେପୁଟି ସୁପରିନ୍‌ଟେଣ୍ଡେଣ୍ଟ ଡ. ଚନ୍ଦନ ସାମନ୍ତରାୟ ଆଗାମୀ ଦିନରେ ସମସ୍ତେ ମେଡିକାଲର କାର୍ଯ୍ୟ ପ୍ରଣାଳୀକୁ ମନଯୋଗ ସହକାରେ ସେବା ଯୋଗାଇ ଦେବାରେ ପ୍ରତିଶ୍ରୁତି ବଦ୍ଧତାକୁ ଦୃଢ଼ତାର ସହିତ କାର୍ଯ୍ୟକରିବେ ବୋଲି କହିଥିଲେ।

● ଓଡ଼ିଆ ପକ୍ଷର ନବମ ଦିନ

# ବହି କିଣିବା ପାଇଁ ଯୁବପିଢ଼ିଙ୍କ ମଧରେ ଉତ୍ସାହ



ଭୁବନେଶ୍ୱର, ୯।୪(ସମିସ):ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏପ୍ରିଲ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଛି ଓଡ଼ିଆ ପକ୍ଷର ନବମ ଦିନରେ 'ଆସ ବହିଟିଏ କିଣିବା ଅଭିଯାନ' ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ପୁସ୍ତକ ପ୍ରଦର୍ଶନୀ ଆୟୋଜନ ସହ ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟମାନଙ୍କରେ ପ୍ରକାଶନୀ ସଂସ୍ଥା ପକ୍ଷରୁ ପୁସ୍ତକ ଷ୍ଟଲ ଖୋଲାଯାଇଥିଲା। ବହି କିଣିବା ସହ ଏହାର ସେଲ୍‌ଫି ଉଠାଇ ପାଠକମାନେ ଏହାକୁ ଓଡ଼ିଆ ପକ୍ଷ ୱେବସାଇଟ୍‌ରେ ଅପଲୋଡ଼ କରିଛନ୍ତି। ଏହି ଅବସରରେ ଅତିଥିମାନଙ୍କୁ ଭାଗବତ ପୁସ୍ତକ ପ୍ରଦାନ କରାଯାଇଥିଲା। ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆୟୋଜିତ 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ସମେତ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।

# ଭାରତୀୟ ଜ୍ଞାନ ପରମ୍ପରା ପ୍ରାଚୀନ ଓ ସମୃଦ୍ଧ



ଭୁବନେଶ୍ୱର, ୯।୪(ସମିସ): ଭାରତୀୟଜ୍ଞାନ ପରମ୍ପରା ସମଗ୍ର ବିଶ୍ୱରେ ଶିକ୍ଷାଦାନ ବ୍ୟବସ୍ଥାର ବିଶେଷତ୍ୱ ଦୃଷ୍ଟିରୁ ଅତୁଳନୀୟ। ଏହା ଆମର ଆଚାର ବ୍ୟବହାର, ଚରିତ୍ରନିର୍ମାଣ ଶୃଙ୍ଖଳାର ମାର୍ଗ ଦର୍ଶାଇଥାଏ। ବଶିଷ୍ଠ, ବିଶ୍ୱାମିତ୍ର, ସନ୍ଦିପନୀ, ଚାଣକ୍ୟଙ୍କଠାରୁ ବହୁ ଗୁରୁ ଶିକ୍ଷାଦାନ ପ୍ରଣାଳୀକୁ ପ୍ରଶସ୍ତ ଓ ପରିବ୍ୟାପ୍ତ କରିଛନ୍ତି ବୋଲି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ ଭାରପ୍ରାପ୍ତ କୁଳପତି ତଥା ସଂସ୍କୃତ ବିଦ୍ୱାନ ପ୍ରଫେସର ନରସିଂହ ଚରଣ ପଣ୍ଡା ମତବ୍ୟକ୍ତ କରିଛନ୍ତି। ଗୁରୁବାର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପରିସରରେ 'ଭାରତୀୟ ଜ୍ଞାନ ପରମ୍ପରା ଓ ବିଦ୍ୟାଳୟ ଶିକ୍ଷା' ଶୀର୍ଷକ ବକ୍ତୃତା ପ୍ରଦାନ କରି ପ୍ରଫେସର ପଣ୍ଡା ଏହା କହିଥିଲେ। ପ୍ରତିଷ୍ଠାନର ଅଧକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ ଏହି ବକ୍ତୃତାମାଳାକୁ ଉଦ୍‌ଘାଟନ କରି ବିଦ୍ୱାନ୍ ଦେଶବିଦେଶରେ ସମ୍ମାନ ପାଇବା ଆମକୁ ଆମ ପରମ୍ପରା ଶିକ୍ଷା ଦେଇଛି। ଜାତୀୟ ଶିକ୍ଷାନୀତି ୨୦୨୦ରେ ଭାରତୀୟ ଜ୍ଞାନ ପରମ୍ପରା ପ୍ରସାର ପାଇଁ ପ୍ରୋତ୍ସାହନ ଥିବା ପ୍ରକାଶ କରିଥିଲେ। ପ୍ରାରମ୍ଭରେ ବକ୍ତୃତାମାଳାର ସଂଯୋଜିକା ପ୍ରଫେସର ରୀତାଞ୍ଜଳୀ ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହକାରୀ ପ୍ରଫେସର ଡ.ଦେବାଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ଇତିହାସ କଂଗ୍ରେସର ପ୍ରତିଷ୍ଠା ଦିବସ



ଭୁବନେଶ୍ୱର, ୯।୪(ସମିସ): ଓଡ଼ିଶା ଇତିହାସ କଂଗ୍ରେସର ୫୭ତମ ପ୍ରତିଷ୍ଠା ଦିବସ ଜାତୀୟ ଅଭିଲେଖାଗାର ଆଞ୍ଚଳିକ କେନ୍ଦ୍ରଠାରେ ପାଳିତ ହୋଇଯାଇଛି। ନବନିର୍ବାଚିତ ସଭାପତି ଡ. ସୁବାସ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ମୁଖ୍ୟ ଅତିଥି ଆଶୋକ କୁମାର ପଟ୍ଟନାୟକ, ମୁଖ୍ୟବକ୍ତା ପ୍ରଫେସର ଅମଳ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ସହକାରୀ ନିର୍ଦ୍ଦେଶକ ଡ. ସତ୍ୟନାରାୟଣ ମିଶ୍ର ଯୋଗ ଦେଇଥିଲେ। ଏହି ପ୍ରତିଷ୍ଠା ଦିବସରେ ଡ. ପାରେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିବେଶ ସଚେତନତା

ଭୁବନେଶ୍ୱର, ୯।୪(ସମିସ): କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବୁଧବାର ପରିବେଶ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ଭାରତୀୟ ତୈଳ ନିଗମର ପୂର୍ବତନ ପରିଚାଳକ ହେମନ୍ତ କୁମାର ଜେନା ପରିବେଶ ସଚେତନତା ବୃଦ୍ଧି ନିମନ୍ତେ ପ୍ରାକୃତିକ ସମ୍ପଦ ଯଥା ଜଳ ସ୍ଥଳ ଏବଂ ଜଙ୍ଗଲକୁ ସୁରକ୍ଷା ଦେବା ଆବଶ୍ୟକ ବୋଲି କହିଥିଲେ। ଜଙ୍ଗଲ ବିଭାଗର ସର୍ବୋଚ୍ଚ ଅଧିକାରୀ ହର୍ଷବର୍ଦ୍ଧନ ଉଦ୍‌ଗାତା ଛାତ୍ରଛାତ୍ରୀମାନଙ୍କୁ ବକ୍ତୃତା ଛଳରେ ବୃକ୍ଷର ସଂଜ୍ଞା ବୁଝାଇବାକୁ ଯାଇ ସମାଜ ପ୍ରତି ଏହାର ଅବଦାନ ସହ ଗଛଟିଏ ଜୀବଜନ୍ତୁଙ୍କ ସହ କିପରି ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିର୍ଭରଶୀଳ ତାର ଉଦାହରଣ ପ୍ରଦାନ ସହ ଜଙ୍ଗଲ, ବୃକ୍ଷରୋପଣ ଏବଂ ତାର ସୁରକ୍ଷା କିପରି ଜନସମାଜର ଏକ ସୁସ୍ଥ ଜୀବନ ନିମନ୍ତେ ପ୍ରେରଣା ଦିଏ ଏହା ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମର ଅନ୍ୟ ଅତିଥି ସେବା ନିବୃତ୍ତ ଗ୍ରୀଡକୋର ଲୋକ ସମ୍ପର୍କ ଅଧିକାରୀ ଦେବାନନ୍ଦ ସାମଲ ଆମ ପୃଥିବୀ ଆମ ଦାୟିତ୍ୱ, ପ୍ଲାଷ୍ଟିକ୍‌ର ସର୍ବନିମ୍ନ ବ୍ୟବହାର ଏବଂ ପରିବେଶ ପ୍ରତି ସଚେତନତା ସୃଷ୍ଟି ସହ ଅନ୍ୟମାନଙ୍କୁ ଏ ଦିଗରେ ପ୍ରବର୍ତ୍ତାଇ ପାରିଲେ ଏକ ସୁସ୍ଥ ସୁନ୍ଦର ପୃଥିବୀର ପରିକଳ୍ପନା କରି ସୁସ୍ଥଜୀବନ ସମ୍ଭବ ହେବ ବୋଲି ମତ ପୋଷଣ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସଭ୍ୟ ତଥା ସଭାପତି ଡଃ. ଚିତ୍ତ ରଞ୍ଜନ ମିଶ୍ର ପିଲାମାନଙ୍କୁ ଗାଁରୁ ସହର ପର୍ଯ୍ୟନ୍ତ ବାୟୁ ପ୍ରଦୂଷଣର ବିଭିନ୍ନ କାରଣ ଓ ନିରାକରଣ କିପରି ସମ୍ଭବ, ଏ ଦିଗରେ ଛାତ୍ରଛାତ୍ରୀମାନଙ୍କର ଗୁରୁତ୍ୱ ପୂର୍ଣ୍ଣ ଭୂମିକା ନ ରହିଲେ ଭବିଷ୍ୟତ ପ୍ରଶ୍ନବାଚୀ ହୋଇଯିବା ଆଶଙ୍କା ପ୍ରକାଶ କରିବା ସହ ସମସ୍ତଙ୍କୁ ପରିବେଶ ବନ୍ଧୁ ହେବା ନିମନ୍ତେ ପ୍ରବର୍ତ୍ତାଇଥିଲେ। ଅନୁଷ୍ଠାନର ଅଧକ୍ଷ ଡଃ. ତ୍ରିବିକ୍ରମ ଷଡ଼ଙ୍ଗୀ ବୁଦ୍ଧ ଓ ଚରକଙ୍କ ଉଦାହରଣ ଛଳରେ ସଚେତନତା ସୃଷ୍ଟି ଦିଗରେ ଉଦାହରଣ ପ୍ରଦାନ ସହ ସାକ୍ଷର ସଚେତନ ସୁସ୍ଥ ପରିବେଶଣ ସମ୍ଭାବନାକୁ ଆଗେଇ ନେବା ଉପରେ ନିଜର ମତ ରଖିଥିଲେ। କାର୍ଯ୍ୟକ୍ରମ ଶେଷରେ ଉପାଧକ୍ଷ ଡଃ. ରୁଦ୍ର ମୋହନ ନନ୍ଦ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିବା ସହ ଉପସ୍ଥିତ ସମସ୍ତେ ଧରିତ୍ରୀମା' ଉପରେ ହାତ ରଖି ଶପଥ ପାଠ କରିବା ସହ "ପରିବେଶ ସୁରକ୍ଷା ଜୀବନ ରକ୍ଷା" ବୋଲି ସ୍ଲୋଗାନ ଦେଇଥିଲେ।




# ୬୬୨ ବର୍ଗ କଲେଜ ସଂଘର ଆନ୍ଦୋଳନ ଚେତାବନୀ

ଭୁବନେଶ୍ୱର, ୯।୪(ସମିସ): ଉଚ୍ଚଶିକ୍ଷା ବିଭାଗ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଗଠିତ ଉଚ୍ଚ କ୍ଷମତା ସମ୍ପର୍ଣ୍ଣ କମିଟି ସହ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଛି ୬୬୨ବର୍ଗ କଲେଜ ସଂଘ। ସଂଘର ରାଜ୍ୟ ସଭାପତି ଗୋଲକ ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳି କମିଟିର ମୁଖ୍ୟ ପୂର୍ବତନ ମୁଖ୍ୟ ଶାସନସଚିବ ଅଶୋକ କୁମାର ତ୍ରିପାଠୀ ଓ ଅନ୍ୟ ସଭ୍ୟମାନଙ୍କୁ ଭେଟି ସମସ୍ତ କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ସହ ପେନସନ ପରିସରଭୁକ୍ତ କରିବା, ଖାଲି ପଡ଼ିଥିବା ପଦବୀ ଗୁଡ଼ିକ ଶୀଘ୍ର ପୁରଣ କରିବା, ଅନୁଦାନରୁ ବାଦ ପଡ଼ିଥିବା କର୍ମଚାରୀମାନଙ୍କୁ ଅନୁଦାନ ପରିସରଭୁକ୍ତ କରିବା, ଯୋଗ୍ୟ ବିବେଚିତ ଅଧାପକ, କର୍ମଚାରୀମାନଙ୍କୁ ପଦୋନ୍ନତି ଦେବା ଓ ଚାକିରୀର ବୟସ ସୀମା ୬୦ ବର୍ଷରୁ ୬୨ ବର୍ଷ କରିବା ଦାବି କରିଛନ୍ତି। ଏଥି ସହିତ ଅନ୍ୟାନ୍ୟ ଦାବି ବିଷୟରେ ସରକାର ଯଦି ଅତିଶୀଘ୍ର ସିଦ୍ଧାନ୍ତ ନ ନିଅନ୍ତି ତେବେ ଆଗାମୀ ଦିନରେ ସଂଘ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସଂଘର ସଭାପତି ଗୋଲକ ନାୟକ, ଦୁଇ ସାଧାରଣ ସମ୍ପାଦକ ସର୍ଫରଦ୍ଦିନ ଅହମ୍ମଦ, ଡଃ ଗଗନ ବେଉରା, ରଞ୍ଜନ ପ୍ରଧାନ, ଡଃ ତପନ ଜେନା, ଅଶୋକ ପୁରୋହିତ, ଡଃ ଜ୍ୟୋତ୍ସ୍ନା ବଡ଼ିଆ ପ୍ରମୁଖ ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି।

# ବରିଷ୍ଠ ନାଗରିକଙ୍କ ତାରିଣୀ ଦର୍ଶନ



ଭୁବନେଶ୍ୱର, ୯।୪(ସମିସ): ଯଶୋଦା ମା ଫାଉଣ୍ଡେସନ ଆନୁକୂଲ୍ୟରେ ପାଞ୍ଚଟି ବସ୍ତିର ବୟସ୍କ ବୃଦ୍ଧ ବୃଦ୍ଧା ମାନଙ୍କୁ ନେଇ କେନ୍ଦୁଝର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ଘଟଗାଁ ମା ତାରିଣୀ ପୀଠ ଦର୍ଶନ କରାଯାଇଛି। ଯଶୋଦା ମା ଫାଉଣ୍ଡେସନର ଅଧକ୍ଷା ତଥା ସମାଜସେବୀ ନିବେଦିତା ଲେଙ୍କାଙ୍କ ଉଦ୍ୟମରେ ଏହି କାର୍ଯ୍ୟ ସମାପନ ହୋଇଥିଲା। ଏଥିରେ ସମାଜସେବୀ ପୂର୍ଣ୍ଣଚନ୍ଦ୍ର ସାହୁ, ମୁକ୍ତା ଫାଉଣ୍ଡେସନ ଅଧକ୍ଷା ବନ୍ଦନା ପଣ୍ଡା, ଅଧାପିକା ଧରିତ୍ରୀ ମହାରଥା, ଜୟ ତ୍ରିମାତା ଫାଉଣ୍ଡେସନର ମୁଖ୍ୟ ମିନତୀ ଲେଙ୍କା, ଉଦ୍ୟୋଗୀ ବଂଶୀଧର ବାରିକ୍, ଶିକ୍ଷାବିତ୍ ଙ୍ଗ ଶାନ୍ତନୁ ମହାପାତ୍ର, ପୂର୍ବତନ ବନ ସଂରକ୍ଷକ ଆଲୋକ ହୋତାଙ୍କ ସମେତ କିଛି ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ତାରିଣୀ ଓ ଛତିଆ ବଟ ଦର୍ଶନ ସଫଳ ହୋଇଥିଲା। ଏଥିରେ ଯୁବ ସମାଜସେବୀ ପ୍ରତ୍ୟୁଷ ଭଞ୍ଜଙ୍କ ସମେତ ବର୍ଣ୍ଣବୋଧ ପାଠଶାଳାର ୫ ଜଣ ଗୁରୁମା ଉପସ୍ଥିତ ରହି ଗାଇଡ୍ କରିଥିଲେ।

# ବସ୍ତିରେ ନାମଲେଖା ସଚେତନତା ଅଭିଯାନ




ଭୁବନେଶ୍ୱର, ୯।୪(ସମିସ): ପ୍ରବେଶ ଉତ୍ସବ ଓ ନାମଲେଖା ସଚେତନତା ଅଭିଯାନ ଅବସରରେ ଆକ୍ସନଏଡ୍ ଆସୋସିଏସନ୍, ସିସିଡବ୍ଲୁଡି ଓ ସରକାରୀ ପ୍ରାଥମିକ ବିଦ୍ୟାଳୟ ସେକେଣ୍ଡ ପୋଷ୍ଟାଲ କଲୋନୀ ଭୁବନେଶ୍ୱର ମିଳିତ ଆନୁକୂଲ୍ୟରେ ୱାର୍ଡ ନମ୍ବର-୧୭ ଅଧିନସ୍ଥ ପଥରବନ୍ଧ ବସ୍ତିରେ ବସ୍ତି ପରିଭ୍ରମଣ ଓ ସଚେତନତାର ବାର୍ତ୍ତା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଶୈଳପ୍ରଭା ପଣ୍ଡା, ଶିକ୍ଷୟିତ୍ରୀ ଝୁଲତା ବେହେରା, ଶିକ୍ଷକ ରଞ୍ଜନ ବେହେରା ଓ ଜ୍ୟୋତି ପ୍ରକାଶ ପାଇକରାୟ ପ୍ରମୁଖ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ରେଣୁବାଳା ସାହୁ, ବିଷ୍ଣୁପ୍ରୀୟା ସାମଲ ଓ ଭାସ୍କର ଚନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ।

# ଓଡ଼ିଆ ସାହିତ୍ୟ ସମାରୋହ ଉଦ୍‌ଘାଟିତ

## ଡକ୍ଟର କମ୍ବୁପାଣି ସାମନ୍ତଙ୍କୁ 'ଭଞ୍ଜଭାରତୀ ଜୟଦେବ ଷଡ଼ଙ୍ଗୀ ସ୍ମୃତି ସମ୍ମାନ'

ଭୁବନେଶ୍ୱର, ୯।୪(ସମିସ): ସାରସ୍ୱତ ଅନୁଷ୍ଠାନ 'ଭୁବନେଶ୍ୱର ଭଞ୍ଜଭାରତୀ'ପକ୍ଷରୁ ଗୀତଗୋବିନ୍ଦ ସଦନରେ ତିନିଦିନିଆ ଓଡ଼ିଆ ସାହିତ୍ୟ ସମାରୋହର 'ଭଞ୍ଜନିକୁଞ୍ଜ' ଶୀର୍ଷକ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ଉଚ୍ଚନ୍ୟାୟାଳୟର ବିଚାରପତି ବିରଜାପ୍ରସନ୍ନ ଶତପଥୀ ଯୋଗ ଦେଇ ଆଧୁନିକ ଓଡ଼ିଶାରେ ଭଞ୍ଜକବିଙ୍କ ରଚନାବଳୀର ଅନୁଶୀଳନ, ଚିନ୍ତନ ଓ ଚର୍ଚ୍ଚାର ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ଭଞ୍ଜୀୟ ସାହିତ୍ୟ ସୃଷ୍ଟିର କାଳଜୟୀ ପ୍ରଭାବ ଓ ପ୍ରକର୍ଷ ଉପରେ ବକ୍ତବ୍ୟ ରଖି ଅନୁଷ୍ଠାନର ସମୃଦ୍ଧି କାମନା କରିଥିଲେ। ଗୀତିକାର ମୋତିଲାଲ ପତି କବି ଉପେନ୍ଦ୍ରଙ୍କ ସାହିତ୍ୟରେ ସାଙ୍ଗୀତିକତା ଓ ଶାବ୍ଦିକମୂର୍ଚ୍ଛନାର ଅବତାରଣା କରିଥିଲେ। ସଭାର ସଭାପତି ତଥା ଭଞ୍ଜଭାରତୀର ସଭାପତି ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟର ବୈଶିଷ୍ଟ୍ୟରେ ବୈଦେହୀ ଚରିତ୍ରର ମହତ୍ତ୍ୱକୁ ଉପସ୍ଥାପିତ କରିବା ସହିତ ଭଞ୍ଜ ହିଁ ଓଡିଆ ଅସ୍ମିତାର ପ୍ରତୀକ ବୋଲି କହିଥିଲେ। ଏହି ଅବସରରେ ଭଞ୍ଜନଗର ନିବାସୀ ବର୍ଷୀୟାନ୍ ଭଞ୍ଜ ସାହିତ୍ୟ ଗବେଷକ ଓ ପ୍ରାବନ୍ଧିକ ଡକ୍ଟର କମ୍ବୁପାଣି ସାମନ୍ତଙ୍କୁ ମର୍ଯ୍ୟାଦାଜନକ 'ଭଞ୍ଜଭାରତୀ ଜୟଦେବ ଷଡଙ୍ଗୀ ସ୍ମୃତିସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ନାଦବ୍ରହ୍ମ ପକ୍ଷରୁ ଭଞ୍ଜସଙ୍ଗୀତ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ଭଞ୍ଜଭାରତୀର ସଦସ୍ୟା ଉତ୍କଳଲକ୍ଷ୍ମୀ ମିଶ୍ର ପରିଚାଳନା କରିଥିବା ବେଳେ ସୁଶ୍ରୀ ଅନନ୍ୟା ମିଶ୍ର ସଂଯୋଜନା କରିଥିଲେ। ଶେଷରେ ଗତିକୃଷ୍ଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମାରୋହ ଆଗାମୀ ଅପ୍ରେଲ ୧୧ତାରିଖ ଯାଏଁ ଚାଲିବ।




# ଏଆଇ ମ୍ୟୁଜିକ୍ ଭିଡିଓ 'ନଈଟିଏ ହୋଇ ବହି ଯାଉ ଯାଉ'ର ଶୁଭମୁକ୍ତି

ଭୁବନେଶ୍ୱର, ୯।୪(ସମିସ): ଅରୋମିରା ଏଣ୍ଟରଟେନମେଣ୍ଟ ଦ୍ୱାରା ପ୍ରସ୍ତୁତ ଏଆଇ ମ୍ୟୁଜିକ୍ ଭିଡିଓ 'ନଈଟିଏ ହୋଇ ବହି ଯାଉ ଯାଉ' ଗୀତଟି ମୁକ୍ତିଲାଭ କରିଛି। ଡ. ପ୍ରତିଭା ରାୟଙ୍କ ଦ୍ୱାରା ରଚିତ ନଈଟିଏ ହୋଇ ଗୀତଟି ମହିଳାଙ୍କ ଅବ୍ୟକ୍ତ ଚିନ୍ତାଧାରା ଏବଂ ଭାବନା ଦ୍ୱାରା ଅନୁପ୍ରାଣିତ। ନଦୀ ପରି ଏହି ଗୀତଟି ମହିଳାଙ୍କ ଯାତ୍ରାର ସୌନ୍ଦର୍ଯ୍ୟ, ଶକ୍ତି ଏବଂ ପ୍ରବାହକୁ ପ୍ରତିଫଳିତ କରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଗାୟିକା ସୁସ୍ମିତା ଦାସ ଏହି ଗୀତକୁ କଣ୍ଠଦାନ କରିଥିବା ବେଳେ ଯୁବ ସଙ୍ଗୀତକାର ଅଭିଜିତ ମିଶ୍ର ଏହାର ସ୍ୱର ସଂଯୋଜନା କରିଛନ୍ତି। ଏହାର କାହାଣୀ ଦେବ ମେହେର ଏବଂ ସନ୍ଦୀପ ସିକଦର ରଚନା କରିଥିବା ବେଳେ ଦେବ ମେହେର ଏବଂ ଅବିନାଶ ମେହେର ପ୍ରଯୋଜନା ଭାର ତୁଲାଇଛନ୍ତି।

# ମାମୁ ସ୍ନେହ କଲେ ବୋଲି ତଣ୍ଟି ଚିପିଦେଲା ମାଇଁ

ଜଗନ୍ନାଥପ୍ରସାଦ, ୯।୪ (ସମିସ): ଛବିଳ ମଧୁ ବର୍ଣ୍ଣବୋଧରେ ଥିବା ଏକ ପଦ୍ୟର ଅଂଶ 'ମାମୁ ମୋତେ ମାଇଲେ, ମାଇଁ ମୋତେ ଧଇଲେ, ଦୁଧଭାତ ଖୋଇଲେ' ଏବେ ବି ଅନେକଙ୍କ ସ୍ମୃତିରେ ତାଜା ଅଛି। ଭଣଜା, ଭାଣିଜୀଙ୍କ ପାଇଁ ମାଇଁଙ୍କ ସ୍ନେହ ଯେ କେତେ ନିବିଡ଼ ତାହା ଏହି ପଦ୍ୟାଂଶରେ ବର୍ଣ୍ଣିତ ହୋଇଛି। କିନ୍ତୁ, ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳରେ ଠିକ୍ ଏହାର ଓଲଟା ଓ ଅପ୍ରତ୍ୟାଶିତ ଘଟଣା ଘଟିଛି। ମାମୁ ସ୍ନେହ କରିବାରୁ ଈର୍ଷାରେ ଭାଣିଜୀର ତଣ୍ଟି ଚିପି ମାରିଦେଲା ମାଇଁ। ଛାମୁଣ୍ଡା ଗ୍ରାମ ଲକ୍ଷ୍ମଣପଲ୍ଲୀରେ ବୁଧବାର ଏଭଳି ଏକ ଲୋମହର୍ଷଣକାରୀ ଘଟଣା ଘଟିଛି। ମୃତ ଭାଣିଜୀ ହେଲା, ସେହି ଗାଁର ଗଣେଶ ମହାରଣାଙ୍କ ଭାଣିଜୀ ଅର୍ଚ୍ଚନା ମହାରଣା (୯)। ଅର୍ଚ୍ଚନାକୁ ତା' ମାଇଁ ବିଦ୍ୟାଭାରତୀ ତଣ୍ଟି ଚିପି ହତ୍ୟା କରିଛି। ପୁଲିସ ଅର୍ଚ୍ଚନାର ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ବିଦ୍ୟାଭାରତୀକୁ ଗିରଫ କରି କୋର୍ଟଚାଲାଣ କରିଛି। ଆଜି ଜଗନ୍ନାଥପ୍ରସାଦ ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ରଞ୍ଜନ କୁମାର ଦେ ଏ ସଂପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି।

ଅର୍ଚ୍ଚନା ପିଲା ବେଳୁ ମାମୁଘରେ ରହୁଥିଲା। ମାମୁ ଗଣେଶଙ୍କ ସନ୍ତାନ ନ ଥିବାରୁ ସେ ଅର୍ଚ୍ଚନାକୁ ଅତ୍ୟଧିକ ସ୍ନେହ କରୁଥିଲେ। ଏହା ବିଦ୍ୟାଭାରତୀଙ୍କ ଆଖିରେ ଏହା ଯାଉନଥିଲା। ଏହି କାରଣରୁ ଦମ୍ପତିଙ୍କ ମଧ୍ୟରେ ପ୍ରାୟ ସମୟ ଅଶାନ୍ତି ଲାଗି ରହୁଥିଲା। ତେବେ ଏକଥା ଜାଣିବା ପରେ ଅର୍ଚ୍ଚନାଙ୍କ ମା' ଗାୟତ୍ରୀ ଝିଅକୁ ଭୁବନେଶ୍ୱର ନେଇ ଯାଇଥିଲେ। ଆସନ୍ତା ୧୧ତାରିଖରେ ଛାମୁଣ୍ଡା ଗ୍ରାମରେ ଅଷ୍ଟଦଣ୍ଡ ଯାତ୍ରା ହେବାକୁ ଥିବାରୁ ଗଣେଶଙ୍କ ନିମନ୍ତ୍ରଣରେ ଗାୟତ୍ରୀ ନିଜ ଦୁଇ ଝିଅ ଅର୍ଚ୍ଚନା ଓ ଅଞ୍ଜନାକୁ ସାଥୀରେ ନେଇ ଗତ ୭ତାରିଖରେ ଲକ୍ଷଣପଲ୍ଲୀରେ ପହଞ୍ଚିଥିଲେ।



ବୁଧବାର ସକାଳୁ ଅଞ୍ଜନା ଓ ଅର୍ଚ୍ଚନାକୁ ମାଇଁ ପାଖରେ ଛାଡ଼ି ଭାଇ-ଭଉଣୀ ରାସନ୍ ଚାଉଳ ଆଣିବାକୁ ବୁଗୁଡ଼ା ବ୍ଲକ କାନକୁଟ୍ରର ଗ୍ରାମକୁ ଯାଇଥିଲେ। ଦୁଇ ଭାଣିଜୀଙ୍କୁ ଖାଇବାକୁ ଦେଇ ମାଇଁ ଶୋଇପଡ଼ିଥିଲେ। ଦୁଇ ଭଉଣୀ ସାହିର ଜଣେ ସମ୍ପର୍କୀୟଙ୍କ ଘରକୁ ଟିଭି ଦେଖିବାକୁ ଯାଇଥିଲେ। ଦିନ ପ୍ରାୟ ୧ଟା ବେଳେ ଅର୍ଚ୍ଚନାକୁ ଭୋକ ହେବାରୁ ସେ ଘରକୁ ଫେରି ମାଇଁକୁ ଖାଇବାକୁ ମାଗିଥିଲା। କିନ୍ତୁ ନିଦରେ ଶୋଇଥିବା ବିଦ୍ୟାଭାରତୀ ଏଥିରେ ବିରକ୍ତ ହୋଇ ଅର୍ଚ୍ଚନାକୁ ନିସ୍ତୁକ ମାଡ଼ ମାରିଥିଲା। ଅର୍ଚ୍ଚନା ଅଝଟ ହେବାରୁ ରାଗରେ ବିଦ୍ୟାଭାରତୀ ପାଖରେ ଥିବା ଏକ ସାୟାରେ ତା' ତଣ୍ଟି ଚିପି ହତ୍ୟା କରିଥିଲା। ପରେ, ଶବକୁ ନେଇ ପଡ଼ିଶାଘରର ଏକ ଅବ୍ୟବହୃତ ପାଇଖାନା ଘରେ ରଖି ଏକ ଅଖା ଘୋଡ଼ାଇ ଦେଇଥିଲା।

କିଛି ସମୟ ପରେ ବଡ଼ଭଉଣୀ ଅଞ୍ଜନା ଘରକୁ ଆସି ଅର୍ଚ୍ଚନାକୁ ଖୋଜିବାରୁ ବିଦ୍ୟାଭାରତୀ ତାକୁ ବାଆଁରେଇ ଦେଇଥିଲେ। କିନ୍ତୁ ଅଞ୍ଜନା ସାହିସାରା ଖୋଜାଖୋଜି କରି ଅର୍ଚ୍ଚନାକୁ ପାଇନଥିଲା। ରାତି ପ୍ରାୟ ୭ଟା ବେଳେ ଗଣେଶ ଓ ଗାୟତ୍ରୀ ଗ୍ରାମରେ ପହଞ୍ଚିବା ପରେ ଅର୍ଚ୍ଚନା ଦିନ ୧୧ଟାରୁ ନିଖୋଜ ଥିବା ବିଦ୍ୟାଭାରତୀ କହିଥିଲେ। ଗଣେଶ ଏ ସଂପର୍କରେ ଜଗନ୍ନାଥପ୍ରସାଦ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

ଥାନା ଅଧିକାରୀ ପ୍ରମୋଦ କୁମାର ଲେଙ୍କା, ବେଲଗୁଣ୍ଠା ଥାନାଧିକାରୀ ରେବତୀ ଶବର, ବୁଗୁଡ଼ା ଥାନାଧିକାରୀ ସୀତାଂଶୁ ଶେଖର ମାନ୍ଧାତା, ଉପଖଣ୍ଡ ଅଧିକାରୀ ଡ. ଦୀପକ କୁମାର ମିଶ୍ର, ଅତିରିକ୍ତ ଅରକ୍ଷୀ ଅଧୀକ୍ଷକ ରଞ୍ଜନ କୁମାର ଦେ, ଗଞ୍ଜାମ ଅରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର ପ୍ରମୁଖ ଗ୍ରାମରେ ପହଞ୍ଚି ଖୋଜାଖୋଜି କରିଥିଲେ। ତେବେ ବିଦ୍ୟାଭାରତୀ କଥାରେ ସନ୍ଦେହ ହେବାରୁ ପୁଲିସ ତାକୁ ଥାନାକୁ ଉଠାଇନେଇ ପଚରାଉଚରା କରିଥିଲା। ପୁଲିସର ନାଲି ଆଖି ଦେଖି ବିଦ୍ୟାଭାରତୀ ନିଜ କୁକର୍ମ ସ୍ୱୀକାର କରିଥିଲା। ସେ ହିଁ ଅର୍ଚ୍ଚନାକୁ ହତ୍ୟା କରି ଶବ ଲୁଚାଇଛି ବୋଲି ସ୍ୱୀକାର କରିଥିଲା। ବୁଧବାର ରାତିରେ ଏଏସ୍‌ଆଇ ପ୍ରିୟରଞ୍ଜନ ମିଶ୍ର, ଏଏସ୍‌ଆଇ ଟି.ପ୍ରମିଳା ପ୍ରମୁଖ ସଦଳବଳେ ପହଞ୍ଚି ଉକ୍ତ ପରିତ୍ୟକ୍ତ ପାଇଖାନାରୁ ଅର୍ଚ୍ଚନାର ମୃତଦେହ ଉଦ୍ଧାର କରିଥିଲେ। ଗାୟତ୍ରୀଙ୍କ ଅଭିଯୋଗ ଆଧାରରେ ପୁଲିସ ନଂ.୧୨୪/୨୬ରେ ଏକ ମାମଲା ରୁଜୁ କରି ହତ୍ୟାକାରୀ ମାଇଁକୁ କୋର୍ଟଚାଲାଣ କରିଥିବା ତଦନ୍ତକାରୀ ତାରସିଂ ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ କହିଛନ୍ତି।

# ପୁଣି ମୁକୁଳା ଡ୍ରେନ୍ ନେଲା ଜୀବନ

## ଡ୍ରେନ୍‌ରୁ ଦିବ୍ୟାଙ୍ଗଙ୍କ ମୃତଦେହ ଉଦ୍ଧାର

ପୁରୀ, ୯।୪ (ସମିସ): ଦୀର୍ଘ ଦିନ ପରେ ପୁଣି ପୁରୀରେ ମୁକୁଳା ଡ୍ରେନ୍ ନେଇଛି ଜୀବନ। ପୁଲିସ ଲାଇନ୍ ହାଇସ୍କୁଲ୍ ନିକଟ ଖୋଲା ଡ୍ରେନ୍‌ରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ମିଳିଛି। ତାଙ୍କ ପରିଚୟ ମିଳିନଥିବା ବେଳେ ସେ ଜଣେ ଦିବ୍ୟାଙ୍ଗ ବୋଲି ଜଣାପଡ଼ିଛି। ମୁକୁଳା ଡ୍ରେନ୍‌ରେ ଖସିପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଥିବା ଚର୍ଚ୍ଚା ହେଉଥିବା ବେଳେ କେହି କେହି ମଧ୍ୟ ହତ୍ୟା ସନ୍ଦେହ କରୁଛନ୍ତି। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ କୁମ୍ଭାରପଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଡ୍ରେନ୍‌ରୁ ମୃତଦେହକୁ ଉଦ୍ଧାର କରିଥିଲା। ପରେ ପୁଲିସ ମୃତଦେହକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ଶବ ବ୍ୟବଚ୍ଛେଦ ପରେ ସଂରକ୍ଷିତ କରି ରଖାଯାଇଛି।

ପାଖେଇ ଆସୁଛି ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ହେଲେ ଦୁର୍ଭାଗ୍ୟର ବିଷୟ, ମୁକୁଳା ଡ୍ରେନ୍ ଉପରେ ସ୍ଲାବ୍ ପକାଇବା ପାଇଁ ବାରମ୍ବାର ଦାବି ହେଉଥିବା ବେଳେ ଏହା ଉପରେ ଗୁରୁତ୍ୱ ଦିଆଯାଉନାହିଁ। ଏଣୁ ଆଗାମୀ ଦିନରେ ମୁକୁଳା ଡ୍ରେନ୍ ମରଣଯନ୍ତା ପାଲଟିବା ଆଶଙ୍କା ରହିଛି। ଏଭଳି ସ୍ଥିତିରେ ଗୁରୁବାର ପୂର୍ବାହ୍ନରେ ରେଡ୍‌କ୍ରସ ରୋଡ୍ ପୁଲିସ ଲାଇନ୍ ହାଇସ୍କୁଲ୍ ନିକଟ ଡ୍ରେନ୍‌ରେ ଏକ ମୃତଦେହ ଲୋକେ ଦେଖି କୁମ୍ଭାରପଡ଼ା ଥାନାକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ତାଙ୍କ ପରିଚୟ ଜଣାପଡ଼ି ନଥିବା ବେଳେ କିପରି ସେ ଡ୍ରେନ୍ ଭିତରେ ପଡ଼ିଲେ, ତାହାର ଖୋଳତାଡ଼ କରାଯାଉଛି। କେହି ତାଙ୍କୁ ହତ୍ୟା କରି ପକାଇ ଦେଇଥିବା ସାଧାରଣରେ ଆଲୋଚନା ହେଉଥିବା ବେଳେ ମୁକୁଳା ଡ୍ରେନ୍‌ରେ ଅସାବଧାନତା ଯୋଗୁଁ ଗଳି ପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଥାଇପାରେ ବୋଲି କୁହାଯାଉଛି। ସେ ଜଣେ ଦିବ୍ୟାଙ୍ଗ ହୋଇଥିବାରୁ ଏପରି ଆଶଙ୍କା ପ୍ରକାଶ ପାଇଛି।

ଏ ସମ୍ପର୍କରେ କୁମ୍ଭାରପଡ଼ା ଥାନାଧିକାରୀ ବିଜୟ କେତନ ବେହେରା କହିଛନ୍ତି, ସେ ଜଣେ ଦିବ୍ୟାଙ୍ଗ। ତାଙ୍କ ବାମ ହାତ ନାହିଁ। ତାଙ୍କୁ ହତ୍ୟା କରାଯିବା ଭଳି ଲାଗୁନାହିଁ। ତାଙ୍କ ଶରୀରରେ କୌଣସି ଜାଗାରେ କ୍ଷତ ଚିହ୍ନ ନାହିଁ। କୌଣସି କାରଣରୁ ସେ ଡ୍ରେନ୍‌ରେ ପଡ଼ିଯିବା ପରେ ଉଠିପାରି ନାହାନ୍ତି। ତେଣୁ ତାଙ୍କର ମୃତ୍ୟୁ ଘଟିଥାଇପାରେ। ୩/୪ ଦିନ ତଳୁ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। କାରଣ ମୃତଦେହରେ ପୋକ ହୋଇଯାଇଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହକୁ ସଂରକ୍ଷିତ କରି ରଖାଯାଇଛି। ପରିଚୟ ପାଇଁ ୪୮ ଘଣ୍ଟା ରଖାଯିବ ବୋଲି ଆଇଆଇସି ଶ୍ରୀ ବେହେରା କହିଛନ୍ତି।

## ଦ୍ୱିତୀୟ ପର୍ଯ୍ୟାୟ ରତ୍ନଅଳଙ୍କାର ଗଣତି ଜାରି

# ଦ୍ୱିତୀୟ ଦିନରେ ୬ଘଣ୍ଟା ଗଣତିମଣତି

ପୁରୀ, ୯।୪(ସମିସ): ଦ୍ୱିତୀୟ ପର୍ଯ୍ୟାୟରେ ବାହାର ରତ୍ନଭଣ୍ଡାରରେ ଗଚ୍ଛିତ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ଗଣତି ପ୍ରକ୍ରିୟା ଜାରି ରହିଛି। ଗୁରୁବାର ଦ୍ୱିତୀୟ ଦିବସରେ ୬ଘଣ୍ଟା ଧରି ଚାଲିଥିଲା ଏହି ଗଣତିମଣତି। ଦ୍ୱିତୀୟ ଦିନ ସୁଦ୍ଧା ୪୦ ପ୍ରକାରର ଅଳଙ୍କାର ଗଣତିମଣତି ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଆସନ୍ତା ଭିତର ଚନ୍ଦନ ଯାତ୍ରା ସମୟରେ ସେବାୟତଙ୍କ ସହ ଆଲୋଚନା କରାଯାଇ ପୁଣି ଗଣତି ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଗଣତି କାର୍ଯ୍ୟ ପାଇଁ ପ୍ରାଧିକୃତ ସଦସ୍ୟମାନେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସଭାକକ୍ଷଠାରେ ଧାର୍ଯ୍ୟ ସମୟରେ ଉପସ୍ଥିତ ହୋଇଥିଲେ। ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସମସ୍ତଙ୍କୁ ସମ୍ବୋଧିତ କରିଥିଲେ। ପରେ ପ୍ରାଧିକୃତ ସଦସ୍ୟମାନେ ପୂର୍ବାହ୍ନ ୧୦ଟା ୫୫ରେ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। ରତ୍ନଭଣ୍ଡାରକୁ ପ୍ରବେଶ ପୂର୍ବରୁ ପ୍ରାଧିକୃତ ସମସ୍ତ ସଦସ୍ୟ ପାରମ୍ପରିକ ପୋଷାକ ପରିଧାନ ପରେ ମୁଖ୍ୟ ପ୍ରଶାସକ ସେମାନଙ୍କୁ ଗଣତି ପ୍ରକ୍ରିୟା ଶୃଙ୍ଖଳାର ସହ ପରମ୍ପରା ପ୍ରକାରେ ସମ୍ପାଦନ ସମ୍ପର୍କରେ ସତର୍କ କରାଇଥିଲେ।

ମୁଖ୍ୟ ପ୍ରଶାସକ ସମସ୍ତ ସହଯୋଗୀ ସଦସ୍ୟଙ୍କ ସହ ଶ୍ରୀମନ୍ଦିରର ଆରାଧ୍ୟଦେବୀ ମା' ବିମଳା, ମା' ଭୁବନେଶ୍ୱରୀ, ମା' ବେଢ଼ା କାଳୀ ଓ ଶେଷରେ ମା' ଲକ୍ଷ୍ମୀ ଠାକୁରାଣୀଙ୍କ ଦର୍ଶନ କରିଥିଲେ। ପରେ ବେହରଣ ଦ୍ୱାର ନିକଟରେ ମେଟାଲ ଡିଟେକ୍ଟର୍ ଦ୍ୱାରା ଯାଞ୍ଚ ହୋଇ ଗଣତି ପ୍ରକ୍ରିୟାରେ ସାମିଲ ସଦସ୍ୟମାନେ ଭିତରକୁ ପ୍ରବେଶ କରିଥିଲେ। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ମଧ୍ୟାହ୍ନ ୧୨ଟା ୫ରେ ବାହାର ରତ୍ନଭଣ୍ଡାର ଖୋଲାଯାଇ ଗଣତି ହୋଇଥିଲା। ଅଳଙ୍କାରଗୁଡ଼ିକର ଫଟୋଗ୍ରାଫି, ଭିଡିଓଗ୍ରାଫି, ୩ଡି ମ୍ୟାପିଂ, ଇ-କାଟାଲଗ୍ କରାଯାଇଥିଲା। ଗଣତି ପ୍ରକ୍ରିୟା ଶେଷ ପରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ରତ୍ନଭଣ୍ଡାର ଦ୍ୱାର ସନ୍ଧ୍ୟା ୬ଟା ୧୦ରେ ବନ୍ଦ କରାଯାଇ ମୁଦ ଦିଆଯାଇଥିଲା। ଉକ୍ତ ପ୍ରକ୍ରିୟାର ସମସ୍ତ ରେକର୍ଡିଂ ଡାଟା ଚିପ୍ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଶାଖା କାର୍ଯ୍ୟାଳୟ ଷ୍ଟ୍ରଙ୍ଗ୍ ରୁମ୍‌ରେ ସୁରକ୍ଷିତ ଭାବେ ରଖାଯାଇଥିଲା। ସରକାରଙ୍କ ମାର୍ଗଦର୍ଶିକା ପ୍ରକାରେ ସମସ୍ତ ନିୟମ ପାଳନ ପୂର୍ବକ ଆଜିର ଦ୍ୱିତୀୟ ପର୍ଯ୍ୟାୟ ଦ୍ୱିତୀୟ ଦିନର ଗଣତି ପ୍ରକ୍ରିୟା ନିର୍ବିଘ୍ନରେ ଶେଷ ହୋଇଥିବାରୁ ସମସ୍ତଙ୍କୁ ଆନ୍ତରିକ କୃତଜ୍ଞତା ଏବଂ ଧନ୍ୟବାଦ ଅର୍ପଣ କରିଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ। ଦ୍ୱିତୀୟ ଦିନ ସୁଦ୍ଧା ୪୦ପ୍ରକାରର ଅଳଙ୍କାର ଗଣତିମଣତି ହୋଇଥିବା ଜଣାପଡ଼ିଛି।

# ପରିକ୍ରମା ମାର୍ଗରେ କୁକୁର ବୁଲାଉଛନ୍ତି ଶ୍ରଦ୍ଧାଳୁ



ପୁରୀ, ୯।୪(ସମିସ): ଆସ୍ଥା ଓ ବିଶ୍ୱାସର ପୀଠ ଶ୍ରୀମନ୍ଦିର। ବଡ଼ଦେଉଳର ସୁରକ୍ଷା, ସୌନ୍ଦର୍ଯ୍ୟକରଣ ସାଙ୍ଗକୁ ଭକ୍ତଙ୍କ ସୁବିଧା ପାଇଁ ତିଆରି ହୋଇଛି ପରିକ୍ରମା ମାର୍ଗ। ହେଲେ, ପରିତାପର ବିଷୟ ହେଉଛି କୋଟି କୋଟି ଭକ୍ତଙ୍କ ଭାବାବେଗ ସହ ଜଡ଼ିତ ପରିକ୍ରମା ମାର୍ଗର ଆଧ୍ୟାତ୍ମିକ ପରିବେଶ ପ୍ରତି ଆଉ ଗୁରୁତ୍ୱ ଦିଆଯାଉନାହିଁ। ଏକପ୍ରକାର ଅଣଦେଖା କରାଯାଉଛି। ଯେଉଁଥିପାଇଁ ପରିକ୍ରମା ମାର୍ଗରୁ ଆସୁଛନ୍ତି ଉଦ୍‌ବେଗଜନକ ଚିତ୍ର।

କିଛି ଦିନ ପୂର୍ବରୁ ପରିକ୍ରମା ମାର୍ଗ ଭିତରେ ନିଶା ଖାଇ ଗଡୁଥିବାର ଦୃଶ୍ୟ ଭାଇରାଲ ହୋଇଥିଲା। ଏବେ ଭିତର ପରିକ୍ରମା ମାର୍ଗରେ କୁକୁର ବୁଲାଉଥିବାର ଦୃଶ୍ୟ ସେବାୟତ, ଭକ୍ତଙ୍କୁ ବ୍ୟଥିତ କରିଛି। ବୁଧବାର ଜଣେ ମହିଳା ଶ୍ରୀମନ୍ଦିର ଦକ୍ଷିଣପାର୍ଶ୍ୱ ପରିକ୍ରମା ମାର୍ଗରେ ଏକ କୁକୁର ଧରି ବୁଲାଉଥିଲେ। ଏହି ଦୃଶ୍ୟ ଦେଖିବା ପରେ ଭକ୍ତ ଓ ସେବାୟତ ଉଦ୍‌ବେଗ ପ୍ରକାଶ କରିଥିଲେ।

କାରଣ ପରିକ୍ରମା ମାର୍ଗ ପ୍ରତି ସମସ୍ତଙ୍କର ଭକ୍ତି ଓ ବିଶ୍ୱାସ ରହିଛି। ଏହା ଭିତରେ ଶ୍ରଦ୍ଧାଳୁମାନେ ବସି ମହାପ୍ରଭୁଙ୍କୁ ସ୍ମରଣ କରିଥା'ନ୍ତି। ସେହିପରି ଚତୁଃପାର୍ଶ୍ୱରେ ହଜାରହଜାର ଭକ୍ତ ବସି ନୀଳଚକ୍ରରେ ପତିତପାବନ ବାନା ପରିବର୍ତ୍ତନ ଦେଖିଥା'ନ୍ତି। ହେଲେ ମାର୍ଗ ପରିସରକୁ ପୂର୍ବରୁ ଯେଉଁଭଳି ରକ୍ଷଣାବେକ୍ଷଣ କରାଯାଉଥିଲା, ତାହା ଏବେ ନାହିଁ। ମାଳମାଳ ସୁରକ୍ଷା କର୍ମୀ ରହିଛନ୍ତି, ହେଲେ ଭିତର ପରିକ୍ରମା ମାର୍ଗ ଭିତରକୁ ଶ୍ରଦ୍ଧାଳୁ କୁକୁର ଧରି ପଶୁଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଶୁଦ୍ଧପୂତ ମନରେ ଆସୁଥିବା ଶ୍ରଦ୍ଧାଳୁ କୁକୁରଙ୍କୁ ଛୁଅନ୍ତି ନାହିଁ। ହେଲେ ପରିକ୍ରମା ମାର୍ଗର ଗହଳି ଭିତରେ କୁକୁର ଧରି ପ୍ରବେଶ କରିବା ଅତ୍ୟନ୍ତ ଉଦ୍‌ବେଗର ବିଷୟ। ଶ୍ରୀମନ୍ଦିର ପ୍ରଶାସନ ଏ ଦିଗରେ ନଜର ଦେବା ଦରକାର ବୋଲି ଶ୍ରଦ୍ଧାଳୁ ମତ ଦେଇଛନ୍ତି।

# ନୌସେନା ତାଲିମ କେନ୍ଦ୍ର ଚିଲିକାରେ ଅଗ୍ନିବୀର ପ୍ରଶିକ୍ଷାର୍ଥୀଙ୍କ ଆତ୍ମହତ୍ୟା

ବାଲୁଗାଁ, ୯।୪ (ସମିସ): ନୌସେନା ତାଲିମ କେନ୍ଦ୍ର ଚିଲିକା ପରିସରରେ ଜଣେ ଅଗ୍ନିବୀର ପ୍ରଶିକ୍ଷାର୍ଥୀ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ବାଲୁଗାଁ ଥାନାରେ ଅଭିଯୋଗ ହୋଇଛି। ମୃତ ପ୍ରଶିକ୍ଷାର୍ଥୀଜଣଙ୍କ ହେଲେ, ଉତ୍ତରପ୍ରଦେଶ ରାଜ୍ୟ ମିରଟ ଜିଲ୍ଲା ଅନ୍ତର୍ଗତ ମହମ୍ମଦପୁର ଅଞ୍ଚଳର କାର୍ତ୍ତିକ ଯାଦବ (୧୯)।



ତିନି ମାସ ହେବ, କାର୍ତ୍ତିକ ନୌସେନାରେ ଅଗ୍ନିବୀର ଯବାନ ଭାବେ ଚଳିତ ବ୍ୟାଚ୍‌ରେ ପ୍ରଶିକ୍ଷଣ ନେବା ନିମନ୍ତେ ଭର୍ତ୍ତି ହୋଇଥିଲେ। ହେଲେ, ଗତ କିଛି ଦିନ ହେବ କାର୍ତ୍ତିକ ତାଲିମ ଛାଡି ଘରକୁ ଫେରିଯିବା ପାଇଁ ପରିବାରଲୋକଙ୍କୁ ଫୋନ ଯୋଗେ କହିଥିଲେ। ତାଲିମ ଛାଡ଼ିବାକୁ ହେଲେ ପରିବାରଲୋକଙ୍କ ଲିଖିତ ଅନୁମତିପତ୍ର ଆବଶ୍ୟକ ଥିବାରୁ ସେ ନିଜ ମା'ଙ୍କୁ ଅନୁମତିପତ୍ର ପଠାଇବା ପାଇଁ ଫୋନ୍ ଯୋଗେ ନିବେଦନ କରିଥିଲେ। ତାଲିମ ଶେଷ ପର୍ଯ୍ୟାୟରେ ଥିବା ବେଳେ କିଛି ମାସ ପରେ ଚାକିରି ହୋଇଯିବ ଏବଂ ଘରର ପରିସ୍ଥିତିକୁ ନଜରରେ ରଖି ପ୍ରଶିକ୍ଷଣ ଶେଷ କରିବାକୁ କାର୍ତ୍ତିକଙ୍କୁ ତାଙ୍କ ମା' ବୁଝାସୁଝା କରିଥିଲେ। ଏପରିସ୍ଥଳେ କାର୍ତ୍ତିକ ବୁଧବାର ନିଜର ମାନସିକ ଭାରସାମ୍ୟ ହରାଇ ନୌସେନା ତାଲିମ କେନ୍ଦ୍ର ଚିଲିକା ମଧ୍ୟରେ ରହୁଥିବା କ୍ୟାମ୍ପ ନିକଟସ୍ଥ ଏକ ଘର ଭିତରେ ବେକରେ ବେଡସିଟ୍ ଗୁଡ଼ାଇ ଫ୍ୟାନ୍‌ରେ ଝୁଲି ପଡ଼ିଛନ୍ତି।

ନୌସେନା ତାଲିମ କେନ୍ଦ୍ର ଅଧିକାରୀ ବୁଧବାର ସଂଧ୍ୟାରେ ଏନେଇ ବାଲୁଗାଁ ଥାନା ଅଧୀନ ନାଭାଲ ଫାଣ୍ଡିକୁ ଖବର ଦେବା ସହ କାର୍ତ୍ତିକଙ୍କ ପରିବାରଲୋକଙ୍କୁ ଜଣାଇଥିଲେ। ଗୁରୁବାର କାର୍ତ୍ତିକଙ୍କ ପରିବାରଲୋକେ ତାଲିମ କେନ୍ଦ୍ର ଚିଲିକାରେ ପହଞ୍ଚି ମୃତଦେହକୁ ଚିହ୍ନଟ କରିଥିଲେ। କାର୍ତ୍ତିକଙ୍କ ବାପା ଏ ସଂପର୍କରେ ବାଲୁଗାଁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

## ଚାଷୀଙ୍କ ଅଣ୍ଟା ଭାଙ୍ଗିଦେଲାଣି କାଳବୈଶାଖୀ ବର୍ଷା

# ମଣ୍ଡିରେ ପଡ଼ିପଡ଼ି ଗଜା ହେଲା ଧାନ

ବାସୁଦେବପୁର, ୯।୪(ସମିସ): ସରକାରଙ୍କ ଅପାରଗତା ଯୋଗୁଁ ରାଜ୍ୟର ଅନେକ ମଣ୍ଡିରେ ୪ ମାସ ହେଲା ଧାନ ବିକ୍ରି ନ ହୋଇ ପଡ଼ିରହିଛି। ମିଲରଙ୍କ ମନମାନି ଯୋଗୁଁ ଏହି ଧାନଗୁଡ଼ିକ ମଣ୍ଡିରେ ଗଦାହୋଇ ରହିଛି। ଚାଷୀମାନେ ନିଜ ନିଜ ଧାନକୁ ପାଲ ପକାଇ ଦିନରେ ଗୋରୁଗାଈ, ଛେଳି-ମେଣ୍ଢାଙ୍କ କବଳରୁ ରକ୍ଷା କରିବା ପାଇଁ ଜଗି ବସୁଥିବା ବେଳେ ରାତିରେ ଚୋରଙ୍କୁ ଜଗୁଥିଲେ। ଏବେ ଗତ ୪ଦିନ ହେଲା କାଳବୈଶାଖୀର ଅଦିନିଆ ବର୍ଷା ଲାଗି ରହିଛି। ଫଳରେ ମଣ୍ଡିରେ ଗଦା ହୋଇଥିବା ଧାନ ବର୍ଷା ପାଣିରେ ଭିଜିଭିଜି ଗଜା ହୋଇଗଲାଣି। ଗତ ୪ଦିନ ଧରି ଲାଗି ରହିଛି କାଳବୈଶାଖୀର କାଳ ଲହରୀ। ସକାଳ ଓ ସନ୍ଧ୍ୟା ବେଳେ ଆକାଶରେ କଳାହାଣ୍ଡିଆ ମେଘ ଘୋଟି ଆସିବା ସହ ପ୍ରବଳ ଗାଲୁଛି। ଚୈତ୍ର ମାସରେ ଆଷାଢ଼ ଓ ଶ୍ରାବଣ ମାସର ଭ୍ରମ ସୃଷ୍ଟି କରିଛି। ଖାଲି ସେତିକି ନୁହେଁ,



ବର୍ଷା ସହ କୁଆପଥର ମାଡ଼ ଫସଲ ଉଜାଡ଼ି ଦେଉଛି। ଫଳରେ ମଣ୍ଡିରେ ଗଦା ହୋଇ ରହିଥିବା ଧାନବସ୍ତା ବର୍ଷାରେ ଭିଜିଭିଜି ଗଜା ହେବାକୁ ଲାଗିଲାଣି। ମିଲର୍ ଧାନ ନେବ କି ନାହିଁ, ଅନ୍ନଦାତାଙ୍କ ମୁଣ୍ଡରେ ବର୍ତ୍ତମାନ ଚଡ଼କ ପଡ଼ିଲାଣି। ବାସୁଦେବପୁର ବ୍ଲକ୍‌ର ପଦ୍ମପୁର ସମବାୟ ସମିତିରେ ୮୬୯ଜଣ ଚାଷୀଙ୍କ ନାମ ପଞ୍ଜୀକରଣ ହୋଇଥିଲା। ସେଥିମଧ୍ୟରୁ ୮୬୨ଜଣ ଧାନ ମଣ୍ଡିରେ ଦେଇଛନ୍ତି। ଏବେ ମଣ୍ଡିରେ ୭୨ଜଣ ଚାଷୀଙ୍କର ୨୩୦୦କ୍ୱିଣ୍ଟାଲ ଧାନ ପଡ଼ି ରହିଛି। ପଦ୍ମପୁର ସୋସାଇଟିରେ ସିମ୍ବଲ ଆଗ୍ରୋ ମିଲ୍ ଧାନ ଲିଫ୍ଟିଙ୍ଗ୍ କରି ନ ଥିବାରୁ ଧାନ ଭିଜି ଗଜା ହେଲାଣି ବୋଲି ସମ୍ପାଦକ କହିଛନ୍ତି।

# କଇଁଛ ଅନ୍ତୁଡ଼ିଶାଳରେ ୨୪ ଫୁଟ ଲମ୍ବର ମୃତ ତିମି

ରାଜନଗର, ୯।୪(ସମିସ): ବିଶ୍ୱପ୍ରସିଦ୍ଧ କଇଁଛ ଅନ୍ତୁଡ଼ିଶାଳ ଭାବେ ପରିଚିତ ଗହୀରମଥା ଦୀପରେ ଲାଗିଛି ୨୪ଫୁଟ୍ ଲମ୍ବର ମୃତ ତିମି। ଆଜି ଏହି ମଲା ତିମି ଲାଗିବା ପରେ ସେଠାରେ କଇଁଛ ସୁରକ୍ଷା ପାଇଁ ନିୟୋଜିତ ବନ କର୍ମଚାରୀ ରାଜନଗର ଡିଏଫ୍‌ଓ ଭର୍ଦରାଜ ଗାଓଁକରକୁ ସୂଚନା ଦେଇଥିଲେ। ଡିଏଫ୍‌ଓ ଶ୍ରୀ ଗାଓଁକରଙ୍କ ନିର୍ଦ୍ଦେଶରେ ଆଜି ଅପରାହ୍ଣ ୫ଟାରେ ରାଜନଗର ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରକାଶ କୁମାର ଜେନା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ମୃତ ତିମିର ଶବ ବ୍ୟବଚ୍ଛେଦ କରି ଫେରିଛନ୍ତି।



## ରାଜଧାନୀବାସୀ ପାଇବେ ନିରବଚ୍ଛିନ୍ନ ଗୁଣାତ୍ମକ ବିଜୁଳି

# ୩ ଗ୍ରୀଡ୍ ସବ୍‌ଷ୍ଟେସନ, ୮ ଟ୍ରାନ୍ସମିସନ୍ ଲାଇନ୍ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୯।୪(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଭୁବନେଶ୍ୱରର ବାଲିଅନ୍ତାଠାରେ ୩ଟି ନୂତନ ଗ୍ରୀଡ୍ ସବ୍‌ଷ୍ଟେସନ ଓ ୮ଟି ଟ୍ରାନ୍ସମିସନ ଲାଇନର ଉଦ୍‌ଘାଟନ କରିଛନ୍ତି। ପ୍ରାୟ ୬୦୦ କୋଟି ଟଙ୍କା ବ୍ୟୟରେ ଏହି ୩ଟି ନୂତନ



ଗ୍ରୀଡ୍ ସବ୍‌ଷ୍ଟେସନ ଭୁବନେଶ୍ୱରର ବାଲିଅନ୍ତା, ସତ୍ୟନଗର ଓ କଟକର ଏସ୍‌ସିବି ମେଡିକାଲରେ ସ୍ଥାପନ କରାଯାଇଛି। ଏହାଦ୍ୱାରା ଭୁବନେଶ୍ୱର ତଥା ଆଖପାଖ ଅଞ୍ଚଳର ପ୍ରାୟ ୨୨ ଲକ୍ଷ ଉପଭୋକ୍ତା ଲାଭାନ୍ୱିତ ହେବେ। ଆଗାମୀ ଦିନରେ କଟକ ଓ ଭୁବନେଶ୍ୱରକୁ ଏକାଧିକ ଫିଡର୍ ଲାଇନ୍ ଦ୍ୱାରା ସଂଯୁକ୍ତ କରାଯିବ। ଏହାଦ୍ୱାରା ରାଜଧାନୀବାସୀ ନିରନ୍ତର ଗୁଣାତ୍ମକ ବିଦ୍ୟୁତ୍ ସେବା ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜଧାନୀବାସୀଙ୍କୁ ବିଶ୍ୱସ୍ତରୀୟ ବିଦ୍ୟୁତସେବା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ଦୃଢ଼ ସଂକଳ୍ପର ଏହା ପ୍ରତିଫଳନ। ଏହି ନୂତନ ଗ୍ରୀଡ୍ ସବଷ୍ଟେସନ ଓ ଟ୍ରାନ୍ସମିସନ ଲାଇନଗୁଡ଼ିକ ରାଜଧାନୀରେ ନିରବଚ୍ଛିନ୍ନ ଓ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବ। ଫଳରେ ଶିଳ୍ପ, ବ୍ୟବସାୟ, ଆଇଟି ଏବଂ ନଗରୀୟ ଜୀବନର ସମଗ୍ର ବିକାଶ ତ୍ୱରାନ୍ୱିତ ହେବ। ରାଜ୍ୟରେ ପ୍ରଥମ ଥର ପାଇଁ ଡିଜିଟାଲ ଗ୍ରୀଡ୍ ସବଷ୍ଟେସନ ନିର୍ମାଣ କରାଯାଇଛି ଓ ରାଜଧାନୀ ପାଇଁ ୭୬୫ କେ.ଭି. ଟ୍ରାନ୍ସମିସନ ବ୍ୟବସ୍ଥାର ବିକାଶ କରିବାର ଯୋଜନା ରହିଛି।

ଏହି ଅବସରରେ ଭୁବନେଶ୍ୱରର ପାର୍ଶ୍ୱବର୍ତ୍ତୀ ନଦୀଗୁଡିକର ପୁନରୁଦ୍ଧାର ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରାଚୀ ନଦୀର ପୁନରୁଦ୍ଧାର ପାଇଁ ୩୦୦ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ଭୁବନେଶ୍ୱର-ଜୟଦେବ ଅଞ୍ଚଳରେ ଥିବା ଧନୁଆ ନଦୀର ପୁନରୁଦ୍ଧାର ପାଇଁ ଦ୍ୱିତୀୟ ଫେଜ୍‌ରେ ୭୫ କୋଟି ଟଙ୍କା ଅନୁମୋଦନ ହୋଇସାରିଛି। ଏଥିସହିତ ସଞ୍ଜୀବନୀ ଯୋଜନାରେ ଦୟା ନଦୀର ପୁନରୁଦ୍ଧାର ପାଇଁ ୧୭୦ କୋଟି ଟଙ୍କା ଏବଂ ଦୟା ପଶ୍ଚିମ କେନାଲ ପୁନରୁଦ୍ଧାର ଓ ଉନ୍ନତିକରଣ କରିବା ପାଇଁ ୪୦୦ କୋଟି ଟଙ୍କା ଅନୁମୋଦନ ହୋଇଛି, ଏବଂ ଖୁବ୍‌ଶୀଘ୍ର ସମସ୍ତ କାର୍ଯ୍ୟ ଆରମ୍ଭ ହେବ ବୋଲି ଘୋଷଣା କରିଛନ୍ତି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଜୟଦେବ ବିଧାୟକ ନବକିଶୋର ମଲ୍ଲିକ, ଓପିଟିସିଏଲ ପରିଚାଳନା ନିର୍ଦ୍ଦେଶକ ଭାସ୍କର ଜ୍ୟୋତି ଶର୍ମା ଏବଂ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦ୍ର କ୍ୟାବିନେଟରେ ଜୟପୁର ମେଟ୍ରୋ ପାଇଁ ୧୩୦୦୦ କୋଟିର ଅନୁମୋଦନ

# ଓଡ଼ିଶାରେ ମେଟ୍ରୋ ପ୍ରକଳ୍ପ ବନ୍ଦକୁ ନେଇ ପ୍ରଶ୍ନ ଉଠାଇଲା ବିଜେଡି

- ରାଜସ୍ଥାନକୁ ମେଟ୍ରୋ ପାଇଁ କେନ୍ଦ୍ର ସରକାର ଦେବେ ସାଢ଼େ ୬ ହଜାର କୋଟି
- କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରି ପ୍ରକଳ୍ପ ପୁନର୍ଜୀବିତ କରିବାକୁ ଦାବି

ଭୁବନେଶ୍ୱର, ୯।୪(ସମିସ): ମେଟ୍ରୋ ରେଳ ନୀତି ୨୦୧୭ ଅଧୀନରେ ଗତ ବୁଧବାର କେନ୍ଦ୍ର କ୍ୟାବିନେଟ ଜୟପୁର ମେଟ୍ରୋ ଦ୍ୱିତୀୟ ପର୍ଯ୍ୟାୟକୁ ଅନୁମୋଦନ ଦେଇଛି। ଏ ବାବଦରେ ବ୍ୟୟ ହେବାକୁଥିବା ୧୩ ହଜାର କୋଟି ଟଙ୍କା ମଧ୍ୟରୁ କେନ୍ଦ୍ର ସରକାର ୫୦ ପ୍ରତିଶତ ଅର୍ଥାତ୍ ୬୫୦୦ କୋଟି ବହନ କରିବ ବୋଲି କୁହାଯାଉଛି। ମାତ୍ର ଓଡ଼ିଶା ସରକାର ରାଜ୍ୟରେ ମେଟ୍ରୋ ପ୍ରକଳ୍ପକୁ ବନ୍ଦ କରିବାକୁ ନେଇ ପ୍ରଶ୍ନ ଉଠାଇଛି ବିଜେଡି। ଜୟପୁର ମେଟ୍ରୋ ମଡେଲ ପରି ରାଜ୍ୟ ସରକାର ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ କାର୍ଯ୍ୟକାରୀ କରନ୍ତୁ ବୋଲି ଦାବି କରିଛନ୍ତି ବିଜେଡି ସାଂସଦ ଡ. ସସ୍ମିତ ପାତ୍ର।

ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ଡ. ପାତ୍ର ଉଲ୍ଲେଖ କରି କହିଛନ୍ତି ଯେ ଓଡ଼ିଶା ମେଟ୍ରୋ (ଭୁବନେଶ୍ୱର-କଟକ-ଖୋର୍ଦ୍ଧା-ପୁରୀ କରିଡର୍)ର ଅନୁମୋଦିତ ଖର୍ଚ୍ଚ ୨୦୨୪ ମସିହାରେ ୬,୨୫୫ କୋଟି ଟଙ୍କା ଥିଲା, ଯାହା ଜୟପୁର ମେଟ୍ରୋଠାରୁ ଅଧା କମ୍। ଜୟପୁର ମଡେଲ୍ ଅନୁସରଣ କଲେ ଓଡ଼ିଶା ମେଟ୍ରୋ ପାଇଁ କେନ୍ଦ୍ର ଓ ରାଜ୍ୟ ପ୍ରତ୍ୟେକ ପ୍ରାୟ ୩,୧୦୦ କୋଟି ଟଙ୍କା ଦେବାକୁ ପଡ଼ିବ ଏବଂ ବଳକା ଅର୍ଥ ଭିଜିଏଫ (ଭାୟାବିଲିଟି ଗ୍ୟାପ୍ ଫଣ୍ଡି) ଦ୍ୱାରା ସଂଗ୍ରହ କରାଯାଇପାରିବ। ଯଦି ୧୩,୦୦୦ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚର ଜୟପୁର ମେଟ୍ରୋ ଫେଜ୍-୨ କେନ୍ଦ୍ର ସରକାରଙ୍କ ସହଯୋଗରେ ସମ୍ଭବ ହୋଇପାରୁଛି, ତେବେ ଅଧା ଖର୍ଚ୍ଚର ଓଡ଼ିଶା ମେଟ୍ରୋ ନିଶ୍ଚୟ ସମ୍ଭବ ହେବ। ପୁରୀ-ଖୋର୍ଦ୍ଧା-ଭୁବନେଶ୍ୱର-କଟକ କରିଡର୍ ମେଟ୍ରୋ ଓଡ଼ିଶାବାସୀଙ୍କୁ ସୁରକ୍ଷିତ ଓ ଦ୍ରୁତ ଯାତାୟାତ ପ୍ରଦାନ କରିବ। ଛାତ୍ର-ଯୁବକମାନଙ୍କୁ ଶିକ୍ଷା ଓ ଚାକିରି ପାଇଁ ଉନ୍ନତ ସୁବିଧା ମିଳିବା ସହ ବୟସ୍କମାନଙ୍କୁ ଆରାମଦାୟକ ପରିବହନ ସୁବିଧା ମିଳିବ। ସେହିପରି ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପର୍ଯ୍ୟଟନ ଓ ଛୋଟ ବ୍ୟବସାୟ ବୃଦ୍ଧି ପାଇବ। ଏହା ଯାତାୟାତ ଭିଡ଼ କମାଇ ନୂତନ ଅର୍ଥନୈତିକ ସୁଯୋଗ ସୃଷ୍ଟି କରିବ। ତେଣୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଏ ସଂକ୍ରାନ୍ତରେ ପୁନର୍ବିଚାର କରି ଓଡ଼ିଶା ମେଟ୍ରୋ ପ୍ରକଳ୍ପକୁ ଜୟପୁର ମଡେଲ୍ ଅନୁସାରେ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରି ପୁନର୍ଜୀବିତ କରିବାକୁ ସେ ଅନୁରୋଧ କରିଛନ୍ତି। ଅନୁରୂପ ଭାବରେ ଏକ ଭିଡ଼ିଓରେ ଡ଼. ପାତ୍ର କହିଛନ୍ତି ଯେ ଜୟପୁର ମେଟ୍ରୋ ମଡେଲରେ ଯଦି କେନ୍ଦ୍ର ସରକାର ଅଧା ଖର୍ଚ୍ଚ ବହନ କରିପାରିବେ, ତାହେଲେ ଡବଲ ଇଞ୍ଜିନ ସରକାରରେ ଓଡ଼ିଶାରେ ମାତ୍ର ୩ ହଜାର କୋଟି ବହନ କରିବାରେ ଅସୁବିଧା କେଉଁଠି ? କେନ୍ଦ୍ରରେ ସରକାର ଗଠନ କରିବା ପାଇଁ ଓଡ଼ିଶା ୨୧ରୁ ୨୦ ଲୋକସଭା ସାଂସଦ ଦେଇଛି । ଯଦି ରାଜସ୍ଥାନ ସରକାରଙ୍କୁ କେନ୍ଦ୍ର ସରକାର ସାଢ଼େ ୬ ହଜାର କୋଟି ଟଙ୍କା ଦେବା ପାଇଁ ପ୍ରସ୍ତୁତ ଅଛନ୍ତି, ଓଡ଼ିଶା ପାଇଁ କାହିଁକି ନୁହେଁ ବୋଲି ସେ ପ୍ରଶ୍ନ କରିଛନ୍ତି ।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୨.୯୯ • ପାଉଣ୍ଡ ୧୨୪.୦୮
- ୟୁରୋ ୧୦୮.୦୬ • ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୮,୮୫୦ (ଭୁବନେଶ୍ୱର)
- ରୁପା : ୨,୬୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୬,୬୩୧.୦୦
- ନିଫ୍ଟି ୨୩,୭୭୫.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# ଯୁଦ୍ଧରେ ଆମେରିକାର ୧୦୦ ବିଲିୟନ୍ ଡଲାର କ୍ଷତି

## ଅର୍ଥନୀତିରେ ଗମ୍ଭୀର ସଙ୍କଟ ଆଣିଲା ୩୮ ଦିନର ଲଢ଼େଇ




ନୂଆଦିଲ୍ଲୀ, ୯।୪ (ଏଜେନ୍ସି): ପଶ୍ଚିମ ଏସିଆରେ ୩୮ ଦିନ ଧରି ଚାଲିଥିବା ସଂଘର୍ଷ ଶେଷରେ ବନ୍ଦ ହୋଇଯାଇଛି। ଆମେରିକା ଏବଂ ଇରାନ ଦୁଇ ସପ୍ତାହର ଅସ୍ଥାୟୀ ଯୁଦ୍ଧବିରତି ପାଇଁ ରାଜି ହୋଇଛନ୍ତି। ଏହା ତୁରନ୍ତ ବିଶ୍ୱ ଶକ୍ତି ସଙ୍କଟର ଭୟକୁ ଦୂର କରିଛି। ଫେବୃଆରୀ ୨୮ରେ ଆମେରିକା ଏବଂ ଇସ୍ରାଏଲ ମିଳିତ ଭାବରେ ଇରାନ ଉପରେ ଆକ୍ରମଣ ଆରମ୍ଭ କରିଥିଲେ, ଯାହା ମଧ୍ୟପ୍ରାଚ୍ୟ ସଂଘର୍ଷକୁ ତ୍ୱରାନ୍ୱିତ କରିଥିଲା। ପ୍ରତିଶୋଧ ସ୍ୱରୂପ, ଇରାନ ହର୍ମୁଜ୍ ପ୍ରଣାଳୀକୁ ବନ୍ଦ କରିଦେଇଥିଲା, ଯେଉଁଠାରୁ ବିଶ୍ୱର ପ୍ରାୟ ଏକ ପଞ୍ଚମାଂଶ ତୈଳ ଯୋଗାଣ ସାଧାରଣତଃ ଗତି କରେ। ଏହା ସମଗ୍ର ବିଶ୍ୱକୁ ହଲାଇ ଦେଇଥିଲା। ଯୁଦ୍ଧର ପ୍ରତ୍ୟେକ ଦିନ ଆମେରିକାର ହତାଶା ବଢ଼ିବାରେ ଲାଗିଲା। ଏହି ଯୁଦ୍ଧରେ ଆମେରିକାକୁ ୧୦୦ ବିଲିୟନ୍ ଡଲାରର ଝଟ୍‌କା ଲାଗିଛି। ଅର୍ଥାତ୍ ଆମେରିକାର କ୍ଷତି ଶହେ ବିଲିୟନ୍ ଡଲାର ଟପିଯାଇଛି। ତେବେ ଏଡ଼ି ଯୁଦ୍ଧରେ ବିଶ୍ୱ ଅର୍ଥନୀତିକୁ ପ୍ରାୟ ୫୪.୮୮ ଲକ୍ଷ କୋଟି (୬୬୦ ବିଲିୟନରୁ ଅଧିକ) କ୍ଷତି ପହଞ୍ଚିଛି। ଯୁଦ୍ଧର ବର୍ଦ୍ଧିତ ଖର୍ଚ୍ଚ ବହନ କରିବାକୁ ଆମେରିକା ଅନିଚ୍ଛୁକ ଥିଲା। ଯୁଦ୍ଧ ଆମେରିକାର ଅର୍ଥନୀତି ପାଇଁ ଏକ ଗମ୍ଭୀର ସଙ୍କଟ ସୃଷ୍ଟି କରିବାକୁ ଆରମ୍ଭ କରିଥିଲା। ଶେଷରେ ଟ୍ରମ୍ପ୍ ଯୁଦ୍ଧ ବିରତି ପାଇଁ ରାଜି ହୋଇଛନ୍ତି।

ବର୍ତ୍ତମାନ ସମୟରେ ଇରାନ୍ ଯୁଦ୍ଧ ବନ୍ଦର ଏକ ପ୍ରମୁଖ କାରଣ ଆମେରିକାର ବୃଦ୍ଧି ପାଉଥିବା ଆର୍ଥିକ କ୍ଷତି। ଅତ୍ୟଧିକ ଋଣଗ୍ରସ୍ତ ଆମେରିକାର ଅର୍ଥନୀତି ଯୁଦ୍ଧର ବର୍ଦ୍ଧିତ ଖର୍ଚ୍ଚକୁ ଆଉ ସହ୍ୟ କରିପାରିବନାହିଁ। ଏଥିପାଇଁ ଏକ ଯୁଦ୍ଧ ବିରତି ଆବଶ୍ୟକ ହୋଇପଡ଼ିଛି। ଆମେରିକାରେ ଇନ୍ଧନ ମୂଲ୍ୟ ପ୍ରତି ଗ୍ୟାଲେନ୍ ୪ ଡଲାର ଉପରେ ପହଞ୍ଚିଛି। ଯୁଦ୍ଧ ଆରମ୍ଭ ହେବା ପରଠାରୁ ଗତ ୩୮ ଦିନ ମଧ୍ୟରେ ଆମେରିକା ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଏବଂ ସାମରିକ କ୍ଷତି ସହିଛି। ତୈଳ ମୂଲ୍ୟ ବୃଦ୍ଧି ଏବଂ ଷ୍ଟକ୍ ବଜାର ଅସ୍ଥିରତା ହେଉଛି ପ୍ରାଥମିକ କାରଣ। ଏହା ମୁଦ୍ରାସ୍ଫୀତି ଏବଂ ମାନ୍ଦାବସ୍ଥାର ବିପଦ ସୃଷ୍ଟି କରିଛି, ଯେତେବେଳେ କି ନିବେଶକମାନେ ଯଥେଷ୍ଟ କ୍ଷତି ସହିଛନ୍ତି। ଏହି ସମୟ ମଧ୍ୟରେ ଆମେରିକା ଷ୍ଟକ୍ ବଜାରରେ ଏକ ବଡ଼ ବିକ୍ରି ଦେଖାଦେଇଛି। ଏହା ଡାଉ ଜୋନ୍ସ ଏବଂ ନାସଡାକ୍ ଉଭୟଙ୍କୁ ସଂଶୋଧନ ଆଡକୁ ଠେଲି ଦେଇଥିଲା। ୨୦୨୬ ମାର୍ଚ୍ଚ ଶେଷ ସୁଦ୍ଧା ସେୟାରଗୁଡ଼ିକ ସେମାନଙ୍କର ସାମ୍ପ୍ରତିକ ସର୍ବୋଚ୍ଚ ସ୍ତରରୁ ୧୦% ରୁ ଅଧିକ ହ୍ରାସ ପାଇଛି। ଏହା ନିବେଶକଙ୍କ କୋଟି କୋଟି ଟଙ୍କାର ଲାଭକୁ ନଷ୍ଟ କରିଦେଇଛି। ଅପରପକ୍ଷେ ୨୦୨୬ ମାର୍ଚ୍ଚ ଶେଷରେ ଅର୍ଥନୈତିକ ପୂର୍ବାନୁମାନ ଆମେରିକାରେ ମାନ୍ଦାବସ୍ଥାର ୩୦% ରୁ ୪୦% ସମ୍ଭାବନା ସୂଚାଇଥିଲା। ଏହା ମୁଖ୍ୟତଃ ତୈଳ ମୂଲ୍ୟ ବୃଦ୍ଧି ଏବଂ ଭୂ-ରାଜନୈତିକ ଉତ୍ତେଜନା ଯୋଗୁଁ ହୋଇଥିଲା। ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଆମେରିକା ଅର୍ଥନୀତି ପୂର୍ବରୁ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଥିଲା। ଚାହିଦା ବହୁତ ଦୁର୍ବଳ ଥିଲା। ଯୁଦ୍ଧ ସେହି ଚ୍ୟାଲେଞ୍ଜଗୁଡ଼ିକୁ ଆହୁରି ତୀବ୍ର କରିଥିଲା।

ହର୍ମୁଜ୍ ପ୍ରଣାଳୀ ବନ୍ଦ ହେବା ଯୋଗୁଁ ବିଶ୍ୱବ୍ୟାପୀ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଇବା ମାତ୍ରେ ଆମେରିକାରେ ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି। ଆମେରିକୀୟମାନେ ପୂର୍ବରୁ ମୁଦ୍ରାସ୍ଫୀତିକୁ ନେଇ ଚିନ୍ତିତ ଥିବାବେଳେ ସେମାନେ ଏହାକୁ ଆହୁରି ବୃଦ୍ଧି ଦେଖିବାକୁ ଚାହାଁନ୍ତିନାହିଁ ବୋଲି ସଫା ସଫା କହିଦେଇଛନ୍ତି। ଏହି ଯୁଦ୍ଧ ବିଶ୍ୱର ଜିଡିପିକୁ ପ୍ରାୟ ୫୪.୮୮ ଲକ୍ଷ କୋଟି ଟଙ୍କାର କ୍ଷତି ପହଞ୍ଚାଇଛି। ବିଶେଷଜ୍ଞମାନେ ଆକଳନ କରିଛନ୍ତି ଯେ ଯଦି ଏହି ଯୁଦ୍ଧ ଶୀଘ୍ର ବନ୍ଦ ନ ହୁଏ, ତେବେ ବିଶ୍ୱ କ୍ଷତି ୩.୫ ଟ୍ରିଲିୟନ (ପ୍ରାୟ ୨୯୦ ଲକ୍ଷ କୋଟି ଟଙ୍କା) ରେ ପହଞ୍ଚିପାରେ।

## ଚନ୍ଦ୍ରଶେଖରପୁରରେ ଚାନ୍ଦି ଭଣ୍ଡାରର ୨୯ତମ ଷ୍ଟୋର



ଭୁବନେଶ୍ୱର, ୯।୪(ସମିସ): ଅକ୍ଷୟ ତୃତୀୟାର ଅବ୍ୟବହିତ ପୂର୍ବରୁ ରୁପା ଗହଣା ଷ୍ଟୋର ଚାନ୍ଦି ଭଣ୍ଡାର ଚନ୍ଦ୍ରଶେଖରପୁରରେ ଏହାର ୨୯ତମ ଷ୍ଟୋର ଖୋଲିଛି। କମଳା ବିହାରସ୍ଥିତ ତନିସ୍କ ନିକଟସ୍ଥ ତଳ ମହଲାରେ ଅବସ୍ଥିତ ଏହି ନୂଆ ଷ୍ଟୋର ବ୍ରାଣ୍ଡ ଅଭିବୃଦ୍ଧି ଯାତ୍ରାରେ ଆଉ ଏକ ପ୍ରମୁଖ ମାଇଲଖୁଣ୍ଟ। ଏହି ନୂଆ ଷ୍ଟୋର ୨୦୦୦ ବର୍ଗଫୁଟ୍ ପରିବ୍ୟାପ୍ତ ସ୍ଥାନରେ ନିର୍ମିତ। ଏହି ମେଗା ଉଦ୍‌ଘାଟନକୁ ପାଳନ କରିବା ପାଇଁ ଚନ୍ଦ୍ରଶେଖରପୁର ଷ୍ଟୋର ପ୍ରତି ଅବସର ପାଇଁ ଷ୍ଟର୍ଲିଂ ରୁପା ଗହଣାର ଉତ୍କୃଷ୍ଟ ସମ୍ଭାର ପ୍ରଦାନ କରୁଛି, ଯାହା ପ୍ରତ୍ୟେକ ଅବସର ପାଇଁ ଉଦ୍ଦିଷ୍ଟ। ୯୨.୫% ଶୁଦ୍ଧ ରୁପା ବାସନରୁ ଆରମ୍ଭ କରି ପ୍ରିମିୟମ ଗହଣା ପର୍ଯ୍ୟନ୍ତ ଷ୍ଟୋରରେ ମହିଳା, ପୁରୁଷ ଏବଂ ପିଲାମାନଙ୍କ ପାଇଁ ବ୍ୟାପକ ରେଞ୍ଜ୍ ରହିଛି। ମହିଳାମାନଙ୍କ ପାଇଁ ଜିକନ୍ମଚିତ ନେକଲେସ୍, ଚୁଡ଼ି, ମୁଦି, କାନଫୁଲ, ବ୍ରେସ୍‌ଲେଟ୍ ଏବଂ ଆକ୍‌ଟ୍ ଭଳିକି ଭଳି ସମ୍ଭାର ଏଠାରେ ରହିଛି, ଯାହାକି ଫେଷ୍ଟିଭ୍ ସେଲିବ୍ରେଶନ୍ ଏବଂ ନିତିଦିନିଆ ବ୍ୟବହାର ପାଇଁ ସର୍ବୋତ୍କୃଷ୍ଟ। ପୁରୁଷଙ୍କ ରୁପା ଗହଣା ଚାହିଦାକୁ ଦୃଷ୍ଟିରେ ରଖି ଆମୋଘ କଲେକ୍ସନ ଷ୍ଟୋରରେ ଉପଲବ୍ଧ, ଯେଉଁଥିରେ ବ୍ରେସ୍‌ଲେଟ୍, ମୁଦି, କଫ୍‌ଲିଙ୍କ୍ ଏବଂ ଚେନ୍ ଆଦି ରହିଛି। ସ୍ୱତନ୍ତ୍ର ଲଞ୍ଚିଂ ଅଫର ଭାବେ ଚାନ୍ଦି ଭଣ୍ଡାର ଗଢ଼ା ମଜୁରିରେ ୩୦% ପର୍ଯ୍ୟନ୍ତ ରିଆତି ପ୍ରଦାନ କରୁଛି। ଏହା ଏପ୍ରିଲ ୧୯ ପର୍ଯ୍ୟନ୍ତ ଉପଲବ୍ଧ। ଏହି ଅବସରରେ ଚାନ୍ଦି ଭଣ୍ଡାରର ପ୍ରତିଷ୍ଠାତା ଲିପ୍‌ସା ହଂସ କୁହନ୍ତି, ୨୯ତମ ଷ୍ଟୋରର ମାଇଲଖୁଣ୍ଟ ଆମ ପ୍ରତି ଗ୍ରାହକଙ୍କ ଦୃଢ଼ ବିଶ୍ୱାସକୁ ପ୍ରତିଫଳିତ କରୁଛି। ଅକ୍ଷୟ ତୃତୀୟାରେ ଏହା ଆମ ପାଇଁ ଏକ ସୁନ୍ଦର ନୂତନ ଆରମ୍ଭ।

## ଜାଲ୍ ନିବେଶ ଠକେଇ: ନିବେଶକଙ୍କୁ ସତର୍କତା କରାଇଲା ଏନ୍‌ଏସ୍‌ଇ

ମୁମ୍ବଇ, ୯।୪: ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ଲିମିଟେଡ୍ (ଏନ୍‌ଏସ୍‌ଇ ) ପୁଞ୍ଜି ବଜାରରେ ଜାଲ୍ ନିବେଶ ପ୍ରଲୋଭନ ସମ୍ପର୍କିତ ସୂଚନାରୁ ଦୂରେଇ ରହିବାକୁ ନିବେଶକଙ୍କୁ ସତର୍କତା କରାଇଛି। 'ଇନ୍ଦ୍ରେଶ ଯାଦବ' ନାମକ ଜନୈକ ବ୍ୟକ୍ତି "କ୍ରୁଡ୍ କଲ୍" ନାମକ ଏକ ସଂସ୍ଥା ସହିତ ଏକ ନିର୍ଦ୍ଦିଷ୍ଟ - ମୋବାଇଲ୍ ନମ୍ବର ଏବଂ ୱେବସାଇଟ୍ ଲିଙ୍କ୍‌ରୁ ସିକ୍ୟୁରିଟିଜ୍ ବଜାର ଟିପ୍ସ, ଷ୍ଟକ୍ ବଜାରରେ ନିବେଶ ଉପରେ ନିଶ୍ଚିତ/ଗ୍ୟାରେଣ୍ଟିଡ୍ ରିଟର୍ଣ୍ଣ ଏବଂ ନିବେଶକମାନଙ୍କୁ ଡାବା/ ଅବୈଧ ବାଣିଜ୍ୟ ସେବା ପ୍ରଦାନ କରୁଛନ୍ତି। ତେଣୁ ନିବେଶକମାନଙ୍କୁ ଏନ୍‌ଏସ୍‌ଇ ସତର୍କ କରାଯାଇଛି ଯେ ଷ୍ଟକ୍ ବଜାରରେ କୌଣସି ବ୍ୟକ୍ତି/ସଂସ୍ଥା ଦ୍ୱାରା ପ୍ରଦାନ କରାଯାଇଥିବା କୌଣସି ଯୋଜନା/ଉତ୍ପାଦରେ ସବ୍‌ସ୍କ୍ରାଇବ ନ କରିବାକୁ ପରାମର୍ଶ ଦିଆଯାଇଛି। କାରଣ ଏହା ଆଇନ ଦ୍ୱାରା ନିଷିଦ୍ଧ। ଏକ୍ସଚେଞ୍ଜ ଏହାର ୱେବସାଇଟ୍‌ରେ ଲିଙ୍କ୍ ଅଧୀନରେ "ଆପଣଙ୍କ ଷ୍ଟକ୍ ବ୍ରୋକରଙ୍କୁ ଜାଣନ୍ତୁ/ସ୍ଥାନ କରନ୍ତୁ" ସୁବିଧା ପ୍ରଦାନ କରିଛି, ଯାହା ଦ୍ୱାରା ପଞ୍ଜିକୃତ ସଦସ୍ୟ ଏବଂ ଏହାର ପ୍ରାଧିକୃତ ବ୍ୟକ୍ତିମାନଙ୍କର ବିବରଣୀ ଯାଞ୍ଚ କରାଯାଇପାରିବ। ଏହି ସମ୍ପର୍କରେ ପୁଲିସ ନିକଟରେ ଏକ ଅଭିଯୋଗ ଦାଖଲ କରାଯାଇଛି।

## ସିଆଇଆଇ ପକ୍ଷରୁ ଅତ୍ୟାଧୁନିକ ଉତ୍ପାଦନର ଭବିଷ୍ୟତ ଉପରେ ଆଲୋକପାତ

ଭୁବନେଶ୍ୱର, ୯।୪ (ସମିସ): କୋଲ୍‌କାତାରେ ଆଡ୍‌ଭାନ୍ସଡ ମାନୁଫ୍ୟାକ୍‌ଚରିଂ ଉପରେ ଆୟୋଜିତ ଜାତୀୟ ସମ୍ମିଳନୀରେ ଭାରତୀୟ ଶିଳ୍ପ ସଂଘ (ସିଆଇଆଇ) ଉତ୍ପାଦନ କ୍ଷେତ୍ରର ଭବିଷ୍ୟତ ଉପରେ ଆଲୋକପାତ କରିଛି। ଭାରତ କିଭଳି ଉତ୍ପାଦନ କ୍ଷେତ୍ରର ବିସ୍ତାର କରାଯାଇପାରିବ, ଇଣ୍ଡଷ୍ଟ୍ରି ୪.୦ ଟେକ୍ନୋଲୋଜିଗୁଡ଼ିକୁ ଗ୍ରହଣ କରିପାରିବ ଏବଂ ଆନ୍ତର୍ଜାତୀୟ ମୂଲ୍ୟ ଶୃଙ୍ଖଳାରେ ନିଜର ସ୍ଥିତି ସୁଦୃଢ଼ କରିପାରିବ ସେ ସମ୍ପର୍କରେ ଆଲୋଚନା କରିବା ପାଇଁ ଏହି ସମ୍ମିଳନୀରେ ଶିଳ୍ପର ବରିଷ୍ଠ ନେତୃବୃନ୍ଦ ଓ ନୀତିନିର୍ମାତାମାନେ ଏକତ୍ରିତ ହୋଇଥିଲେ। ୨୫ରୁ ଅଧିକ ଚିନ୍ତନକାରୀ ଓ ସିଇଓ ଆଡ୍‌ଭାନ୍ସଡ ମାନୁଫ୍ୟାକ୍‌ଚରିଂର ଭବିଷ୍ୟତ ଏବଂ ଭାରତରେ ଉତ୍ପାଦନ କ୍ଷେତ୍ରର ସାମଗ୍ରିକ ଅଭିବୃଦ୍ଧି ଓ ବିକାଶ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ସମ୍ମିଳନୀରେ ସିଆଇଆଇ ପକ୍ଷରୁ 'ଷ୍ଟ୍ରାଟେଜିକ ଇନ୍‌ସାଇଟସ ଅନ୍ ଆଡ୍‌ଭାନ୍ସଡ ମାନୁଫ୍ୟାକ୍‌ଚରିଂ- ଏ ସିଆଇଆଇ ଏମଏଫଏସ ରିପୋର୍ଟ' ଶୀର୍ଷକ ଏହାର ରିପୋର୍ଟ ଉନ୍ମୋଚନ କରାଯାଇଥିଲା। ଏହି ସମ୍ମିଳନୀରେ ସିଆଇଆଇର ମାଇନିଂ ଆଣ୍ଡ କନ୍‌ଷ୍ଟ୍ରକ୍‌ଶନ ଇକ୍ୱିପମେଣ୍ଟ ଡିଭିଜନର ଅଧ୍ୟକ୍ଷ ଏବଂ ଟିକେଆଇଏଲ ଇଣ୍ଡଷ୍ଟ୍ରୀଜ ପ୍ରାଇଭେଟ ଲିମିଟେଡର ଏମ୍‌ଡି ଓ ସିଇଓ ବିବେକ ଭାଟିଆ ଭାରତ ସ୍ଥାୟୀ ଅଭିବୃଦ୍ଧି ହାସଲ କରିବା ପାଇଁ ହେଲେ ଉତ୍ପାଦନ କ୍ଷେତ୍ରକୁ ବିସ୍ତାର କରିବାର ଆବଶ୍ୟକତା ରହିଛି ବୋଲି ଉଲ୍ଲେଖ କରିଛନ୍ତି।

## ସତର୍କ ହେଲେ ତେଲ କମ୍ପାନୀ

# ରିଲାଏନ୍ସ ପମ୍ପରୁ ଥରକେ କିଣିହେବ ୧୦୦୦ ଟଙ୍କାର ତେଲ



ନୂଆଦିଲ୍ଲୀ, ୯।୪ (ଏଜେନ୍ସି): ପଶ୍ଚିମ ଏସିଆ ସଙ୍କଟ ମଧ୍ୟରେ ଦେଖାଦେଇଥିବା ଉତ୍ତେଜନା ଏବଂ ଯୋଗାଣ ଶୃଙ୍ଖଳା ଜନିତ ବିଭ୍ରାଟ ଏବେ ସମଗ୍ର ଦେଶରେ ପେଟ୍ରୋଲ ପମ୍ପଗୁଡ଼ିକୁ ପ୍ରଭାବିତ କରୁଛି। ଦେଶର ସର୍ବବୃହତ ଘରୋଇ ରିଫାଇନାରୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍‌ଆଇଏଲ୍) ଏହାର ପେଟ୍ରୋଲ ପମ୍ପଗୁଡ଼ିକରେ ଇନ୍ଧନ ବିକ୍ରି ଉପରେ କଟକଣା ଲାଗୁ କରିଛି। ଏହାଫଳରେ ଗ୍ରାହକମାନେ ଏଣିକି ଏକ ସମୟରେ ଜିଓ-ବିପି ଷ୍ଟେସନ୍‌ରୁ କେବଳ ୧୦୦୦ ଟଙ୍କା ମୂଲ୍ୟର ପେଟ୍ରୋଲ କିମ୍ବା ଡିଜେଲ କିଣିପାରିବେ। ଏହି ପଦକ୍ଷେପ ଏପରି ସମୟରେ ଆସିଛି ଯେତେବେଳେ ହର୍ମୁଜ୍ ପ୍ରଣାଳୀର ବନ୍ଦ ହେବା ଯୋଗୁ ବିଶ୍ୱବ୍ୟାପୀ ଅଶୋଧିତ ତୈଳ ଯୋଗାଣ ଗୁରୁତର ଭାବରେ ପ୍ରଭାବିତ ହୋଇଛି। କମ୍ପାନୀର ସାରା ଦେଶରେ ୨୦୦୦ ରୁ ଅଧିକ ଇନ୍ଧନ ଷ୍ଟେସନ୍ ରହିଛି। ଅପରପକ୍ଷେ କମ୍ପାନୀ ଏହାର କୌଣସି ପେଟ୍ରୋଲ ପମ୍ପରେ ଏପରି କୌଣସି କଟକଣାକୁ ଆନୁଷ୍ଠାନିକ ଭାବରେ ଅସ୍ୱୀକାର କରିଛି। ଏହାକୁ "ସ୍ଥାନୀୟ" ପରିସ୍ଥିତି ବୋଲି କମ୍ପାନୀ କହିଛି। ସୂଚନାଯୋଗ୍ୟ ଯେ, ଜିଓ-ବିପି ସାରା ଦେଶରେ ୨୦୦୦ରୁ ଅଧିକ ପେଟ୍ରୋଲ ପମ୍ପ ପରିଚାଳନା କରୁଛି। ଯୁଦ୍ଧ ଏବଂ ଉତ୍ତେଜନା ଯୋଗୁଁ, ଟ୍ୟାଙ୍କର ଚଳାଚଳ ବାଧାପ୍ରାପ୍ତ ହେଉଛି, ଯାହା ଫଳରେ ଷ୍ଟକ୍ ହ୍ରାସ ପାଉଛି। ଇନ୍ଧନ ଶେଷ ହେବାର ଭୟ ଯୋଗୁଁ ଲୋକମାନେ ଗାଡ଼ିରେ ଅଧିକ ମାତ୍ରାରେ ତେଲ ଭର୍ତ୍ତି କରୁଛନ୍ତି। ଏହାକୁ ରୋକିବା ପାଇଁ ୧୦୦୦ ଟଙ୍କାର ତୈଳ ବିକ୍ରି ସୀମା ଲାଗୁ କରାଯାଇଛି। ଏଭଳି ସ୍ଥିତି ଦେଶରେ ତେଲ ସଙ୍କଟ ଘନଉଥିବାକୁ ସୂଚିତ କରୁଛି।

ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ମୂଲ୍ୟ ବୃଦ୍ଧି ସତ୍ତ୍ୱେ, ପମ୍ପଗୁଡ଼ିକରେ ମୂଲ୍ୟ ସମାନୁପାତିକ ଭାବରେ ବୃଦ୍ଧି ପାଇନାହିଁ। ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ଅନୁଯାୟୀ, ଖୁଚୁରା ବ୍ୟବସାୟୀମାନେ ପେଟ୍ରୋଲ ଏବଂ ଡିଜେଲରେ ବିପୁଳ କ୍ଷତି ସହୁଛନ୍ତି। ସରକାରୀ ମାଲିକାନା କମ୍ପାନୀଗୁଡ଼ିକ ଯେପରିକି ଇଣ୍ଡିଆନ୍ ଅଏଲ୍ (ଆଇଓସି), ଭାରତ ପେଟ୍ରୋଲିୟମ୍ (ବିପିସିଏଲ୍), ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ୍ (ଏଚ୍‌ପିସିଏଲ୍) ଆନୁଷ୍ଠାନିକ ଭାବରେ କୌଣସି ସୀମା ଲାଗୁ କରିନାହାଁନ୍ତି, କିନ୍ତୁ ଅନେକ ସହରର ଡ୍ରାଇଭରମାନେ ଅଭିଯୋଗ କରିଛନ୍ତି ଯେ ସରକାରୀ ମାଲିକାନା ପମ୍ପଗୁଡ଼ିକରେ ମଧ୍ୟ ୧୦୦୦ ଟଙ୍କାର ସୀମା ଲାଗୁ କରାଯାଉଛି। ରୁଷିଆର ରୋସନେଫ୍ଟର ମାଲିକାନା ଥିବା ଏକ ଘରୋଇ କମ୍ପାନୀ ନାୟାରା ଏନର୍ଜି ଗତ ମାସରେ କ୍ଷତି କମାଇବା ପାଇଁ ମୂଲ୍ୟ ବୃଦ୍ଧି କରିଛି। ସୂଚନାଯୋଗ୍ୟ ଯେ, ଭାରତ ଏହାର ୯୦% ରୁ ଅଧିକ ତେଲ ଆବଶ୍ୟକତା ଆମଦାନି କରେ। ପାରସ୍ୟ ଉପସାଗରରେ ଯେ କୌଣସି ବାଧା ଭାରତର ଶକ୍ତି ସୁରକ୍ଷା ପାଇଁ ସିଧାସଳଖ ବିପଦ ସୃଷ୍ଟି କରେ। ଯଦିଓ ଆମେରିକା ଏବଂ ଇରାନ ମଧ୍ୟରେ ଏକ ଅସ୍ଥାୟୀ ଯୁଦ୍ଧବିରତି କାର୍ଯ୍ୟକାରୀ ହୋଇଛି, ତଥାପି ବୀମା କମ୍ପାନୀଗୁଡ଼ିକ ଏହି ଅଞ୍ଚଳକୁ 'ଉଚ୍ଚ ବିପଦପୂର୍ଣ୍ଣ' ଭାବରେ ବର୍ଗୀକୃତ କରୁଛନ୍ତି, ଯାହା ଫଳରେ ଟ୍ୟାଙ୍କର ଯାତାୟାତ ସ୍ୱାଭାବିକ ହେବାଜନିତ ବାଧା ସୃଷ୍ଟି କରୁଛି।

## ଏଆଇ-ଆଧାରିତ ବହୁଭାଷୀ ସଂଳାପ ପ୍ଲାଟଫର୍ମ 'ବିଓବି ସମ୍ବାଦ'ର ଶୁଭାରମ୍ଭ

बैंक ऑफ़ बड़ौदा
Bank of Baroda

ମୁମ୍ବଇ, ୯।୪: ବ୍ୟାଙ୍କ ଅଫ୍ ବରୋଦା (ବିଓବି) ପକ୍ଷରୁ ଗ୍ରାହକମାନଙ୍କ ସହ ହେଉଥିବା କଥାବର୍ତ୍ତାକୁ ଅଧିକ ସହଜ ଓ ପ୍ରଭାବଶାଳୀ କରିବା ପାଇଁ ଏହାର ନୂତନ ଏଆଇ-ଆଧାରିତ ବହୁଭାଷୀ ସଂଳାପ ପ୍ଲାଟଫର୍ମ 'ବିଓବି ସମ୍ବାଦ'ର ଶୁଭାରମ୍ଭ କରିଛି। ଏହାକୁ ମୁମ୍ବାଇରେ ଅର୍ଥ ମନ୍ତ୍ରଣାଳୟର ଆର୍ଥିକ ସେବା ବିଭାଗ (ଡିଏଫ୍‌ଏସ୍) ସଚିବ ଏମ୍. ନାଗରାଜୁ ଔପଚାରିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ପ୍ଲାଟଫର୍ମଟି ଶିଳ୍ପ ଜଗତରେ ପ୍ରଥମ ଏଆଇ-ଆଧାରିତ ବହୁଭାଷୀ ସଂଳାପ ପ୍ଲାଟଫର୍ମ, ଯାହାର ଲକ୍ଷ୍ୟ ଶାଖାଗୁଡ଼ିକରେ ଗ୍ରାହକଙ୍କ ସହ କଥାବର୍ତ୍ତାକୁ ରୂପାନ୍ତରିତ କରିବା। ଭାଷାଗତ ବାଧାକୁ ଦୂର କରିବା ପାଇଁ ଡିଜାଇନ୍ କରାଯାଇଥିବା ଏହି ପ୍ଲାଟଫର୍ମ ଗ୍ରାହକ ଏବଂ ଶାଖା କର୍ମଚାରୀଙ୍କୁ ସେମାନଙ୍କ ପସନ୍ଦର ଭାଷାରେ ପରସ୍ପର ସହ ନିର୍ବିଘ୍ନ କଥାବର୍ତ୍ତା କରିବାରେ ସକ୍ଷମ କରେ। ଶ୍ରୀ ନାଗରାଜୁ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଭାଷାଗତ ବାଧାକୁ ଦୂର କରିବା ଏବଂ ଗ୍ରାହକଙ୍କ ଅନୁଭବକୁ ସମୃଦ୍ଧ କରିବା ପାଇଁ ପ୍ରଯୁକ୍ତିବିଦ୍ୟାର ଅଭିନବ ବ୍ୟବହାର ନିମନ୍ତେ ବ୍ୟାଙ୍କ ଅଫ୍ ବରୋଦାର ପ୍ରଶଂସା କରିଛନ୍ତି।

## 'ଅରୁନ୍ଧତୀ ଜୁଏଲର୍ସ'କୁ 'ପ୍ରିଫର୍ଡ ରିଟେଲର୍ସ ଅଫ୍ ଇଣ୍ଡିଆ' ସମ୍ମାନ




ଭୁବନେଶ୍ୱର, ୯।୪(ସମିସ): ଜୁଏଲାରୀ ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସ ସର୍ବଭାରତୀୟ ସ୍ତରରେ ଅଳଙ୍କାର ଶିଳ୍ପର ସର୍ବୋଚ୍ଚ ସଂସ୍ଥା ଜିଜେସି(ଅଲ୍ ଇଣ୍ଡିଆ ଜେମ୍ସ ଆଣ୍ଡ ଜୁଏଲେରୀ ଡୋମେଷ୍ଟିକ୍ କାଉନ୍‌ସିଲ୍) ଦ୍ୱାରା ମର୍ଯ୍ୟାଦାଜନକ "ପ୍ରିଫର୍ଡ ରିଟେଲର୍ସ ଅଫ୍ ଇଣ୍ଡିଆ-୨୦୨୬ ସମ୍ମାନରେ ସମ୍ମାନୀତ ହୋଇଛି। ମୁମ୍ବାଇ ସ୍ଥିତ ଜିଓ କନଭେନସନ୍ ସେଣ୍ଟରରେ ଆୟୋଜିତ ଏହି ସମ୍ମାନଜନକ ପୁରସ୍କାରକୁ ଅରୁନ୍ଧତୀ ଗ୍ରୁପର ଏମ୍‌ଡି ବ୍ରହ୍ମାନନ୍ଦ ମେହେର ଏବଂ ଡ଼ାଇରେକ୍ଟର ଅରୁନ୍ଧତୀ ମେହେର ଗ୍ରହଣ କରିଛନ୍ତି। ଏହି ମୁହୂର୍ତ୍ତ କେବଳ ବ୍ରାଣ୍ଡ ପାଇଁ ନୁହେଁ, ବରଂ ସମଗ୍ର ଓଡ଼ିଶା ପାଇଁ ଏକ ଗୌରବର ବିଷୟ। ଏହି ଉତ୍ସବରେ ଜିଜେସିର ଅଧ୍ୟକ୍ଷ ରାଜେଶ ରୋକଡେ, ଆଇଡିଟିର ଏମ୍‌ଡି ଗୌରବ ଇସାର ଏବଂ ଜିଜେସିର ଉପାଧ୍ୟକ୍ଷ ଅବିନାଶ ଗୁପ୍ତାଙ୍କ ସମେତ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହଜାର ହଜାର ପ୍ରତିଷ୍ଠିତ ଜୁଏଲାରୀ ଉଦ୍ୟୋଗୀ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ମେହେର କହିଛନ୍ତି ଯେ ଆମ ପ୍ରତି ଥିବା ଓଡ଼ିଶାବାସୀଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା, ଏକ ଅତୁଟ ବିଶ୍ୱାସର ସୁନ୍ଦର ପ୍ରତିଫଳନ, ସେହି ବିଶ୍ୱାସ ଭରସା ହିଁ ଅରୁନ୍ଧତୀର ବିକାଶର ପ୍ରକୃତ ମୂଳଦୁଆ। ଏହି ସମ୍ମାନ ଏକ ପୁରସ୍କାର ଠାରୁ ବହୁ ଉର୍ଦ୍ଧ୍ୱରେ; ଏହା ହେଉଛି ଉତ୍କୃଷ୍ଟ କାରିଗରୀ ଏବଂ ଗ୍ରାହକଙ୍କ ସହିତ ଯୋଡି ହୋଇ ରହିବାର ଏକ ଦୃଢ଼ ପ୍ରତିଶ୍ରୁତି।

# ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଓ ମୁକେଶ ଅମ୍ବାନୀଙ୍କ ବିରୋଧରେ ମାମଲା ଖାରଜ



**୧ହଜାର ଟଙ୍କା ଦଣ୍ଡ ରାଶି ପଇଠ କରିବେ ଅଭିଯୋଗକାରୀ**

କଟକ, ୯।୪ (ସମିସ): ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏବଂ ଏହାର ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କ ବିରୋଧରେ ଦାୟର ହୋଇଥିବା ଏକ ଆପରାଧିକ ମାମଲାକୁ ଓଡ଼ିଶା ହାଇକୋର୍ଟ ଖାରଜ କରିଦେଇଛନ୍ତି। ପ୍ରାୟ ୨୩ ବର୍ଷ ତଳେ ଏକ ତ୍ରୁଟିପୂର୍ଣ୍ଣ ମୋବାଇଲ ହ୍ୟାଣ୍ଡସେଟ୍ ବିକ୍ରି ବିବାଦକୁ ନେଇ ବାରମ୍ବାର ବିଭିନ୍ନ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିବା ଓ ଏ ସମ୍ପର୍କିତ ତଥ୍ୟ ଲୁଚାଇଥିବା ଅଭିଯୋଗକାରୀଙ୍କ ଉପରେ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିସହ ଦଣ୍ଡ ଆକାରରେ ୧ ହଜାର ଟଙ୍କା ଆସନ୍ତା ୪ ସପ୍ତାହ ମଧ୍ୟରେ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର 'ଜୁଭେନାଇଲ୍ ଜଷ୍ଟିସ୍ ଫଣ୍ଡ'ରେ ଜମା କରିବାକୁ ପ୍ରତିପକ୍ଷ ଅଭିଯୋଗକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଓ ମୁକେଶ ଧିରୁଭାଇ ଅମ୍ବାନୀଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଡ. ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ରାଉରକେଲା ଏସଡିଜେଏମ କୋର୍ଟରେ ବିଚାରାଧୀନ ଥିବା ମାମଲା ଓ ମୁକେଶ ଅମ୍ବାନୀଙ୍କ ବିରୋଧରେ ଜାରି ହୋଇଥିବା ସମନକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ରାଉରକେଲାର ଜଣେ ସ୍ଥାନୀୟ ଡିଲରଙ୍କଠାରୁ କିଣାଯାଇଥିବା ୫୦୧ ଟଙ୍କାର ମୋବାଇଲ୍ ପାଇଁ କମ୍ପାନୀର ଅଧ୍ୟକ୍ଷଙ୍କୁ ସମନ କରିବା ସମ୍ପୂର୍ଣ୍ଣ ଅଯୌକ୍ତିକ। ଫୌଜଦାରୀ ଆଇନରେ ପରୋକ୍ଷ ଉତ୍ତରଦାୟିତ୍ୱର ପ୍ରାବଧାନ ନାହିଁ। କମ୍ପାନୀର କୌଣସି ସାଧାରଣ କାରବାର ପାଇଁ ଅଧ୍ୟକ୍ଷଙ୍କୁ ବ୍ୟକ୍ତିଗତ ଭାବେ ଦାୟୀ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି।

କୋର୍ଟ ଉଦାହରଣ ଦେଇ କହିଛନ୍ତି ଯେ ଯଦି ଏହି ଯୁକ୍ତିକୁ ଗ୍ରହଣ କରାଯାଏ, ତେବେ ଟ୍ରେନ୍ ବିଳମ୍ବ ହେଲେ ଯାତ୍ରୀମାନେ ରେଳମନ୍ତ୍ରୀଙ୍କୁ ସମନ କରିବାକୁ କୋର୍ଟକୁ ଯିବେ କିମ୍ବା ଚିଠି ହଜିଗଲେ ପୋଷ୍ଟମାଷ୍ଟର୍ ଜେନେରାଲଙ୍କ ବିରୋଧରେ ମାମଲା କରିବେ। ଅଭିଯୋଗକାରୀ ଜଣେ ଆଇନଜୀବୀ ହୋଇଥିଲେ ମଧ୍ୟ କୋର୍ଟଙ୍କ ସମୟ ନଷ୍ଟ କରିଥିବାରୁ ତାଙ୍କୁ ୧୦୦୦ଟଙ୍କା ଜରିମାନା କରାଯାଇଛି। ଏହି ଅର୍ଥକୁ ଏହି ରାୟ ଜରିଆରେ କୋର୍ଟ ଚେତାବନୀ ଦେଇଛନ୍ତି ଯେ କୌଣସି ବ୍ୟକ୍ତି ବାରମ୍ବାର ମିଥ୍ୟା ବା ଭିତ୍ତିହୀନ ଅଭିଯୋଗ ଆଣି ନ୍ୟାୟିକ ବ୍ୟବସ୍ଥାର ଅପବ୍ୟବହାର କଲେ ଭବିଷ୍ୟତରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ମାମଲାରୁ ପ୍ରକାଶ ଯେ ଗତ ୨୦୦୩ ମସିହାରେ ପ୍ରତିପକ୍ଷ ପ୍ରଫୁଲ୍ଲ କୁମାର ମିଶ୍ର ରିଲାଏନ୍ସର 'କର୍ ଲୋ ଦୁନିଆ ମୁଠି ମେ' ସ୍କିମ୍‌ରେ ୫୦୧ ଟଙ୍କା ଦେଇ ଏକ ମୋବାଇଲ୍ ହ୍ୟାଣ୍ଡସେଟ୍ ନେଇଥିଲେ। ସେ ଅଭିଯୋଗ କରିଥିଲେ ଯେ ସେହି ହ୍ୟାଣ୍ଡସେଟ୍‌ଟି ଖରାପ ଥିଲା ଏବଂ ସେବା ସନ୍ତୋଷଜନକ ନଥିଲା। ଏହାକୁ ନେଇ ସେ ପୂର୍ବରୁ ତିନିଥର ଅପରାଧିକ ମାମଲା ଦାୟର କରିଥିଲେ ମଧ୍ୟ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟରେ ସେଗୁଡ଼ିକ ଖାରଜ ହୋଇସାରିଥିଲା। ଆବେଦନକାରୀଙ୍କ ଚତୁର୍ଥ ପର୍ଯ୍ୟାୟର ଫୌଜଦାରୀ ମାମଲା ବେଳେ ସେ ପୂର୍ବରୁ କୋର୍ଟ ଦ୍ୱାରା ଖାରଜ ହୋଇଥିବା ନିର୍ଦ୍ଦେଶନାମାକୁ ଲୁଚାଇଥିଲେ। ତେବେ ଗତ ଜାନୁଆରିରେ ଏହି ମାମଲାରେ ନିମ୍ନ ଅଦାଲତଙ୍କ ତରଫରୁ ଆବେଦନକାରୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଓ ଏହାର ଅଧ୍ୟକ୍ଷଙ୍କ ବିରୋଧରେ ସମନ ଜାରି ନିର୍ଦ୍ଦେଶକୁ ଚାଲେଞ୍ଜ କରି ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା।

ସକାଳ THE SAKALA
www.sakalaepaper.com

## ଆଇପିଏଲ୍-୧୯: ଶେଷ ବଲ୍‌ରେ ହାରିଲା କେକେଆର୍

# ସୁପର ଜାଏଣ୍ଟ୍ସକୁ ଜିତାଇଲେ ମୁକୁଳ




କୋଲକାତା, ୯ ।୪ (ଏଜେନ୍ସି): ଆଇକନିକ ଇଡେନ ଗାର୍ଡେନ୍ସ ଷ୍ଟାଡିୟମରେ ଗୁରୁବାର ରାତିରେ ଅନୁଷ୍ଠିତ ଏକ ରୋମାଞ୍ଚକ ମ୍ୟାଚରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୩ ୱିକେଟ୍‌ରେ ଘରୋଇ କୋଲକାତା ନାଇଟ୍ ରାଇଡର୍ସ (କେକେଆର)କୁ ପରାସ୍ତ କରିଛି। ବ୍ୟାଟିଂକ୍ରମର ୭ମ ସ୍ଥାନରେ ଆସି ଯୁବ ଅଲ୍‌ରାଉଣ୍ଡର ମୁକୁଲ ଚୌଧୁରୀ ଅପରାଜିତ ବିସ୍ଫୋରକ ଅର୍ଦ୍ଧଶତକୀୟ ପାଳି ଖେଳିବା ସହ କେକେଆର୍ ହାତରୁ ମ୍ୟାଚ୍ ଛଡ଼ାଇ ଆଣିଥିଲେ। ଋଷଭ ପନ୍ତଙ୍କ ନେତୃତ୍ୱାଧୀନ ଲକ୍ଷ୍ନୌ ଏଥିସହ ୩ୟ ମ୍ୟାଚରୁ ୨ୟ ବିଜୟ ହାସଲ କରି ୪ ପଏଣ୍ଟ ସହ ୫ମ ସ୍ଥାନକୁ ଉଠିଛି। ଅପରପକ୍ଷରେ ଆଜିଙ୍କ୍ୟ ରାହାଣେଙ୍କ କେକେଆର ଦଳ ୪ଟି ମ୍ୟାଚ୍ ଖେଳିଥିଲେ ମଧ୍ୟ ବିଜୟ ସ୍ୱାଦ ଚାଖିପାରିନାହିଁ। କୋଲକାତା ୩ଟି ମ୍ୟାଚ୍ ହାରିଥିବାବେଳେ ପଞ୍ଜାବ କିଙ୍ଗ୍‌ସ ବିପକ୍ଷରେ ମ୍ୟାଚ୍ ଡ୍ର ରଖି ପଏଣ୍ଟ ଭାଗ କରିଥିଲା।

କୋଲକାତା ପକ୍ଷରୁ ଧାର୍ଯ୍ୟ ୧୮୨ ରନର ଚ୍ୟାଲେଞ୍ଜିଂପୂର୍ଣ୍ଣ ଲକ୍ଷ୍ୟକୁ ପିଛା କରିଥିବା ଲକ୍ଷ୍ନୌ ଭଲ ଆରମ୍ଭ କରିଥିଲା। ଦୁଇ ଅଭିଜ୍ଞ ଓପନର୍ ମିଚେଲ ମାର୍ଶ (୧୫ ରନ) ଓ ଆଇଡେନ ମାର୍କରମ (୨୨ ରନ) ପ୍ରଥମ ୱିକେଟରେ ୪ ଓଭରରେ ୪୧ ରନ ଉଠାଇଥିଲେ। ତେବେ ଏହାପରେ ଦଳ ନିୟମିତ ବ୍ୟବଧାନରେ ୱିକେଟମାନ ହରାଇଥିଲା। ଅଧିନାୟକ ପନ୍ତ ୧୦, ନିକୋଲସ ପୁରନ ୧୩, ଅବଦୁଲ ସମାଦ ୨ ରନରେ ଆଉଟ୍ ହୋଇଥିଲେ। ଆୟୁଷ ବଦୋନୀ ୩୪ ବଲରେ ୫୪ ରନର ଲଢୁଆ ଅର୍ଦ୍ଧଶତକୀୟ ପାଳି ଖେଳିବାରୁ ଲକ୍ଷ୍ନୌ ସ୍କୋର ୧୦୦ ରନ ଅତିକ୍ରମ କରିଥିଲା। ଲକ୍ଷ୍ନୌ ୧୫ ଓଭରବେଳକୁ ୧୨୫ ରନରେ ୬ଜଣ ବ୍ୟାଟରଙ୍କୁ ହରାଇ ପରାଜୟ ଦ୍ୱାରରେ ରହିଥିଲା। ତେବେ ବ୍ୟାଟିଂକ୍ରମର ୭ମ ସ୍ଥାନରେ ଆସିଥିବା ଯୁବ ଅଲ୍‌ରାଉଣ୍ଡର ମୁକୁଲ ଚୌଧୁରୀ କିନ୍ତୁ ଖେଳିଥିଲେ ବିସ୍ଫୋରକ ଇନିଂସ। ଶେଷ ୨୫ ବଲରୁ ୫୭ ରନ ଆବଶ୍ୟକ ହେଉଥିବାବେଳେ ମୁକୁଲ କୋଲକାତା ବୋଲରଙ୍କୁ ନିର୍ଦ୍ଧୁମ ପ୍ରହାର କରିଥିଲେ। ସେ ୨୭ ବଲରୁ ୫୪ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିବା ସହ କୋଲକାତା ହାତରୁ ବିଜୟ ଛଡ଼ାଇ ଆଣିଥିଲେ। ଶେଷ ଓଭରରେ ୧୪ ରନ ଆବଶ୍ୟକ ହେଉଥିବାବେଳେ କୋଲକାତା ବୋଲର ବୈଭବ ଆରୋନା ଏହାକୁ ଡିଫେଣ୍ଡ କରିପାରି ନ ଥିଲେ। ଶେଷ ବଲରେ ବାଏ ଆକାରରେ ୧ ରନ ସଂଗ୍ରହ କରି ଲକ୍ଷ୍ନୌ ରୋମାଞ୍ଚକ ବିଜୟ ଲାଭ କରିଥିଲା। ମୁକୁଲ ଏହି ପାଳିରେ ୨ଟି ଚୌକା ଓ ୭ଟି ଛକା ମାରିଥିଲେ।

### ଗିଲ୍‌ଙ୍କୁ ୧୨ ଲକ୍ଷ ଜରିମାନା

ଚଳିତ ଆଇପିଏଲ୍‌ରେ ଗୁଜରାଟ ଟାଇଟାନ୍ସ ଏହାର ପ୍ରଥମ ବିଜୟ ହାସଲ କରିଛି। ଗତକାଲି ଏଠାରେ ଅନୁଷ୍ଠିତ ଏକ ମ୍ୟାଚରେ ଗୁଜରାଟ ରୋମାଞ୍ଚକ ଭାବରେ ମାତ୍ର ୧ ରନରେ ଘରୋଇ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଥିଲା। ଏହି ମ୍ୟାଚରେ ଅଧିନାୟକ ଶୁବମାନ ଗିଲ୍ (୭୦ ରନ) ଅର୍ଦ୍ଧଶତକୀୟ ପାଳି ଖେଳି ଟାଇଟାନ୍ସକୁ ପ୍ରଥମ ବିଜୟ ପଏଣ୍ଟ ଦେଇଥିଲେ। ତେବେ ଅଧିନାୟକ ଗିଲ୍‌ଙ୍କ ଉପରେ ୧୨ ଲକ୍ଷ ଟଙ୍କା ଜରିମାନା ଲାଗିଛି। ଧାର୍ଯ୍ୟ ସମୟ ମଧ୍ୟରେ ଗୁଜରାଟ ବୋଲିଂ ଶେଷ କରିପାରି ନ ଥିବାରୁ ଅଧିନାୟକଙ୍କୁ ଏହି ଅର୍ଥଦଣ୍ଡ କରାଯାଇଛି। ଚଳିତ ଆଇପିଏଲ୍‌ରେ ଗୁଜରାଟର ଏହା ପ୍ରଥମ ସ୍ଲୋ ଓଭର ରେଟ୍ ବୋଲିଂ ଥିଲା। ଗୁଜରାଟ ଦଳ ପୁନର୍ବାର ଏହି ତ୍ରୁଟି କରେ ତେବେ ଅଧିନାୟକଙ୍କ ଉପରେ ଦୁଇଗୁଣା ଜରିମାନା ଲାଗିବ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କୋଲକାତା ୨୦ ଓଭରରେ ୪ ୱିକେଟ୍ ହରାଇ ୧୮୧ ରନ ସଂଗ୍ରହ କରିଥିଲା। ଅଙ୍ଗକ୍ରିଷ୍ଣ ରଘୁବଂଶୀ ୪୫, ଅଧିନାୟକ ରାହାଣେ ୪୧, କାମେରନ ଗ୍ରୀନ ଅପରାଜିତ ୩୨ ଓ ରୋଭମାନ ପାୱେଲ ଅପରାଜିତ ୩୯ ରନ କରିଥିଲେ।



| ଆଜିର ଆଇପିଏଲ୍ ମ୍ୟାଚ୍ |
|---|
| ରାଜସ୍ଥାନ ବନାମ ବେଙ୍ଗାଲୁରୁ |
| ଭେନ୍ୟୁ-ଗୌହାଟି |
| ଖେଳ ଆରମ୍ଭ : ରାତି ୭.୩୦ |
| ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର |

### ସଂକ୍ଷିପ୍ତ ସ୍କୋର

**କୋଲକାତା:** ୧୮୧/୪, ୨୦ ଓଭର (ରଘୁବଂଶୀ- ୪୫, ରାହାଣେ- ୪୧, ପାୱେଲ- ଅପରାଜିତ ୩୯, ଗ୍ରୀନ- ଅପରାଜିତ ୩୨, ଆଲେନ- ୯, ରିଙ୍କୁ- ୪, ଦିଗବେଶ ରାଠୀ- ୧/୨୫)।

**ଲକ୍ଷ୍ନୌ:** ୧୮୨/୭, ୨୦ ଓଭର (ଆୟୁଷ ବଦୋନୀ- ୫୪, ମୁକୁଲ- ଅପରାଜିତ ୫୪, ମାର୍କରମ- ୨୨, ପୁରନ- ୧୩, ପନ୍ତ- ୧୦, ଅନୁକୂଳ ରୟ- ୨/୩୨, ଆରୋରା- ୨/୩୮)।

## ବଟଲର୍‌ଙ୍କ ୬୦୦ ଛକା ଓ ୯୯ତମ ଅର୍ଦ୍ଧଶତକ

ନୂଆଦିଲ୍ଲୀ, ୯ ।୪ (ଏଜେନ୍ସି): ଗୁଜରାଟ ଟାଇଟାନ୍ସର ଅଭିଜ୍ଞ ବ୍ୟାଟର୍ ଜୋଶ୍ ବଟଲର୍ ଟି-୨୦ କ୍ରିକେଟ୍‌ରେ ୬୦୦ତମ ଛକା ମାରିଛନ୍ତି। ଗତକାଲି ଏଠାରେ ଅନୁଷ୍ଠିତ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚରେ ବଟଲର୍ ୨୭ ବଲରେ ୫୨ ରନର ପାଳି ଖେଳିଥିଲେ। ଏହି ପାଳିରେ ୩ଟି ଚୌକା ଓ ୫ଟି ଛକା ମାରିଥିଲେ। ଫଳରେ ଓଭରଅଲ୍ ଟି-୨୦ ଫର୍ମାଟରେ ତାଙ୍କ ଛକା ସଂଖ୍ୟା ୬୦୦ ଛୁଇଁଛି। ୪୯୬ତମ ଟି-୨୦ ମ୍ୟାଚରୁ ବଟଲର୍ ଏହି ମାଇଲଖୁଣ୍ଟ ଛୁଇଁଛନ୍ତି। ଟି-୨୦ ଫର୍ମାଟ୍‌ରେ ୬୦୦ ଛକା ମାରିବାରେ ବଟଲର୍ ବିଶ୍ୱର ପଞ୍ଚମ ଓ ପ୍ରଥମ ଅଣୱେଷ୍ଟଇଣ୍ଡିଜ କ୍ରିକେଟର୍ ହୋଇଛନ୍ତି। ତାଙ୍କ ପୂର୍ବରୁ ଚାରି ୱେଷ୍ଟଇଣ୍ଡିଜ କ୍ରିକେଟର୍ କ୍ରିସ ଗେଲ୍ (୧୦୫୬), କାଇରନ ପୋଲାର୍ଡ (୯୮୨), ଆନ୍ଦ୍ରେ ରସେଲ (୭୮୪) ଓ ନିକୋଲସ ପୁରନ (୭୧୨ ଛକା) ୬୦୦ କିମ୍ବା ଏହାଠାରୁ ଅଧିକ ଛକା ମାରିଥିଲେ। ସେହିଭଳି ଟି-୨୦ ଫର୍ମାଟ୍‌ରେ ବଟଲରଙ୍କ ଏହା ୯୯ତମ ଓ ଆଇପିଏଲ୍‌ରେ ୨୫ତମ ଅର୍ଦ୍ଧଶତକୀୟ ପାଳି ଥିଲା।

## ଭୋଟ୍ ଦେଲେ ପରାଗ

ଗୌହାଟୀ, ୯ ।୪ (ଏଜେନ୍ସି): ଆଇପିଏଲ୍ ମଝିରେ ରାଜସ୍ଥାନ ରୟାଲ୍ସ ଦଳର ଅଧିନାୟକ ରିୟାନ ପରାଗ ଭୋଟ୍ ଦେଇଛନ୍ତି। ଗୁରୁବାର ଆସାମ ବିଧାନସଭା ନିର୍ବାଚନ ଲାଗି ଭୋଟ ଗ୍ରହଣ ହୋଇଥିଲା। ଆଇପିଏଲ୍ ବ୍ୟସ୍ତତା ସତ୍ତ୍ୱେ ଜଣେ ଦାୟିତ୍ୱବାନ ନାଗରିକ ଭାବେ ଟିମ୍‌ରୁ ସାମୟିକ ବିରତି ନେଇ ପରାଗ ଗୌହାଟୀରେ ଭୋଟ୍ ଦେଇଥିଲେ। ପରାଗଙ୍କ ସହ ତାଙ୍କ ବାପା ତଥା ପୂର୍ବତନ ଆସାମ ରଣଜୀ କ୍ରିକେଟର୍ ପରାଗ ଦାସ ଓ ମା ତଥା ପୂର୍ବତନ ସନ୍ତରଣକାରୀ ମିଥୋ ବାରୋହା ମଧ୍ୟ ନ୍ୟୁ ଗୌହାଟୀସ୍ଥିତ ଲାଲ୍‌ସିଂ ଏକାଡେମୀ ପୋଲିଂ ଷ୍ଟେସନରେ ଭୋଟ୍ ଦେଇଥିଲେ। ଭୋଟଦାନ ପରେ ପରିବାର ସହ ପରାଗ ଫଟୋ ଉଠାଇ ଏହାକୁ ସାମାଜିକ ଗଣମାଧ୍ୟମରେ ସେୟାର କରିଛନ୍ତି। ରାଜସ୍ଥାନ ରୟାଲ୍ସ ଦଳ ଏହାର ପରବର୍ତ୍ତୀ ମ୍ୟାଚରେ ଶୁକ୍ରବାର ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ଗୌହାଟୀରେ ଭେଟିବ। ପରାଗଙ୍କ ନେତୃତ୍ୱରେ ରାଜସ୍ଥାନ ଚଳିତ ଆଇପିଏଲ୍‌ରେ ଦମ୍‌ଦାର ପ୍ରଦର୍ଶନ କରି ହ୍ୟାଟ୍ରିକ ବିଜୟ ଲାଭ କରିଛି।

## ଭାରତର ବୟୋଜ୍ୟେଷ୍ଠ କ୍ରିକେଟର୍ ସିଡି ଗୋପୀନାଥଙ୍କ ପରଲୋକ

ଚେନ୍ନାଇ, ୯ ।୪ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର ସିଡି ଗୋପୀନାଥଙ୍କ ବିୟୋଗ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୯୬ ବର୍ଷ ହୋଇଥିଲା। ଭାରତର ସର୍ବପ୍ରଥମ ଟେଷ୍ଟ ବିଜୟୀ ଦଳର ସେ ଏକମାତ୍ର ଜୀବିତ ସଦସ୍ୟ ଥିଲେ। ସେହିଭଳି ସେ ମଧ୍ୟ



ଭାରତର ବୟୋଜ୍ୟେଷ୍ଠ ଟେଷ୍ଟ କ୍ରିକେଟର୍ ରହିଥିଲେ। ଏହାବାଦ୍ ଅଷ୍ଟ୍ରେଲିଆର ନେଲ୍ ହାର୍ବେ (୯୭ ବର୍ଷ)ଙ୍କ ପରେ ସେ ବିଶ୍ୱରେ ଜୀବିତ ଥିବା ଦ୍ୱିତୀୟ ବୟୋଜ୍ୟେଷ୍ଠ କ୍ରିକେଟର୍ ମାନ୍ୟତା ପାଇଥିଲେ।

ଗୋପୀନାଥ ୧ ମାର୍ଚ୍ଚ ୧୯୩୦ରେ ମାଡ୍ରାସ (ବର୍ତ୍ତମାନ ଚେନ୍ନାଇ)ରେ ଜନ୍ମଗ୍ରହଣ କରିଥିଲେ। ଡାହାଣହାତୀ ବ୍ୟାଟର ଗୋପୀନାଥ ଭାରତ ପାଇଁ ୮ଟି ଟେଷ୍ଟ ଓ ମାଡ୍ରାସ ପାଇଁ ୮୩ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିବାର ସୌଭାଗ୍ୟ ପାଇଥିଲେ। ଟେଷ୍ଟରେ ସେ ୨୨ ହାରରେ ମୋଟ୍ ୨୪୨ ରନ ସଂଗ୍ରହ କରିଥିଲେ। ୧୯୫୧ରେ ଇଂଲଣ୍ଡ ଟିମ୍ ଭାରତ ଗସ୍ତରେ ଆସିଥିବାବେଳେ ଗୋପୀନାଥ ବାବୋର୍ଣ୍ଣରେ ଅନୁଷ୍ଠିତ ଟେଷ୍ଟରେ ପଦାର୍ପଣ କରିଥିଲେ। ପଦାର୍ପଣର ଉଭୟ ପାଳିରେ ସେ ଯଥାକ୍ରମେ ୫୦ ଓ ୪୨ ରନର ପାଳି ଖେଳିଥିଲେ। ଏହି ସିରିଜର ଶେଷ ତଥା ୫ମ ଟେଷ୍ଟ ଏମଏ ଚିଦାମ୍ବରମ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚକୁ ଭାରତ ପାଳି ଓ ୮ ରନରେ ଜିତିଥିଲା। ଯାହାକି ଭାରତର ଟେଷ୍ଟ ଇତିହାସରେ ସର୍ବପ୍ରଥମ ବିଜୟ ଥିଲା। ଏହି ମ୍ୟାଚରେ ଗୋପୀ ୩୫ ରନର ଉପଯୋଗୀ ପାଳି ଖେଳିଥିଲେ। ଗୋପୀନାଥ ତାଙ୍କର ଶେଷ ଟେଷ୍ଟ ୧୯୬୦ରେ ଅଷ୍ଟ୍ରେଲିଆ ବିପକ୍ଷରେ ଇଡେନ ଗାର୍ଡେନ୍ସରେ ଖେଳିଥିଲେ। ଅବସର ପରେ ସେ କିଛି ସମୟ ଲାଗି ଭାରତୀୟ ଦଳର ଚୟନକର୍ତ୍ତା ରହିଥିଲେ।

## ଏସିଆ ବକ୍ସିଂ ଚାମ୍ପିଅନସିପ୍: ୪ ସ୍ୱର୍ଣ୍ଣ ସହ ଭାରତ ମହିଳା ଚାମ୍ପିଅନ

ନୂଆଦିଲ୍ଲୀ, ୯।୪ (ଏଜେନ୍ସି): ଭାରତର ମହିଳା ପ୍ରତିଯୋଗୀମାନେ ଏସିଆନ ବକ୍ସିଂ ଚାମ୍ପିଅନସିପ୍‌ରେ ଇତିହାସ ସୃଷ୍ଟି କରିଛନ୍ତି। ଏଥିରେ ଭାଗ ନେଇଥିବା ସମସ୍ତ ମହିଳା ପ୍ରତିଯୋଗୀମାନେ ପଦକ ଜିତି ଏହି ରେକର୍ଡ କରିଛନ୍ତି। ଏଥିରେ ରହିଛି ୪ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୪ କାଂସ୍ୟ ପଦକ। ହେଡ୍ କୋଚ୍ ସାଣ୍ଟିଆଗୋ ନିଏଭାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭାରତର ପ୍ରତିଯୋଗୀମାନେ ଏହି ସଫଳତା ହାସଲ କରିଛନ୍ତି। ମହିଳା ମାନଙ୍କ ମଧ୍ୟରେ ୪୮ କେଜିରେ ମିନାକ୍ଷୀ ହୁଡା, ୫୪ କେଜିରେ ପ୍ରୀତି ପାୱାର, ୬୦ କେଜିରେ ପ୍ରିୟା ଓ ୭୦ କେଜିରେ ଅରୁନ୍ଧତୀ ରେଡ୍ଡୀ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି।



ଯସ୍ମିନ ଲାମ୍ବୋରିଆ ୫୭କେଜିରେ ଓ ୮୦ କେଜିରୁ ଉଦ୍ଧ୍ୱର୍ ବିଭାଗରେ ଅଲଫିଆ ପଠାନ ରୌପ୍ୟ ପଦକ ହାସଲ କରିଥିଲେ। ସ୍ୱର୍ଣ୍ଣ ଆଶାୟୀ ନିଖତ ଜରିନ ଓ ଲଭଲିନା ବୋରୋଗୋହାଁଇଙ୍କ ସମେତ ୪ଜଣ ସେମିଫାଇନାଲରେ ପରାଜିତ ହୋଇ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି।

## କ୍ୟାଣ୍ଡିଡେଟ୍ସ ଚେସ୍ ଟୁର୍ଣ୍ଣାମେଣ୍ଟ: ଦିବ୍ୟାଙ୍କୁ ହରାଇଲେ ବୈଶାଳୀ



ନୂଆଦିଲ୍ଲୀ, ୯।୪(ଏଜେନ୍ସି): ଭାରତର ଆର୍ ବୈଶାଳୀ ଅନ୍ୟତମ ଟିମ୍‌ମେଟ୍ ଦିବ୍ୟା ଦେଶମୁଖଙ୍କୁ ହରାଇ ସାଇପ୍ରସ୍‌ରେ ଚାଲିଥିବା କ୍ୟାଣ୍ଡିଡେଟ୍ସ ଚେସ୍ ଚାମ୍ପିଅନସିପ୍‌ର ମହିଳା ବିଭାଗରେ ଯୁଗ୍ମ ଶୀର୍ଷସ୍ଥାନ ହାସଲ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟର ୯ମ ରାଉଣ୍ଡ ଖେଳ ଶେଷରେ ବୈଶାଳୀ ଓ ଝୁ ଜିନର ୫.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ପ୍ରଥମ ସ୍ଥାନରେ ରହିଛନ୍ତି। ଦିବ୍ୟା ୪.୫ ପଏଣ୍ଟ ପାଇ ୫ମ ସ୍ଥାନରେ ରହିଛନ୍ତି। ଏଥିରେ ବିଶ୍ୱର ଶ୍ରେଷ୍ଠ ୮ଜଣ ମହିଳା ଖେଳୁଛନ୍ତି। ପୁରୁଷ ବିଭାଗରେ ଉଜ୍‌ବେକିସ୍ତାନର ଜାଖୋବୀର ସିନ୍ଦାରୋଭ୍ ୯ମ ରାଉଣ୍ଡରେ ମାଥିଆସ୍ ବ୍ଲୁବାମଙ୍କ ସହ ମ୍ୟାଚ୍ ଡ୍ର ରଖି ୭ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଛନ୍ତି। ୱେଇ ୟିଙ୍କ ସହ ମ୍ୟାଚ୍ ଡ୍ର ରଖି ଆର. ପ୍ରଜ୍ଞାନନ୍ଦ ୪ ପଏଣ୍ଟ ପାଇ ୬ଷ୍ଠ ସ୍ଥାନରେ ରହିଛନ୍ତି। ୧୦ମ ରାଉଣ୍ଡରେ ପ୍ରଜ୍ଞାନନ୍ଦ ଓ ସିନ୍ଦାରୋଭଙ୍କ ମଧ୍ୟରେ ଲଢ଼େଇ ଚାଲିଛି।

**■ ୩ ଓଭରରେ ୯ ୱିକେଟ**

## ବ୍ରାଜିଲ ମହିଳା କ୍ରିକେଟର୍ ଲୌରାଙ୍କ ବିଶ୍ୱରେକର୍ଡ

ବୋତ୍ସ୍ୱାନା, ୯ ।୪ (ଏଜେନ୍ସି): ବ୍ରାଜିଲ ମହିଳା କ୍ରିକେଟ୍ ଦଳର ଅଲ୍‌ରାଉଣ୍ଡର ଲୌରା କାର୍ଡୋସୋ ଇତିହାସ ରଚିଛନ୍ତି। ଅର୍ନ୍ତଜାତୀୟ ଟି-୨୦ ଇତିହାସ (ଉଭୟ ପୁରୁଷ ଓ ମହିଳା)ରେ ପ୍ରଥମ ଖେଳାଳି ଭାବେ ଲୌରା ଗୋଟିଏ ମ୍ୟାଚରେ ୯ଟି ୱିକେଟ୍ ନେବାର ବିରଳ ସଫଳତା ପାଇଛନ୍ତି। ଆଫ୍ରିକୀୟ ରାଷ୍ଟ୍ର ଲେସୋଥୋ ମହିଳା କ୍ରିକେଟ୍ ଦଳ ବିପକ୍ଷରେ ଲୌରା ଏହି ମାରାତ୍ମକ ବୋଲିଂ କରିଥିଲେ। ଡାହାଣହାତୀ ଦ୍ରୁତ ବୋଲର ଲୌରା ଏହି ମ୍ୟାଚରେ ୩ ଓଭର ବୋଲିଂ କରି ୨ଟି ମେଡେନ ସହ ୪ ରନ ବ୍ୟୟରେ ଲେସୋଥୋ ଦଳର ୯ଜଣ ବ୍ୟାଟରଙ୍କୁ ଆଉଟ୍ କରିଥିଲେ। ଲୌରାଙ୍କ ଏହି ସଫଳତା ଲାଗି ବ୍ରାଜିଲ ୧୮୯ ରନର ବୃହତ୍ ବ୍ୟବଧାନରେ ବିଜୟୀ ହୋଇଥିଲା। ଟି-୨୦ କ୍ରିକେଟ୍ ଇତିହାସରେ ପୂର୍ବରୁ ସର୍ବଶ୍ରେଷ୍ଠ ବୋଲିଂ ଫିଗର ଭୁଟାନ ମହିଳା



କ୍ରିକେଟ୍ ଦଳର ବାମହାତୀ ସ୍ପିନର ସୋନମ ୟେଶୀଙ୍କ ନାମରେ ରହିଥିଲା। ୨୦୨୫ରେ ମ୍ୟାନମାର ବିପକ୍ଷ ମ୍ୟାଚରେ ସୋନମ ୪ ଓଭରରେ ୭ ରନ ବ୍ୟୟରେ ୮ଟି ୱିକେଟ୍ ନେଇଥିଲେ। ଟି-୨୦ କ୍ରିକେଟ୍ ଇତିହାସର ପ୍ରଥମ ବୋଲର ଭାବେ ସେ ୮ ୱିକେଟ୍ ସଫଳତା ପାଇ ରେକର୍ଡ କରିଥିଲେ।

## ଆଜିଠୁ କଟକରେ ପ୍ରଥମ ଇନଡୋର ରୋଇଂ

ଭୁବନେଶ୍ୱର, ୯ ।୪ (ସମିସ): ସର୍ବଭାରତୀୟ ଇନଡୋର ରୋଇଂ ଚାମ୍ପିଅନସିପ୍‌ର ପ୍ରଥମ ସଂସ୍କରଣ ଶୁକ୍ରବାରଠାରୁ କଟକର ଜବାହରଲାଲ ନେହରୁ ଇନଡୋର ଷ୍ଟାଡିୟମରେ ଆରମ୍ଭ ହେବାକୁଯାଉଛି। ଭାରତୀୟ ରୋଇଂ ମହାସଂଘ ଓ ଓଡ଼ିଶା ଆସୋସିଏସନ ଫର୍ ରୋଇଂ ଆଣ୍ଡ ସ୍କଲିଂର ମିଳିତ ସହଯୋଗରେ ଏହି ଚାମ୍ପିଅନସିପ୍ ୪ ଦିନ ଧରି ଚାଲିବ। ଯେଉଁଥିରେ ସାରା ଦେଶରୁ ୩୫୦ ପୁରୁଷ ଓ ୨୫୦ ମହିଳା ରୋୟର ଅଂଶଗ୍ରହଣ କରିବେ। ଗୁରୁବାର ସୁଦ୍ଧା ଖେଳାଳିମାନେ ଅଭ୍ୟାସ ଶେଷ କରିଥିବାବେଳେ ମ୍ୟାଚର ଡ୍ର ନିର୍ଦ୍ଧାରଣ କରାଯାଇଛି ବୋଲି ରାଜ୍ୟ ସଂଘର ସଭାପତି ବିନୋଦ ଦାଶ କହିଛନ୍ତି। ଉଲ୍ଲେଖଯୋଗ୍ୟ ରୋଇଂ କ୍ରୀଡ଼ା ସାଧାରଣତଃ ପାଣିରେ ଅନୁଷ୍ଠିତ ହୋଇଥାଏ। କିନ୍ତୁ ଅଭିନବ ଢଙ୍ଗରେ ଆୟୋଜିତ ଏହି ଇନଡୋର ରୋଇଂରେ ପାଣି କିମ୍ବା ଡଙ୍ଗାର ବ୍ୟବହାର କରାଯିବନାହିଁ। ଡଙ୍ଗା ଆକୃତିର ଏକ ମେସିନ ଜରିଆରେ ପ୍ରତିଯୋଗୀମାନେ ମୁକାବିଲା କରିବେ।

## ବ୍ୟାଡମିଣ୍ଟନ ଏସିଆ ଚାମ୍ପିଅନସିପ୍: କ୍ୱାର୍ଟରରେ ଆୟୁଷ, ସିନ୍ଧୁ-ପ୍ରଣୟ ବିଦା



ନୂଆଦିଲ୍ଲୀ, ୯।୪(ଏଜେନ୍ସି): ଭାରତର ଯୁବ ଖେଳାଳି ଆୟୁଷ ସେଟ୍ଟୀ ଚୀନ୍‌ରେ ଚାଲିଥିବା ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିଅନସିପ୍‌ର ପୁରୁଷ ଏକକ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଆଜି ଖେଳାଯାଇଥିବା ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଆୟୁଷ ମାତ୍ର ୪୧ ମିନିଟ ଲଢ଼େଇରେ ଚାଇନିଜ୍ ତାଇପେଇର ଚି ୟୁ ଜେନ୍‌ଙ୍କୁ ପରାସ୍ତ କରିଥିଲେ। ଏହି ମୁକାବିଲାକୁ ସେ ୨୧-୧୬, ୨୧-୧୨ ସିଧାଲସଖ ସେଟ୍‌ରେ ଜିତିନେଇଥିଲେ। ଗତକାଲି ବିଶ୍ୱର ନଂ-୭ ଖେଳାଳି ଚୀନ୍‌ର ଲି ଶି ଫେଙ୍ଗଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିବା ଆୟୁଷ କ୍ୱାର୍ଟର ଫାଇନାଲରେ ଇଣ୍ଡୋନେସିଆର ବରିଷ୍ଠ ଖେଳାଳି ଜୋନାଟନ କ୍ରିଷ୍ଟିଙ୍କୁ ଭେଟିବେ। ଆୟୁଷଙ୍କୁ ଛାଡିଦେଲେ ଅନ୍ୟ ସମସ୍ତ ଭାରତୀୟ ପ୍ରତିଯୋଗୀ ଆଜିର ଖେଳରେ ପରାଜିତ ହୋଇଛନ୍ତି। ଦୁଇଥରର ଅଲିମ୍ପିକ୍ ପଦକ ବିଜେତା ପିଭି ସିନ୍ଧୁ ବିଶ୍ୱର ନଂ-୨ ଖେଳାଳି ଚୀନ୍‌ର ୱାଙ୍ଗ ଝି ୟିଙ୍ଗଠାରୁ ହାରି ବିଦାୟ ନେଇଛନ୍ତି। ଉନ୍ନତି ହୁଡାଙ୍କ ପରାଜୟ ସହ ମହିଳା ବିଭାଗରେ ସମସ୍ତ ଭାରତୀୟ ବିଦାୟ ନେଇଛନ୍ତି। ପୁରୁଷ ବିଭାଗ ଏକକରେ ଏଚ୍‌ଏସ୍ ପ୍ରଣୟ ଓ ମିଶ୍ରିତ ଯୁଗଳରେ ଧ୍ରୁବ କପିଳା- ତନିସା କ୍ରାଷ୍ଟୋଙ୍କ ଯୋଡି ପରାଜିତ ହୋଇଛନ୍ତି।

**● ଜାତୀୟ ସବ୍‌ଜୁନିଅର ହକି**

## ବାଳିକା ସେମିଫାଇନାଲରେ ଓଡ଼ିଶା-ଏମ୍‌ପି ମୁକାବିଲା ଆଜି

ଭୁବନେଶ୍ୱର, ୯।୪(ସମିସ): ମହାରାଷ୍ଟ୍ରକୁ ୮-୧ ଗୋଲରେ ପରାସ୍ତ କରି ଓଡ଼ିଶା ଝାଡଖଣ୍ଡର ରାଞ୍ଚିରେ ଚାଲିଥିବା ୧୬ଶ ଜାତୀୟ ସବ୍‌ଜୁନିଅର ବାଳିକା ଡିଭିଜନ-ଏ’ ହକି ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛି। ସେହିପରି ମିଜୋରାମ୍‌କୁ ୫-୧ ଗୋଲରେ ହରାଇ ମଧ୍ୟପ୍ରଦେଶ, ହରିୟାଣାକୁ ୨-୧ରେ ହରାଇ ଉତ୍ତରପ୍ରଦେଶ ଓ ପଞ୍ଜାବକୁ ୨-୦ ଗୋଲରେ ହରାଇ ଆୟୋଜକ ଝାଡଖଣ୍ଡ ମଧ୍ୟ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଆସନ୍ତାକାଲି ଶୁକ୍ରବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ଓଡ଼ିଶା ସହ ମଧ୍ୟପ୍ରଦେଶ ଓ ଦ୍ୱିତୀୟ ସେମିଫାଇନାଲରେ ଝାଡଖଣ୍ଡ ସହ ଉତ୍ତରପ୍ରଦେଶର ମୁକାବିଲା ହେବ। ଆଜି ଖେଳାଯାଇଥିବା ମହାରାଷ୍ଟ୍ର ବିପକ୍ଷ ପ୍ରଥମ କ୍ୱାର୍ଟର ଫାଇନାଲରେ ଓଡ଼ିଶା ଦଳ ଚମତ୍କାର ଖେଳ ପ୍ରଦର୍ଶନ କରି ଗୋଲ ବର୍ଷା କରିଥିଲା। ଦଳ ପକ୍ଷରୁ ପ୍ରିୟଙ୍କା ମିଞ୍ଜ ହ୍ୟାଟ୍ରିକ୍ ସହ ୪ଟି, ପ୍ରିନ୍‌ସେସ୍ ପ୍ରିୟା ଏକ୍କା ୨ଟି, ସ୍ୱିଟି କୁଜୁର ଓ କିରଣ ଏକ୍କା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ମହାରାଷ୍ଟ୍ର ପକ୍ଷରୁ ଅନ୍‌ଭି ରାୱତ ଗୋଟିଏ ଗୋଲ ଶୁଝାଇଥିଲେ।

### ଦୀପକ ଟପ୍ପୋଙ୍କ ହ୍ୟାଟ୍ରିକ୍ ବ୍ୟର୍ଥ: ବାଳକ କ୍ୱାର୍ଟରରେ ପରାସ୍ତ

ବାଳିକା ବିଭାଗ କ୍ୱାର୍ଟର ଫାଇନାଲରେ ଓଡ଼ିଶା ଦଳ ପରାଜିତ ହୋଇଛି। ରାଜଗିରିଠାରେ ଆଜି ଖେଳାଯାଇଥିବା ତୃତୀୟ କ୍ୱାର୍ଟର ଫାଇନାଲରେ ଉତ୍ତରପ୍ରଦେଶ ୬-୩ ଗୋଲରେ ଓଡ଼ିଶାକୁ ପରାସ୍ତ କରିଥିଲା। ଲଢୁଆ ଖେଳ ସତ୍ତ୍ୱେ ଏହି ମୁକାବିଲାକୁ ଜିତିପାରି ନ ଥିଲା। ଓଡ଼ିଶା ପକ୍ଷରୁ ସମସ୍ତ ୩ଟିଯାକ ଗୋଲ ଦୀପକ ପ୍ରକାଶ ଟପ୍ପୋ ସ୍କୋର କରି ହ୍ୟାଟ୍ରିକ୍ ଅର୍ଜନ କରିଥିଲେ।

**■ ମହିଳା ହକି ଦଳର ଆର୍ଜେଣ୍ଟିନା ଯାତ୍ରା**

## ଅଧିନାୟିକା ସଲିମା ଟେଟେ ବାଦ୍

ବେଙ୍ଗାଲୁରୁ, ୯।୪(ଏଜେନ୍ସି): ଆର୍ଜେଣ୍ଟିନା ସହ ୪ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବାକୁ ଭାରତୀୟ ମହିଳା ହକି ଦଳ ଆଜି ବୁଏନସ ଆଇରିସ୍ ଅଭିମୁଖେ ଯାତ୍ରା କରିଛି। ଏହି ଗସ୍ତରୁ ବାଦ୍ ପଡ଼ିଛନ୍ତି ଦଳର ଅଧିନାୟିକା ସଲିମା ଟେଟେ। ଅସୁସ୍ଥତା ଯୋଗୁଁ ସେ ଯାଇ ପାରି ନାହାନ୍ତି। ତାଙ୍କ ସ୍ଥାନରେ ନବନୀତ କୌରଙ୍କୁ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ବୁଏନସ୍ ଆଇରିସ୍‌ରେ ସମସ୍ତ ୪ଟିଯାକ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ଗୁଡିକ ଏପ୍ରିଲ ୧୩, ୧୪, ୧୬ ଓ ୧୭ରେ ଖେଳାଯିବ। ବିଶ୍ୱକପ୍ ପୂର୍ବରୁ ଏହି ସିରିଜ୍‌କୁ ବେଶ ଉପଯୋଗ କରିବାକୁ ଭାରତୀୟ ମହିଳା ଦଳ ଆଶା ରଖିଛନ୍ତି। ଏହି ଦଳରେ ଏକମାତ୍ର ଓଡ଼ିଆ ଭାବେ ସୁନେଲିତା ଟପ୍ପୋ ସ୍ଥାନ ପାଇଛନ୍ତି।

**ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ**

## ପାରାମାଉଣ୍ଟ- ରେଡ୍‌ଷ୍ଟାର ଫାଇନାଲ ରବିବାର

ଭୁବନେଶ୍ୱର, ୯।୪(ସମିସ): ପାରାମାଉଣ୍ଟ ସ୍ପୋର୍ଟିଂ ଓ କ୍ଲବ୍ ଦି ରେଡ୍‌ଷ୍ଟାର ମଧ୍ୟରେ ରାମକୃଷ୍ଣ ମହାପାତ୍ର ସ୍ମାରକୀ ୧୭ ବର୍ଷରୁ କମ୍ କ୍ରିକେଟ ଫାଇନାଲ ମୁକାବିଲା ହେବ। ଆଜି ସ୍ଥଗିତ ରହିଥିବା ପ୍ରଥମ ସେମିଫାଇନାଲ ଖେଳାଯାଇଥିଲା। ଏଥିରେ କ୍ଲବ୍ ଦି ରେଡ୍ ଷ୍ଟାର ୧୦୩ ରନ୍‌ରେ ଗ୍ରୀନ୍ସ କ୍ରିକେଟ ଏକାଡେମୀକୁ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ପୂର୍ବରୁ ଅନ୍ଧାରୁଆର ଆଇଆଇସି (ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ରିକେଟ)କୁ ୧୩୦ ରନ୍‌ର ବ୍ୟବଧାନରେ ହରାଇ ପାରାମାଉଣ୍ଟ ସ୍ପୋର୍ଟିଂ ପ୍ରଥମ ଦଳ ଭାବେ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ଆସନ୍ତାକାଲି ଖେଳାଯିବାର ଥିଲା। କିନ୍ତୁ କାଳବୈଶାଖୀ ଯୋଗୁଁ ପାଗ ଖରାପ ହେବାରୁ ଫାଇନାଲ ମ୍ୟାଚ ଏବେ ରବିବାର ଖେଳାଯିବ ବୋଲି ଆୟୋଜକ ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏସନର ସମ୍ପାଦକ ଶରତ ସାହୁ ଓ ଟୁର୍ଣ୍ଣାମେଣ୍ଟ ସଂଯୋଜକ ଗୀରିଶ ପ୍ରସାଦ ମହାପାତ୍ର ଜଣାଇଛନ୍ତି।




ସ୍ଥାନୀୟ ହାଇଟେକ୍ ଗ୍ରାଉଣ୍ଡ ପରିସରରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ୮ ୱିକେଟରେ ୨୧୪ ରନ୍ କରିଥିଲା। ଦଳ ପକ୍ଷରୁ ପ୍ରନ୍ତିକ ନାୟକ ୫୧ବଲ୍‌ରେ ସର୍ବାଧିକ ୫୭, ମିଧାଂଶୁ ଦାସ ୩୬ ଓ ସମରଜିତ ସାହୁ ୩୨ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ଅଭିଷେକ ସେନାପତି ୩ଟି ଓ ଜଗନ୍ନାଥ ବେହେରା ୨ଟି ୱିକେଟ ପାଇଥିଲେ। ଜବାବରେ ଗ୍ରୀନ୍ସ ଏକାଡେମୀ ୨୭.୩ ଓଭରରେ ୧୧୧ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳପକ୍ଷରୁ ଶୁଭଙ୍କର ମଲ୍ଲିକ ୨୪ ଓ ଆର୍ଯ୍ୟ ମହାନ୍ତି ୨୩ ରନ୍ କରିଥିଲେ। ବିଜୟୀ ରେଡ୍‌ଷ୍ଟାର ପକ୍ଷରୁ ମିଧାଂଶୁ ୩ଟି ଓ ମୃତ୍ୟୁଞ୍ଜୟ ଦାସ ୩ଟି ଲେଖାଏଁ ୱିକେଟ ନେଇଥିଲେ।

ଆଡଭୋକେଟ ସତ୍ୟବ୍ରତ ମହାପାତ୍ର ଓ ତପନ କୁମାର ବେହେରା ଖେଳ ପରିଚାଳନା କରିଥିଲେ। ଅଭିଷେକ ମହାନ୍ତି ସ୍କୋରର ଦାୟିତ୍ୱ ସମ୍ଭାଳିଥିଲେ। ଓଡ଼ିଶା ରଣଜୀ ଦଳର ସୁପରଷ୍ଟାର ଶୁଭ୍ରାଂଶୁ ସେନାପତି ଓ ଦେବବ୍ରତ ପ୍ରଧାନ ଆଜିର ମ୍ୟାଚ୍‌ରେ ଅତିଥିଭାବେ ଯୋଗଦେଇ ଅଲରାଉଣ୍ଡ ସଫଳତା ପାଇଥିବା କ୍ଲବ୍ ଦି ରେଡ୍‌ଷ୍ଟାରର ମିଧାଂଶୁ ଦାସ (୩୬ରନ୍, ୩ ୱିକେଟ)ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS

## ଆଜିର ରାଶିଫଳ

**ମେଷ:** କୌଣସି କଥାକୁ ନେଇ ମନ ବିଚଳିତ ହୋଇପାରେ । ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି । ମହିଳାମାନଙ୍କ ମନୋସ୍କାମନା ପୂର୍ଣ୍ଣ ହୋଇପାରେ । ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ ।

**ବୃଷ:** ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିପାରନ୍ତି । ଅଚାନକ ଧନ ବୃଦ୍ଧି ପାଇବ । ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ । ଦୂରସ୍ଥାନକୁ ଯାତ୍ରା ଯୋଗ ରହିଛି । ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି ।

**ମିଥୁନ:** ଅଚାନକ ଖୁସି ଖବର ପାଇବେ । ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂଆ କାମ ଆରମ୍ଭ କରିପାରନ୍ତି । ଅନ୍ୟମାନଙ୍କୁ ସାହାଯ୍ୟ କରି ପ୍ରଶଂସିତ ହୋଇପାରନ୍ତି । ନୂତନ ଯାନବାହନ କ୍ରୟ ଯୋଗ ରହିଛି ।

**କର୍କଟ:** ଅଫିସ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି । ଯୋଜନା ମୁତାବକ କାମ କରନ୍ତୁ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖାଦେଇ ପାରେ । ଯାନବାହନ କିଣି ପାରନ୍ତି ।

**ସିଂହ:** ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ । ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । ମାନସମ୍ମାନ ବୃଦ୍ଧି ପାଇବ । ଖର୍ଚ୍ଚ ବଢ଼ିପାରେ ।

**କନ୍ୟା:** ଯୋଜନା ମୁତାବକ କାମ କରନ୍ତୁ । ସକାରାତ୍ମକ ଚିନ୍ତା ଠିକ୍ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବ । ଉଧାର ଦେଇଥିବା ଟଙ୍କା ଫେରି ପାଇବେ । ପରଚର୍ଚ୍ଚାଠାରୁ ଦୂରେଇ ରୁହନ୍ତୁ । ଅଫିସ୍‌ରେ ନୂଆ କାମ ମିଳିପାରେ ।

**ତୁଳା:** ଅଚାନକ ଖୁସି ଖବର ପାଇବେ । ଦୀର୍ଘ ଦିନର ଆଶା ପୂରଣ ହେବ । ପରିବାର ସଦସ୍ୟଙ୍କ ସହିତ ସମୟ ଅତିବାହିତ ହେବ । ଅତ୍ୟଧିକ କାମକୁ ନେଇ ଚିନ୍ତା ବଢ଼ିପାରେ । ପେଟଜନିତ ସମସ୍ୟା ହୋଇପାରେ ।

**ବିଛା:** ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିବେ । ଲକ୍ଷ୍ୟ ପୂରା ହେବ । କଣ୍ଠଶିଳ୍ପୀଙ୍କ ପାଇଁ ଆଜି ଦିନଟି ବହୁତ ଭଲ । ପୁରୁଣା ନିବେଶରୁ ଲାଭ ମିଳିପାରେ । ପତିପତ୍ନୀଙ୍କ ମଧ୍ୟରେ ଭୁଲ ବୁଝାମଣା ହୋଇପାରେ ।

**ଧନୁ:** ଆଜିର ଦିନରେ ବ୍ୟସ୍ତ ରହିପାରନ୍ତି । ଅଟକି ଥିବା ଧନ ଫେରି ପାଇବେ । ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଚକ୍ଷୁ ସମସ୍ୟା ଭୋଗି ପାରନ୍ତି ।

**ମକର:** ଦିନଟି ସୁଖପ୍ରଦାନ କରିବ । ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ଆୟ ଅନୁସାରେ ଅଧିକ ଖର୍ଚ୍ଚ ହେବ । ଲୋକସମ୍ପର୍କ ବୃଦ୍ଧି ପାଇବ । ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ ।

**କୁମ୍ଭ:** ନୂତନ ବ୍ୟବସାୟ ଆରମ୍ଭ କରିବାକୁ ବର୍ତ୍ତମାନ ସମୟ ଅନୁକୂଳ । ଅଟକି ଥିବା କାମ ପୂରା ହେବ । ଅଚାନକ ଖୁସି ଖବର ମିଳିପାରେ । ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂଆ କାମ ଆରମ୍ଭ କରିବେ ।

**ମୀନ:** ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ । ଘର ପାଇଁ ମୂଲ୍ୟବାନ ସାମଗ୍ରୀ କିଣିବେ । ଅଯଥା ଖର୍ଚ୍ଚ କରିପାରନ୍ତି । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ । ମହିଳାମାନେ ଘରକାମରେ ବ୍ୟସ୍ତ ରହିବେ ।

## ଆଜିର ଇତିହାସ

- ୧୮୭୫-ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଆର୍ଯ୍ୟସମାଜର ସ୍ଥାପନା କଲେ ।
- ୧୯୩୦- ପ୍ରଥମ ଥର ସିନ୍ଥେଟିକ୍ ରବର ଉତ୍ପାଦନ ଆରମ୍ଭ ହେଲା ।
- ୧୯୭୨- ଇରାନ୍‌ରେ ଭୂମିକମ୍ପ ଯୋଗୁଁ ୫୦୦୦ ଲୋକଙ୍କ ପ୍ରାଣହାନି ।
- ୨୦୧୬- କେରଳର ପୁତ୍ତିଙ୍ଗଲ ମନ୍ଦିରରେ ବାଣ ବିସ୍ଫୋରଣ ଯୋଗୁଁ ଅଗ୍ନିକାଣ୍ଡ ଘଟି ପାଖାପାଖି ୧୧୦ ଲୋକ ମୃତ, ୩୦୦ରୁ ଅଧିକ ଆହତ ।

# ମେ'ରେ ରିଲିଜ୍ ହେବନି 'ମାତୃଭୂମି'



ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍‌ଙ୍କ ଫିଲ୍ମ 'ମାତୃଭୂମି'କୁ ତାଙ୍କ ପ୍ରଶଂସକମାନେ ଅନେକ ଦିନରୁ ଅପେକ୍ଷା କରିଛନ୍ତି । ଅପୂର୍ବ ଲାଖିଆଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ନାମ ପ୍ରଥମେ 'ବ୍ୟାଟଲ୍ ଅଫ୍ ଗଲୱାନ୍' ରଖାଯାଇଥିଲା । ଏହାର କାହାଣୀ ୨୦୨୦ରେ ଭାରତ-ଚୀନ୍ ସୈନିକଙ୍କ ମଧ୍ୟରେ ଗଲୱାନ୍ ଘାଟିରେ ହୋଇଥିବା ସଂଘର୍ଷ ଉପରେ ଆଧାରିତ । ଏହି ଘଟଣାରେ ଭାରତୀୟ ସେନାର ଯବାନମାନେ ଅତି କଠିନ ପରିସ୍ଥିତିରେ ଅପୂର୍ବ ସାହସିକତା ପ୍ରଦର୍ଶନ କରିଥିଲେ । ଏହା ଏପ୍ରିଲ ୧୭ରେ ରିଲିଜ୍ ହେବାର ଥିଲା । ହେଲେ ଫିଲ୍ମର ସୁଟିଂ ଡେରି ହେବାରୁ ଏହାର ରିଲିଜ୍‌କୁ ଏବେ ଘୁଞ୍ଚାଇ ଦିଆଯାଇଛି । ଅପରପକ୍ଷରେ ସଲମାନ୍ ଏହି ଫିଲ୍ମକୁ ୧୫ ମେ ରିଲିଜ୍ କରିବାକୁ ଚାହୁଁଥିଲେ । ସେନ୍ସର ବୋର୍ଡରୁ 'ମାତୃଭୂମି'କୁ ସାର୍ଟିଫିକେଟ୍ ନ ମିଳିବାରୁ ଏବେ ଏହା ମେ'ରେ ରିଲିଜ୍ ହୋଇପାରିବ ନାହିଁ । ତେବେ 'ମାତୃଭୂମି' ରିଲିଜ୍ ନ ହେଲେ ବି ସଲମାନ୍ ତାଙ୍କର ଆଗାମୀ ପ୍ରୋଜେକ୍ଟର କାମ ଏପ୍ରିଲ୍ ୧୭ରୁ ଆରମ୍ଭ କରିଦେବେ । ଏହାର ଟାଇଟଲ୍ 'SVC63' ରଖାଯାଇଛି । ବାମଶୀ ପୈଡିପଲ୍ଲୀ ଏହାର ନିର୍ଦ୍ଦେଶନା ଦେଇଛନ୍ତି । ଏଥିରେ ସଲମାନ୍‌ଙ୍କ ବିପକ୍ଷରେ ନୟନତାରା ନଜର ଆସିବେ ।

# ବିଶ୍ୱ ହୋମିଓପାଥି ଦିବସ



ପ୍ରତିବର୍ଷ ଏପ୍ରିଲ୍ ୧୦ ତାରିଖକୁ 'ବିଶ୍ୱ ହୋମିଓପାଥି ଦିବସ' ଭାବେ ପାଳନ କରାଯାଏ । ହୋମିଓପାଥିର ଜନକ ଜର୍ମାନ ଡାକ୍ତର ଖ୍ରୀଷ୍ଟିଆନ୍ ଫ୍ରେଡରିକ୍ ସାମୁଏଲ୍ ହାନିମ୍ୟାନଙ୍କ ଜନ୍ମଦିନ ଅବସରରେ ଏହି ଦିବସ ପାଳିତ ହୁଏ । ୧୭୫୫ ମସିହା ଏପ୍ରିଲ୍ ୧୦ ତାରିଖରେ ସାମୁଏଲ୍ ଜନ୍ମଗ୍ରହଣ କରିଥିଲେ । ତେଣୁ ତାଙ୍କ ଜନ୍ମ ତାରିଖକୁ ବିଶ୍ୱବ୍ୟାପି ହୋମିଓପାଥି ଦିବସ ଭାବେ ପାଳନ କରାଯାଉଛି । ହୋମିଓପାଥି ପ୍ରତି ତାଙ୍କର ଅବଦାନକୁ ମନେପକାଇବା ମଧ୍ୟ ଏହି ଦିବସ ପାଳନ ପଛର ଆଉ ଏକ ମୁଖ୍ୟ ଉଦ୍ଦେଶ୍ୟ । ପ୍ରଥମ ବିଶ୍ୱ ହୋମିଓପାଥି ଦିବସ ୨୦୦୫ରେ ପାଳନ କରାଯାଇଥିଲା । ନୂଆଦିଲ୍ଲୀରେ ଆୟୋଜିତ ବାର୍ଷିକ ସମ୍ମିଳନୀରେ ବିଶ୍ୱ ହୋମିଓପାଥି ସଚେତନତା ସଂଗଠନ ଦ୍ୱାରା ଆନୁଷ୍ଠାନିକ ଭାବରେ ଏହାର ଘୋଷଣା କରାଯାଇଥିଲା । ସେହିଦିନଠାରୁ, ବିଭିନ୍ନ ସଂଗଠନ ଏବଂ ସରକାରୀ, ବେସରକାରୀସ୍ତରରେ ଏହି ଦିନରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଏ । ହୋମିଓପାଥି ଏବଂ ଏହାର ଉପକାରିତା ବିଷୟରେ ସଚେତନତା ପାଇଁ ସେମିନାର, କର୍ମଶାଳା, ମାଗଣା କ୍ଲିନିକ୍, ସର୍ବସାଧାରଣ ଆଲୋଚନା ଆଦି କରାଯାଏ । ଏଲୋପାଥି ଚିକିତ୍ସା ପରେ ବିଶ୍ୱରେ ଦ୍ୱିତୀୟ ଲୋକପ୍ରିୟ ଚିକିତ୍ସା ପଦ୍ଧତିର ମାନ୍ୟତା ପାଇଛି ହୋମିଓପାଥି । ବହୁ ଜଟିଳ ଓ ପୁରାତନ ରୋଗକୁ ହୋମିଓପାଥି ଚିକିତ୍ସା ମାଧ୍ୟମରେ ଭଲ କରିବାର ନଜିର ରହିଛି । ପୂର୍ବରୁ ପାରମ୍ପରିକ ଢଙ୍ଗରେ ହୋମିଓପାଥି ଚିକିତ୍ସା ଚାଲିଥିଲାବେଳେ ଏବେ ଅତ୍ୟାଧୁନିକ ପ୍ରଣାଳୀରେ ଗବେଷଣା କରାଯାଇ ଔଷଧ ପ୍ରସ୍ତୁତ କରାଯାଉଛି । ହୋମିଓପାଥି ହେଉଛି ଏକ ଦୀର୍ଘକାଳୀନ, ସୁରକ୍ଷିତ ଓ ପ୍ରାକୃତିକ ଚିକିତ୍ସା ପଦ୍ଧତି । ଏହା ଶରୀରର ସ୍ୱୟଂ-ସୁସ୍ଥ ହେବାର କ୍ଷମତାକୁ ବୃଦ୍ଧି କରିବା ସହ ରୋଗକୁ ଜଡ଼ରୁ ନାଶ କରିବା ପାଇଁ ଲାଭକାରୀ । ଯଦି ସଠିକ୍ ପରାମର୍ଶ ଓ ଧୈର୍ଯ୍ୟର ସହିତ ଏହି ଚିକିତ୍ସାକୁ ଆପଣାଯାଏ, ତେବେ ଏହା ଦୀର୍ଘକାଳୀନ ସ୍ୱାସ୍ଥ୍ୟ ପାଇଁ ଉପକାରୀ ହୋଇପାରେ । ଏହି ଚିକିତ୍ସା ପଦ୍ଧତି ସରଳ, ପାର୍ଶ୍ୱ ପ୍ରତିକ୍ରିୟାବିହୀନ ଏବଂ ସ୍ୱଳ୍ପ ବ୍ୟୟଯୁକ୍ତ ହୋଇଥିବାରୁ ଏହା ସାରା ବିଶ୍ୱରେ ୮୦ରୁ ଅଧିକ ଦେଶରେ ବହୁଳ ଭାବରେ ପ୍ରସାରିତ ହୋଇପାରିଛି ।

# ଜେନ୍ ଜେଡ୍‌ଙ୍କ ପସନ୍ଦ ଅପରିଚିତଙ୍କ ସହ ଯାତ୍ରା କରିବା

ଆଜିର ସମୟରେ ଜେନ୍ ଜେଡ୍‌ଙ୍କୁ ନେଇ ବିଭିନ୍ନ ନୂଆ ନୂଆ ଟ୍ରେଣ୍ଡ ସାମ୍ନାକୁ ଆସୁଛି । ଏହି କ୍ରମରେ ଏବେ ଏକ ନୂଆ ଟ୍ରେଣ୍ଡ ଖୁବ୍ ଭାଇରାଲ ହେଉଛି । ଏଥିରେ ପରିବାର କିମ୍ବା ସାଙ୍ଗସାଥୀ ନୁହନ୍ତି, ବରଂ ଅଜଣା ଲୋକଙ୍କ ସହିତ ଜେନ୍ ଜେଡ୍ ବୁଲିବାକୁ ପସନ୍ଦ କରୁଛନ୍ତି । ତେବେ ସେମାନଙ୍କ ପାଇଁ ଏକାକୀ ଯାତ୍ରା କରିବା ବର୍ତ୍ତମାନ ସମୟରେ କୌଣସି ନୂଆ କଥା ନୁହେଁ । କହିବାକୁ ଗଲେ ଆଜିର ପିଢ଼ିଙ୍କୁ କଟକଣା ଆଦୌ ପସନ୍ଦ ନୁହେଁ । ସେମାନେ ନିଜ ମନ ହିସାବରେ କାମ କରିବାକୁ ପସନ୍ଦ କରନ୍ତି । ତେବେ ଏ ଟ୍ରେଣ୍ଡ ପଛରେ କାରଣ ଥିବା କୁହାଯାଉଛି । ବର୍ତ୍ତମାନ ଲୋକେ ନିଜ ଜୀବନଶୈଳୀରେ ଏତେ ବେଶି ବ୍ୟସ୍ତ ରହି ଯାଉଛନ୍ତି ଯେ, ବାହାରେ ଲୋକଙ୍କ ସହ ମିଳାମିଶା କରିବା ବନ୍ଦ କରିଦେଲେଣି । ପରିବାରର କଟକଣା ସତ୍ତ୍ୱେ ଜେନ୍ ଜେଡ୍ ନିଜ ଜୀବନକୁ ନିଜ ହିସାବରେ ଜିଇଁବାକୁ ପସନ୍ଦ କରୁଛନ୍ତି । ସେମାନେ ଅଜଣା ଲୋକଙ୍କ ସହ ଯାତ୍ରା କରିବା ଦ୍ୱାରା ନୂଆ ଚିନ୍ତାଧାରା, ନୂଆ ସଂସ୍କୃତି ଏବଂ ଅଲଗା ଅଲଗା ଜୀବନଶୈଳୀକୁ ଭଲ ଭାବେ ବୁଝିପାରୁଛନ୍ତି । ସେହିପରି ନୂଆ ଲୋକଙ୍କ ସହ ଯାତ୍ରା କରିବା ଦ୍ୱାରା ଉତ୍ସାହ ଓ ଉତ୍କଣ୍ଠା ଅଧିକ ରହିଥାଏ । କେବଳ ସେତିକି ନୁହେଁ, ସାମାଜିକ ସଂଯୋଗ ଏବଂ ଅଧିକରୁ ଅଧିକ ଲୋକଙ୍କ ସହ ମିଳାମିଶା କରିବା ଏବଂ କଥା ହେବାକୁ ଜେନ୍ ଜେଡ୍ ବେଶି ପସନ୍ଦ କରୁଛନ୍ତି । ଏହା ବନ୍ଧୁତ୍ୱ ସହିତ ସେମାନଙ୍କର ଏକପ୍ରକାର ବ୍ୟକ୍ତିତ୍ୱ ବିକାଶରେ ସାହାଯ୍ୟ କରୁଛି । ଅଲଗା ଅଲଗା ଲୋକଙ୍କ ସହିତ କଥାବାର୍ତ୍ତା କରିବା ଦ୍ୱାରା ସେମାନଙ୍କ ଚିନ୍ତାଧାରାକୁ ବୁଝିବା ଏବଂ ଜାଣିବାର ସୁଯୋଗ ମିଳିପାରୁଛି । ଅନ୍ୟପଟେ ଯେତେବେଳେ ଅଜଣା ଲୋକଙ୍କ ସହିତ ଯାତ୍ରା କରାଯାଏ, କେବଳ ଦୁଃସାହସିକ କାମ ନୁହେଁ ବରଂ ନିଜକୁ ବୁଝିବାର ଏକ ଭଲ ସୁଯୋଗ ମଧ୍ୟ ମିଳିଥାଏ ।



# ପ୍ଲାଷ୍ଟିକ୍ ବର୍ଜ୍ୟ ବଦଳରେ ପୁରସ୍କାର



ଚେନ୍ନାଇର ମରିନା ବିଚ୍‌ରେ ସ୍ୱଚ୍ଛତାକୁ ନେଇ ଏକ ନିଆରା ଅଭିଯାନ ଆରମ୍ଭ କରାଯାଇଛି । ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସଭିଙ୍କ ଦୃଷ୍ଟିଆକର୍ଷଣ କରିଛି । ଏବେ ଏହା କେବଳ ବୁଲିବାର ସ୍ଥାନ ହୋଇ ନାହିଁ, ବରଂ ସ୍ୱଚ୍ଛତା ଏବଂ ପରିବେଶ ସଂରକ୍ଷଣର ଏକ ପ୍ରେରଣାପ୍ରଦ ଉଦାହରଣ ସୃଷ୍ଟି କରିଛି । ଏଠାରେ ଏକ ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ଲୋକଙ୍କୁ ପ୍ଲାଷ୍ଟିକ୍ ବର୍ଜ୍ୟ ଜମା କରିବା ଦ୍ୱାରା ପୁରସ୍କାର ମିଳୁଛି । ଏହାଦ୍ୱାରା ସାଧାରଣ ଲୋକେ ସଫେଇ ଅଭିଯାନର ଅଂଶ ପାଲଟୁଛନ୍ତି । ଏହି ସମୁଦ୍ରକୂଳରେ ଲଗାଯାଇଥିବା ଏକ ବିଶେଷ ମେସିନ୍ ଏବଂ କଲେକ୍ସନ ପଏଣ୍ଟରେ ଲୋକେ ପ୍ଲାଷ୍ଟିକ୍ ବୋତଲ ଏବଂ ଅନ୍ୟ ବର୍ଜ୍ୟ ଜମା କରିପାରିବେ । ଏହା ବଦଳରେ ସେମାନଙ୍କୁ ପୁରସ୍କାର, କୁପନ୍ ଏବଂ ଅନ୍ୟ ସୁବିଧା ପ୍ରଦାନ କରାଯାଉଛି । ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଲୋକଙ୍କୁ ପ୍ଲାଷ୍ଟିକ୍ ବର୍ଜ୍ୟ ଫିଙ୍ଗିବା ପରିବର୍ତ୍ତେ ଏସବୁକୁ ଏକତ୍ର କରିବା ଦିଗରେ ପ୍ରେରିତ କରିବା । ବେଳାଭୂମିକୁ ସ୍ୱଚ୍ଛ ରଖିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଏହି ଯୋଜନାର ବଡ଼ ବିଶେଷତ୍ୱ ହେଉଛି, ଏଥିରେ ସାଧାରଣ ଲୋକେ ସାମିଲ ହେଉଛନ୍ତି । ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକ ନିଜେ ଆବର୍ଜନା ଉଠାଇ ଜମା କରୁଛନ୍ତି । କୁନି କୁନି ପିଲା ଓ ଯୁବପିଢ଼ିଙ୍କର ଏଥିପ୍ରତି ଖାସ୍ ଉତ୍ସାହ ଦେଖିବାକୁ ମିଳୁଛି । ମୋଟାମୋଟି କହିବାକୁ ଗଲେ ଏହି ବେଳାଭୂମିରେ ସଫେଇ କାର୍ଯ୍ୟ ଏବେ କେବଳ ଦାୟିତ୍ୱ ହୋଇ ରହି ନାହିଁ, ବରଂ ପୁରସ୍କୃତ କାର୍ଯ୍ୟକଳାପ ପାଲଟିଛି । ତେବେ ଏହି ପ୍ଲାଷ୍ଟିକ୍ ଆବର୍ଜନା ସମୁଦ୍ର ଏବଂ ସାମୁଦ୍ରିକ ଜୀବଙ୍କ ଲାଗି ଖୁବ୍ କ୍ଷତିକାରକ । ଏହି ଅଭିଯାନ ଦ୍ୱାରା ସମୁଦ୍ରରେ ପ୍ଲାଷ୍ଟିକ୍ ହ୍ରାସ ପାଇବ, ସାମୁଦ୍ରିକ ଜୀବନକୁ ସୁରକ୍ଷା ପ୍ରଦାନ କରାଯାଇପାରିବ ଏବଂ ବେଳାଭୂମି ସୌନ୍ଦର୍ଯ୍ୟକୁ ଅକ୍ଷୁର୍ଣ୍ଣ ରଖାଯାଇପାରିବ । ସମୁଦ୍ରକୂଳର ଏହି ଅଭିଯାନ ଅନ୍ୟ ସହର ଲାଗି ଉଦାହରଣ ସୃଷ୍ଟି କରିଛି । ଏହିପ୍ରକାର ଯୋଜନା ଯଦି ଅନ୍ୟ ପର୍ଯ୍ୟଟନସ୍ଥଳରେ ଆରମ୍ଭ କରାଯିବ, ଭାରତରେ ସ୍ୱଚ୍ଛତା ଅଭିଯାନ ଅଧିକ ସୁଦୃଢ଼ ହୋଇପାରିବ ବୋଲି ଆଶା କରାଯାଉଛି ।




# ହିମୋଗ୍ଲୋବିନ୍ ଇଲେକ୍ଟ୍ରୋଫୋରେସିସ୍



ହିମୋଗ୍ଲୋବିନ୍ ଲୋହିତ ରକ୍ତ କଣିକାରେ ମିଳୁଥିବା ଏକ ପ୍ରୋଟିନ୍ । ଯାହାକି ଶରୀରର କୋଷିକାକୁ ଅମ୍ଳଜାନ ପହଞ୍ଚାଇବାର କାମ କରିଥାଏ । ଶରୀରରେ ହିମୋଗ୍ଲୋବିନ୍ କମ୍ ହେବା ରକ୍ତହୀନତାର ସଙ୍କେତ ଦେଇଥାଏ । ତେବେ ବଂଶାନୁଗତ ରକ୍ତଜନିତ ରୋଗ (ଥାଲାସେମିଆ) ଏବଂ ସିକିଲ୍‌ସେଲ୍ ରୋଗ ଆଦି ଚିହ୍ନଟ ପାଇଁ ହିମୋଗ୍ଲୋବିନ୍ ଇଲେକ୍ଟ୍ରୋଫୋରେସିସ୍ ରକ୍ତ ପରୀକ୍ଷା କରାଯାଏ । ଏହି ପରୀକ୍ଷାରେ ବ୍ୟବହୃତ ବୈଦ୍ୟୁତିକ ପ୍ରଣାଳୀ ବିଭିନ୍ନ ପ୍ରକାର ହିମୋଗ୍ଲୋବିନ୍ ଚିହ୍ନଟ କରେ । ଆନିମିଆରେ ପୀଡ଼ିତ ଶିଶୁଙ୍କ ପାଇଁ ଏହି ପରୀକ୍ଷା ଗୁରୁତ୍ୱପୂର୍ଣ୍ଣ । ଏହା ଏକ ସୁରକ୍ଷିତ ରକ୍ତ ପରୀକ୍ଷା । ବିବାହ ପୂର୍ବରୁ ଏବଂ ଗର୍ଭଧାରଣ ପୂର୍ବରୁ ଏହି ପରୀକ୍ଷା କରାଯିବା ନିହାତି ଆବଶ୍ୟକ । ଏହି ପରୀକ୍ଷା ଭବିଷ୍ୟତରେ ବଂଶାନୁଗତ ରକ୍ତଜନିତ ରୋଗକୁ ଚିହ୍ନଟ କରିପାରେ । ସଅଳ ରୋଗ ଚିହ୍ନଟ ଦ୍ୱାରା ସଠିକ୍ ସମୟରେ ଚିକିତ୍ସା କରାଯିବା ସମ୍ଭବ ହୁଏ ।

# କୋଲେଷ୍ଟ୍ରଲ ପାଇଁ ନିର୍ଦ୍ଦେଶାବଳୀ




**ଆମେରିକାନ୍ ହାର୍ଟ ଆସୋସିଏସନ୍ (ଏଏଚ୍‌ଏ) ଏବଂ ଆମେରିକାନ୍ କଲେଜ ଅଫ୍ କାର୍ଡିଓଲୋଜି (ଏସିସି) କୋଲେଷ୍ଟ୍ରଲକୁ ନେଇ ନୂତନ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି । ଏଲ୍‌ଡିଏଲ୍ (ଖରାପ କୋଲେଷ୍ଟ୍ରଲ)କୁ କମ୍ କରିବା ଏହି ନିର୍ଦ୍ଦେଶାବଳୀର ମୁଖ୍ୟ ଉଦ୍ଦେଶ୍ୟ । ଏଥିରେ କୋଲେଷ୍ଟ୍ରଲସ୍ତର ନିର୍ଦ୍ଦିଷ୍ଟ ମାତ୍ରାରେ ରଖିବା ସହ ଯାଞ୍ଚ ଆବଶ୍ୟକ ବୋଲି ଉଲ୍ଲେଖ ରହିଛି ।**

ଶରୀରରେ ଖରାପ କୋଲେଷ୍ଟ୍ରଲ ବଢ଼ିଗଲେ ଧମନୀରେ ପ୍ଲାକ୍ ଜମା ହୁଏ । ଏହାଦ୍ୱାରା ହୃଦ୍‌ଘାତ ଏବଂ ମସ୍ତିଷ୍କାଘାତ ଆଶଙ୍କା ବଢ଼ିଯାଏ । ଖରାପ ଜୀବନଶୈଳୀ ଏବଂ ଲଗାତାର ବସି କାମ କରୁଥିବା ଲୋକେ ଏନେଇ ଧ୍ୟାନ ଦେବା ଜରୁରି । ନୂତନ ନିର୍ଦ୍ଦେଶାବଳୀରେ ଖରାପ କୋଲେଷ୍ଟ୍ରଲ ଗାଇଡଲାଇନ୍‌କୁ ସାଧାରଣ, ମଧ୍ୟମ ଏବଂ ଉଚ୍ଚ ତିନିଟି ଶ୍ରେଣୀରେ ଭାଗ କରାଯିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି ।

ଯେପରିକି ଯଦି ଜଣେ ବ୍ୟକ୍ତି କୌଣସି ରୋଗରେ ପୀଡ଼ିତ ନ ଥାନ୍ତି ତାଙ୍କର ଏଲ୍‌ଡିଏଲ୍ ୧୦୦ ଏମ୍‌ଜି/ଡିଏଲରୁ କମ୍ ରହିବା, ରୋଗାକ୍ରାନ୍ତଙ୍କ ଖରାପ କୋଲେଷ୍ଟ୍ରଲ ୭୦ରୁ ତଳକୁ ରହିବା, ପୂର୍ବରୁ ହୃଦ୍‌ଘାତର ଶିକାର ହୋଇଥିବା ବ୍ୟକ୍ତିଙ୍କ ଖରାପ କୋଲେଷ୍ଟ୍ରଲ ୫୫ ଏମ୍‌ଜି/ଡିଏଲ୍ ରୁ କମ୍ ହେବା ଆବଶ୍ୟକ । ଏବେ ସୁଦ୍ଧା ଲୋକେ ୩୦ ବର୍ଷ ପରେ କୋଲେଷ୍ଟ୍ରଲ ପରୀକ୍ଷା କରୁଥିଲେ । ବର୍ତ୍ତମାନ ୨୦ବର୍ଷରୁ ଲିପିଡ ପ୍ରୋଫାଇଲ ଚେକ୍‌କୁ ଗୁରୁତ୍ୱ ଦିଆଯାଇଛି । ପରିବାରରେ ପୂର୍ବରୁ କାହାର ହୃଦଜନିତ ସମସ୍ୟା ଥିଲେ ସେହି ପରିବାରର ପିଲାଙ୍କୁ ୯ରୁ ୧୦ ବର୍ଷ ବୟସରେ ସ୍କ୍ରିନିଂ କରିବା ଜରୁରି । ଏହା ହୃଦ୍‌ରୋଗ ଆଶଙ୍କାକୁ କମ୍ କରିବ । ପ୍ରତି ୪ରୁ ୬ ବର୍ଷରେ ଥରେ ଲିପିଡ୍ ପ୍ରୋଫାଇଲ ଟେଷ୍ଟ ସହ ଏଚ୍‌ଏସ୍‌ସିଆର୍‌ପି ଏବଂ କୋରୋନାରୀ କ୍ୟାଲ୍‌ସିୟମ୍ ସ୍କାନ କରିବା ଆବଶ୍ୟକ । ଟୋଟାଲ ରିସ୍କ ପ୍ରୋଫାଇଲ ଚେକ୍ କରିପାରିବେ । ଉଚ୍ଚ କୋଲେଷ୍ଟ୍ରଲ, ମଧୁମେହ, ହୃଦ୍‌ରୋଗ ଆଶଙ୍କା ଥିଲେ ବର୍ଷକୁ ଥରେ କୋଲେଷ୍ଟ୍ରଲ ପରୀକ୍ଷା ଜରୁରି । ଏହା ଦ୍ୱାରା ହୃଦ୍‌ରୋଗର ତୀବ୍ରତା ଓ ସ୍ଥିତି ଜାଣିବା ସହଜ ହେବ । ଲିପିଡ୍ ପ୍ରୋଫାଇଲ୍ ପ୍ୟାନେଲ ଟେଷ୍ଟରୁ ରକ୍ତରେ ଖରାପ ଏବଂ ଭଲ କୋଲେଷ୍ଟ୍ରଲସ୍ତର ଜାଣିହୁଏ । ଏହାବାଦ୍ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଜରୁରି । ସନ୍ତୁଳିତ ଖାଦ୍ୟ ଖାଇବା, ସପ୍ତାହକୁ ଅତି କମ୍‌ରେ ୧୫୦ ମିନିଟ୍ ବ୍ୟାୟାମ (କାର୍ଡିଓ ବ୍ୟାୟାମ) କରିବା, ଧୂମପାନ ତ୍ୟାଗ ସହ ଓଜନ, ରକ୍ତଚାପ ଏବଂ ରକ୍ତ ଶର୍କରାକୁ ନିୟନ୍ତ୍ରଣରେ ରଖିବା ଆବଶ୍ୟକ । ଗର୍ଭବତୀ, ବୟସ୍କ, ମଧୁମେହ ପୀଡ଼ିତଙ୍କୁ ଅଧିକ ଧ୍ୟାନ ଦେବାକୁ ଏହି ନିର୍ଦ୍ଦେଶାବଳୀରେ କୁହାଯାଇଛି ।

# ମହିଳାଙ୍କ ପାଇଁ ଜରୁରି ଓମେଗା-୩



ଓମେଗା ୩ ଫ୍ୟାଟି ଏସିଡ୍ ହେଉଛି ଏକ ପୁଷ୍ଟିକର ଉପାଦାନ । ଏହା ଚକ୍ଷୁ, ମାନସିକ ସ୍ୱାସ୍ଥ୍ୟ, ହୃଦୟ, ଫୁସ୍‌ଫୁସ୍ ଆଦି ପାଇଁ ଭଲ । ଓମେଗା-୩ର ତିନୋଟି ମୁଖ୍ୟ ପ୍ରକାର ରହିଛି । EPA, DHA, ALA । EPA ଏବଂ DHA ମାଛ ଏବଂ ମାଛ ତେଲରେ ମିଳେ । ALA ଏକ ଉଦ୍ଭିଦ ଆଧାରିତ । ଏହା ଅଳସୀ, ବାଦାମ ଆଦିରେ ମିଳିଥାଏ । ତେବେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ପୁରୁଷଙ୍କ ତୁଳନାରେ ମହିଳାଙ୍କୁ ଓମେଗା ୩ର ଆବଶ୍ୟକତା ଅଧିକ ଥାଏ । କାରଣ ଋତୁସ୍ରାବ ସମୟରେ ମହିଳାଙ୍କ ପେଟ, ଗୋଡ ଯନ୍ତ୍ରଣା ହୋଇଥାଏ । ଏହି ଯନ୍ତ୍ରଣାରୁ ଉପଶମ ପାଇଁ ଓମେଗା-୩ ଫ୍ୟାଟି ଏସିଡ ଫଳପ୍ରଦ । ୪୦ ବର୍ଷ ପରେ ମହିଳାଙ୍କୁ ଆର୍ଥରାଇଟିସ୍ ହେବା ଆଶଙ୍କା ଥାଏ । ଏହା ସେମାନଙ୍କ ରୋଗପ୍ରତିରୋଧକ ଶକ୍ତିକୁ ପ୍ରଭାବିତ କରିପାରେ । ତେଣୁ ଗଣ୍ଠି ଯନ୍ତ୍ରଣା ଦୂର ସହ ହରମୋନ୍ ସନ୍ତୁଳନ ପାଇଁ ଓମେଗା-୩ ଫ୍ୟାଟି ଏସିଡ ଫଳପ୍ରଦ । ଏହା କୋଲେଷ୍ଟ୍ରଲସ୍ତରକୁ ନିୟନ୍ତ୍ରଣ କରି ହୃଦ୍‌ଘାତର ଆଶଙ୍କା କମାଇଥାଏ । ଚିନ୍ତା ଓ ଅବସାଦ ସମସ୍ୟାରୁ ମୁକ୍ତି ଦେବାରେ ସାହାଯ୍ୟ କରେ । ତେଣୁ ଖାଦ୍ୟରେ ଚର୍ବି ମାଛ (ସାଲମନ, ଟୁନା) ଦହି, ଅଳସୀ ମଞ୍ଜି, ସବୁଜ ପନି ପରିବା ଆଦି ଖାଇ ପାରିବେ ।

# ଘର ବଇଦ: ନାକରୁ ରକ୍ତ ପଡ଼ିଲେ ...

- ଦୁବରସ ଅଥବା ଦୁବରସରେ ଗୁଆଘିଅ ମିଶାଇ ନସ୍ୟ ନେଲେ ନାକରୁ ରକ୍ତ ପଡ଼ିବା କମିଥାଏ ।
- ଆଖୁ ଦୋରୁଅ ନାକରେ ପକାଇଲେ ରକ୍ତସ୍ରାବ ବନ୍ଦ ହୁଏ ।
- ଆମ୍ବ କୋଇଲି ଓ ପିଆଜ ଏକତ୍ର ଛେଚି ତାର ରସ ନସ୍ୟ ନେବା ହିତକର ।
- ଫିଟିକରି ଫୁଲା ଚୂର୍ଣ୍ଣ, ଗୋବର ପାଉଁଶ ଓ କାଗଜ ଭସ୍ମ ଏକତ୍ର ଶୁଙ୍ଘିବା ଦ୍ୱାରା ନାକରୁ ରକ୍ତସ୍ରାବ ବନ୍ଦ ହୁଏ ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)



# ଜୀବନୀ ଶକ୍ତିକୁ ସ୍ୱାଭାବିକ କରେ ହୋମିଓପାଥି





ଡାକ୍ତର ଅଜୟ କୁମାର ପଣ୍ଡା

ହୋମିଓପ୍ୟାଥିକ୍ ଚିକିତ୍ସା ବିଜ୍ଞାନର ଜନକ ଡାକ୍ତର ସାମୁଏଲ୍ ହାନିମ୍ୟାନ୍‌ଙ୍କ ଦର୍ଶନ ଏବଂ ଚିକିତ୍ସା ପଦ୍ଧତି ସମଗ୍ର ବିଶ୍ୱରେ ପ୍ରସାର ଲାଭ କରିଛି । ତାଙ୍କ ଦ୍ୱାରା ପ୍ରତିପାଦିତ 'ସିମିଲିଆ ସିମିଲିବସ୍ କ୍ୟୁରେଣ୍ଟର' ନୀତି ହୋମିଓପ୍ୟାଥିକ୍ ଚିକିତ୍ସାର ମୂଳ ସୂତ୍ର ହୋଇ ରହିଛି । ତେଣୁ ହୋମିଓପ୍ୟାଥିକ୍ ଚିକିତ୍ସା ପଦ୍ଧତି ବିଷୟରେ ଅଧିକ ଜାଣିବା ପାଇଁ ଲୋକମାନଙ୍କ ମଧ୍ୟରେ ସଚେତନତା ଅଣାଯିବା ଆବଶ୍ୟକ । ଫିଜିକ୍ସ ବିଶେଷତଃ ନାନୋ ବୈଷୟିକ ବିଭାଗ, କେମିଷ୍ଟ୍ରି, ବଟାନି, ଜୁଲୋଜି, ପଶୁସଂପଦ, କୃଷି ଇତ୍ୟାଦି ବିଭିନ୍ନ ବିଭାଗ ସହ ମିଶି ଏକତ୍ର ଗବେଷଣା କରାଯାଇ ରାଜ୍ୟର ପ୍ରତି ପଞ୍ଚାୟତ, ବ୍ଲକ୍, ସବ୍‌ଡିଭିଜନ ଏବଂ ଜିଲ୍ଲାସ୍ତରରେ ହୋମିଓପ୍ୟାଥିକ୍ ଚିକିତ୍ସା କେନ୍ଦ୍ର ସ୍ଥାପନ କରାଗଲେ ଲୋକମାନେ ସହଜ, ସରଳ ଓ ସ୍ୱଳ୍ପ ମୂଲ୍ୟରେ ସ୍ୱାସ୍ଥ୍ୟ ସେବା ପାଇପାରିବେ ।

ହୋମିଓପ୍ୟାଥିକ୍ ଏକ ପ୍ରାକୃତିକ, ବିଜ୍ଞାନସମ୍ମତ, ପାର୍ଶ୍ୱ ପ୍ରତିକ୍ରିୟାବିହୀନ ଚିକିତ୍ସା ପଦ୍ଧତି, ଯାହା ଶରୀରରେ ରୋଗ ପ୍ରଭାବରୁ ଅସନ୍ତୁଳିତ ଜୀବନୀ ଶକ୍ତିକୁ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣେ ଏବଂ ଶରୀର ଓ ମନକୁ ସୁସ୍ଥ ରଖେ । ଏହା ଶରୀରରେ ସ୍ୱାଭାବିକ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି କରିବାରେ ସହାୟତା କରେ । ଏହି ଚିକିତ୍ସାର ପ୍ରଭାବ ଶିଘ୍ର ଦେଖାଯାଏ । ପରସ୍ପର ମଧ୍ୟରେ ସୂଚନା ବିନିମୟ ଏବଂ ଉଭୟର ଚିକିତ୍ସା ପଦ୍ଧତି ବିଷୟରେ ସ୍ୱଚ୍ଛ ହୋଇପାରିଲେ ହୋମିଓପ୍ୟାଥିକ୍ ଆଧୁନିକ ଚିକିତ୍ସା ବିଜ୍ଞାନକୁ ସହାୟକ ହୋଇପାରିବ ।

ହୋମିପ୍ୟାଥିକ୍ ଚିକିତ୍ସା ବିଜ୍ଞାନ ମଧ୍ୟ ପଶୁପକ୍ଷୀ ଓ ବୃକ୍ଷଲତାଙ୍କ ରୋଗ ଉପରେ କାର୍ଯ୍ୟ କରିଥାଏ, ଯାହା ପ୍ରମାଣସିଦ୍ଧ ହୋଇସାରିଛି । ତେବେ ଏହା ଉପରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ।

ଅବସରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ, ହୋମିଓପ୍ୟାଥି, ଆୟୁଷ ନିର୍ଦ୍ଦେଶାଳୟ, ଓଡ଼ିଶା